

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୪/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, June 14/2019 | ★★★★★★

୪୫ଶ ଭାଗ ୧୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଭାରତର ବିଜୟ୍ ନେଇ ରିଡ୍ ଆଶାବାଦୀ**

ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଜାପାନ ବିପକ୍ଷ ସେମିଫାଇନାଲରେ ଭାରତର ବିଜୟକୁ ନେଇ ଆଶାବାଦୀ କୋଚ୍ ଗ୍ରାହାମ୍ ରିଡ୍।

୧୯ | ୦୯

**'#ମିଟୁ' ମାମଲାରେ ତନୁଶ୍ରୀ ନିରାଶ**

ଯୌନ ଉତ୍ପୀଡନ ମାମଲାରେ ମୁମ୍ବାଇର ଏକ ଅଦାଲତ ନାନା ପାଟେକରଙ୍କୁ କ୍ଲିନଚିଟ୍ ଦେଇଥିବାରୁ ଅଭିନେତ୍ରୀ ତନୁଶ୍ରୀ ଦତ୍ତା ନୈରାଶ୍ୟ ପ୍ରକାଶ କରିଛନ୍ତି।



### ଏସ୍‌ସିଓ ସମ୍ମିଳନୀ ଅବସରରେ ମୋଦି-ଜିନ୍‌ପିଙ୍ଗ ଆଲୋଚନା

# ଆତଙ୍କବାଦ ବିରୋଧରେ ପାକିସ୍ତାନ କଠୋର ପଦକ୍ଷେପ ନେଉ: ଭାରତ

**ବିଶ୍‌କେକ୍, ୧୩।୬(ପି.ଟି.)**

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀରେ ଯୋଗଦେବା ପାଇଁ କିର୍‌ଗିଜସ୍ତାନ ରାଜଧାନୀ ବିଶ୍‌କେକ୍ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସେଠାରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ପ୍ରସଙ୍ଗ ଉଠାଇଛନ୍ତି। ଶାନ୍ତି ପାଇଁ ପାକିସ୍ତାନକୁ ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ ବୋଲି ମୋଦି ଜିନ୍‌ପିଙ୍ଗଙ୍କୁ ଜଣାଇଥିବା ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ସୂଚନା ଦେଇଛନ୍ତି। ପାକିସ୍ତାନ ଏକ ଆତଙ୍କବାଦମୁକ୍ତ ବାତାବରଣ ସୃଷ୍ଟି କରିବାର ଆବଶ୍ୟକତା ରହିଛି, ଯାହା ବର୍ତ୍ତମାନ ସୁଦ୍ଧା ହୋଇନାହିଁ। ଇସ୍‌ଲାମାବାଦ ସହ ଶାନ୍ତି ସ୍ଥାପନ ଲାଗି ଉଦ୍ୟମ ହୋଇଥିଲେ ହେଁ ତାହା ନିଷ୍ଫଳ ହୋଇଥିବା ମୋଦି ଜିନ୍‌ପିଙ୍ଗଙ୍କୁ ସ୍ମରଣ କରାଇ ଦେଇଛନ୍ତି। ଚାଇନା ରାଷ୍ଟ୍ରପତିଙ୍କ ସହ ଆଲୋଚନା ବେଶ୍ ଫଳପ୍ରଦ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆଲୋଚନାରେ ସମସ୍ତ ଦ୍ୱିପାକ୍ଷିକ ପ୍ରସଙ୍ଗ ସ୍ଥାନ ପାଇଥିଲା ଏବଂ ସେମାନେ ଅର୍ଥନୈତିକ ଏବଂ ସାଂସ୍କୃତିକ ସମ୍ପର୍କ ବୃଦ୍ଧି ଲାଗି ଏକାଠି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିବା ମୋଦି ଟୁଇଟ୍ କରିଛନ୍ତି। ପ୍ରତିନିଧିସ୍ତରୀୟ ଆଲୋଚନା ଆରମ୍ଭ ପୂର୍ବରୁ ଜିନ୍‌ପିଙ୍ଗ ମୋଦିଙ୍କୁ ନିର୍ବାଚନ ବିଜୟ ଲାଗି ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଜିନ୍‌ପିଙ୍ଗଙ୍କୁ ଭାରତ ଆସିବା ଲାଗି ଆମନ୍ତ୍ରଣ କରିଛନ୍ତି।



ମୋଦି ଦ୍ୱିତୀୟ ☞ ପୃଷ୍ଠା-୪



**ରଜ ପାଇଁ ସଜବାଜ:** କଟକ କାଫ୍‌ଲାବଜାର ରେବ କଲୋନୀ ଅଞ୍ଚଳରେ ଝିଅମାନେ ଗୁରୁବାର ସଜବାଜ ହେଉଛନ୍ତି।

## କମିଲା ତାତି, ମିଳିଲା ଆଶ୍ୱସ୍ତି

**ଭୁବନେଶ୍ୱର, ୧୩।୬(ବ୍ୟୁରୋ):** ତାତିରୁ ମିଳିଛି ସାମାନ୍ୟ ଆଶ୍ୱସ୍ତି। ବୁଧବାର ରାଜ୍ୟରେ ୧୫ ସହରର ତାପମାତ୍ରା ୪୦ଡିଗ୍ରୀ ଟପିଥିବା ବେଳେ ୬ ସହର ୪୫ଡିଗ୍ରୀ ଟପିଥିଲା। କିନ୍ତୁ ଗୁରୁବାର ତାପମାତ୍ରା ହ୍ରାସ ପାଇଛି। ସୁନ୍ଦରଗଡ଼ ଓ ଟିଟିଲାଗଡ଼ ସର୍ବାଧିକ ୪୩ଡିଗ୍ରୀ ରହିଥିବା ବେଳେ ୭ ସହରରେ ପାରଦ ୪୦ଡିଗ୍ରୀ ଟପିଛି। ତାଳଚେର ଓ ମାଲକାନଗିରି ୪୧.୮, ବଲାଙ୍ଗୀର ୪୦.୫, ସୋନପୁର ୪୦.୨ ଏବଂ ଝାରସୁଗୁଡ଼ା ୪୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେପଟେ ଗୁରୁବାର ଅଧିକାଂଶ ସହରରେ କାଳବୈଶାଖୀ ବର୍ଷା ହୋଇଥିବା ଜଣାପଡ଼ିଛି। ବୁଧବାର ସନ୍ଧ୍ୟାରୁ ଗୁରୁବାର ସକାଳ ପ୍ରାୟ ୮ଟା ପର୍ଯ୍ୟନ୍ତ ବର୍ଷା ଲାଗିରହିଥିଲା। ବର୍ଷା ଯୋଗୁ ଗୁରୁବାର ଅପରାହ୍ନରେ ତାପମାତ୍ରା ସାମାନ୍ୟ କମ୍ ଥିଲା। କିନ୍ତୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ବର୍ଷା ଓ ଘଡ଼ଘଡ଼ି ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ସଂଯୋଗ କଟିଯାଇଥିଲା। ଫଳରେ ସମସ୍ତେ ଗରମରେ ଛଟପଟ ହୋଇଥିଲେ। ଗୁରୁବାର ଉତ୍ତର ଓଡ଼ିଶା ସମେତ ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ☞ ପୃଷ୍ଠା-୪

### ଫାଇଲିନ୍‌ରୁ ଚେତିଲେନି ନେତା: ରାଜନୀତିରେ ଫସିଗଲେ ସମୁଦ୍ରକୂଳିଆ ଲୋକେ

# ନିର୍ମାଣ ହୋଇନି ୧୫ ହଜାର ବାତ୍ୟା ନିରୋଧୀ ଗୃହ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଦୁର୍ବଳ ହୋଇଯାଉଛି ରାଜକୋଷ। ଭୁଶୁଡ଼ି ପଡୁଛି ଲୋକଙ୍କର ଅର୍ଥନୈତିକ ସ୍ଥିତି। ୧୯୯୯ ମହାବାତ୍ୟା ପରେ ଏ ପର୍ଯ୍ୟନ୍ତ ୩ଟି ବାତ୍ୟା ରାଜ୍ୟର ଉପକୂଳବର୍ତ୍ତୀ ଜିଲାକୁ ଛାରଖାର କରିଦେଇ ଯାଇଛି। ଏଭଳି ବିପତ୍ତିରୁ ରାଜ୍ୟ ସରକାର କିମ୍ବା ରାଜନେତାମାନେ କିଛି ଶିକ୍ଷା ଲାଭ କଲାଭଳି ମନେ ହେଉନାହିଁ। ଜନଜୀବନ ରକ୍ଷାକରିବା ପରିବର୍ତ୍ତେ ନେତାମାନେ ନିଜର ହୀନସ୍ୱାର୍ଥ ହାସଲ ପାଇଁ ଲୋକଙ୍କ ଜୀବନ ସହ ଖେଳିବାକୁ ପଛଘୁଞ୍ଚା ଦେଉନାହାନ୍ତି। ରାଜନୈତିକ ଆକ୍ରୋଶରୁ ଫାଇଲିନ ପରେ ଅର୍ଥାତ୍ ୨୦୧୪ରେ ପୁରୀ ଜିଲାରେ ବିଶ୍ୱ ବ୍ୟାଙ୍କ ସହାୟତାରେ ହେବାକୁ ଥିବା ଗୃହ ନିର୍ମାଣ ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ପ୍ରକଳ୍ପ ପାଇଁ ବିଶ୍ୱବ୍ୟାଙ୍କ ଅର୍ଥ ଦେଇ ସାରିବା ପରେ ମଧ୍ୟ ସମୁଦ୍ରକୂଳରେ ରହୁଥିବା ଗରିବ ଲୋକଙ୍କୁ ପକ୍କାଘର ଖଣ୍ଡେ ମିଳିପାରି ନାହିଁ।

୨୦୧୩ ଅକ୍ଟୋବର ୧୨ ତାରିଖରେ ବାତ୍ୟା ଫାଇଲିନ ୧୪,୫୦୦ ଗ୍ରାମର ୯୦ ହଜାର ଘର ଉଡାଇ ନେଇଥିବା ବେଳେ ୬୮୦ ହଜାର ହେକ୍ଟର ଫସଲ ନଷ୍ଟ କରିଥିଲା। ଏହି ବାତ୍ୟାରେ ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଯୋଗୁ ବିଶ୍ୱ ବ୍ୟାଙ୍କ ଟିମ୍ କ୍ଷୟକ୍ଷତି ଆକଳନ କରିଥିଲେ। ବିଶ୍ୱ ବ୍ୟାଙ୍କ ତରଫରୁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯାଇଥିଲା। ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲାର ଅତି ସମ୍ବେଦନଶୀଳ ଅର୍ଥାତ ସମୁଦ୍ର ଲହଡିର ୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ରହୁଥିବା ଲୋକଙ୍କୁ ଓଡ଼ିଶା ବିପର୍ଯ୍ୟୟ ପୁନରୁଦ୍ଧାର ପ୍ରକଳ୍ପ (ଓଡିଆରପି)ରେ ୩୦ ହଜାର ବାତ୍ୟା ନିରୋଧୀ ପକ୍କାଘର ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା। ସମୁଦ୍ରକୂଳିଆ ଲୋକଙ୍କୁ ଏହି ଯୋଜନାରେ ୧ ହଜାର ବର୍ଗଫୁଟ ଜାଗାରେ ୨୯୪ ବର୍ଗଫୁଟ (ବେଡରୁମ୍, ଡାଇନିଂ ହଲ, କିଚେନ ଓ ପାଇଖାନା)ଘର ନିର୍ମାଣ କରି ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ୬ଟି କିସ୍ତିରେ ହିତାଧିକାରୀଙ୍କୁ ୩ ଲକ୍ଷ ଟଙ୍କା ଯୋଗାଇ ଦେବାର ବ୍ୟବସ୍ଥା ହୋଇଥିଲା। ଏହି ପ୍ରକଳ୍ପ ଲାଗି ବିଶ୍ୱ ବ୍ୟାଙ୍କ ୭୦ ପ୍ରତିଶତ ଏବଂ ରାଜ୍ୟ ସରକାର ୩୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ବିଶ୍ୱ ବ୍ୟାଙ୍କ ଏଥିପାଇଁ ୧୦୦୩.୮୦ କୋଟି ଟଙ୍କା ପ୍ରଦାନ କରିଛି। ଗଞ୍ଜାମ ଜିଲାରେ ୧୫ ହଜାର, ପୁରୀ ଓ ଖୋର୍ଦ୍ଧା ଜିଲାରେ ୧୫ ହଜାର ବାତ୍ୟା ନିରୋଧୀ ଗୃହ ନିର୍ମାଣ କରିବାକୁ ଯୋଜନା ହୋଇଥିଲା। ସେଥିରୁ ବ୍ରହ୍ମଗିରି ବ୍ଲକରେ ୧୪୯୭ ଏବଂ କୃଷ୍ଣପ୍ରସାଦ ବ୍ଲକରେ ୧୫୪୯ ଗୃହ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ପଲ୍ଲିସଭା ମାଧ୍ୟମରେ ହିତାଧିକାରୀ ଚୟନ କରିବାକୁ ଗାଇଡ୍ ଲାଇନ ପ୍ରସ୍ତୁତ କରାଯାଇଥିଲା। ଏ ସମସ୍ତ ଘର ନିର୍ମାଣ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରିବାକୁ ନିଷ୍ପତ୍ତି ହୋଇଥିଲା। ଗଞ୍ଜାମ ଜିଲାର ୪ଟି ବ୍ଲକରେ ଥିବା ୧୦୭ଟି ଗ୍ରାମରେ ୧୬,୯୮୧ଟି ଗୃହ ନିର୍ମାଣ କରାଯାଇଥିବା ବେଳେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ହିତାଧିକାରୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇପାରିଲା ନାହିଁ। ରାଜନୈତିକ ଗଣ୍ଡଗୋଳ କାରଣରୁ ଦୀର୍ଘ ୫ ବର୍ଷ ପରେ ମଧ୍ୟ ବିଶ୍ୱ ବ୍ୟାଙ୍କ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରି ନାହିଁ। ରାଜନୈତିକ ଗଣ୍ଡଗୋଳ ଯୋଗୁ ପଲ୍ଲିସଭା ଡକାଯାଇ ପାରି ନ ଥିଲା। ହତ୍ୟାକାଣ୍ଡ ଆଶଙ୍କା କରି ତତ୍କାଳୀନ ପୁରୀ ଜିଲା ଏସ୍‌ପି ଏହି ପ୍ରକଳ୍ପ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ସେବେଠାରୁ ଏହି ପ୍ରକଳ୍ପ ବନ୍ଦ ହୋଇ ପଡିଛି। ପ୍ରକଳ୍ପ କାର୍ଯ୍ୟକାରୀ ନ ହେବାରୁ ବାତ୍ୟା ଫନୀରେ ପୁଣିଥରେ ଲୋକଙ୍କୁ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡିଲା। ଏ ସମ୍ପର୍କରେ ଓଏସ୍‌ଡିଏମ୍‌ଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରାଜନୈତିକ ହିଂସାକାଣ୍ଡରୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରିନାହିଁ। ପରବର୍ତ୍ତୀ ସମୟରେ ସରକାର ଏହା ଉପରେ ନିଷ୍ପତ୍ତି ନେଇପାରନ୍ତି ବୋଲି ସେ କହିଛନ୍ତି।

**ଆଜିର ସମ୍ପାଦକୀୟ**

## ଗଡ଼ାଣିରେ ଅର୍ଥନୀତି

**ଆଜିର ମନ୍ତବ୍ୟ**

"କ୍ଷମତାକୁ ଜାବୁଡ଼ି ଧରିବା ଲାଗି ଶାସକ ଦଳ ଭାଜପା ମର୍ଯ୍ୟାଦାର ସବୁ ସୀମା ଲଙ୍ଘନ କରିଛି।

-ସୋନିଆ ଗାନ୍ଧୀ, ଉପା ଅଧ୍ୟକ୍ଷା

**କିଛି ତଥ୍ୟ**

ଦେଶର ୩୪ ଅଣଜୀବନ ବୀମା ସେବା ପ୍ରଦାନକାରୀ ଫାର୍ମ ଚଳିତ ବର୍ଷ ମେ ମାସରେ ୧୨,୨୩୪ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରିଛନ୍ତି।

- ଆଇଆର୍‌ଡିଏଆଇ


NECC NATIONAL EGG CO-ORDINATION COMMITTEE | 13.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 122 | 187 | 197 |
| CTC | 122 | 187 | 197 |
| DKL | 119 | 183 | 193 |
| BDK | 120 | 184 | 194 |
| BLS | 117 | 180 | 190 |
| ANG | 119 | 183 | 193 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers


### 'ରାଜ୍ୟପାଳ ଭାଜପା ଇଙ୍ଗିତରେ କାର୍ଯ୍ୟ କରୁଛନ୍ତି'

# ସର୍ବଦଳୀୟ ବୈଠକକୁ ଗଲେନି ମମତା

**କୋଲକାତା, ୧୩।୬(ପି.ଟି.)**



ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ଥମିବାର ନାଁ ନେଉନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟପାଳ କେଶରୀନାଥ ତ୍ରିପାଠୀ ଗୁରୁବାର ସମସ୍ତ ବଡ଼ ରାଜନୈତିକ ଦଳକୁ ନେଇ ସର୍ବଦଳୀୟ ବୈଠକ ଡାକିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିରେ ଯୋଗଦେଇ ନାହାନ୍ତି। ଆଇନଶୃଙ୍ଖଳା ବଜାୟ ରଖିବା ରାଜ୍ୟପାଳଙ୍କ ନୁହେଁ, ବରଂ ରାଜ୍ୟ ସରକାରଙ୍କର। ରାଜ୍ୟପାଳ ଭାଜପା ଇଙ୍ଗିତରେ କାମ କରୁଛନ୍ତି ବୋଲି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଅଭିଯୋଗ ଆଣି ଏହାକୁ ବର୍ଜନ କରିଛନ୍ତି।

ନିକଟରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ୪୨ ଆସନ ମଧ୍ୟରୁ ଟିଏମ୍‌ସି ୨୨ ଆସନରେ ସଫଳତା ପାଇଥିବାବେଳେ ଭାଜପାକୁ ୧୮ ଆସନ ମିଳିଛି। ଏହା ପରଠୁ ରାଜ୍ୟରେ ରାଜନୈତିକ ହିଂସା ଜାରି ରହିଛି। ୨୪ ପ୍ରଗଣା ଜିଲାର ସନ୍ଦେଶଖାଲିରେ ଶନିବାର ଦୁଇ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୩ କର୍ମୀଙ୍କ ଜୀବନ ଯାଇଛି। ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ରାଜ୍ୟପାଳ କେଶରୀନାଥ ତ୍ରିପାଠୀ ଡାକିଥିବା ସର୍ବଦଳୀୟ ଶାନ୍ତି ଆଲୋଚନା ବୈଠକରେ ଟିଏମ୍‌ସି, ଭାଜପା, କଂଗ୍ରେସ ଏବଂ ସିପିଆଇଏମ୍‌କୁ ଶାନ୍ତି ଆଲୋଚନା ଲାଗି ଡାକିଥିଲେ। ବୈଠକ ପରେ ଭାଜପା ରାଜ୍ୟ ଉପସଭାପତି ଜୟପ୍ରକାଶ ମଜୁମ୍‌ଦାର କହିଛନ୍ତି, ରାଜ୍ୟପାଳ କେତେକ ପ୍ରସ୍ତାବ ଦେଇଥିଲେ। ଆମେ ସେଗୁଡ଼ିକୁ ମାନିବା ପାଇଁ ପ୍ରସ୍ତୁତ ବୋଲି କହିଥିଲୁ। ହେଲେ ଟିଏମ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସାଧାରଣ ସମ୍ପାଦକ ତଥା ମନ୍ତ୍ରୀ ପାର୍ଥ ଚାଟାର୍ଜୀ ସେନେଇ ତାଙ୍କ ଦଳୀୟ ନେତୃତ୍ୱଙ୍କ ସହ ପରାମର୍ଶ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଉଭୟ ଭାଜପା ଏବଂ ଟିଏମ୍‌ସି ସ୍ଥିତି ବିଗାଡ଼ିବାରେ ଲାଗିଛନ୍ତି ବୋଲି ସିପିଆଇଏମ୍ ନେତା ମହମ୍ମଦ ସଲିମ ଅଭିଯୋଗ ଆଣିଛନ୍ତି। ଏହା ପୂର୍ବରୁ ମମତା ରାଜ୍ୟପାଳଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ରାଜ୍ୟପାଳ ଭାଜପା ଇଙ୍ଗିତରେ ଏହି ବୈଠକ ଡାକିଛନ୍ତି। ରାଜ୍ୟପାଳ ଲୋକଙ୍କୁ ଚା ପିଇବା ଅଥବା ଶାନ୍ତି ବୈଠକ ପାଇଁ ଡାକିପାରିବେ। ତେଣୁ ଟିଏମ୍‌ସି ପକ୍ଷରୁ ଜଣେ ପ୍ରତିନିଧିଙ୍କୁ ସେଠାକୁ ପଠାଯାଉଛି। ସେ ଚା କପେ ପିଇ ସେଠାରୁ ଫେରିଆସିବେ ବୋଲି ମମତା କହିଥିଲେ।

### ସୋସିଆଲ ମିଡ଼ିଆରେ ବିଜେଡି-ଭାଜପା କଳି

# ୩ ଭାଜପା କର୍ମୀ ଗିରଫ

**ନୟାଗଡ଼ ଅଫିସ, ୧୩।୬**

ସୋସିଆଲ ମିଡିଆରେ ବିଜେଡି-ଭାଜପା କଳି ଗୁରୁତର ରୂପ ନେଇଛି। ଏହି ଘଟଣାରେ ପୋଲିସ ୩ ଭାଜପା କର୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ପ୍ରିୟାପ୍ରୀତି ତୋଷଣ କରି ପୋଲିସ ବିଜେଡି କର୍ମୀଙ୍କୁ ଛାଡିଦେଇଥିବା ଅଭିଯୋଗ କରି ଗୁରୁବାର ଜିଲା ଭାଜପା ପକ୍ଷରୁ ଇଟାମାଟି ଥାନା ଘେରାଉ କରାଯାଇଛି।

ଗତ ୧୦ ତାରିଖରେ ଇଟାମାଟିର ବବୁଲ ପାତ୍ର ଓ ବିଶ୍ୱଜିତ ସାହୁଙ୍କ ମଧ୍ୟରେ ସୋସିଆଲ ମିଡିଆରେ ବିଜେଡି-ଭାଜପା କଳି ଦେଖିବାକୁ ମିଳିଥିଲା। ବିଶ୍ୱଜିତ ବିଜେଡି କର୍ମୀ ହୋଇଥିବାରୁ ସେ ସୋସିଆଲ ମିଡ଼ିଆରେ ବବୁଲ୍ ନିକଟକୁ ଭାଜପା ବିରୋଧରେ ଲେଖି ପଠାଇଥିଲେ। ଅନ୍ୟପକ୍ଷରେ ବବୁଲ୍ ଭାଜପା କର୍ମୀ ହୋଇଥିବାରୁ ସେ ବିଜେଡି ବିରୋଧରେ ଲେଖି ବିଶ୍ୱଜିତଙ୍କ ନିକଟକୁ ପଠାଇଥିଲେ। ପରେ ଅପରାହ୍ନରେ ବବୁଲ୍‌ଙ୍କ ମା' ଏ ନେଇ ବିଶ୍ୱଜିତଙ୍କ ଘରକୁ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ବିଶ୍ୱଜିତ ନ ଥିବାରୁ ସେ ଫେରିଆସିଥିଲେ। ସନ୍ଧ୍ୟାରେ ବିଶ୍ୱଜିତ ତାଙ୍କ ୨ ସହଯୋଗୀଙ୍କ ସହିତ ବବୁଲ୍‌ଙ୍କ ଘରକୁ ଆସି ପାଟିତୁଣ୍ଡ କରିଥିଲେ। ବବୁଲ୍‌ଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ବବୁଲଙ୍କ ଭାଇ ଚଗୁଲ ଓ ଜଣେ ସମ୍ପର୍କୀୟ ଦିନେଶ ବେହେରା ସେମାନଙ୍କୁ ଅଟକାଇବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ପରେ ସେମାନେ ମଧ୍ୟ ବିଶ୍ୱଜିତ ଓ ତାଙ୍କ ସହଯୋଗୀଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଇଟାମାଟି ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ବିଶ୍ୱଜିତଙ୍କ ଅଭିଯୋଗକୁ ଆଧାର କରି ପୋଲିସ ୮୧/୧୯ରେ ଏକ ମାମଲା ରୁଜୁ କରି ବବୁଲ, ଚଗୁଲ ଓ ସହଯୋଗୀ ଦିନେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବବୁଲଙ୍କ ଅଭିଯୋଗକ୍ରମେ ପୋଲିସ ୮୨/୧୯ରେ ମାମଲା ରୁଜୁ କରିଥିଲେ ମଧ୍ୟ ବିଜେଡି କର୍ମୀଙ୍କୁ ଗିରଫ କରି ନ ଥିଲା। ଏହାର ପ୍ରତିବାଦରେ ଥାନା ଘେରାଉ କରାଯାଇଥିବା ଭାଜପା ଜିଲା ସଭାପତି ସନ୍ନ୍ୟାସୀ ନାୟକ ପ୍ରକାଶ କରିଛନ୍ତି। ଘେରାଉରେ ଲାଲା ମନୋଜ ରାୟ, ସନ୍ତୋଷ ପ୍ରଧାନ, ରାଘବ ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ଏ ନେଇ ନୟାଗଡ଼ ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ କହନ୍ତି, ଏହି ଘଟଣାରେ ଭାଜପା ପକ୍ଷରୁ ୩ଜଣଙ୍କୁ ଗିରଫ କରାଯାଇଛି। ବିଜେଡି କର୍ମୀ ବିଶ୍ୱଜିତ ସାହୁ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବାରୁ ତାଙ୍କୁ ଗିରଫ କରାଯାଇନାହିଁ। ବିଶ୍ୱଜିତଙ୍କ ଭିଣୋଇ ସୌଭାଗ୍ୟ ରାଉତରାୟ ଓ ବନ୍ଧୁ କାହ୍ନୁ ସାହୁ ଫେରାର୍ ଅଛନ୍ତି। ଏମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।



ଇଟାମାଟି ଥାନା ଆଗରେ ଭାଜପା କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବିଜେଡି କର୍ମୀଙ୍କୁ ଗିରଫ କରା ନ ଯିବା ପ୍ରତିବାଦରେ ଥାନା ଘେରାଉ**



"ଜମ୍ମୁ-କଶ୍ମୀରକୁ ଯେତେବେଳେ ଶାନ୍ତି ଫେରେ ପାକିସ୍ତାନ ଆତଙ୍କବାଦୀ ଆକ୍ରମଣ ଘଟାଇ ସ୍ଥିତିକୁ ବିଗାଡ଼ିଦିଏ। ଅନନ୍ତନାଗରେ ସିଆର୍‌ପିଏଫ୍ ଉପରେ ଆତ୍ମଘାତୀ ଆକ୍ରମଣ ପଡ଼ୋଶୀ ଦେଶର ନିର୍ଦ୍ଦେଶରେ ହୋଇଛି।

-ସତ୍ୟପାଳ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ



## ■ ପଶ୍ଚିମବଙ୍ଗରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ଡାକ୍ତର ଆନ୍ଦୋଳନରୁ ତେଜିଲା ରାଜନୀତି

କୋଲକାତା,୧୩ା୬ (ଆଇଏଏନ୍‌ଏସ୍)

ପଶ୍ଚିମବଙ୍ଗର ଏକ ସରକାରୀ ହସ୍ପିଟାଲରେ ହିଂସା ପରେ ୩ ଦିନ ଧରି ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ରାଜନୈତିକ ରୂପ ନେଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଭାଜପା ଏବଂ ବାମଦଳଗୁଡ଼ିକର ଷଡ଼ଯନ୍ତ୍ରର ପରିଣାମ ବୋଲି ଅଭିହିତ କରିଥିବାବେଳେ ଗୈରିକ ଦଳ ଏଥିପାଇଁ ଓଲଟା ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଦାୟୀ କରିଛି। ଡାକ୍ତରଙ୍କୁ ଆକ୍ରମଣ କରିଥିବା ଦୁର୍ବୃତ୍ତମାନେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର। ମମତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ବରିଷ୍ଠ ଭାଜପା ନେତା ମୁକୁଲ ରୟ ଅଭିଯୋଗ ଆଣିଛନ୍ତି। ସେପଟେ ସୁରକ୍ଷା ଦାବିରେ ଅଡ଼ିବସିଥିବା ଆନ୍ଦୋଳନରତ ଡାକ୍ତରମାନେ ମମତାଙ୍କ ମହଲତକୁ ବେଖାତିର କରି କାର୍ଯ୍ୟରେ ଯୋଗଦେଇ ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି।

ବିବାଦ ଆରମ୍ଭ ହୋଇଥିଲା ସୋମବାର। କୋଲକାତାସ୍ଥିତ ନୀଲରତନ ସିରକାର (ଏନ୍‌ଆର୍‌ସି) ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଜଣେ ୭୫ ବର୍ଷୀୟ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଚିକିତ୍ସାରେ ଅବହେଳା ଅଭିଯୋଗ ଆଣି ୨ ଜୁନିୟର ଡାକ୍ତରଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ଜଣେ ଡାକ୍ତର ଗୁରୁତର ଆହତ ହୋଇଥିଲେ। ଏହାର ଦିନକ ପରେ



ସାରା ରାଜ୍ୟର ଡାକ୍ତରମାନେ ସୁରକ୍ଷା ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିଲେ, ଯାହାକି ଅଦ୍ୟାବଧି ଜାରି ରହିଛି। ଫଳରେ ୩ ଦିନ ହେଲା ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହୋଇଛି। ହସ୍ପିଟାଲଗୁଡ଼ିକରେ ରୋଗୀମାନେ ବିନା ଚିକିତ୍ସାରେ ପଡ଼ିରହିଛନ୍ତି। ଭାଜପା ରାଜ୍ୟ ସଭାପତି ଦିଲୀପ ଘୋଷ କହିଛନ୍ତି, ଡାକ୍ତରଙ୍କୁ ସୁରକ୍ଷା ଯୋଗାଇଦେବା ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ। କିନ୍ତୁ ମମତା ନିଜ ଭୋଟ ପାଇଁ ଅସାମାଜିକ ତତ୍ତ୍ୱଙ୍କୁ ନିୟନ୍ତ୍ରଣ କି ଗିରଫ କରୁନାହାନ୍ତି। ମମତା ଏହାର ଜବାବରେ କହିଛନ୍ତି, ହସ୍ପିଟାଲଗୁଡ଼ିକରେ ବିଭ୍ରାଟ ସୃଷ୍ଟି କରିବା ଲାଗି ବାହାର ଲୋକ ପ୍ରବେଶ କରୁଛନ୍ତି ଏବଂ ଭାଜପା ଏହି ପ୍ରସଙ୍ଗକୁ ସାମ୍ପ୍ରଦାୟିକ ରଙ୍ଗ ଦେଉଛି। ସିପିଏମ୍ ସାହାଯ୍ୟରେ ଭାଜପା ହିନ୍ଦୁ-ମୁସଲିମ୍ ରାଜନୀତି କରୁଛି। ଏହି ପ୍ରେମ ବ୍ୟାପାରକୁ ଦେଖି ମୁଁ ସ୍ତବ୍ଧ ହୋଇଯାଇଛି। ଫେସ୍‌ବୁକ୍‌ରେ ଅପପ୍ରଚାର ଚଳାଇ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବାକୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ତାଙ୍କ ଦଳର କର୍ମକର୍ତ୍ତାଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ମମତା ଏଭଳି ଭାଷାରେ ବିକ୍ଷୋଭକୁ ନିନ୍ଦା କରିଛନ୍ତି।

ମମତା ଗୁରୁବାର ପୂର୍ବାହ୍ନରେ ଏସ୍‌ଏସ୍‌କେଏମ୍ ହସ୍ପିଟାଲ ପରିଦର୍ଶନ କରିବା ସହ ଡାକ୍ତରଙ୍କୁ ଦଙ୍ଗା ଆଇନ ପଢ଼ାଇ କାର୍ଯ୍ୟକୁ ଫେରିବାକୁ ତାଗିଦ କରିଥିଲେ। ଅପରାହ୍ନ ୨ଟା ସୁଦ୍ଧା କାର୍ଯ୍ୟକୁ ନ ଫେରିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଥିଲେ। ହେଲେ ମଙ୍ଗଳବାରଠାରୁ ରାସ୍ତାକୁ ଓହ୍ଲାଇଥିବା ଡାକ୍ତରମାନେ ଏହି ୪ ଘଣ୍ଟିଆ ମହଲତକୁ ଅବଜ୍ଞା କରିଛନ୍ତି। ସରକାରୀ ହସ୍ପିଟାଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ସହ ଆକ୍ରମଣକାରୀଙ୍କୁ ଗିରଫ କରା ନ ଗଲେ ସେମାନେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଅଡ଼ିବସିଛନ୍ତି।

### ହସ୍ପିଟାଲ ଛାଡ଼ି ରାସ୍ତାରେ ଚିକିତ୍ସକ

- ■୨ ଜୁନିୟର ଡାକ୍ତରଙ୍କୁ ଆକ୍ରମଣ କରିଥିଲେ ମୃତ ରୋଗୀଙ୍କ ସମ୍ପର୍କୀୟ
- ■ସୁରକ୍ଷା ଦାବିରେ ୩ ଦିନ ହେଲା ଆନ୍ଦୋଳନ କରୁଛନ୍ତି ଚିକିତ୍ସକ
- ■ମମତାଙ୍କ ଚେତାବନୀକୁ ବେଖାତିର
- ■ରାଜ୍ୟପାଳଙ୍କୁ ଭେଟିଲା ଡାକ୍ତରଙ୍କ ପ୍ରତିନିଧି ଦଳ

ଇତିମଧ୍ୟରେ ଡାକ୍ତରଙ୍କ ଏକ ପ୍ରତିନିଧି ଦଳ ଏହି ପ୍ରସଙ୍ଗରେ ରାଜଭବନରେ ରାଜ୍ୟପାଳ କେଶରୀନାଥ ତ୍ରିପାଠୀଙ୍କୁ ଭେଟି ମମତାଙ୍କ ଆଭିମୁଖ୍ୟ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆମ ସହ ଅପରାଧୀଙ୍କ ଭଳି ବ୍ୟବହାର କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେପଟେ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଭାଜପା। ରାଜ୍ୟ ଭାଜପା ଉପସଭାପତି ଜୟପ୍ରକାଶ ମଜୁମ୍‌ଦାର କହିଛନ୍ତି, ଆନ୍ଦୋଳନରତ ଡାକ୍ତରଙ୍କୁ ମମତା ଧମକ ଦେଉଛନ୍ତି। ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସେ ଏହାକୁ ନେଇ ରାଜନୀତି କରୁଛନ୍ତି। ସ୍ଥିତି ନିୟନ୍ତ୍ରଣକୁ ଆଣି ନ ପାରିଲେ ମମତା ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଇସ୍ତଫା ଦିଅନ୍ତୁ ବୋଲି ଜୟପ୍ରକାଶ ଦାବି କରିଛନ୍ତି। ଶେଷରେ ମମତା ବରିଷ୍ଠ ଡାକ୍ତରମାନଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖିଛନ୍ତି। ସବୁ ଜିଲାରୁ ଗରିବ ଲୋକେ ଚିକିତ୍ସା ପାଇଁ ବଡ଼ ଡାକ୍ତରଖାନାଗୁଡ଼ିକୁ ଆସୁଛନ୍ତି। ତେଣୁ ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରମାନେ ରୋଗୀ ସେବାରେ ନିଜକୁ ନିୟୋଜିତ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

"ଡାକ୍ତର ଆନ୍ଦୋଳନ ଭାଜପା-ବାମପନ୍ଥୀଙ୍କ ଷଡ଼ଯନ୍ତ୍ରର ପରିଣାମ। ଭାଜପା ଅଧକ୍ଷ ଅମିତ ଶାହ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ଲାଗି ଦଳୀୟ କର୍ମୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ





"ଡାକ୍ତରଙ୍କୁ ଆକ୍ରମଣ କରିଥିବା ଦୁର୍ବୃତ୍ତମାନେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର। ମମତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ସେମାନଙ୍କୁ ଗିରଫ କରୁନାହାନ୍ତି।

-ମୁକୁଲ ରୟ, ବରିଷ୍ଠ ଭାଜପା ନେତା

# ଦିଗ ବଦଳାଇଲା 'ବାୟୁ'



ପୋର୍‌ବନ୍ଦର,୧୩ା୬

### ଗୁଜରାଟ ଉପକୂଳରେ ପ୍ରବଳ ଝଡ଼ବର୍ଷା

ସାମୁଦ୍ରିକ ଝଡ଼ 'ବାୟୁ' ଦିଗ ବଦଳାଇଛି। ଗୁଜରାଟରେ ମାଡ଼ହେବା ପୂର୍ବରୁ ଏହା ପୁଣି ଆରବ ସାଗର ମୁହାଁ ହୋଇଛି। ଭେରେଭାଲ୍, ପୋର୍‌ବନ୍ଦର, ଓ ଦ୍ୱାରକା ପାଖଦେଇ ଏହା ଚାଲିଯିବ ବୋଲି ଜଣାପଡ଼ିଛି। ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ସହ ୧୪୫ କିମି ବେଗରେ ପବନ ବୋହୁଥିବାବେଳେ ହାଇଆଲର୍ଟ ଜାରି କରାଯାଇଛି। ଆଗାମୀ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ସୌରାଷ୍ଟ୍ର, ଅହମଦାବାଦ୍ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା, ପବନ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଅପରାହ୍ନ ସୁଦ୍ଧା ଗୁଜରାଟର ଭାବନଗରର ତଲଜା ତାଲୁକାରେ ସର୍ବାଧିକ ୪୧ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ବାତ୍ୟାର ଭୟାବହତାକୁ ଦେଖି ବୁଧବାର ଉପକୂଳ ଅଞ୍ଚଳରେ ଥିବା ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ପଶ୍ଚିମତଟ ରେଳପଥ ପକ୍ଷରୁ ୭୦ଟି ଟ୍ରେନ୍ ବାତିଲ କରାଯାଇଥିବାବେଳେ କେତେକ ବିମାନ ଉଡ଼ାଣକୁ ରଦ୍ଦ କରାଯାଇଛି। ରିଲିଫ୍ ଓ ଉଦ୍ଧାର ଲାଗି ୫୨ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସଜାଗ ରଖାଯାଇଥିଲା। ତଟରକ୍ଷୀ ବାହିନୀ, ସ୍ଥଳସେନା, ନୌସେନା ଓ ବାୟୁସେନା ସହ ବିଏସ୍‌ଏଫ୍‌କୁ ହାଇଆଲର୍ଟରେ ରଖାଯାଇଥିଲା।

# କେରଳ, ପଶ୍ଚିମବଙ୍ଗ ଉପରେ ଭାଜପାର ନଜର

ନୂଆଦିଲ୍ଲୀ,୧୩ା୬(ପି.ଟି.)

ଲୋକ ସଭା ନିର୍ବାଚନରେ ଭାଜପା ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଆହୁରି ଆଗକୁ ଯିବାର ଅଛି ବୋଲି ଦଳ ଅଧ୍ୟକ୍ଷ ଅମିତ୍ ଶାହ ଗୁରୁବାର କହିଛନ୍ତି। ନୂଆ ଅଞ୍ଚଳରେ ସଂଗଠନକୁ ବଢ଼ାଇବା ସହ ଅଧିକରୁ ଅଧିକ ଲୋକଙ୍କୁ ଦଳରେ ସାମିଲ କରିବାକୁ ସେ ନେତାମାନଙ୍କୁ ଆହ୍ୱାନ ଦେଇଛନ୍ତି।

ବିଭିନ୍ନ ରାଜ୍ୟର ଭାଜପା କାର୍ଯ୍ୟକର୍ତ୍ତାମାନଙ୍କ ବୈଠକରେ ଅଧ୍ୟକ୍ଷତା କରି ଶାହ କହିଛନ୍ତି, ଭାଜପା ସେତେବେଳେ ସଫଳତମ ସ୍ଥାନରେ ପହଞ୍ଚିବ, ଯେତେବେଳେ କେରଳ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ସରକାର ଗଢ଼ିବ। ଏଥିସହିତ ସେ ଦଳର ସଭ୍ୟ ସଂଗ୍ରହ ଅଭିଯାନକୁ ଚୂଡ଼ାନ୍ତ ସ୍ପର୍ଶ ଦେଇଥିଲେ। ସଭ୍ୟ ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି ଲକ୍ଷ୍ୟରେ ଏହି ଅଭିଯାନ ଖୁବ୍‌ଶୀଘ୍ର ଆରମ୍ଭ ହେବ। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନଙ୍କୁ ସଭ୍ୟ ସଂଗ୍ରହ ଅଭିଯାନର ପ୍ରଭାରୀ ରଖାଯାଇଛି। ସଭ୍ୟ ସଂଗ୍ରହ ଶେଷ ହେବା ପରେ ଦଳର ସାଙ୍ଗଠନିକ ନିର୍ବାଚନ ହେବ। ଜୁଲାଇ ୬ ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମବାର୍ଷିକୀରୁ ଭାଜପାର ସଭ୍ୟସଂଗ୍ରହ ଅଭିଯାନ ଆରମ୍ଭ ହୋଇପାରେ। ସୁରେଶ ପୂଜାରୀ, ଦୁଶ୍ୟନ୍ତ ଗୌତମ, ଅରୁଣ ଚତୁର୍ବେଦୀ ଏବଂ ଶୋଭା ସୁରେନ୍ଦ୍ରନ୍‌ଙ୍କୁ ସଭ୍ୟସଂଗ୍ରହ ଅଭିଯାନର ସହପ୍ରଭାରୀ ନିଯୁକ୍ତ କରାଯାଇଛି। ଚଳିତବର୍ଷ ହେବାକୁ ଥିବା ହରିୟାଣା, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଶାହଙ୍କ ନେତୃତ୍ୱରେ ଭାଜପା ଲଢ଼ିପାରେ ବୋଲି ଜଣାପଡିଛି।



ସୁରେଶ ପୂଜାରୀ ସଭ୍ୟ ସଂଗ୍ରହ ଅଭିଯାନର ସହପ୍ରଭାରୀ

# ମୋଦିଙ୍କୁ ଧନ୍ୟବାଦ ଦେଲେ ନେତାନ୍ୟାହୁ

ଜେରୁଜେଲମ୍,୧୩ା୬(ପି.ଟି.)

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜାତିସଂଘର ଆର୍ଥିକ ଓ ସାମାଜିକ ପରିଷଦରେ ପାଲେଷ୍ଟାଇନ୍‌ର ଏକ ଗୋଷ୍ଠୀକୁ ଉପଦେଷ୍ଟା ମାନ୍ୟତା ପ୍ରଦାନକୁ ବିରୋଧ କରି ଇସ୍ରାଏଲ୍ ଆଣିଥିବା ପ୍ରସ୍ତାବ ସପକ୍ଷରେ ଭାରତ ଭୋଟ ଦେଇଥିଲା। ଏହାକୁ ନେଇ ନେତାନ୍ୟାହୁ ଟୁଇଟ୍ କରବା ସହି ଇସ୍ରାଏଲ୍ ସହ ଠିଆହୋଇ ସହଯୋଗ କରିଥିବାରୁ ମୋଦି ଓ ଭାରତକୁ ଧନ୍ୟବାଦ ଜଣାଉଛି ବୋଲି ଦର୍ଶାଇଥିଲେ। ଜାତିସଂଘରେ ପ୍ରଥମ ଥର ଲାଗି ଭାରତ ମଙ୍ଗଳବାର ଇସ୍ରାଏଲ୍ ସପକ୍ଷରେ ମତ ଦେଇଥିଲା। ମଧ୍ୟ ପ୍ରାଚ୍ୟରେ ଶାନ୍ତିରକ୍ଷା ସହ ବିଭିନ୍ନ ସମସ୍ୟାର ସମାଧାନ ଲାଗି ଭାରତ ପୂର୍ବରୁ ପାଲେଷ୍ଟାଇନ୍ ସପକ୍ଷରେ ରହିଆସିଥିଲା।





ଆଫଗାନିସ୍ତାନରେ ପରିବାରକୁ ଆର୍ଥିକ ସହଯୋଗ କରିବା ଲାଗି ହଜାର ହଜାର ଶିଶୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ରାଜଧାନୀ କାବୁଲ ନିକଟସ୍ଥ ଏକ ଇଟାଭାଟିରେ କାମ କରୁଛନ୍ତି ଦୁଇ ଝିଅ।

# ଟିକ୍‌ଟକ୍ ପାଇଁ ଆତ୍ମହତ୍ୟା କଲେ ୨ ସନ୍ତାନର ମାଆ

ନୂଆଦିଲ୍ଲୀ,୧୩ା୬(ଆଇଏଏନ୍‌ଏସ୍)

ସଂକ୍ଷିପ୍ତ ଭିଡିଓ ପ୍ରସ୍ତୁତକାରୀ ଆପ୍ ଟିକ୍‌ଟକ୍ ପାଇଁ ତାମିଲନାଡୁର ୨ ସନ୍ତାନର ଜନନୀ ଜଣେ ୨୪ ବର୍ଷୀୟା ମହିଳା ଗୁରୁବାର ଆତ୍ମହତ୍ୟା କରିଛନ୍ତି। ଅନୀତା ନାମ୍ନୀ ଏହି ମହିଳା ଟିକ୍‌ଟକ୍‌ରେ ଭିଡିଓ ପ୍ରସ୍ତୁତିରେ ବ୍ୟସ୍ତ ରହୁଥିବାବେଳେ ତାଙ୍କ ସ୍ୱାମୀ ଏହାକୁ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଅନୀତା ବିଷ ପିଇବା ସମୟର ଭିଡିଓ ହ୍ୱାଟ୍ସଆପ୍‌ରେ ସିଙ୍ଗାପୁରରେ ଥିବା ତାଙ୍କ ସ୍ୱାମୀଙ୍କ ପାଖକୁ ପଠାଇଥିଲେ। କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଏଏନ୍-୩୨ର ୧୩ ଯାତ୍ରୀ ମୃତ

ନୂଆଦିଲ୍ଲୀ,୧୩ା୬

ନିଖୋଜ ବାୟୁସେନା ବିମାନ ଏଏନ୍-୩୨ର ଭଗ୍ନାବଶେଷ ଅରୁଣାଚଳର ଏକ ଘଞ୍ଚ ଜଙ୍ଗଲଘେରା ପାର୍ବତ୍ୟାଞ୍ଚଳରୁ ମିଳିଛି। ଏଥିରେ ଥିବା ସମସ୍ତ ୧୩ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ବାୟୁସେନା ପକ୍ଷରୁ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ବିମାନର ବ୍ଲାକବକ୍ସ ମିଳିବାପରେ ପରୀକ୍ଷା କରାଯାଉଛି। ବିମାନଟି ଜୁନ୍ ୩ ତାରିଖରୁ ନିଖୋଜ ହେବା ପରେ ବ୍ୟାପକ ତଲାସି କରାଯାଇଥିଲା। ମୃତକଙ୍କ ମଧ୍ୟରେ ଓଡିଆ ପାଇଲଟ ସୁନୀତ୍ ମହାନ୍ତିଙ୍କ ସହ ୱିଙ୍ଗ କମାଣ୍ଡର୍ ଜି.ଏମ୍. ଚାର୍ଲ୍ସ, ସ୍କ୍ୱାଡ୍ରନ୍ ଲିଡର୍ ଏଚ୍. ବିନୋଦ, ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ଏଲ୍.ଆର୍. ଥାପ୍ପା, ଏମ୍.କେ. ଗର୍ଗ, ଆଶିଷ ତନ୍‌ୱର୍, ୱାରେଣ୍ଟ ଅଫିସର୍ କେ. କେ. ମିଶ୍ର, ସର୍ଜେଣ୍ଟ ଅନୁପ୍ କୁମାର, କର୍ପୋରାଲ୍ ସେରିନ୍, ଲିଡିଂ ଏୟାର୍‌କ୍ରାଫ୍ଟ ମ୍ୟାନ୍ ଏସ.କେ. ସିଂ, ପଙ୍କଜ, ରାଜେଶ କୁମାର ଓ ପୁଟ୍‌ଲି ଅଛନ୍ତି । ରୁଷିଆ ନିର୍ମିତ ଏହି ବାୟୁସେନା ବିମାନଟି ଆସାମର ଜୋର୍‌ହାଟ୍‌ରୁ ଚାଇନା ସୀମାନ୍ତବର୍ତ୍ତୀ ଅଞ୍ଚଳ ମେନ୍‌ଚୁକାକୁ ଯାଉଥିବାବେଳେ ଏହା ସହ ସମ୍ପର୍କ ରକ୍ଷା କରାଯାଇ ପାରି ନ ଥିଲା।

# ଅବସର ନେବେ ୯ ରାଜ୍ୟପାଳ

ନୂଆଦିଲ୍ଲୀ,୧୩ା୬

୩ ମାସ ମଧ୍ୟରେ କେଶରୀନାଥ ତ୍ରିପାଠୀ (ପଶ୍ଚିମବଙ୍ଗ), ଭଜୁଭାଇ ଭାଲା (କର୍ଣ୍ଣାଟକ) ଓ ରାମ ନାଏକ (ଉତ୍ତରପ୍ରଦେଶ)ଙ୍କ ସମେତ ୯ ରାଜ୍ୟପାଳଙ୍କ କାର୍ଯ୍ୟକାଳ ଶେଷ ହେଉଛି। କେନ୍ଦ୍ର ସରକାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ, ଉମା ଭାରତୀ ଓ ପୂର୍ବତନ ବାଚସ୍ପତି ସୁମିତ୍ରା ମହାଜନଙ୍କୁ ରାଜ୍ୟପାଳଭାବେ ଅବସ୍ଥାପିତ କରିପାରନ୍ତି। ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଲାଗି ଅଲଗା ରାଜ୍ୟପାଳ ପଠାଯିବା, ମିଜୋରାମ, ରାଜସ୍ଥାନ, ଗୁଜରାଟ, ଗୋଆ, ମହାରାଷ୍ଟ୍ର, ନାଗାଲାଣ୍ଡରେ ନୂଆ ରାଜ୍ୟପାଳଙ୍କୁ ଦାୟିତ୍ୱ ଦିଆଯିବା ଲାଗି ମୋଦି ସରକାର ଚିନ୍ତା କରୁଛନ୍ତି।

# ୨ ତୈଳବାହୀ ଜାହାଜ ଉପରେ ଆକ୍ରମଣ

ଦୋହା,୧୩ା୬(ଆଇଏଏନ୍‌ଏସ୍)

### ୪୪ ଜଣ କର୍ମଚାରୀ ଉଦ୍ଧାର

ଓମାନ ଉପସାଗରରେ ଦୁଇଟି ତୈଳବାହୀ ଜାହାଜ ଗୁରୁବାର ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ତେବେ ଏଥିରେ ଥିବା ସମସ୍ତ କର୍ମଚାରୀଙ୍କୁ ନିରାପଦର ସହିତ ଉଦ୍ଧାର କରାଯାଇଛି। ଗତ ମାସରେ ଅନ୍ୟ ୪ଟି ତୈଳବାହୀ ଜାହାଜକୁ ଧ୍ୱଂସ କରିବା ଲାଗି ଇରାନ ସେଠାରେ ନାଭାଲ ମାଇନ୍ ବ୍ୟବହାର କରିଥିଲା। ଗୁରୁବାର ଜାହାଜ ଦୁଇଟି ସେହି ସ୍ଥାନରେ ଥିଲେ ବୋଲି ଆମେରିକା ଅଭିଯୋଗ କରିଛି। ଉପସାଗରୀୟ ଅଞ୍ଚଳରେ ବଡ଼ ଧରଣର ବିବାଦକୁ ବିଶ୍ୱ ବରଦାସ୍ତ କରିବ ନାହିଁ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। ଅନ୍ୟପକ୍ଷରେ ଇରାନ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି, ଦୁଇ ତୈଳବାହୀ ଜାହାଜ ଆବୁ ଧାବୀ ବନ୍ଦର ଛାଡ଼ିଥିଲେ। ଆକ୍ରମଣ ସମ୍ପର୍କରେ ସେମାନେ ପାକିସ୍ତାନ ଓ ଓମାନ ବନ୍ଦରକୁ ଜଣାଇଥିଲେ। ଆକ୍ରମଣର ସମ୍ମୁଖୀନ ହୋଇଥିବା ନରୱେର ଫ୍ରଣ୍ଟ ଅଲ୍‌ଟେୟାର କମ୍ପାନୀର ଜାହାଜରେ ନିଆଁ ଲାଗିଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ମଙ୍ଗଳବାର ରୁୱାଇସ୍‌ର ଏମିରାତି ବନ୍ଦର ଛାଡ଼ିଥିଲା ଏବଂ ଜୁନ୍ ୩୦ରେ ତାଇୱାନ୍‌ର କୌସିଉଙ୍ଗ୍ ବନ୍ଦରରେ ପହଞ୍ଚିଥାନ୍ତା। ଅନ୍ୟ ଜାହାଜଟି ପାନାମାର। ତେବେ ଆକ୍ରମଣ କିପରି ଘଟିଲା ଏବଂ ଏଥିପାଇଁ କିଏ ଦାୟୀ ତାହା ଜଣାପଡିନାହିଁ। ଉଭୟ ଜାହାଜରୁ ୪୪ ଜଣ କର୍ମଚାରୀଙ୍କୁ ଇରାନ ନୌସେନା ଉଦ୍ଧାର କରିଥିଲା। ଏଥିରେ ଆମେରିକାର ଜାହାଜ ମଧ୍ୟ ସହାୟତା କରିଥିଲା।



ଓମାନ ଉପସାଗରରେ ଜଳୁଥିବା ଦୁଇ ତୈଳବାହୀ ଜାହାଜ।

# ସ୍ପେସ୍ ଷ୍ଟେଶନ ସ୍ଥାପନ କରିବ ଭାରତ



ନୂଆଦିଲ୍ଲୀ,୧୩ା୬(ଆଇଏଏନ୍‌ଏସ୍)

ଭାରତ ୨୦୩୦ ସୁଦ୍ଧା ନିଜସ୍ୱ ସ୍ପେସ୍ ଷ୍ଟେଶନ ଲଞ୍ଚ କରିବାକୁ ଯୋଜନା କରିଥିବା ଇସ୍ରୋ (ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ୍)ର ଅଧ୍ୟକ୍ଷ କେ. ଶିବନ୍ ପ୍ରକାଶ କରିଛନ୍ତି। ଉକ୍ତ ସ୍ପେସ୍ ଷ୍ଟେଶନ୍‌ର ଓଜନ ପାଖାପାଖି ୨୦ ଟନ୍ ହେବ ବୋଲି ଆକଳନ କରାଯାଇଛି। ଭାରତର ପ୍ରଥମ ମାନବଯୁକ୍ତ ମହାକାଶଯାନ 'ଗଗନଯାନ ମିଶନ୍'ର ଏହାର ସମ୍ପ୍ରସାରିତ ଅଂଶ। ୨୦୨୨ରେ ଗଗନଯାନର ସମ୍ପୂର୍ଣ୍ଣ ସଫଳତା ପରେ ୫ରୁ ୭ବର୍ଷ ମଧ୍ୟରେ ଭାରତ ଏକ ପୃଥକ୍ ସ୍ପେସ୍ ଷ୍ଟେଶନ ମହାକାଶରେ ସ୍ଥାପନ କରିବ। ଉକ୍ତ ଷ୍ଟେଶନ୍‌ରେ ମାଇକ୍ରୋଗ୍ରାଭିଟି ଏକ୍ସପେରିମେଣ୍ଟ (ଅଣୁମାଧ୍ୟାକର୍ଷଣ ପର୍ଯ୍ୟବେକ୍ଷଣ) କରାଯିବ ବୋଲି ଶିବନ୍ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ମହାକାଶଚାରୀମାନେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ମହାକାଶରେ ଯେପରି ରହିପାରିବେ ତାହାକୁ ଦୃଷ୍ଟିରେ ରଖି ଏକ ପ୍ରାଥମିକ ଯୋଜନା ପ୍ରସ୍ତୁତ କରାଯାଉଛି। କିନ୍ତୁ ଗଗନଯାନର ସଫଳତା ପରେ ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇବ। ଏହି ପ୍ରକଳ୍ପ ପାଇଁ କୌଣସି ଦେଶର ସହଯୋଗ ଲୋଡାଯିବ ନାହିଁ ବୋଲି ଶିବନ୍ କହିଛନ୍ତି। ଏ ପର୍ଯ୍ୟନ୍ତ ଆମେରିକା, ରୁଷିଆ, ଚାଇନା ଏବଂ କେତେକ ରାଷ୍ଟ୍ର ସାମୂହିକ ଉଦ୍ୟମରେ ମହାକାଶରେ ସ୍ପେସ୍ ଷ୍ଟେଶନ ସ୍ଥାପନ କରିଛନ୍ତି। ଏଥିସହିତ ସୂର୍ଯ୍ୟ ଓ ଶୁକ୍ର ସମ୍ପର୍କରେ ଅଧ୍ୟୟନ ପାଇଁ ଅନ୍ୟ ଦୁଇଟି ମିଶନ୍ ଯଥାକ୍ରମେ ୨୦୨୦ ଓ ୨୦୨୩ରେ ଲଞ୍ଚ କରାଯିବା ବୋଲି ଶିବନ୍ ଘୋଷଣା କରିଛନ୍ତି।

### ସ୍ପେସ୍ ଷ୍ଟେଶନର ଉଦ୍ଦେଶ୍ୟ

ସ୍ପେସ୍ ଷ୍ଟେଶନକୁ ଅର୍ବିଟାଲ ଷ୍ଟେଶନ୍ ବା ଅର୍ବିଟାଲ୍ ସ୍ପେସ୍ ଷ୍ଟେଶନ ମଧ୍ୟ କୁହାଯାଏ। ଏହା ଏକ ସ୍ପେସ୍‌କ୍ରାଫ୍ଟ ଯାହା ମହାକାଶଚାରୀଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ସହାୟତା କରିଥାଏ। ଏହା ସାଧାରଣତଃ ଏକ କୃତ୍ରିମ ଉପଗ୍ରହ ଯାହାକୁ ପୃଥିବୀର ନିମ୍ନ କକ୍ଷରେ ସ୍ଥାପନ କରାଯାଏ। ଏଠାରେ ଛୋଟ ସ୍ପେସ୍‌କ୍ରାଫ୍ଟକୁ ମଧ୍ୟ ଆଶ୍ରୟ ଦିଆଯାଏ। ଏ ପର୍ଯ୍ୟନ୍ତ ଏକ ପୂର୍ଣ୍ଣ କାର୍ଯ୍ୟକ୍ଷମ ସ୍ପେସ୍ ଷ୍ଟେଶନ ହେଉଛି ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ। ଏହାକୁ ସ୍ଥାୟୀ ଭାବରେ ସ୍ଥାପନ କରାଯାଇଛି। ପୂର୍ବରୁ ସ୍ଥାପିତ ସ୍ପେସ୍ ଷ୍ଟେଶନ ହେଉଛି ଆଲମାଜ ଓ ସାଲ୍ୟୁଟ୍ ସିରିଜ୍, ସ୍କାଏଲାବ, ମିର୍, ତିଆନ୍‌ଗଙ୍ଗ-୧ ଏବଂ ତିଆନ୍‌ଗଙ୍ଗ-୨। ଚାଇନା, ରୁଷିଆ, ଆମେରିକା ସମେତ କେତେକ ପ୍ରାଇଭେଟ କମ୍ପାନୀ ଆଗାମୀ ଦଶନ୍ଧିରେ ସ୍ପେସ୍ ଷ୍ଟେଶନ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ବର୍ତ୍ତମାନ ସ୍ପେସ୍ ଷ୍ଟେଶନକୁ ଏକ ଗବେଷଣା ପ୍ଲାଟଫର୍ମ ଭାବେ ବ୍ୟବହାର କରାଯାଉଛି। ମାନବ ଶରୀରରେ ମହାକାଶରେ ଦୀର୍ଘରହଣିର ପ୍ରଭାବ ସମ୍ପର୍କରେ ପରୀକ୍ଷା ନିରୀକ୍ଷା ଜାରି ରହିଛି। ସ୍ପେସ୍ ଷ୍ଟେଶନକୁ ଉଭୟ ସାମରିକ ଏବଂ ବେସାମରିକ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରାଯାଉଛି।



ଆଫଗାନିସ୍ତାନର ଜଲାଲାବାଦ୍‌ରେ ପୋଲିସ ଗାଡିକୁ ଟାର୍ଗେଟ୍ କରି ଗୁରୁବାର ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ଜଣ ସାଧାରଣ ନାଗରିକ ଥିବା ଜଣାପଡ଼ିଛି। ଏଥିସହ ୪ ଶିଶୁଙ୍କୁ ମିଶାଇ ୯ଜଣ ଆହତ ମଧ୍ୟ ହୋଇଛନ୍ତି। ସୁରକ୍ଷାକର୍ମୀଙ୍କୁ ଲକ୍ଷ୍ୟକରି ଏକ ଚେକ୍ ପଏଣ୍ଟରେ ଏହି ବିସ୍ଫୋରଣ କରାଯାଇଥିଲା। ତେବେ ଏହି ବିସ୍ଫୋରଣ ଲାଗି କୌଣସି ଗୋଷ୍ଠୀ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି। ପ୍ରକାଶଥାଉ କି, ଜଲାଲାବାଦ୍ ତାଲିବାନ୍ ଓ ଆଇଏସ୍ ଆତଙ୍କବାଦୀଙ୍କ ଗଡ଼ଭାବେ ପରିଚିତ।




# ଫନୀ: ଘରଭଙ୍ଗା ସହାୟତା ୭ କୋଟି ୫୮ ହଜାର ଟଙ୍କା ମଞ୍ଜୁର

**ଭୁବନେଶ୍ୱର,୧୩।୬(ବ୍ୟୁରୋ):** ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ପୁରୀ ଜିଲାରେ ଘର ହରାଇଥିବା କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏଥିପାଇଁ ୭ କୋଟି ୫୮ ହଜାର ମଞ୍ଜୁର କରାଯାଇଛି। ବିଶେଷତଃ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏସ୍‌ଡିଆରଏଫ୍)ରୁ ପ୍ରଦାନ କରାଯାଇଥିବା ସହାୟତା ରାଶିରୁ ବଞ୍ଚିତ ହୋଇଥିବା କ୍ଷତିଗ୍ରସ୍ତଙ୍କୁ ଏହି ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବ। ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ୭୪୦୦ ପରିବାରଙ୍କୁ ୧୦,୦୦୦ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ। ସେହିଭଳି ଆଂଶିକ ଘର ଭାଙ୍ଗିଥିବା ୬୦୦ ପରିବାରଙ୍କୁ ୩୦୦୦ ଟଙ୍କା ଲେଖାଏ ସହାୟତା ମିଳିବ। ସେହିପରି ଅନ୍ୟ ଏକ ଘୋଷଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲା ପାଇଁ ଦୁଇଟି ନୂଆ ତହସିଲ ଘୋଷଣା କରିଛନ୍ତି। ପ୍ରଥମଟି ଝରବନ୍ଧ ତହସିଲ ଦଭା। ଦ୍ୱିତୀୟଟି ହେଉଛି– ଲଡ଼ଡ଼ିଧରା ତହସିଲ।









ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଜୁନ୍, ୨୦୧୯



ଆଇଓସିଏଲ୍ ପକ୍ଷରୁ ପାରାଦୀପରୁ ହଳଦିଆ ପର୍ଯ୍ୟନ୍ତ ମାଟି ତଳେ ବିଛାଯାଇଥିବା ପାଇପ୍ କାଟି ବାସୁଦେବପୁରର ଶୁଙ୍ଗୁଡ଼ା ବିଲରୁ ଲକ୍ଷାଧିକ ଟଙ୍କାର ଅଶୋଧିତ ତେଲ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ପାଇପ୍ କାଟି ଲକ୍ଷାଧିକ ଟଙ୍କାର ତେଲ ଚୋରି କରି ନେଇଯାଇଥିବା ସୂଚନା ମିଳିଛି। ଗୁରୁବାର ସକାଳେ ଶୁଙ୍ଗୁଡ଼ା ବିଲରେ ବହୁ ପରିମାଣରେ ତେଲ ଲିକ୍ ହେଉଥିବା ଜଣାପଡ଼ିବା ପରେ ଚୋରି ଘଟଣା ପଦାକୁ ଆସିଥିଲା। ପାଇପ୍ କାଟିଦିଆଯାଇଥିବାରୁ ବିପୁଳ ପରିମାଣର ତେଲ ନିକଟସ୍ଥ ବିଲ, ନୟନଯୋରିକୁ ମାଡ଼ିଯାଇଛି। ପୂର୍ବାହ୍ନରେ ଆଇଓସିଏଲ୍‌ର ଅଧିକାରୀ ଓ କର୍ମଚାରୀମାନେ ଏଠାରେ ପହଞ୍ଚି ତେଲ ଲିକ୍ ଓ ଚୋରାଚାଲାଣ ଘଟଣାର ତନାଘନା କରିବା ସହ ପାଇପ୍ ମରାମତି କାର୍ଯ୍ୟ କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................



ଆଦ୍ୟା ଅନୁଷ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଆତଙ୍କବାଦ ବିରୋଧରେ...

ଥର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜିନ୍‌ପିଙ୍ଗଙ୍କ ସହ ଏହା ଥିଲା ପ୍ରଥମ ବୈଠକ। ମାସେ ପୂର୍ବରୁ ଚାଇନା କଟକଣା ଉଠାଇଦେବାରୁ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ ମୁଖ୍ୟ ମାସୁଦ ଆଝାରଙ୍କୁ ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲ୍ କାଏଦା କାର୍ଯ୍ୟାନୁଷ୍ଠାନ କମିଟି ଅନ୍ତର୍ଜାତୀୟ ଆତଙ୍କବାଦୀ ଘୋଷଣା କରିଥିଲା।

ୟୁହାନରେ ମୋଦି-ଜିନ୍‌ପିଙ୍ଗ ବୈଠକ ପରେ ଭାରତ-ଚାଇନା ସମ୍ପର୍କରେ ଦ୍ରୁତ ଅଗ୍ରଗତି ହୋଇଛି। ଉଭୟ ପରସ୍ପରର ସ୍ୱାର୍ଥ ପ୍ରତି ବେଶ୍ ସମ୍ବେଦନଶୀଳ ହୋଇଛନ୍ତି। ତା' ପରଠାରୁ ଦୁଇଦେଶ ମଧ୍ୟରେ ସହଯୋଗକୁ ନୂତନ କ୍ଷେତ୍ରକୁ ଆଗେଇ ନେବାର ସୁଯୋଗ ଆସିଛି ବୋଲି ମୋଦି ଜିନ୍‌ପିଙ୍ଗଙ୍କୁ କହିଛନ୍ତି।

ଡୋକ୍‌ଲାମରେ ଦୀର୍ଘ ୭୩ ଦିନ ଧରି ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଜାରି ରହିବା ଫଳରେ ଦୁଇଦେଶର ସମ୍ପର୍କ ଅତ୍ୟନ୍ତ ତିକ୍ତ ହୋଇଥିଲା। ୨୦୧୮ ୟୁହାନ ସମ୍ମିଳନୀରେ ମୋଦି ଓ ଜିନ୍‌ପିଙ୍ଗ ଏହି ସମସ୍ୟାର ସମାଧାନ କରି ଦ୍ୱିପାକ୍ଷିକ ସମ୍ପର୍କକୁ ନୂଆ ମୋଡ଼ ଦେଇଥିଲେ। ଗତ ୫ ବର୍ଷରେ ଦୁଇନେତାଙ୍କ ମଧ୍ୟରେ ୧୦ରୁ ଅଧିକ ଥର ବୈଠକ ହୋଇଥିଲା। ପ୍ରଧାନମନ୍ତ୍ରୀ ଭାବେ ପୁନଃନିର୍ବାଚିତ ହେବା ପରେ ମୋଦି ପ୍ରଥମ ବହୁରାଷ୍ଟ୍ରୀୟ ସମ୍ମିଳନୀ ଏସ୍‌ସିଓରେ ଯୋଗଦେବା ଲାଗି ଗୁରୁବାର ବିଶ୍‌କେକ୍‌ରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଦ୍ୱିପାକ୍ଷିକ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

### କମିଲା ତାତି,...

କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଖୋର୍ଦ୍ଧା, ପୁରୀ, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାରେ ବର୍ଷା ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ମଧ୍ୟ ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଆଦି ଜିଲାରେ କାଳବୈଶାଖୀ ହେବ। ଏ ନେଇ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ପାଗ ଏହିଭଳି ରହିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି।

## ପାଠ ପଢ଼ାଇବାକୁ କି ବିବାହ କରାଇବାକୁ ସମ୍ବଳ ନାହିଁ

# ଭିନ୍ନକ୍ଷମ ଝିଅକୁ ବିକ୍ରି ପାଇଁ ବାପା ପ୍ରସ୍ତୁତ

**କନ୍ଧମାଳ, ୧୩।୬ (ଡି.ଏନ.ଏ.)**

ବୌଦ୍ଧ ଜିଲାରେ ଯୁବତୀ ଚାଲାଣ ର୍ୟାକେଟ ସକ୍ରିୟ ହୋଇ ପଡିଛନ୍ତି। ବିବାହ ନାଁରେ ପ୍ରତିବର୍ଷ ଶହ ଶହ ଯୁବତୀ ମଧ୍ୟପ୍ରଦେଶ, ଛତିଶଗଡ, ଉତ୍ତରପ୍ରଦେଶ ଓ ରାଜସ୍ଥାନ ଅଞ୍ଚଳରେ ବିକ୍ରି ହେଉଛନ୍ତି। ପୂର୍ବରୁ କନ୍ଧମାଳ ବ୍ଲକ ସିନ୍ଧୁରପୁର ଗାଁର ମଧୁ ରାଜହଂସ ତାଙ୍କ ବଡଝିଅ ଅପେଶ୍ୱରୀଙ୍କୁ ଦଲାଲ ମାଧ୍ୟମରେ ବିକ୍ରି କରିଥିବା ବେଳେ ଏବେ ମାଟ୍ରିକ ପାସ୍ କରିଥିବା ସାନ ଝିଅକୁ ରାଜ୍ୟ ବାହାରେ ବିକ୍ରି କରିବାକୁ ପ୍ରସ୍ତୁତ ହେଉଛନ୍ତି।

ମଧୁଙ୍କ ବୟସ ୬୮ ବର୍ଷ। ଚାଷଜମି କହିଲେ ଏକ ଏକର ଜମିରୁ କମ୍। ସମ୍ବଳ ନ ଥିବାରୁ ସେ ନିଜେ ଚାଷ କରିବାକୁ ସକ୍ଷମ ନୁହନ୍ତି। ଫଳରେ ଭାଗ ଚାଷରେ ଲଗେଇ ଦେଇଛନ୍ତି ଚାଷଜମି। ଆୟ କହିଲେ ସେଇ ଭାଗଚାଷର ୮ ବସ୍ତା ଧାନ। ପରିବାରରେ ସେ ଜଣେ ହିଁ ବାର୍ଦ୍ଧକ୍ୟ ଭତ୍ତା ବାବଦରେ ମାସିକ ୫ ଶହ ଟଙ୍କା ପାଆନ୍ତି। ତାଙ୍କ ସ୍ତ୍ରୀଙ୍କ ବୟସ ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ବି ସେ ଭତ୍ତା ପାଇନାହାନ୍ତି। ଭିନ୍ନକ୍ଷମ ଝିଅ ମଧ୍ୟ ଭତ୍ତା ପାଇବା କଥା। ବାରମ୍ବାର ପଞ୍ଚାୟତ ଅଫିସ୍‌କୁ ଦୌଡି ଦରଖାସ୍ତ ଦେଇ ନୟାନ୍ତ ହେଲେଣି। କିଛି ସୁଫଳ ମିଳିନାହିଁ। ପୁଅ ବି କାମକୁ ପାରିଲା ଭଳି ହୋଇନାହିଁ।



ସାନଝିଅ ସହିତ ମଧୁ।

ଭିନ୍ନକ୍ଷମ ଝିଅ ଉର୍ମିଳାର ଗୋଟେ ଆଖି ନଷ୍ଟ ହୋଇଯାଇଥିଲେ ବି ସେ ଚଳିତ ବର୍ଷ ମାଟ୍ରିକ ପାସ କରିଛନ୍ତି। ଆଗକୁ ପାଠ ପଢାଇବାକୁ ସମ୍ବଳ ନାହିଁ। ଭୋଜିଭାତ ଦେଇ ବାହା କରେଇବାକୁ ମଧୁଙ୍କ ସାହସ ହେଉନାହିଁ। ଏ ସମ୍ପର୍କରେ ମଧୁ କୁହନ୍ତି, କାଣା କରମି, ପାଠ ପଢାବାକେ କି ବିହା କରବାକେ ମୋର ବଲ ନାଇଁ। ଭାବୁଛେ, ଗରାଖି ହେଲେ ଝିକେ ବିକି ଦେମି। ମଧୁଙ୍କ କହିବା ଅନୁସାରେ, ତାଙ୍କ ଗାଁ ଓ ଆଖପାଖ ଗାଁରୁ ଅନେକ ଝିଅ ବାହାଘର ନାଁରେ ବିକ୍ରି ହେଉଛନ୍ତି। କେତେ କେତେ ଝିଅ ହଜି ଯାଉଛନ୍ତି। ତାଙ୍କର ଖୋଜ ଖବର ମିଳୁନାହିଁ। ତାଙ୍କ ବଡଝିଅ ଅପେଶ୍ୱରୀଙ୍କୁ ଗତ ୪ ବର୍ଷ ତଳେ ୨୦ ହଜାର ଟଙ୍କା ବଦଳରେ ସେ ଅଜଣା ଲୋକଙ୍କ ହାତରେ ଟେକି ଦେଇଥିଲେ। ୪ ବର୍ଷ ଭିତରେ ଝିଅ ଥରେ ଘରକୁ ଆସିଛି। ସେ କେତେବେଳେ କେମିତି ଗାଁର କାହାକୁ ଫୋନ ଲଗାଇ କଥା ହେଉଛି। ଏବେ ବିବାହ ବୋଝ ଉଠେଇବାକୁ ଅକ୍ଷମ ମଧୁ ସାନଝିଅକୁ ବିକି ଦେବାକୁ ଚାହୁଁଛନ୍ତି। ବିବାହ ନାଁରେ ଝିଅକୁ ବିକି ଦେଲାବେଳେ ବାପ ହିସାବରେ ଦୁଃଖ ଲାଗେ କି ନାଁ ପ୍ରଶ୍ନରେ ମଧୁ ଉତ୍ତର ଦିଅନ୍ତି, ଉପାୟ ବି ନାହିଁ। ଯାହା ତା'ର ଭାଗ୍ୟରେ ଥିବ ଭୋଗ କରିବ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ରାହୁଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ର ଯୋଗୁ ମାନସିକ ଓ ପାରିବାରିକ ସ୍ଥିତି ସମସ୍ୟା ବହୁଳ ହୋଇପାରେ। ତଥାପି ଦ୍ୱିଜା ନକ୍ଷତ୍ର ନିକଟସ୍ଥ ବନ୍ଧୁଙ୍କ ସହଯୋଗ ଲାଭ କରି ବହୁ ଦିନରୁ ଅଟକିଥିବା କାର୍ଯ୍ୟ ତ୍ୱରାନ୍ୱିତ କରିପାରିବେ। ପାରିବାରିକ ସ୍ତରରେ ଭାବପ୍ରବଣତା ପରିହାର କରନ୍ତୁ, ନଚେତ୍ ଅଯଥା ଦୁଶ୍ଚିନ୍ତାକୁ ଆମନ୍ତ୍ରଣ କରିବାକୁ ପଡ଼ିପାରେ।

**ବୃଷ**
ରବି ନିଜ ରାଶିରେ ନକ୍ଷତ୍ରଭିତ୍ତିରେ ରାହୁଙ୍କ ଦ୍ୱାରା ସମ୍ବନ୍ଧିତ ଯୋଗୁ ସ୍ୱାସ୍ଥ୍ୟ, ପରିବାର ଓ ପଦସ୍ଥ ବ୍ୟକ୍ତିଙ୍କ ସହ ସମ୍ପର୍କରେ ସାମାନ୍ୟ ସମସ୍ୟା ଦେଖାଦେବ। ଆଲୋଚନା ପରିସରରେ ଆପଣଙ୍କ ଅପ୍ରିୟ ସତ୍ୟ ଆକସ୍ମିକ କଳହର କାରଣ ହୋଇପାରେ। ଅତୀତର ରୋଗପୀଡ଼ା, ଶତ୍ରୁତା ଓ ଧାର କରଜ ସକାଶେ ଚିନ୍ତାକୁ ବଢ଼ାଇବ।

**ମିଥୁନ**
ଧନାଧିପତିଙ୍କ କୋଣଭାବମଣ୍ଡନ ଅର୍ଥଲାଭ, ସୁସ୍ଥ ମାନସିକତା,ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବ। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ଅସାବଧାନତା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। କୌଣସି ଅଭାବ ନ ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ମନକୁ ବିଚଳିତ କରିପାରେ।

**କର୍କଟ**
ବ୍ୟୟଭାବସ୍ଥ ମଙ୍ଗଳ ଆପଣଙ୍କ ଦୀର୍ଘଦିନର ସମ୍ପର୍କକୁ କ୍ଷୁଣ୍ଣ କରିବାର ଆଶଙ୍କା ରହିଛି। କିନ୍ତୁ ଏକାଦଶସ୍ଥ ଶୁକ୍ର ପ୍ରଭାବରୁ ଭୋଗବିଳାସ ସାଙ୍ଗକୁ ଷ୍ଟେସନାରୀ ଜିନିଷ, ନୂତନ ବସ୍ତ୍ର, ଅଳଙ୍କାର କିମ୍ବା ଗାଡ଼ି ଆଦି କ୍ରୟ କରିବାକୁ ମନ ବଳାଇବେ। ଦୀର୍ଘ ସମୟ ଗୋଟିଏ ସ୍ଥାନରେ ଅଟକି ରହି ଓ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ସିଂହ**
ବୁଧ ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ବନ୍ଧୁ ଓ ପାରିବାରିକ ସମ୍ପର୍କରେ ବ୍ୟାଘାତ ସୃଷ୍ଟି କରିବ। ଆକସ୍ମିକ ଭାବରେ କୌଣସି କାମ ସକାଶେ ଆପଣଙ୍କ ଖର୍ଚ୍ଚ ପରିମାଣ ବଢ଼ିଯିବା ସାଙ୍ଗକୁ ମନରେ ଆଶଙ୍କା ଲାଗି ରହିପାରେ। ଅବଶ୍ୟ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଲାଭବାନ ହେବେ।

**କନ୍ୟା**
ଚତୁର୍ଥାଧିପଙ୍କ ତୃତୀୟ ସ୍ଥିତି ପାରିବାରିକ ଜୀବନ ଓ ଲୋକ ସମ୍ପର୍କରେ ଶିଥିଳତା ଆଣିପାରେ। ସ୍ନାୟବିକ ଦୁର୍ବଳତା କାରଣରୁ ଆଣ୍ଠୁଠାରୁ ଗୋଡ଼ ତଳକୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବେ। ବହୁ ଦିନରୁ ଅଟକି ରହିଯାଇଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ପ୍ରଶାସନ ଓ ପ୍ରକାଶନ, ମାଲିମକଦ୍ଦମାରେ ଶୁଭଫଳ ପାଇବେ।

**ତୁଳା**
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଓ ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ କାର୍ଯ୍ୟସିଦ୍ଧି, ଯାତ୍ରା, ପ୍ରତିଯୋଗିତା, ପାରିବାରିକ ଜୀବନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଆଧ୍ୟାତ୍ମିକ ସଭା ସମିତିରେ ପ୍ରଶଂସିତ ହେବେ। ଆଶା କରିଥିବା ବନ୍ଧୁଙ୍କ ନିକଟରୁ ଧାର ସୂତ୍ରରେ ଅର୍ଥ ପାଇ କାମ ହାସଲ କରିବେ।

**ବିଛା**
ରାହୁ ନକ୍ଷତ୍ରସ୍ଥ ଦ୍ୱାଦଶ ଚନ୍ଦ୍ର ଅପବ୍ୟୟ ସାଙ୍ଗକୁ ଦୂରଯାତ୍ରା ପାଇଁ ମାନସିକ ବ୍ୟଗ୍ରତା ସୃଷ୍ଟି କରିବ। ପ୍ରତ୍ୟେକ କ୍ଷେତ୍ରରେ ଦେଖି ଚାହିଁ ବୁଝି ବିଚାରି କାମ ନ କଲେ ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି। ତଥାପି ବୈଷୟିକ ସୁଖ, ସମୃଦ୍ଧି, ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ସାମୟିକ ମନ ପ୍ରଫୁଲ୍ଲ ରହିପାରେ।

**ଧନୁ**
ଭାଗ୍ୟାଧିପ ରାଶି ଓ ଚନ୍ଦ୍ରଙ୍କଠାରୁ ଷଷ୍ଠ ଓ ଅଷ୍ଟମସ୍ଥ ଯୋଗୁ କୌଣସି କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପରିବାର ମଧ୍ୟରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କଲେ ବିବାଦ ଭିତରକୁ ଠେଲି ହୋଇ ଯାଇପାରନ୍ତି।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇଲେ ମଧ୍ୟ ସହଜ ଓ ସୁବିଧାଜନକ ସ୍ଥିତି ଖୋଜିଲେ ପାଇବେ ନାହିଁ। ବସା ବାନ୍ଧି ରହିଥିବା ଦେହର ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ହେତୁ ବ୍ୟସ୍ତ ରହିବେ। ନିର୍ମାଣାଧୀନ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ଅର୍ଥ ସମ୍ପର୍କରୁ ଖୁସି ରହିବେ ଏବଂ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ**
ଚନ୍ଦ୍ରଙ୍କ କୋଣଭାବରେ ରାହୁଙ୍କ ସହ ମଙ୍ଗଳ ଓ ବୁଧ ଦିନଚର୍ଯ୍ୟାରେ ମିଶ୍ରିତଫଳ ଅନୁଭବ କରାଇବେ। ବିବଦମାନ ପରିସ୍ଥିତିରୁ ମୁକ୍ତି ମିଳିବ, କିନ୍ତୁ ସନ୍ତୋଷ ପାଇବେ ନାହିଁ। ନିର୍ମାଣାଧୀନ କାର୍ଯ୍ୟ କିମ୍ବା ନୂଆ ଯୋଜନା ପରିକଳ୍ପନା ଉପରେ ଗୁରୁତ୍ୱ ଦେଇପାରନ୍ତି। ଘର କଥା ମନକୁ ବାରମ୍ବାର ଆଲୋଡ଼ିତ କରିବ।

**ମୀନ**
କର୍ମଭାବସ୍ଥ ଶନି ଓ କେତୁ କର୍ମକ୍ଷେତ୍ରରେ ଗୁପ୍ତ ଶତ୍ରୁତା ସୃଷ୍ଟି କରିବ। କେତେକ କ୍ଷେତ୍ରରେ ଆପଣ ମନକଥା କାହାକୁ କହିପାରୁ ନ ଥିବେ କିମ୍ବା ସମାଧାନର ରାସ୍ତା ଖୋଜି ପାଉ ନ ଥିବେ। ଏଭଳି ଏକ ପରିସ୍ଥିତିର ସମ୍ମୁଖୀନ ହୋଇ ଅଶାନ୍ତିରେ ରହିବେ। ଅବଶ୍ୟ ସଭା ସମିତିରେ ସଫଳତା ହାସଲ କରିବେ ଏବଂ ଅର୍ଥ ସଂକଟରୁ ରକ୍ଷା ପାଇଯିବେ।

ଆଜି ପହିଲି ରଜ, ଜ୍ୟେଷ୍ଠ ଶୁକ୍ଳପକ୍ଷ ଚମ୍ପକ ଦ୍ୱାଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ଗୁଆଲି ନୀତି, ମାସାନ୍ତ, ଜୁନ୍ ୧୪ ତାରିଖ, ବିଶ୍ୱ ରକ୍ତଦାତା ଦିବସ, ରାଶି ନକ୍ଷତ୍ର ଦିବା ଘ୧୧।୧୧ମି. ପରେ ବିଶାଖା/ତୁଳା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୯ମି. ମଧ୍ୟେ ଘ୪।୩୪ମି. ଗତେ, ଘ୬।୧୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୪୯ମି. ଗତେ ଘ୮।୨୧ମି. ମଧ୍ୟେ, ଘ୧୧।୪୨ମି. ଗତେ ଘ୧।୧୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ ରାହୁକାଳ।

# ଜୁଲାଇ ୮ରୁ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା

**କଟକ ଅଫିସ, ୧୩।୬**

ଆସନ୍ତା ୮ ତାରିଖରୁ ଆରମ୍ଭ ହେବ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରି ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। କେବଳ ଗଣିତ ପରୀକ୍ଷା ନିମନ୍ତେ ୧୫ ମିନିଟ ଅଧିକ ସମୟ ଦିଆଯିବ। ଏଥିପାଇଁ ଗତ ୪ ତାରିଖରୁ ଫର୍ମପୂରଣ ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୭ ତାରିଖ ହେଉଛି ଫର୍ମ ଦାଖଲର ଶେଷ ଦିନ। ବୋର୍ଡ ସମ୍ପାଦକ ରାମାଶିଷ ହାଜରା ଓ ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି ଗୁରୁବାର ବୋର୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଜୁଲାଇ ୧୪ ତାରିଖରେ ସରିବ। ତେବେ ପ୍ରଥମ ଦିନ ୮ ତାରିଖରେ ପ୍ରଥମ ଭାଷା, ୯ରେ ଦ୍ୱିତୀୟ ଭାଷା, ୧୦ରେ ତୃତୀୟ ଭାଷା ଓ ମୂକ,ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଭିଜୁଆଲ ଆର୍ଟ ଥିଓରି ପରୀକ୍ଷା, ୧୧ରେ ଗଣିତ, ୧୨ରେ ବିଜ୍ଞାନ, ୧୩ରେ ସାମାଜିକ ବିଜ୍ଞାନ ଓ ୧୪ ତାରିଖରେ ଭିଜୁଆଲ ଆର୍ଟ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେବ। ଭିଜୁଆଲ ଆର୍ଟ ଥିଓରି ପରୀକ୍ଷା କରାଯାଇଥିବା କେନ୍ଦ୍ରରେ ହିଁ ଭିଜୁଆଲ ଆର୍ଟର ପ୍ରାକ୍ଟିକାଲ ପରୀକ୍ଷା ହେବ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମଦିନ ୮ ତାରିଖରେ ଇଂଲିଶ, ୯ରେ ଓଡ଼ିଆ ଓ ଅନ୍ୟାନ୍ୟ ପ୍ରଥମ ଭାଷା, ୧୦ରେ ଗଣିତ, ୧୧ରେ ସାମାଜିକ ବିଜ୍ଞାନ, ୧୨ରେ ବିଜ୍ଞାନ, ୧୩ରେ ପେଣ୍ଟିଂ(ଥିଓରି), ୧୪ରେ ପେଣ୍ଟିଂ(ପ୍ରାକ୍ଟିକାଲ), ୧୫ରେ ଗୃହବିଜ୍ଞାନ(ଥିଓରି ଓ ପ୍ରାକ୍ଟିକାଲ), ୧୬ ତାରିଖରେ ଭାରତୀୟ ସଂସ୍କୃତି ଓ ଐତିହ୍ୟ ପରୀକ୍ଷା କରାଯିବ। ତେବେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର କେବଳ ପେଣ୍ଟିଂ ଥିଓରି ୯ଟାରୁ ୧୦ଟା ୩୦ ଓ ପେଣ୍ଟିଂ ପ୍ରାକ୍ଟିକାଲ ୯ଟାରୁ ୧୨ଟା ପର୍ଯ୍ୟନ୍ତ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରତ୍ୟେକ ମହିଳାଙ୍କ ମୃତ୍ୟୁର ହେବ ସମୀକ୍ଷା

**କଟକ ଅଫିସ, ୧୩।୬**

### ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବେ ଆଶା

୧୫ରୁ ୪୯ ବର୍ଷ ମଧ୍ୟରେ ମୃତ୍ୟୁବରଣ କରୁଥିବା ପ୍ରତ୍ୟେକ ମହିଳାଙ୍କ ମୃତ୍ୟୁର ସମୀକ୍ଷା କରାଯିବ। ବ୍ଲକ ଓ ଜିଲା ସ୍ତରରେ ଏହି କାର୍ଯ୍ୟ ଆରମ୍ଭ ହେବ। ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ଆଶାକର୍ମୀମାନେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାର ମୁଖ୍ୟଙ୍କୁ ଟେଲିଫୋନ୍‌ରେ ଅବଗତ କରାଇବେ। ଏହା ପରେ ଉର୍ଦ୍ଦିଷ୍ଟ ଏକ ଫର୍ମରେ ମୃତ ମହିଳାଙ୍କ ନାମ, ଠିକଣା, ମୃତ୍ୟୁର ସ୍ଥାନ ଇତ୍ୟାଦି ଉଲ୍ଲେଖ କରି ଉକ୍ତ ରିପୋର୍ଟକୁ ୨୪ ଘଣ୍ଟା ମଧ୍ୟରେ ନିକଟସ୍ଥ ଡାକ୍ତରଖାନା ମୁଖ୍ୟଙ୍କ ନିକଟରେ ଦାଖଲ କରିବେ। ଏହାପରେ ଡାକ୍ତରଖାନା ମୁଖ୍ୟ ମୃତ୍ୟୁର କାରଣ ତର୍ଜମା କରି ୭ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ କରିବେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ସାଲିନୀ ପଣ୍ଡିତ ରାଜ୍ୟର ସମସ୍ତ ସିଡିଏମ୍‌ଓଙ୍କ ସମେତ ମେଡିକାଲ କଲେଜଗୁଡ଼ିକୁ ଗୁରୁବାର ଚିଠି କରିଛନ୍ତି। ପ୍ରତି ମାସରେ ଏହି ମୃତ୍ୟୁର ଉଚ୍ଚସ୍ତରୀୟ ସମୀକ୍ଷା କରାଯିବ ବୋଲି ନିର୍ଦ୍ଦେଶିକା ନିଜ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉକି, ପୂର୍ବରୁ କେବଳ ମାତୃ ମୃତ୍ୟୁର ସମୀକ୍ଷା କରାଯାଉଥିଲା।


# classifieds Everyday
0674-2580101, 2549302

real estate

**SALE**

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 9370292040. D-66395

Well renovated & reputed A/C restaurant with fast food counter all modern facilities at Cuttack road, Bhubaneswar for immediate sale. Contact: 9348600654, 9437585977, 7008257791. D-56175

**Plot @ 120/- per sqft with road 20km from Cuttack, Bhubaneswar 7809525452, 8249851363.** D-66902

Ready 2BHK/3BHK flats sales at Chandrasekharpur, Patia- 7008346486, 9437192512. D-66565

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

3BHK apartment ready for sale near Pratap Nagari, Cuttack- Bhubaneswar NH facing. Built up 1400 sqft. and garage. Contact: 9040643792, 7978637083. Email: landbank.19@gmail.com (Broker excuse) D-66558

8000 sqft (25 nos) farm house land in a pollution noise free atmosphere just 100k.m from BBSR. 8763244211. D-66901

1200 sqft land, 900 sqft construction simplex, Brahmanjharilo, 6k.m from Nakhara 25lakhs LIC approved. 9861281504. D-12941

GA free hold land 2400 sqft at Bharatpur with booking builtup 2000 sqft duplex- 9937560970. D-66242

4BHK duplex with gated community at Balianta (land-1400 construction-2200 @ 55Lakh and 2600 @ 65Lakh). Contact Mplanets: 9938219397, 9861022055. D-12932

**8000 Sft plot sale at Satya Nagar, Bhubaneswar, directly buyer contact: Deepak- 9937329999 (Broker excuse).** D-66240

Yellowzone prime plot for sale at Malipada mainroad, Bhubaneswar near SUM Hospital @ 1600/- sqft. Contact: 9777063609. D-66140

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66570

3BHK ready flat with car garage at mainroad side apartment near CIFA on Bhubaneswar-Puri Road. Price 36lakh. Contact: 8895301141. D-63951

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ, ଘର, ଆପାର୍ଟମେଣ୍ଟ, ସିମ୍ପ୍ଲେକ୍ସ, Duplex କିଣିବା ବିକ୍ରୟ କରିବା ପାଇଁ ଯୋଗାଯୋଗ କରନ୍ତୁ। ପୁରୀରେ ଘରକରିବା ପାଇଁ ସହଜ କିସ୍ତିରେ ପ୍ଲଟ ବିକ୍ରୟ ଚାଲିଛି। ଯୋଗାଯୋଗ: 9438109040 / 8144658008. D-12948

Flat for sale 1414 sqft. 1st floor 105, Ratna Castle Appartment, Forest Park, Bhubaneswar. Contact: 9938363698. D-62187

ଭୁବନେଶ୍ୱର ପିତାପଲ୍ଲୀ NH-16 (ଟାଟା Motors ସାମ୍ନା) ନିକଟରେ general ପ୍ଲଟ ଏବଂ କଣ୍ଟାବାଡ଼ଠାରେ 100ft ରାସ୍ତାକୁଲାଗି ଆଦିବାସୀ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। ଯୋଗାଯୋଗ: 8093636334. D-66486

**ACCOMMODATION**

1500 sqft hall (1st floor) available at Tankapani road/ BBSR for rent. For commercial/ office. Contact- 9238306766. D-12946

healthcare

Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and full ayurvedic body massage by smart therapist: 9114402304. D-66551

Summer special mesmerizing offer expert therapeutic refreshing massage appointment. 9668374480. D-66560

Herbal full body massage by smart/expert therapist. Contact: 8338067247.D-66568

Newly opening ayurvedic body massage smart therapist, Shree herbal. 7750020754.D-66569

Full body massage with refreshment, expert therapist. 7381239385, 0674-2540855. D-66566

Experience full body massage with us (expert). Call: 7377048581, 0674- 2597822. D-66567

astrology

ଘରେ ବସି ସବୁ ସମସ୍ୟାରୁ ମୁକ୍ତି ପାଆନ୍ତୁ। ପ୍ରେମବିବାହ, ବଶୀକରଣ, ବ୍ୟବସାୟ, ସନ୍ତାନ ସମ୍ବନ୍ଧୀୟ, ଗୁଣିଗାରେଡ଼ି, ସଉତୁଣୀ ଶତ୍ରୁ ମୁକ୍ତି, ଗ୍ୟାରେଣ୍ଟି ସହ ସମାଧାନ। 9888156887. D-12935

**AFFIDAVIT**

Affidavit before Executive Magistrate, 10.06.2019, my name has changed from Tilottama Sahoo to Dali Sahoo, W/o. Dinabandhu Sahoo, At/PO-Sogar, Dist-Dhenkanal, bearing LIC Policy-588624970 and all purposes. D-66805

**ରାଜନୀତି ବିଜ୍ଞାନରେ ଡକ୍ଟରେଟ (Ph.D) ଲାଭ**



କନ୍ଧମାଳ ଜିଲା ବାଲିଗୁଡ଼ା ଆଦିବାସୀ କଲେଜ ରାଜନୀତି ବିଜ୍ଞାନ ଅଧ୍ୟାପିକା ଶ୍ରୀମତୀ ସଂଯୁକ୍ତା ନାୟକ BHANJA VIHAR UNIVERSITY (BERHAMPUR) ରେ ELECTORAL BEHAVIOUR 'A Case study of Berhumpur Assembly Constituency of Odisha' (With special reference to the 2009 election) ଉପରେ ଗବେଷଣା କରି Ph.D ଲାଭ କରିଛନ୍ତି। ସେ Ravenshaw University ର Professor Dr. Niranjan Barikଙ୍କ ଅଧୀନରେ ଗବେଷଣା କରୁଥିଲେ। ତାଙ୍କ Thesis ଟି Professor Dr. Ashok Acharya Delhi University ଙ୍କ ଦ୍ୱାରା ପରିକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। Dr. Sanjukta Nayak ବ୍ରହ୍ମପୁରର ନୀଳକଣ୍ଠ ନାୟକ ଓ ଦମୟନ୍ତୀ ଅଧିକାରୀଙ୍କ ସୁପୁତ୍ରୀ ଅଟନ୍ତି। ଏବଂ କୋଦଳା ହଂସତୁଳୀ ଗ୍ରାମର ଗୋପୀନାଥ ସ୍ୱାଇଁ ଓ ଶାନ୍ତିଲତା ସ୍ୱାଇଁଙ୍କ ପୁତ୍ର ରତ୍ନାକର ସ୍ୱାଇଁଙ୍କ ପତ୍ନୀ ଅଟନ୍ତି। ଏହି ସଫଳତା ପାଇଁ ପ୍ରଭୁ ଜଗନ୍ନାଥ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମସ୍ତ ପଦାଧିକାରୀ, ବାଲିଗୁଡ଼ା କଲେଜ ଅଧ୍ୟକ୍ଷ, ଅଧ୍ୟାପକ- ଅଧ୍ୟାପିକା, ଶୁଭାକାଂକ୍ଷୀ ଓ ଏକମାତ୍ର କନ୍ୟା ପିହୁ, ପରିବାର, ବନ୍ଧୁବାନ୍ଧବଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।
ଧ-୧୨୯୭୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରାଜ୍ୟ ସଭାରେ ଏନ୍‌ଡିଏ ସରକାର ଆଣିବାକୁ ଥିବା ତିନି ତଲାକ୍ ବିଲ୍‌କୁ ଜେଡିୟୁ ସମର୍ଥନ କରିବ ନାହିଁ ବୋଲି ଦଳର ବରିଷ୍ଠ ନେତା ତଥା ବିହାର ମନ୍ତ୍ରୀ ଏସ୍. ରଜାକ୍ କହିଛନ୍ତି। ତିନି ତଲାକ୍ ଏକ ସାମାଜିକ ପ୍ରସଙ୍ଗ ହୋଇଥିବାରୁ ସମାଜିକ ସ୍ତରରେ ଏହାର ସମାଧାନ କରାଯିବା ଉଚିତ୍। ପ୍ରକାଶଥାଉ କି, ଜେଡିୟୁ ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ୍ କୁମାର କିଛିଦିନ ତଳେ ଧାରା-୩୭୦ ଉଚ୍ଛେଦ ଓ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଆପୋଷ ଆଲୋଚନା କିମ୍ବା କୋର୍ଟ ରାୟରେ କରାଯିବା ଠିକ୍ ହେବ ବୋଲି ମତ ଦେଇଥିଲେ।

DSPL-24
STATE BLOOD TRANSFUSION COUNCIL ODISHA STATE
ବିଶ୍ୱ ରକ୍ତ ଦାତା ଦିବସ
"୧୪ ଜୁନ୍"
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
ରକ୍ତ ଦାନ କରି ଶୁଖିଲା ମୁହଁରେ ହସ ଭରିବା ଅନ୍ୟକୁ ବଞ୍ଚାଇ ନିଜେ ହସିବା
• ରାଜ୍ୟ ସରକାରଙ୍କ ତରଫରୁ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ ବିନା ମୂଲ୍ୟରେ ରକ୍ତ ଯୋଗାଇ ଦିଆଯାଉଛି।
• ଥାଲାସେମିଆ, ସିକିଲ୍‌ସେଲ୍ ଓ ହେମୋଫିଲିଆ ଆଦି ରୋଗୀମାନଙ୍କୁ ଡାକ୍ତରଖାନା ଯିବା ଆସିବା ପାଇଁ ମାସକୁ ୫୦୦ ଟଙ୍କା ଦେବାର ବ୍ୟବସ୍ଥା କରାଯାଇଛି।
• ଉପରୋକ୍ତ ସୁବିଧା ପାଇବା ପାଇଁ ଆପଣଙ୍କ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।
BLOOD DONATION CAMP
ଆସନ୍ତୁ ଆମେ ଶପଥ ନେବା ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିବା
10080/13/0001/1920
ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର




■ କୁଳପତିମାନଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବୈଠକ

# ଚଳିତ ଶିକ୍ଷାବର୍ଷରୁ ଏକକ ସିଲାବସ୍

■ ଖୁବ୍‌ଶୀଘ୍ର ପୂରଣ ହେବ ଶିକ୍ଷକ ପଦବୀ

■ ବିଦ୍ୟାର୍ଥୀ, ଅଧ୍ୟାପକଙ୍କ ନିୟମିତ ଉପସ୍ଥାନ ସୁନିଶ୍ଚିତ କରିବାକୁ ପରାମର୍ଶ

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ତଥା ଆଧୁନିକୀକରଣ ନିମନ୍ତେ ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ରାଜ୍ୟ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହ ଆଲୋଚନା କରିଛନ୍ତି। ଖାଲିଥିବା ଶିକ୍ଷକ ପଦବୀକୁ ଯଥାଶୀଘ୍ର ପୂରଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହେବ। କଲେଜ ଖୋଲିବା ମାତ୍ରେ ଅଧ୍ୟାପକ ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ କରାଯିବ। କେଉଁ ବିଶ୍ୱବିଦ୍ୟାଳୟ ଓ କଲେଜରେ କେଉଁ କେଉଁ ପଦବୀ କେତେ ସଂଖ୍ୟକ ଖାଲି ପଡ଼ିଛି, ତା'ର ତାଲିକା ପ୍ରସ୍ତୁତ କରି ୭ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ରିପୋର୍ଟ ଦେବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଚଳିତ ଶିକ୍ଷାବର୍ଷଠାରୁ ଓଡ଼ିଶାରେ ଅଣ୍ଡର ଗ୍ରାଜୁଏଟ କଲେଜଗୁଡ଼ିକରେ ଏକକ ସିଲାବସ୍ ଲାଗୁ ହେବା ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ସେହିପରି ବିଦ୍ୟାର୍ଥୀ ତଥା ଅଧ୍ୟାପକମାନଙ୍କ ନିୟମିତ ଉପସ୍ଥାନକୁ ସୁନିଶ୍ଚିତ କରିବା ନିମନ୍ତେ ମଧ୍ୟ ମନ୍ତ୍ରୀ କୁଳପତିମାନଙ୍କୁ ପରାମର୍ଶ ଦେଇଥିଲେ।

ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟ, ଚଳିତ ଶିକ୍ଷା ବ୍ୟବସ୍ଥାର ଉନ୍ନତୀକରଣ, ଆଧୁନିକୀକରଣ ଏବଂ ଗୁଣାତ୍ମକ ମାନବୃଦ୍ଧି ନିମନ୍ତେ କ'ଣ ପଦକ୍ଷେପ ଗ୍ରହଣ କରାଯାଇପାରିବ, ସେ ସମ୍ପର୍କରେ ଉପସ୍ଥିତ ରାଜ୍ୟର ୧୧ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। କୁଳପତିମାନଙ୍କଠାରୁ ସେମାନଙ୍କ ପରାମର୍ଶ ଏବଂ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସମସ୍ୟାଗୁଡ଼ିକର ଯଥାଶୀଘ୍ର ସମାଧାନ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ଉନ୍ନତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଶିକ୍ଷାଦାନ ପ୍ରକ୍ରିୟାକୁ ବିଶ୍ୱସ୍ତରୀୟ କରିବା ସହିତ ଗବେଷଣାକୁ ପ୍ରୋତ୍ସାହନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଅନୁପ୍ରବେଶକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ବୈଠକରେ ସ୍ପଷ୍ଟ ଭାବେ ଜଣାଇଥିଲେ। ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ସାଧାରଣ ପ୍ରବେଶ ପରୀକ୍ଷା, ସ୍ନାତକ ସ୍ତରରେ ଏକକ ସିଲାବସ୍ ପ୍ରଚଳନ, ସ୍ନାତକ ଏବଂ ସ୍ନାତକୋତ୍ତର/ସ୍ୱୟଂଶାସିତ ସ୍ତରରେ ଅନୁଷ୍ଠିତ ପରୀକ୍ଷାରେ ସୁଧାର ଆଣିବା, ଫଳ ପ୍ରକାଶନ ଠିକ୍ ସମୟରେ କରିବା ଓ ସ୍ନାତକଧାରୀଙ୍କୁ ନିର୍ଦ୍ଧାରିତ ସମୟରେ ସାର୍ଟିଫିକେଟ୍ ପ୍ରଦାନ କରିବା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି ଉଚ୍ଚସ୍ତରୀୟ ବୈଠକରେ ବିଭାଗୀୟ ଶାସନ ସଚିବ ଶାଶ୍ୱତ ମିଶ୍ର ଉଚ୍ଚଶିକ୍ଷାରେ ଗୁଣାତ୍ମକ ବିକାଶ ଓ ସଂସ୍କାର ଆଣିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ପ୍ରତ୍ୟେକ ମହାବିଦ୍ୟାଳୟ ନାକ୍ ମାନ୍ୟତା ଲାଭ କରିବା ନିମନ୍ତେ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ପରିଷଦ ସଦସ୍ୟ ସଚିବ କୃପାସିନ୍ଧୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଆବଶ୍ୟକ**

**ରୋଷେୟା (ଶେଫ୍) - ୧**
ପ୍ରତିଷ୍ଠିତ ହୋଟେଲରେ ରୋଷେୟା ଭାବେ ପ୍ରାର୍ଥୀଙ୍କର ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। କଣ୍ଟିନେଣ୍ଟାଲ, ଇଣ୍ଡିଆନ୍ ଓ ଚାଇନିଜ୍ ଖାଦ୍ୟ ପ୍ରସ୍ତୁତ କରିପାରୁଥିବା ଦକ୍ଷ ପ୍ରାର୍ଥୀ ଆବଶ୍ୟକ।

**କିଚେନ ଆସିଷ୍ଟାଣ୍ଟ - ୨**
ପ୍ରତିଷ୍ଠିତ ହୋଟେଲରେ ପ୍ରାର୍ଥୀଙ୍କର ଅନ୍ୟୂନ ୨ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ ଏବଂ ସମସ୍ତ ସାମଗ୍ରୀ ପ୍ରସ୍ତୁତ କରିବାରେ ସେ ପାରଙ୍ଗମ ହୋଇଥିବା ଜରୁରୀ।

**ବାର୍ ଟେଣ୍ଡର - ୧**
ପ୍ରତିଷ୍ଠିତ ହୋଟେଲ ବା ବାର୍‌ରେ ପ୍ରାର୍ଥୀଙ୍କର ୨ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।

**ବି.ଦ୍ର.:** ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍ ଆଇଡି ଓ ଠିକଣାରେ ଆସନ୍ତା ୭ଦିନ ମଧ୍ୟରେ ଦରଖାସ୍ତ ପଠାଇବେ।

**PRESS CLUB OF ODISHA**
Master Canteen Chhak, Unit - 3, BBSR
E-mail: tatzaudi@yahoo.com

କରନ୍ତୁ ନିଜ ବୈବାହିକ ଜୀବନକୁ ଆହୁରି ମଜାଦାର...
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ।
only Effect No Side Effect
ପୁରୁଷଙ୍କଠାରେ ଦେଖାଦେଉଥିବା "ପୌରୁଷ ସମସ୍ୟା", ଶୀଘ୍ରପତନକୁ ଦୂର କରିବା, ନପୁଂସକତା ଓ ଏପରି ଅନ୍ୟାନ୍ୟ ସମସ୍ତ ସମସ୍ୟାକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରନ୍ତୁ ଏବଂ ଏପରି ବୈବାହିକ ସମସ୍ୟାରୁ ମୁକ୍ତି ପାଆନ୍ତୁ।
Play Win Oil — Play Win Capsule
Rajnish Wellness Limited A BSE Listed Company
SS : Mahendra Pharma / ODD
Trade Enquiry : 08657520093
ତେଲ କ୍ୟାପ୍‌ସୁଲ
ପ୍ଲେ-ୱିନ୍ କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ | www.playwincapsule.com
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

## JAWAHAR NAVODAYA VIDYALAYA

**AT/PO.- KHATIGUDA, DIST.-NABATANGPUR, ODISHA, PIN-764085**
**Ref.F.3-2/JNV/KTG/NBPR(O)/2019-20/, Dated: 12.06.2019**

**NOTIFICATION FOR WALK- IN-INTERVIEW FOR THE POST OF MATRON**

Two posts of matron will be appointed in Jawahar Navodaya Vidyalaya, Khatiguda, Dist - Nabarangpur (Odisha) purely on Contract basis for the session 2019-20 to look after the girl students in the respective Hostels. Applications are hereby invited for the above mentioned post from intrested female candidates which includes windows or divorcees as per the criteria given below. Preference shall however be given to the candidates of war windows, windows of Govt. servants who have died in harness and ladies without encumbrances.

| | | |
|---|---|---|
| 1. | No. of post vacant | 02 (Two) |
| 2. | Salary/Honorarium | Monthly remuneration as fixed by NVS. |
| 3. | Age limit | Between 35 and 50 years of age as on 30.06.2019. |
| 4. | Educational qualification | Pass class X |
| 5. | Method of Appointment | The post is for only female candidate and the appointment will be on purely contract basis for the session 2019-20. |

The Application should contain the name of the candidate, Qualification, Date of Birth, Marital status, sex, Complete postal Address, Mobile No., Aadhaar no. etc. Along with Xerox copies of certificate and a passport size photograph duly attested by Gazetted Officer, Further, the eligible candidates are requested to attend the Walk-in-Interview on 22.06.2019 from10.00 A.M to 04.00 P.M. The submission of application and attending the Walk-in-Interview does not confer any candidate for selection or appointment to the said post. Please note that, no TA/DA will be given for attending the Walk-in-Interview.

*Sd./- PRINCIPAL*

# ମାଟ୍ରିକ ପରୀକ୍ଷା: ଇଂଲିଶରେ ଫେଲ୍ ହୋଇଛନ୍ତି ୬୦ ହଜାର

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଚଳିତବର୍ଷ ମାଟ୍ରିକ ପାସ୍ ହାର ଚିନ୍ତାଜନକ ହୋଇଛି। ଏଥର ପରୀକ୍ଷାରେ ଇଂଲିଶ ବିଷୟରେ ଫେଲ୍ ହାର ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇଛି। ମୋଟ ୧ଲକ୍ଷ ୬୩ହଜାର ୯୫୪ ଛାତ୍ରୀଛାତ୍ର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଫେଲ୍ ହୋଇଥିବା ବେଳେ ସେଥିମଧ୍ୟରୁ ୬୦ହଜାର ଛାତ୍ରୀଛାତ୍ର କେବଳ ଇଂଲିଶ ବିଷୟରେ ଫେଲ୍ ହୋଇଛନ୍ତି। ସେହିପରି 'ଇ' ଗ୍ରେଡ୍ ରଖି ୧ଲକ୍ଷ ୨୨ହଜାର ୬୨ଜଣ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି। ସେଥିମଧ୍ୟରୁ ୭୩ ପ୍ରତିଶତ ଇଂଲିଶରେ ଜଷ୍ଟ ପାସ୍ କରିଛନ୍ତି। ବର୍ଷ ବର୍ଷ ଧରି ଇଂଲିଶରେ ପାସ୍ ହାର କମିଚାଲିଥିବାରୁ ଗଣଶିକ୍ଷା ବିଭାଗର ଚିନ୍ତା ବଢ଼ିଯାଇଛି। ଚଳିତବର୍ଷ ଇଂଲିଶରେ ଖରାପ କରିଥିବା ସ୍କୁଲଗୁଡ଼ିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରିପୋର୍ଟ ମାଗିଛି। ଏ ନେଇ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଶୂନ ଫଳ କରିଥିବା ୮୨ ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଛାତ୍ରୀଛାତ୍ରଙ୍କୁ ସ୍କୁଲସ୍ତରରେ ସ୍ପୋକନ୍ ଇଂଲିଶ କ୍ଲାସ୍ ଯୋଗାଇ ଦିଆଯିବ।

■ ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ନିର୍ଯାତନା ଘଟଣା

# କମାଣ୍ଡାଣ୍ଟଙ୍କୁ ରିପୋର୍ଟ ତଲବ

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଚନ୍ଦକାସ୍ଥିତ ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ନିର୍ଯାତନା ଦିଆଯାଉଥିବା ନେଇ ବୁଧବାର ଜଣେ ଟ୍ରେନି ଏସ୍‌ଆଇ ବିଶ୍ୱଜିତ୍ ବେହେରା ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ଏଥିସହ ଅନ୍ୟ କେତେଜଣ ମଧ୍ୟ ଗଣମାଧ୍ୟମ ଆଗରେ ଅଭିଯୋଗ ଆଣିଥିଲେ। ତେବେ ଏସ୍‌ଓଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂଙ୍କ ବିରୋଧରେ ଆସିଥିବା ଦୁର୍ବ୍ୟବହାର ଓ ନିର୍ଯାତନା ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରିଛି ପୋଲିସ ବିଭାଗ। ପୋଲିସ ଡିଜି ଆର୍.ପି. ଶର୍ମା ଛୁଟିରେ ଥିବାରୁ ଗୁରୁବାର ଘଟଣା ସଂକ୍ରାନ୍ତରେ କମାଣ୍ଡାଣ୍ଟ ସିଂଙ୍କୁ ରିପୋର୍ଟ ତଲବ କରିଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ। ରିପୋର୍ଟ ଆସିବା ପରେ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପାଧ୍ୟାୟ କହିଛନ୍ତି।

ଅନ୍ୟପକ୍ଷରେ ନିର୍ଯାତନା ଘଟଣାକୁ ନେଇ ଗୁରୁବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଟ୍ରେନିଂ ସେଣ୍ଟରର ପରିଚାଳନା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜର ପଡ଼ିଛି। ମିଳିଥିବା ସୂଚନାନୁସାରେ, ଅଭିଯୋଗ ସଂକ୍ରାନ୍ତରେ ତନାଘନା ଆରମ୍ଭ ହୋଇଥିବାବେଳେ କମାଣ୍ଡାଣ୍ଟ ସିଂ ମଧ୍ୟ ଏ ସଂକ୍ରାନ୍ତରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଅଭିଯୋଗ ଆଣିଥିବା ଏସ୍‌ଆଇ ବେହେରାଙ୍କ ନାଁରେ ମଧ୍ୟ ମୌଖିକ ଭାବେ କେତେକ ଅଭିଯୋଗ କରିଛନ୍ତି। ଏସବୁ ଘଟଣାକୁ ନେଇ ଏସଆଇ ବେହେରା କହିଛନ୍ତି, ପୂର୍ବରୁ ଯେତେବେଳେ ଟ୍ରେନିଂ ପାଇଁ ଆସିଥିଲି ସେତେବେଳେ ମୋର ଲିଗାମେଣ୍ଟ ସମସ୍ୟା ରହିଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାରୁ ତାଙ୍କୁ ଟ୍ରେନିଂ ନେବାକୁ ମନା କରାଯାଇଥିଲା। ଟ୍ରେନିଂ ସେଣ୍ଟରରେ କୌଣସି ପ୍ରକାର ଠକି ନାହାନ୍ତି କି ଲୁଚିକରି ଯାଇନାହାନ୍ତି। ଟ୍ରେନିଂ ସମୟରେ ୨ଟି ପ୍ରୋସିଡିଂ ଥିବା ନେଇ ଯେଉଁ ଅଭିଯୋଗ ଅଣାଯାଉଛି ତାହାର ବାସ୍ତବତା ଉପସ୍ଥାପନ କରାଯାଉ। ଟ୍ରେନିଂ ସମୟରେ କମାଣ୍ଡାଣ୍ଟ ସିଂ ଯେଭଳି ଭାବେ ଖରାପ ବ୍ୟବହାର କରିବା ସହ ନିର୍ଯାତନା ଦେଇଛନ୍ତି ତାହା ଠିକ୍ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ନିର୍ଯାତନା ଦିଆଯାଉଥିବା ନେଇ କେନ୍ଦୁଝର ଜିଲା ଘଟଗାଁ ଥାନାର ଏସ୍‌ଆଇ ବେହେରା ମଧ୍ୟ କମାଣ୍ଡାଣ୍ଟ ତଥା ଆଇପିଏସ୍ ଅଧିକାରୀ ଅନିରୁଦ୍ଧ ସିଂଙ୍କ ବିରୋଧରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଓ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟକୁ ଅନ୍‌ଲାଇନ୍‌ରେ ଅଭିଯୋଗ ପଠାଇଛନ୍ତି।

DSPL - 26
ସତ୍ୟମେବ ଜୟତେ

**ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ବାର୍ତ୍ତା**

ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ **ବିଶ୍ୱ ରକ୍ତଦାତା ଦିବସ** ରୂପେ ପାଳନ କରାଯାଉଛି। ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ରକ୍ତଦାତା ମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ ରକ୍ତର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏହାଦ୍ୱାରା ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡ଼ି ପଡୁଥିବା ଜୀବନକୁ ବଞ୍ଚାଇବାରେ ସହଯୋଗ କରି ଜୀବନ ସାର୍ଥକ କରିପାରିବା।

ଆଜିର ଏହି ଦିବସରେ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ଶୁଖିଲା ମୁହଁରେ ହସ ଭରିବା ଓ ଅନ୍ୟକୁ ବଞ୍ଚାଇ ନିଜେ ହସିବା। ଆମ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା
10080/13/0002/1920

DSPL - 26

**ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ବାର୍ତ୍ତା**

ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ **ବିଶ୍ୱ ରକ୍ତଦାତା ଦିବସ** ରୂପେ ପାଳନ କରାଯାଉଛି। ଏହି ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ରକ୍ତଦାତାମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ ରକ୍ତର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବିଶୁଦ୍ଧ ରକ୍ତ ଯୋଗାଇବା ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ଜୀବନ ବଂଚାଇବାରେ ସହଯୋଗର ହାତ ବଢ଼ାଇ ଜୀବନ ସାର୍ଥକ କରିବା ନିମନ୍ତେ ଆମ୍ଭେମାନେ ବ୍ରତୀ ହେବା ବାଞ୍ଛନୀୟ।

ଆଜିର ଏହି ଦିବସରେ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ରକ୍ତଦାନ କରି ଶୁଖିଲା ମୁହଁରେ ହସ ଭରିବା, ଅନ୍ୟକୁ ବଂଚାଇ ନିଜେ ହସିବା। ଆମ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭକାମନା।

(ନବକିଶୋର ଦାସ)
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା
10080/13/0002/1920

CLASSIFIED DISPLAY

Life Care Emporium — Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

AARYAN GURUKUL HIGHER SECONDARY SCHOOL
ADMISSION OPEN - 2019
For +2 & +3 (Science & Commerce)
NEET Result - 2019
561 NILAMADHAB RATH, 557 BANDANA PATRA, 551 A. CHITUN PATRA, 539 SUDHA RANI SAHU, 412 SIBA SANKAR NAYAK
CORPORATE OFFICE: Room No. - 2, BDA Complex, New Bus Stand, Berhampur - 1
CAMPUS: Bhumishree, Bhabinipur Berhampur - 761001
Contact: 7440077777, 8984099999, 9238388888, 8260054321, 8895050505, 7008020601

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

ମଣିଷ ଯାହାକୁ ପାପ ବୋଲି କହେ- ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି- ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ- ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି- ତୁମେ କେବଳ ତାକୁ ଇ ଗ୍ରହଣ କର।

-ଶ୍ରୀଅରବିନ୍ଦ

# ଗଡ଼ାଣିରେ ଅର୍ଥନୀତି

ଭାରତ ସରକାରଙ୍କ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ୍ ଚଳିତ ସପ୍ତାହରେ ଦେଶର ଜିଡିପି ଆକଳନ ସମ୍ପର୍କରେ ଏକ କଟୁସତ୍ୟ ପ୍ରକାଶ କରି ଏକପ୍ରକାର ବୋମା ପକାଇବା ପରି କାମ କରିଛନ୍ତି। ତାଙ୍କ ବିସ୍ଫୋରକ ବୟାନ ଅନୁସାରେ କେନ୍ଦ୍ର ସରକାର ବାସ୍ତବ ଅଭିବୃଦ୍ଧି ହାରକୁ ଲୁଚାଇ ଚଞ୍ଚକତାପୂର୍ଣ୍ଣଭାବେ ଏହାକୁ ୨.୫ ପ୍ରତିଶତ ବଢ଼ାଇ ଆକଳନ କରିଛନ୍ତି। ତାଙ୍କ ମତରେ ଏହାକୁ ନ ଲୁଚାଇ ଯଦି ଆଗରୁ ପ୍ରକାଶ କରାଯାଇଥାନ୍ତା, ତେବେ ବ୍ୟାଙ୍କିଙ୍ଗ୍ ଓ କୃଷିକ୍ଷେତ୍ରରେ ଦେଖାଯାଉଥିବା ଆହ୍ୱାନକୁ ସମ୍ମୁଖୀନ ହେବା ପାଇଁ ଜରୁରିକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଇପାରିଥାନ୍ତା। ତେବେ ଅଭିବୃଦ୍ଧି ହ୍ରାସ ପାଇବାର କାରଣ ସ୍ୱରୂପ ସେ ଦୁର୍ବଳ ନିଯୁକ୍ତି ସୁଯୋଗ ଓ ଆର୍ଥିକ ଚାପକୁ ଦାୟୀ କରିଛନ୍ତି।

ରାଷ୍ଟ୍ରୀୟ ନମୁନା ସର୍ବେକ୍ଷଣ ସଂଗଠନ (ଏନ୍ଏସ୍ଏସ୍ଓ)ର ତଥ୍ୟ ଅନୁସାରେ ଦେଶରେ ନିଯୁକ୍ତିହୀନତା ଗତ ୪୫ ବର୍ଷ ଭିତରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ମୋଟ ବେକାରି ବୃଦ୍ଧି ୬.୧ ପ୍ରତିଶତରେ ପହଞ୍ଚିଛି। ଗ୍ରାମାଞ୍ଚଳ ବେକାରି ୫.୩ ପ୍ରତିଶତ ବୃଦ୍ଧିପାଇଥିବା ବେଳେ ସହରାଞ୍ଚଳ ବେକାରି ୭.୮ ପ୍ରତିଶତ ବୃଦ୍ଧିପାଇଛି। ତେବେ ପୂର୍ବତନ ସିଇଏଙ୍କ ଯୁକ୍ତିକୁ ସରକାର ଖଣ୍ଡନ କରିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସରକାର ନିଜର ସ୍ଥିତିରକ୍ଷା ପାଇଁ ଯାହା ବି ଦାବି କରନ୍ତୁ ନା କାହିଁକି ତାକୁ ଏବେ କେବଳ ପଶ୍ଚାତ୍‌ଚିନ୍ତନ ବା ପଚ୍ଛବୁଦ୍ଧି ଭାବେ ବିଚାର କରାଯିବ। ଦେଶର ଅର୍ଥନୀତି ଏବେ କେତେବର୍ଷ ହେଲା ମାନ୍ଦାବସ୍ଥା ଦେଇ ଗତି କରୁଛି। ଏହା ଇସ୍ପାତ, ବୟନ, ନିର୍ମାଣଠାରୁ ଆରମ୍ଭ କରି ଅଟୋମୋବାଇଲ ଓ ରପ୍ତାନି ପର୍ଯ୍ୟନ୍ତ ସବୁ କ୍ଷେତ୍ରକୁ ପ୍ରଭାବିତ କରୁଛି। ନିର୍ମାଣ, ଖଣି ଓ ରିୟଲ ଇଷ୍ଟେଟ୍ ପରି କ୍ଷେତ୍ରରେ ପୁଞ୍ଜିନିବେଶ ଉଲ୍ଲେଖନୀୟଭାବେ ହ୍ରାସ ପାଇଛି। ଗତ ଡିସେମ୍ବରରେ ଶେଷ ହେଉଥିବା ତ୍ରିମାସୀରେ ପୂର୍ବ ବର୍ଷ ସମାନ ସମୟ ତୁଳନାରେ କୋଠାନିର୍ମାଣ ଓ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ପୁଞ୍ଜିନିବେଶ ୮୦ ପ୍ରତିଶତ ହ୍ରାସ ପାଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଭାରତ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କରେ ତଳକୁ ଖସିବା ପରିପ୍ରେକ୍ଷୀରେ ଭାରତ ପ୍ରଖର ମାନ୍ଦାବସ୍ଥାର ସମ୍ମୁଖୀନ ହୋଇପାରେ।

## ଆଜିର ଅର୍ଥନୀତି

ଏନ୍ଏସ୍ଏସ୍ଓର ତଥ୍ୟ ଅନୁସାରେ ନଭେମ୍ବର ୨୦୧୬ର ବିମୁଦ୍ରୀକରଣ ପରଠାରୁ ଏପର୍ଯ୍ୟନ୍ତ ୫୦ ଲକ୍ଷ ଲୋକ ନିଯୁକ୍ତି ହରାଇଛନ୍ତି, ୧୩ ବର୍ଷ ପରେ ସ୍କୁଟର ବିକ୍ରିରେ ହ୍ରାସ ଘଟିଛି, କାର୍ ବିକ୍ରି ପାଞ୍ଚବର୍ଷ ତଳେ ଥିବା ଟାର୍ଗେଟକୁ ଖସିଆସିଛି, ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ମାର୍ଚ୍ଚ ୨୦୧୯ ସୁଦ୍ଧା ୨୧ ମାସ ତଳକୁ ଖସିଯାଇଛି ଏବଂ ଲୋକମାନଙ୍କର ପାରିବାରିକ ସଞ୍ଚୟ ୨୦ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ମେ ମାସରେ ଗତବର୍ଷର ସମାନ ସମୟ ତୁଳନାରେ ଯାତ୍ରୀବାହୀ ଗାଡ଼ି ବିକ୍ରି ୨୦.୫୫ ପ୍ରତିଶତ ହ୍ରାସ ପାଇଛି, ଯାହା ଗତ ୧୮ ବର୍ଷରେ ସର୍ବନିମ୍ନ। କ୍ରେଡିଟ ହ୍ରାସ ପାଇବା, ନିୟମରେ ପରିବର୍ତ୍ତନ ଏବଂ ମାନ୍ଦା ଅର୍ଥନୀତି ଯୋଗୁ ଏହି ଶିଳ୍ପ ଅତ୍ୟନ୍ତ ଦୁଃସ୍ଥିତି ଦେଇ ଗତି କରୁଛି। ତଥ୍ୟ ଅନୁସାରେ ଗାଡ଼ି ବିକ୍ରି କମିବା, ପ୍ରତ୍ୟକ୍ଷ ଟିକସ ଆଦାୟ ହ୍ରାସ ପାଇବା ଏବଂ ପାରିବାରିକ ସଞ୍ଚୟ ହ୍ରାସ ପାଇବା ଯୋଗୁ ବିତିଯାଉଥିବା ପ୍ରତ୍ୟେକ ମାସରେ ପରିସ୍ଥିତି ଜଟିଳରୁ ଜଟିଳତର ହେବାରେ ଲାଗିଛି।

ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଅଭିବୃଦ୍ଧି ଜାନୁୟାରୀ-ମାର୍ଚ୍ଚ ୨୦୧୯ ତ୍ରିମାସୀରେ ୫.୮ ପ୍ରତିଶତ ଥିଲା, ଯାହା ପୂରା ବର୍ଷର ଅଭିବୃଦ୍ଧି ହାରକୁ ପାଞ୍ଚବର୍ଷର ସର୍ବନିମ୍ନ ସ୍ତର ୬.୮ ପ୍ରତିଶତକୁ କମାଇଦେଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ଗତ ସପ୍ତାହରେ ପ୍ରକାଶିତ ସଦ୍ୟତମ ଉପଭୋକ୍ତା ବିଶ୍ୱାସ ସର୍ବେକ୍ଷଣ (ସିସିଏସ୍)ର ରିପୋର୍ଟ ଅନୁଯାୟୀ ସର୍ବେକ୍ଷଣରେ ଭାଗନେଇଥିବା ଉତ୍ତରଦାତାମାନେ ଭାବୁଛନ୍ତି ଯେ ସେମାନେ ଆଗକୁ ଅଧିକ ଖର୍ଚ୍ଚ କରିବେ, ସେହି ଅନୁସାରେ ଜାନୁୟାରୀ-ମାର୍ଚ୍ଚ ୨୦୧୯ ତ୍ରିମାସୀରେ ଭାରତର ଜିଡିପି ୫.୮ ପ୍ରତିଶତ ଆକଳନ କରାଯାଇଛି। ସେହିହିସାବରେ ଦେଶର ସାରା ବର୍ଷର ଅଭିବୃଦ୍ଧି ହାର ପାଞ୍ଚବର୍ଷର ସର୍ବନିମ୍ନ ସ୍ତର ୬.୮ ପ୍ରତିଶତରେ ପହଞ୍ଚିଛି। ଏଭଳି ଚିନ୍ତାଜନକ ତଥ୍ୟ ପ୍ରକାଶ ପାଇବା ସତ୍ତ୍ୱେ ଗାଲୁଆଙ୍କ ପରି ସରକାର କହୁଛନ୍ତି ଯେ ଆମେ ସେପରି କିଛି ଗୁରୁତର ଅର୍ଥନୈତିକ ସମସ୍ୟାର ସମ୍ମୁଖୀନ ହୋଇନାହୁଁ। ତେବେ ଭଲ କଥା ହେଉଛି, ସରକାର ଏକ କ୍ଷମତାସମ୍ପନ୍ନ ମନ୍ତ୍ରୀ ଗୋଷ୍ଠୀ (ଇଜିଏମ୍) ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି ଯେଉଁମାନେ ନିଯୁକ୍ତି ବୃଦ୍ଧି ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମାର୍ଗଦର୍ଶନ କରିବେ। ତେବେ ଏଠାରେ ସ୍ମରଣଯୋଗ୍ୟ ଯେ ପ୍ରଥମ ପାଳି ମୋଦି ସରକାର କ୍ଷମତାକୁ ଆସିବା ପରେ ଇଜିଏମ୍‌କୁ ଭାଙ୍ଗିଦେଇଥିଲେ।

ଆମର ଏକ ସମସ୍ୟା ଅଛି ବୋଲି ଗ୍ରହଣ କରିବାକୁ ସରକାର ପ୍ରସ୍ତୁତ ହେବା ଆବଶ୍ୟକ। ସରକାର ନିଜର ଗାଲୁଆପଣ ତ୍ୟାଗକରିବା ଉଚିତ। ଯଥାଶୀଘ୍ର ସମ୍ଭବ ଆର୍ଥିକ ମାନ୍ଦାବସ୍ଥାର କାରଣ ନିର୍ଦ୍ଧାରଣ କରି ତା'ର ନିରାକରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଗାଡ଼ି ଶିଳ୍ପକୁ ପୁଣି ପୂର୍ବ ପରି ଚଳମାନ ଅବସ୍ଥାକୁ ଫେରାଇ ଆଣିବାକୁ ହେବ। ଏଥିପାଇଁ ଯେଉଁସବୁ ପଦକ୍ଷେପ ନିଆଯିବା ଉଚିତ ସେଗୁଡ଼ିକ ମଧ୍ୟରେ ରହିଛି: ସବୁ ପ୍ରକାର ଗାଡ଼ି ଉପରୁ ଜିଏସ୍‌ଟି ୨୮ରୁ ୧୮ ପ୍ରତିଶତକୁ ହ୍ରାସ କରିବା, ଘରୋଇ ପୁଞ୍ଜିନିବେଶକୁ କ୍ରିୟାଶୀଳ କରିବା ଲାଗି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଥିବା ଅଡୁଆଗୁଡ଼ିକୁ ସଫା କରିବା ଇତ୍ୟାଦି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଜୁନ୍ ୧୯୯୪

- ବିହାରର ବୋକାରୋ ଜିଲାର ଅମଲାବାଦଠାରେ ଦାମୋଦର ନଦୀରେ ଏକ ନୌକା ବୁଡି ୬୦ଜଣ ଲୋକଙ୍କ ପ୍ରାଣହାନି।
- ନିର୍ବାଚନ ସଂସ୍କାର ନେଇ ପ୍ରସ୍ତାବିତ ଦୁଇଟି ବିଲ୍ ମଧ୍ୟରୁ ଲୋକ ସଭାରେ ଲୋକପ୍ରତିନିଧି ଆଇନ ସଂଶୋଧନ ବିଲ୍ ଆଗତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | | 3 | | 9 | B | | | 7 | | | |
| 9 | | | | | | 8 | | | B | | | | 5 | |
| | A | | | | | | E | | 0 | C | | 8 | 4 | 7 |
| | | | A | | | | C | 1 | | | | | | D |
| | | | 5 | 1 | | | D | 7 | | 2 | 4 | | E | |
| | | | | | | | | 3 | | | | | | 6 |
| 3 | | | 4 | D | | | | | A | | 6 | | | |
| 8 | | | | 0 | | | | C | | D | | 4 | | |
| E | | | | 6 | | | 4 | | | | | 2 | 8 | |
| | | | 8 | | 7 | D | A | | | 1 | | B | | C |
| 4 | | 5 | 6 | | D | 7 | | | | | A | | | |
| | | | | 8 | | 0 | | 2 | 3 | | | 9 | A | B |
| A | | | | 9 | | | | | | | 1 | | | |
| 1 | | | | 4 | | 6 | | | E | 7 | 0 | | | |
| B | | | 3 | | | | | | 6 | | | | 2 | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ଯାନବାହନରୁ ବାୟୁ ପ୍ରଦୂଷଣ ଓ ବିଏସ୍-୬



ଡ. ରମେଶ ଚନ୍ଦ୍ର ପରିଡ଼ା

ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ବିସ୍ତାରିତ ଶିଳ୍ପାୟନ ଓ ନଗରୀକରଣ, ବୃଦ୍ଧିପ୍ରାପ୍ତ ଯାନବାହନର ସଂଖ୍ୟା ତଥା ଅନ୍ୟାନ୍ୟ ବହୁ ମାନବୀୟ କାର୍ଯ୍ୟକଳାପ ହେତୁ ବାୟୁ ପ୍ରଦୂଷଣ ସମସ୍ୟା ଜଟିଳରୁ ଜଟିଳତର ହେବାରେ ଲାଗିଛି। ଫଳରେ ଗଭୀର ଭାବେ ପ୍ରଭାବିତ ହେଉଛି ଜନସ୍ୱାସ୍ଥ୍ୟ, କୃଷି ଏବଂ ପରିବେଶ ଓ ପରିସଂସ୍ଥା। ଏହାର ଅର୍ଥନୈତିକ ମୂଲ୍ୟ ଟ୍ରିଲିୟନ ଟ୍ରିଲିୟନ ଡଲାର ହେବ ବୋଲି ୱାର୍ଲଡ ୱାଚ୍ ସଂସ୍ଥାର ମତ। ଉଦାହରଣସ୍ୱରୂପ ଗ୍ଲୋବାଲ ଏନଭାଇରନ୍‌ମେଣ୍ଟ ଆଉଟଲୁକ୍‌ର ୨୦୧୭ ମସିହାରେ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୧୩ରେ ଏହା ଥିଲା ବିଶ୍ୱରେ ୫.୫ ନିୟୁତ ଲୋକଙ୍କ ଅକାଳ ମୃତ୍ୟୁର କାରଣ ଏବଂ ସେମାନଙ୍କ ମଧ୍ୟରେ ୧.୫ ନିୟୁତ ଥିଲେ ଭାରତୀୟ। ଅନ୍ୟପକ୍ଷରେ ବିଶ୍ୱବ୍ୟାଙ୍କ ଏମାନଙ୍କ ସଂଖ୍ୟା ୨୦୧୮ ମସିହାରେ ୮.୮ ନିୟୁତ ଥିଲା ବୋଲି ଆକଳନ କରିଛି। ଏହା ବ୍ୟତୀତ, ରୋଗ-ବ୍ୟାଧି ହେତୁ ମଧ୍ୟ ଘଟୁଛି ବିପୁଳ ମାନବ ସମ୍ବଳର ଅପଚୟ। ସେହିପରି ବିଶ୍ୱ କୃଷି ସଂସ୍ଥାର ସୂଚନା ଅନୁସାରେ ବାୟୁ ପ୍ରଦୂଷଣର ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରଭାବରେ ଧାନ, ଗହମ ଓ ମକାର ଉତ୍ପାଦିକା ଶକ୍ତି ଯଥାକ୍ରମେ ପ୍ରାୟ ୨୩, ୨୭ ଏବଂ ୯ ଶତାଂଶ ହ୍ରାସ ପାଇଛି (୨୦୧୭)। ଅନ୍ୟପକ୍ଷରେ ପରିବେଶ ଓ ପରିସଂସ୍ଥା ଉପରେ ଏହାର ପ୍ରଭାବ ଅକଳନୀୟ ହେଲାବେଳେ, ଆଗାମୀ କାଳରେ ପ୍ରଳୟ ସୃଷ୍ଟିର ସମ୍ଭାବନା ବହନ କରୁଥିବା ଜାଗତିକ ଉଷ୍ଣତା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନର ମଧ୍ୟ ଏହା ମୁଖ୍ୟ କାରଣ।

ବଡ କ୍ଷୋଭର ବିଷୟ ଯେ ଆମେରିକା, ଜାପାନ ବା ୟୁରୋପୀୟ ଦେଶମାନଙ୍କ ଭଳି ଶିଳ୍ପୋନ୍ନତ ନ ହେଲେ ବି ଭାରତ ଏବେ ଏକ ବିଶେଷ ଅପଖ୍ୟାତି ଅର୍ଜନ କରିଛି। ନିକଟରେ ଜାତିସଂଘ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବିଶ୍ୱର ସବୁଠାରୁ ପ୍ରଦୂଷିତ ୨୦ଟି ନଗରୀ ମଧ୍ୟରୁ ୧୫ଟି ଏହି ଦେଶରେ ଅବସ୍ଥିତ। ଆମ ସହରାଞ୍ଚଳଗୁଡ଼ିକରେ ବାୟୁ ପ୍ରଦୂଷଣ ଏଭଳି ଉତ୍କଟ ହେବା କ୍ଷେତ୍ରକୁ ସେଠାରେ ଦ୍ରୁତ ସଂଖ୍ୟାବୃଦ୍ଧି ଘଟି ଚାଲିଥିବା ଯାନବାହନଗୁଡ଼ିକର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସ୍ଥଳବିଶେଷ ଉପରେ ନିର୍ଭର କରି ଏହା ୨୭ରୁ ୩୫ ଶତାଂଶ ପର୍ଯ୍ୟନ୍ତ ବାଷ୍ପୀୟ ନିର୍ଗମନ ପାଇଁ ଦାୟୀ। ସେଥିପାଇଁ ଏହାକୁ ହ୍ରାସ କରିବା ଲାଗି ଆମ ଦେଶ ସମେତ ସମଗ୍ର ବିଶ୍ୱରେ ବିଭିନ୍ନ ଦିଗରୁ ଉଦ୍ୟମ ଚାଲିଛି। ତନ୍ମଧ୍ୟରୁ ଅନ୍ୟତମ ହେଲା ଏହି ନିର୍ଗମନର ମାନବୃଦ୍ଧି ଲାଗି ମାନକ ନିର୍ଦ୍ଧାରଣ। ସେ ଦିଗରେ ପ୍ରଥମେ ପଦକ୍ଷେପ ଆରମ୍ଭ କରିଥିଲେ ୟୁରୋପୀୟ ଦେଶସମୂହ। ଏବେ ତାଙ୍କୁ ଅନୁସରଣ କରିବାରେ ଲାଗିଛନ୍ତି ଭାରତ ସମେତ ବିଶ୍ୱର ଅନେକ ଦେଶ।

ଆମ ଦେଶରେ ଏ ପ୍ରକ୍ରିୟା ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି ୧୯୯୧ ମସିହାରୁ। ସେ ବର୍ଷ ପେଟ୍ରୋଲଚାଳିତ ଯାନ ପାଇଁ ଧାର୍ଯ୍ୟ ହୋଇଥିବା ପ୍ରଥମ ସ୍ତରର ମାନଦଣ୍ଡ କାର୍ଯ୍ୟକାରୀ ହେଲା। ତା'ପରେ ୧୯୯୨ରେ ଡିଜେଲଚାଳିତ ଯାନଗୁଡିକୁ ଏହାର ପରିସରଭୁକ୍ତ କରାଗଲା। ସରକାର ୧୯୯୫ ମସିହାରେ ଚାରୋଟି ମହାନଗରୀ ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ବିକ୍ରି ହେଉଥିବା ପେଟ୍ରୋଲଚାଳିତ ଯାନଗୁଡିକରେ କାଟାଲିଟିକେ କନଭର୍ଟର ସ୍ଥାପନ ବାଧ୍ୟତାମୂଳକ କଲେ। ଏହା କାର୍ବନ ମନୋକ୍ସାଇଡ, ହାଇଡ୍ରୋକାର୍ବନ ଭଳି ବିଷାକ୍ତ ପ୍ରଦୂଷଣକାରୀ ବାଷ୍ପର ଜାରଣ ପାଇଁ ଉଦ୍ଦିଷ୍ଟ ଥିଲା। ପୁନଶ୍ଚ ସେହିଠାରୁ ଏହି ନଗରୀଗୁଡିକରେ ସୀମାରହିତ ପେଟ୍ରୋଲ ଯୋଗାଣ ମଧ୍ୟ ଆରମ୍ଭ ହେଲା ଏବଂ ଅନ୍ୟ ୪୨ଟି ସହରରେ ମଧ୍ୟ ଏହା ବ୍ୟବହାର କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଗଲା। ଇତିମଧ୍ୟରେ ୟୁରୋପୀୟ ଦେଶଗୁଡ଼ିକରେ ଯାନବାହନର ବାଷ୍ପୀୟ ନିର୍ଗମନ ନିୟନ୍ତ୍ରଣ ଲାଗି ମାନଦଣ୍ଡ ସ୍ଥିର କରାଯାଇଥିଲା। ଏହାର ପ୍ରଥମ ପାବଚ୍ଛଟିକୁ କୁହାଯାଉଥିଲା ୟୁରୋ-୧। ଭାରତ ୧୯୯୯ ମସିହାରେ ତାହାକୁ ଏବଂ ୨୦୦୧ ମସିହାରେ ଏହାର ପରବର୍ତ୍ତୀ ମାନଦଣ୍ଡ ୟୁରୋ-୨କୁ ଅନୁସରଣ କଲା। ଏହାକୁ ଯଥାକ୍ରମେ କୁହାଗଲା ଭାରତ ଷ୍ଟେଜ-୧ (ବିଏସ୍-୧) ଏବଂ ଭାରତ ଷ୍ଟେଜ-୨ (ବିଏସ୍-୨)। ଉପରୋକ୍ତ ଚାରୋଟି ମହାନଗରୀରେ ତାହା ପ୍ରଚଳନ କରାଗଲା। ତା'ପରେ ଆମ ସରକାର ଅଗଷ୍ଟ ୨୦୦୨ରେ ଅଟୋ ଫୁଏଲ ପଲିସି ଘୋଷଣା କଲେ। ତନ୍ମଧ୍ୟରେ ରହିଲା ୨୦୧୦ ମସିହା ପର୍ଯ୍ୟନ୍ତ ପ୍ରଚଳନ ହେବା ପାଇଁ ଯାନବାହନଗୁଡ଼ିକରୁ ନିର୍ଗମନ ଏବଂ ତନ୍ମଧ୍ୟରେ ବ୍ୟବହୃତ ଇନ୍ଧନ ସମ୍ପର୍କରେ ବିସ୍ତୃତ ମାର୍ଗଦର୍ଶିକା। ଏଥିରେ ସ୍ପଷ୍ଟ କରାଗଲା ଯେ ଦେଶର ୧୩ଟି ବଡବଡ ନଗରରେ ବିଏସ୍-୨ର ପରବର୍ତ୍ତୀ ପର୍ଯ୍ୟାୟ ବିଏସ୍-୩ ମାନଦଣ୍ଡ ପ୍ରଚଳନ ହେବ ଏବଂ ଅନ୍ୟ ସମସ୍ତ ସହର ଓ ନଗର ୨୦୦୫ ମସିହାରୁ ବିଏସ-୨ ମାନଦଣ୍ଡ ମାନି ଚଳିବେ। ପୁନଶ୍ଚ ୨୦୧୦ରେ ସେହି ୧୩ଟି ନଗରରେ ବିଏସ୍-୪ ଏବଂ ଅନ୍ୟଗୁଡିକରେ ବିଏସ୍-୩ ଲାଗୁ ହେବ। ବର୍ତ୍ତମାନ ସମ୍ଭବତଃ ଦେଶର ୫୦ରୁ ଅଧିକ ସହର ଓ ନଗର ବିଏସ୍-୪ ମାନଦଣ୍ଡ ଅନୁସରଣ କରୁଛନ୍ତି। ଏହାପରେ ୨୦୧୪ରେ ଇନ୍ଧନ ନୀତିର ଦ୍ୱିତୀୟ ପର୍ଯ୍ୟାୟ ଅଟୋ ଫୁଏଲ ପଲିସି-୨୦୨୫ ପ୍ରଣୀତ ହୋଇ ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟକୁ ପଠାଯାଇଛି। ତନ୍ମଧ୍ୟରେ ୨୦୨୫ ମସିହା ପର୍ଯ୍ୟନ୍ତ ଏ କ୍ଷେତ୍ରରେ କି କି ପଦକ୍ଷେପ ନିଆଯିବ ତାହାର ପ୍ରସ୍ତାବ କରାଯାଇଛି। ତଦନୁଯାୟୀ ସମଗ୍ର ଦେଶରେ ୨୦୧୭ ସୁଦ୍ଧା ବିଏସ୍-୪, ୨୦୨୧ ସୁଦ୍ଧା ବିଏସ୍-୫ ଏବଂ ୨୦୨୫ ବେଳକୁ ବିଏସ୍-୬ ମାନଦଣ୍ଡର ପ୍ରଚଳନ କରିବା ଲାଗି ସୂଚନା ଦିଆଯାଇଛି। ତେବେ ଯାନବାହନର ହଠାତ୍ ସଂଖ୍ୟାବୃଦ୍ଧି ଏବଂ ତଜ୍ଜନିତ ବାୟୁ ପ୍ରଦୂଷଣ କଥା ବିଚାରକୁ ନେଇ ଏଥିରେ ପରିବର୍ତ୍ତନ ଅଣାଗଲାଣି। ଏଣୁ ଏବେ ବିଏସ୍-୫କୁ ବାଦଦେଇ ୨୦୨୦ ସୁଦ୍ଧା ସିଧାସଳଖ ବିଏସ୍-୬କୁ ଯିବା ପାଇଁ ସ୍ଥିର କରାଯାଇଛି।

ଯାନବାହନଗୁଡ଼ିକରୁ ଘଟୁଥିବା ପ୍ରଦୂଷଣକାରୀ ବାଷ୍ପୀୟ ନିର୍ଗମନରେ ସାଧାରଣତଃ ଥାଏ କାର୍ବନ ମନୋକ୍ସାଇଡ, ବିବିଧ ହାଇଡ୍ରୋକାର୍ବନ, ଯବକ୍ଷାରଜାନର ଅକ୍ସାଇଡ ସମୂହ ଏବଂ ବାୟୁରେ ଭାସମାନ ସୂକ୍ଷ୍ମ କଣିକା। ପ୍ରତ୍ୟେକ ଉଚ୍ଚତର ସ୍ତରର ବିଏସ୍ ମାନଦଣ୍ଡରେ ଏଗୁଡିକର ହ୍ରାସ ପାଇଁ ସୂଚନା ଥାଏ। ଇଞ୍ଜିନର ଦକ୍ଷତାରେ ପରିବର୍ତ୍ତନ, ଇନ୍ଧନର ମାନରେ ପରିବର୍ତ୍ତନ, ନୂତନ ଇନ୍ଧନର ବିନିଯୋଗ ମାଧ୍ୟମରେ ଏହା ହାସଲ କରିବାକୁ ହୁଏ। ଅତଏବ ବର୍ତ୍ତମାନ ପ୍ରଚଳିତ ବିଏସ୍-୪ ମାନଦଣ୍ଡ ଅନୁସାରେ ଡିଜେଲ ଇଞ୍ଜିନରୁ କିଲୋମିଟର ପ୍ରତି କାର୍ବନମନୋକ୍ସାଇଡ, ହାଇଡ୍ରୋକାର୍ବନ ଓ ଯବକ୍ଷାରଜାନ ଅକ୍ସାଇଡ ସମୂହ ଏବଂ ବାୟୁରେ ଭାସମାନ ସୂକ୍ଷ୍ମ କଣିକାର ମାତ୍ରା ଯଥାକ୍ରମେ ୦.୫ ଗ୍ରାମ୍, ୦.୩ ଗ୍ରାମ୍ ଓ ୦.୦୨୫ ଗ୍ରାମ୍ ନିର୍ଗମନ ହେଲା ବେଳେ ପେଟ୍ରୋଲ ଇଞ୍ଜିନରୁ ତାହା ୦.୧ ଗ୍ରାମ୍, ୦.୧ ଗ୍ରାମ୍ ଏବଂ ୦.୦୦୪୫ ଗ୍ରାମ୍ ମଧ୍ୟରେ ସୀମିତ ରହିବା ଦରକାର। ସେହିପରି ଏଥିରେ ବ୍ୟବହୃତ ଡିଜେଲ ଓ ପେଟ୍ରୋଲରେ ଗନ୍ଧକର ମାତ୍ରା ନିୟୁତ ପ୍ରତି ୫୦ ଭାଗ ଏବଂ ସୀସା ୦.୦୦୫ ଭାଗରୁ ଅଧିକ ହେବା ଉଚିତ ନୁହେଁ। ଅନ୍ୟପକ୍ଷରେ, ବିଏସ୍-୬ ମାନଦଣ୍ଡରେ ଏହାକୁ ଅଧିକ କଠୋର କରାଯାଇଛି। ଏଥିରେ ଡିଜେଲ ଇଞ୍ଜିନ ପାଇଁ ସେଗୁଡିକର ନିର୍ଗମନକୁ ଯଥାକ୍ରମେ ୦.୫ ଗ୍ରାମ୍, ୦.୧୭ ଗ୍ରାମ୍ ଏବଂ ୦.୦୦୪୫ ଗ୍ରାମ୍ ଏବଂ ପେଟ୍ରୋଲ ଇଞ୍ଜିନ ପାଇଁ ୦.୧ ଗ୍ରାମ୍, ୦.୧ ଗ୍ରାମ୍ ଏବଂ ୦.୦୦୪୫ ଗ୍ରାମ୍ ରୂପେ ନିର୍ଦ୍ଧାରଣ କରାଯାଇଛି। ସେହିଭଳି ଏ ଉଭୟ ଇନ୍ଧନରେ ଗନ୍ଧକକୁ ନିୟୁତ ପ୍ରତି ୧୦ ଭାଗ ଏବଂ ସୀସାକୁ ୦.୦୦୧ ଭାଗ ମଧ୍ୟରେ ସୀମିତ ରଖାଯାଇଛି। ଏହାଫଳରେ ଯାନବାହନରୁ ବିଷାକ୍ତ ବାଷ୍ପ ନିର୍ଗମନ ୫୧ ଶତାଂଶ ହ୍ରାସ ପାଇବ ବୋଲି ଆଶା କରାଯାଉଛି।

ତେବେ, ଏ ସମାଧାନ ହୁଏତ ସ୍ଥାୟୀ ହୋଇ ନ ପାରେ। ଉଦାହରଣ ସ୍ୱରୂପ, ୧୯୯୮ ମସିହାରେ ଦିଲ୍ଲୀରେ ତିନିଚକିଆ ଯାନ ଏବଂ ବସ୍‌ଗୁଡିକରେ ଡିଜେଲ ବଦଳରେ କମ୍ପ୍ରେସ୍ଡ ନ୍ୟାଚୁରାଲ ଗ୍ୟାସ୍ (ସିଏନ୍‌ଜି) ଇନ୍ଧନ ରୂପେ ବ୍ୟବହାର କଲା ପରେ ପ୍ରାୟ ୪ ବର୍ଷ ଧରି ସେଠାର ବାୟୁପ୍ରଦୂଷଣ ଅନେକ ମାତ୍ରାରେ କମ୍ ହୋଇଥିଲା। ତେବେ ଯାନବାହନର ହଠାତ୍ ସଂଖ୍ୟା ବୃଦ୍ଧି ଏବଂ ଅନ୍ୟାନ୍ୟ ମାନବୀୟ କାର୍ଯ୍ୟକଳାପ ହେତୁ ଏ ପ୍ରଭାବ ସ୍ୱଳ୍ପକାଳ ସ୍ଥାୟୀ ହେଲା। ତେଣୁ ବିଏସ୍-୬ ମାନଦଣ୍ଡ ପ୍ରବର୍ତ୍ତନ ସମେତ ଯେଉଁ ଆହୁରି କେତେକ ସଂସ୍କାରମୂଳକ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ରଖାଯାଇଛି ତନ୍ମଧ୍ୟରେ ରହିଛି ପ୍ରଦୂଷଣକାରୀ ଯାନବାହନର ବ୍ୟବହାର ବନ୍ଦ କରିଦେବା, ସ୍ୱଳ୍ପ ପ୍ରଦୂଷଣକାରୀ ବିକଳ୍ପ ଇନ୍ଧନର ବ୍ୟବହାର ବଢାଇବା, ବ୍ୟକ୍ତିଗତ ଗାଡି ଅପେକ୍ଷା ସର୍ବସାଧାରଣ ଗାଡି ବ୍ୟବହାର କରିବା ଇତ୍ୟାଦି। ସେହିପରି ବାଣ ଫୁଟାଇବା ଓ ଫସଲରୁ ଉତ୍ପନ୍ନ ନଡା ଆଦି ପୋଡିବାରୁ ନିବୃତ୍ତ ରହିବା ଏ ଦିଗରେ ସହାୟକ ହୋଇପାରିବ।

ନିକଟରେ ମୋଟରକାର ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକି ଆଗାମୀ ଏପ୍ରିଲ ୨୦୨୦ରୁ ସରକାରୀ ବିଏସ୍-୬ ମାନଦଣ୍ଡ ଲାଗୁ ହେବା ଅବସରରେ ଅଧିକ ପ୍ରଦୂଷଣକାରୀ ଡିଜେଲ କାର୍ ଉତ୍ପାଦନ ବନ୍ଦ କରିବାକୁ ସ୍ଥିର କରିଛି। ୟୁରୋପୀୟ ଦେଶଗୁଡ଼ିକରେ ଏ ପ୍ରକାର କାର୍ ଉପରେ ବିବିଧ କଟକଣା ଲଗାଯିବାରୁ ଏହାର ବିକ୍ରୟ ୨୦୧୮ ମସିହା ସୁଦ୍ଧା ପ୍ରାୟ ୨୫% ହ୍ରାସ ପାଇଛି। କମ୍ପାନୀର ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ ଏବଂ ଅନ୍ୟମାନେ ଏହାକୁ ଅନୁସରଣ କରିବା ଉଚିତ।

ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

# ଭାଇ ଭାଇ ସମ୍ପର୍କ



ଅଭିମନ୍ୟୁ ଧଳ

ଯୁଦ୍ଧ ଭୂମିରେ ରାବଣ ଶେଷନିଃଶ୍ୱାସ ନେବା ପୂର୍ବରୁ ଶ୍ରୀରାମଚନ୍ଦ୍ରଙ୍କୁ ପାଖକୁ ଡାକି କହିଲେ ''ମୁଁ ତୁମଠାରୁ ସବୁକଥାରେ ଶ୍ରେଷ୍ଠ। ଜାତିରେ ଶ୍ରେଷ୍ଠ, ବୟସରେ ତୁମଠାରୁ ବଡ଼, କୁଟୁମ୍ବରେ ତୁମଠାରୁ ବହୁତ ବଡ଼। ତୁମଠାରୁ ଜ୍ଞାନୀ, ମାନୀ, ମହାପରାକ୍ରମୀ, ବଳଶାଳୀ, ଧନସମ୍ପତ୍ତି, ସୈନ୍ୟସାମନ୍ତରେ ଯଥେଷ୍ଟ ଅଧିକ। ତୁମର ରାଜପ୍ରାସାଦ ସୁବର୍ଣ୍ଣ ମାତ୍ର, ମୋର ସମଗ୍ର ଲଙ୍କା ସୁବର୍ଣ୍ଣରେ ନିର୍ମିତ। ଏସବୁ ଥାଇ ମୁଁ ତୁମଠାରୁ ପରାସ୍ତ ହେଲି, କାରଣ, ତୁମ ଭାଇ ତୁମ ସହିତ ଅଛି, ଆଉ ମୋ ଭାଇ ମୋ ସାଥିରେ ନାହିଁ।''

କଥାରେ ଅଛି, ''କଳି ଯଦି କରି ବସିବ ସଙ୍ଗେ ଥିବ ଭାଇ।'' ବାସ୍ତବିକ୍ ଭାଇ-ଭାଇ ସମ୍ପର୍କ ରକ୍ତର ଗଭୀରତମ ସମ୍ପର୍କ। ଭାଇ ବିପଦରେ ପଡିଥିଲେ ଅନ୍ୟ ଭାଇ କିଛି ବାଛବିଚାର ନ କରି ସହାୟ ହୁଅନ୍ତି। ଗୋଟିଏ ମା' ପେଟରୁ ଜନ୍ମିତ ଭାଇମାନେ ଧୂଳିଖେଳଠାରୁ ଆରମ୍ଭ କରି, ପରସ୍ପର କଳିଝଗଡା, କିଛି ସମୟ ପରେ କୋଳାକୋଳି ହେବା ସ୍ନେହ, ପ୍ରେମ ଓ ବନ୍ଧନର ନିଚ୍ଛକ ପ୍ରତିଛବି। ଭାଇର ସଫଳତାରେ ଭାଇ ଅଧିକ ଖୁସି ଓ ଦୁଃଖରେ ଦୁଃଖୀ ହୋଇଥାଏ। ଯେଉଁଠାରେ ଭାଇମାନଙ୍କ ମନ ଏକ ଥାଏ ସେ ଘର ସବୁଥିରେ ପରିପୂର୍ଣ୍ଣ ରହିଥାଏ।

ଏକାନ୍ନବର୍ତ୍ତୀ ପରିବାରରେ ଭାଇ-ଭାଇ ସମ୍ପର୍କ ଅତୁଟ ଥିଲା। କୌଣସି ଭାଇର ଅସୁବିଧା ହେଲେ ଅନ୍ୟ ଭାଇମାନେ ଅଯାଚିତଭାବେ ସାହାଯ୍ୟ କରୁଥିଲେ। ନିଜ ପିଲାପିଲି ହେଉ ଅବା ଭାଇଙ୍କର ପିଲାପିଲି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ଖାଇବା ପିଇବାଠାରୁ ଆରମ୍ଭ କରି ପୋଷାକପତ୍ର କୌଣସିଥିରେ ପାତରଅନ୍ତର ନ ଥିଲା। କାଳକ୍ରମେ ଏକାନ୍ନବର୍ତ୍ତୀ ପରିବାର ଅଲଗା ହୋଇ ଛୋଟ ଛୋଟ ହୋଇଗଲା। ସମାଜତତ୍ତ୍ୱବିତ୍‌ଙ୍କ ମତରେ ପ୍ରତି ପଚାଶ ବର୍ଷରେ ସଭ୍ୟତା ଓ ସଂସ୍କୃତି ବଦଳେ। ପେଟପାଟଣା ହେଉ ଅବା ସ୍ଥାନାଭାବ ହେତୁ ଓ ଭଲରେ ରହିବା ପାଇଁ ବାପା, ଅଜାଙ୍କ ଭିଟାମାଟି ଛାଡିବାକୁ ପଡିଲା ଏବଂ ଯେଉଁମାନେ ସେହି ସ୍ଥାନରେ ରହିଲେ ସେମାନେ ପରସ୍ପରଠାରୁ ଅଲଗା ରହିଲେ। କେତେକେ ପିତୃଅର୍ଜିତ ସମ୍ପତ୍ତି ଭାଗବଣ୍ଟା ନ କରି ନିଜ ରୋଜଗାରରେ ଚଳନ୍ତି। ବିଶେଷକରି ସେମାନେ ବାହାରେ ଚାକିରି ବା ବ୍ୟବସାୟ ଆଦି କରି ଅର୍ଥ ଉପାର୍ଜନ କରିଥାନ୍ତି। ଗାଁରେ ଯେଉଁମାନେ ଥାଆନ୍ତି ସେମାନେ ପୈତୃକ ସମ୍ପତ୍ତିର ଦେଖାଶୁଣା କରନ୍ତି। ଭଲମନ୍ଦ କାମରେ ସମସ୍ତେ ଏକାଠି ହୋଇଥାନ୍ତି। ଆମ ପରମ୍ପରାରେ ଅଛି ବାପାମା' ଜୀବିତ ଥିବା ପର୍ଯ୍ୟନ୍ତ ପୁଅମାନେ ଭିନେ ହୋଇ ସମ୍ପତ୍ତି ଭାଗବଣ୍ଟା କରନ୍ତି ନାହିଁ। କାରଣ ତାହାଦ୍ୱାରା ବାପାମା'ଙ୍କୁ ବହୁତ ମାନସିକ ଆଘାତ ଲାଗିଥାଏ। କିନ୍ତୁ ଏବେ ତାକୁ କେହି ମାନୁନାହାନ୍ତି। ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଭାଇମାନେ ପରସ୍ପର ଅଲଗା ହୋଇଗଲେ ସମ୍ପତ୍ତି ସହିତ ବାପା ଓ ମା' ମଧ୍ୟ ବାଣ୍ଟ ହୋଇଯାଆନ୍ତି। କେତେକ ସ୍ଥଳରେ ଦେଖାଯାଏ ବାପାମା'ଙ୍କୁ ଅଲଗା କରିଦିଆଯାଏ। ବାହାରେ ବିପୁଳ ଅର୍ଥ ରୋଜଗାର କରୁଥିବା ଭାଇ, ଅନ୍ୟ ଭାଇକୁ ଆଡ଼ ଆଖିରେ ଦେଖନ୍ତି ନାହିଁ। ବରଂ ସେମାନଙ୍କ ଭାଗ ବିକ୍ରି କରିଦିଅନ୍ତି। ନିଜ ପିଲାଙ୍କୁ ଉଚ୍ଚଶିକ୍ଷିତ କରାଇ ବାହାରେ ରଖନ୍ତି। ବୟସର ଅପରାହ୍ଣରେ ପୁଳାଏ ପଇସା ତାଙ୍କର ନିଃସଙ୍ଗତାକୁ ଦୂରେଇ ପାରେନାହିଁ। ଗାଁକୁ ଆସିବାକୁ ଇଚ୍ଛା ଥିଲେ ମଧ୍ୟ ଫେରିପାରନ୍ତି ନାହିଁ। କେବଳ ମନସ୍ତାପରେ ଛଟପଟ ହୁଅନ୍ତି। ଭାଇ-ଭାଇ ନିବିଡ ସମ୍ପର୍କ ସେତେବେଳେ ମନେପଡ଼େ।

ରକ୍ତ ସମ୍ପର୍କରେ ବନ୍ଧା ଭାରତୀୟ ପରିବାରଗୁଡ଼ିକ ଭିତରେ ଦିନକୁ ଦିନ ଦ୍ୱେଷ, ହିଂସା, ଈର୍ଷା ଆଦି ବୃଦ୍ଧି ପାଉଛି, ଯାହା ଅନେକ ସମୟରେ ବାହାରକୁ ଜଣା ପଡୁ ନ ଥିଲେ ମଧ୍ୟ ଭିତରେ ଭିତରେ କୁହୁଳୁଛି ଓ ସମ୍ପର୍କକୁ ଖରାପ କରୁଛି। ମହାଭାରତରେ ମହାମାନୀ ଦୁର୍ଯ୍ୟୋଧନ ପାଣ୍ଡବ ପାଞ୍ଚଭାଇଙ୍କୁ ପାଞ୍ଚଟି ପଡ଼ା ନ ଦେଇ ଯୁଦ୍ଧର ବିଭୀଷିକା ସୃଷ୍ଟି କରିଥିଲେ। ଆଜିକାଲି ଭାଇ-ଭାଇ ସମ୍ପର୍କ ଦୀର୍ଘସ୍ଥାୟୀ ରହିବା ବିରଳ। ଅନେକେ ରକ୍ତ ସମ୍ପର୍କକୁ ଛିନ୍ନକରି କଳିତକରାଳ ଏପରି କି ରକ୍ତାକ୍ତ ସଂଘର୍ଷରେ ଅବତୀର୍ଣ୍ଣ ହୋଇ ଥାନା, କୋର୍ଟ କଚେରିର ଆଶ୍ରୟ ନେଉଛନ୍ତି। ଅସଂଖ୍ୟ ସମ୍ପତ୍ତି ଭାଗବଣ୍ଟା ମାମଲା କୋର୍ଟକଚେରିରେ ପହଞ୍ଚିଛି। ଏକ ପରିସଂଖ୍ୟାନ କହେ ଯେ, ଏବେ ଭାରତର ନ୍ୟାୟାଳୟଗୁଡ଼ିକରେ ଭାଇ-ଭାଗ ସମ୍ପର୍କିତ ମାମଲା ସର୍ବାଧିକ। ରାମାୟଣରେ ବାଳି ଓ ସୁଗ୍ରୀବଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଓ ଶତ୍ରୁତା ବାଳିବଧର କାରଣ ହେଲା। ଗରିବ, ମଧ୍ୟବିତ୍ତ ଅବା ଧନପତିଙ୍କ କ୍ଷେତ୍ରରେ ଏହା ଦେଖାଯାଇଥାଏ। ଅଭାବ ଅସୁବିଧା ଭିନେ ହେବାର ମୁଖ୍ୟ କାରଣ ନୁହେଁ। ଅନ୍ୟକୁ ସାହାଯ୍ୟ କରିବା ଭଲ କିନ୍ତୁ ମା' ପେଟର ଭାଇକୁ ସାହାଯ୍ୟ କରିବା ଦୂରେ ଥାଉ ବରଂ ତା'ର ଦୁଃଖରେ ଖୁସି ହେବା ପରି ଘଟଣା ଆଜିକାଲି ଦେଖିବାକୁ ମିଳୁଛି। ଭାଇ ବର୍ତ୍ତମାନ ଭଗାରି। ଶତ୍ରୁ କେଉଁଠି? ମା' ପେଟରେ।

ଭାଇ ଭାଇ ସମ୍ପର୍କ ସ୍ନେହ, ପ୍ରେମ, ମମତାର ସମ୍ପର୍କ ହୋଇଥିଲେ ମଧ୍ୟ ଏହା ସମୟକ୍ରମେ ବିଷମୟ ହୋଇଯାଇଛି। ହିଂସା, ଦ୍ୱେଷ, ଈର୍ଷା ମନକୁ ବାନ୍ଧି ଦେଉଛି। ସମ୍ପର୍କର ବିଭାଜନ ହେଉଛି। ବିରାଟ ବିଶ୍ୱ ଆମର ହାତମୁଠାରେ ରହିବା ବେଳେ ନିଜ ସମ୍ପର୍କଠାରୁ ଦୂରେଇ ଯାଇ ମଣିଷ କ'ଣ ଶାନ୍ତି ପାଉଛି? ମଣିଷ ଅବସାଦର ଶିକାର ହେବାର ଏହା ମୁଖ୍ୟ କାରଣ। କେତେ କବି, ଲେଖକଙ୍କ ଲେଖାରେ ଏବଂ ଚଳଚ୍ଚିତ୍ରରେ ଏହି ଭାଇ-ଭାଇ ସମ୍ପର୍କକୁ ନେଇ ଅନେକ କଥା ଓ ବ୍ୟଥା ରୂପାୟିତ ହୋଇଛି। ତଥାପି ଏହାର ପ୍ରଭାବ ବିଶେଷ ଫଳପ୍ରଦ ନୁହେଁ। ଭାଇମାନେ ନିଜ ପରିବାରରେ ସାଥୀ ହୋଇ ରହିଲେ ବିଜୟୀ ହୁଅନ୍ତି। ଶ୍ରୀମନ୍ଦିର ରତ୍ନ ସିଂହାସନରେ ଉପବେଶନ କରିଥିବା ଦୁଇଭାଇ ଜଗା, ବଳିଆ ଏହାର ଶ୍ରେଷ୍ଠ ଉଦାହରଣ। ଏପରି ଭାଇ ଜଗତେ ନାହିଁ।

ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ-୯୮୬୧୦୪୮୦୫୨

## ଏଇ ଭାରତରେ

ଭଲ ବର୍ଷା ପାଇଁ ଖୋଲା ଆକାଶ ତଳେ ୪ ମାସ ହେବ ତପସ୍ୟା କରୁଛନ୍ତି ଜଣେ ସାଧୁ। ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଉଛନ୍ତି। ଏପରି ଏକ ଘଟଣା ଘଟିଛି ରାଜସ୍ଥାନରେ। ଏହି ରାଜ୍ୟର ଦୌସା ଜିଲା ମୁଖ୍ୟାଳୟଠାରୁ ମାତ୍ର ୩ କିଲୋମିଟର ଦୂରରେ ବଜୋରିର ବାଲାଜୀ ମନ୍ଦିର ପରିସରରେ ଜଣେ ସାଧୁ ବିଗତ ୪ ମାସ ହେବ ତପସ୍ୟା କରୁଥିବା ଦେଖାଯାଉଛି। ଖୋଲା ଆକାଶ ତଳେ ଚାରିପଟେ ନିଆଁ ଜାଳି ସାଧୁ ଜଣକ ତପସ୍ୟା କରିବାରେ ମଗ୍ନ ରହୁଛନ୍ତି। ଚଳିତବର୍ଷ ଆକାଶରୁ ଅଗ୍ନିବର୍ଷା ହେଉଥିବା ବେଳେ ଜଗଦୀଶ ଦାସ ମହାରାଜ ନାମକ ଏହି ସାଧୁ ଭଲ ବର୍ଷା କାମନା କରି ତପସ୍ୟା କରୁଛନ୍ତି। ବର୍ତ୍ତମାନର ସ୍ୱାର୍ଥପର ଦୁନିଆରେ ସାଧୁଙ୍କର ଏପରି କଠୋର ତପସ୍ୟା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ ଘରୁ ବାହାରି ପାରୁ ନ ଥିବା ବେଳେ ସାଧୁ ଜଣକ ଖୋଲା ଆକାଶ ତଳେ ବସି ଇନ୍ଦ୍ର ଦେବତାଙ୍କୁ ସନ୍ତୁଷ୍ଟ କରିବାକୁ ଯେପରି ତପସ୍ୟାରେ ମଗ୍ନ ରହୁଛନ୍ତି ତାହାକୁ ଦେଖି ସମସ୍ତେ ପ୍ରଶଂସା କରୁଛନ୍ତି।

## ଚିରନ୍ତନୀ

ଲକ୍ଷ ଯୋଜନ-ବ୍ୟାପୀ
ଅଖଣ୍ଡ ଥାଟ ଚଳେ
ଅବିଶ୍ରାମ ଦିଗ୍‌ବଳୟକୁ ମାପି
ଉଠେ ସାମଗାନ ଗୁରୁଗମ୍ଭୀର
ତୁଟେ ମସ୍‌ଜିଦ, ତୁଟେ ମନ୍ଦିର
ଆକାଶ ଫଟାଇ
ଫୁଟେ ଆଗ୍ନେୟ ବାଣ
ପଦବିକ୍ଷେପେ ଧରଣୀ
ଥରାଏ ଅଗଣିତ ଆଗୁଆନ।
ସେଇ ଯେ କରିଛି ନୂଆ ଦୁନିଆରେ
ବିଜୟର ସନ୍ଧାନ
ଯୁଗେ ଯୁଗେ ସେଇ ସମାଜ ବାଦର ଗାନ।

(ଅଗଣିତ ଆଗୁଆନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନରେ ହିଂସା

ମହାଶୟ,

ଗତ ନିର୍ବାଚନରେ ଯେଉଁଭଳି ଭାବରେ ହିଂସାକାଣ୍ଡ ଘଟିଲା, ବିଭିନ୍ନ ଦଳ ମଧ୍ୟରେ କଥା କଟାକଟି, ଅଶ୍ଳୀଳ ଭାଷାରେ ଗାଳିଗୁଲଜ ହେଲା ତାହା କୌଣସି ସଭ୍ୟ ସମାଜର ଭାଷା ନୁହେଁ। କିଏ କାହା ଉପରେ ମିଥ୍ୟା ଆରୋପ କଲା ତ ଆଉ କିଏ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗପର୍ଦ୍ଧ ଦାଖଲ କଲା। ନିର୍ବାଚନ ସମୟରେ ମଦ, ମାଂସ ଭୋଜିଭାତ ଏବଂ ଅର୍ଥ କାରବାର ହେଲା। ଅଥଚ ମୁଖ୍ୟ ନିର୍ବାଚନ ଅଧିକାରୀ ଏହାକୁ ନିୟନ୍ତ୍ରଣ କରିପାରିଲେ ନାହିଁ। ବିଭିନ୍ନ ଦଳର ସଦସ୍ୟମାନେ ଯେଉଁଭଳି ଭାବରେ ପ୍ରତିପକ୍ଷର ଚରିତ୍ର ସଂହାର ବା ହିଂସାକାଣ୍ଡ କଲେ ତାହାର ଏକ ନିରପେକ୍ଷ ତଦନ୍ତ କରାଗଲେ ପ୍ରାର୍ଥୀମାନଙ୍କର ଭଦ୍ରତା, ସ୍ୱଚ୍ଛତା ଲୋକଲୋଚନକୁ ଆସନ୍ତା। ଦାଗୀ ସଦସ୍ୟମାନଙ୍କର ସଦସ୍ୟତାକୁ ନାକଚ କରାଯାଇ ପାରନ୍ତା।

ବାସନ୍ତୀ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ରାଉରକେଲା

### ସାଉଁଟା ଅନୁଭୂତି

ବିଗତ ଦିନରେ ଅନେକ ଅନୁଭୂତି ସାଉଁଟିବାକୁ ପଡିଛି। ବନ୍ୟା ବାତ୍ୟା ବେଳେ ଅନେକ ବଦାନ୍ୟ ବ୍ୟକ୍ତି ସାହାଯ୍ୟର ହାତ ବଢ଼ାନ୍ତି। ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଆସେ। ବାତ୍ୟାବିପନ୍ନଙ୍କର ଖାଦ୍ୟବସ୍ତ୍ରଠାରୁ ଆରମ୍ଭକରି ରାସ୍ତାଘାଟ, ବିଜୁଳି ଓ ଘରଦ୍ୱାର ତିଆରିରେ ଅନେକ ଖର୍ଚ୍ଚ ହୁଏ। କିନ୍ତୁ କେତେଜଣ ସୁବିଧାବାଦୀ ଲୋକ ସେବା ଓ ସାହାଯ୍ୟ ନାଁରେ କୋଟି କୋଟି ଟଙ୍କା ବାଟମାରଣା କରନ୍ତି। କଥାରେ ଅଛି, କାହାର ସର୍ବନାଶ ତ ଆଉ କାହାର ପୁଷମାସ। ଏହିଧରଣର ଲୋକ ଅତୀତରେ ଥିଲେ ଏବଂ ବର୍ତ୍ତମାନ ବି ଅଛନ୍ତି। ଯେଉଁଠି ସୁବିଧା ସୁଯୋଗ ପାଆନ୍ତି ସେଠାରେ ସେମାନେ ସର୍ବସାଧାରଣ ଏବଂ ଅସହାୟମାନଙ୍କ ପାଇଁ ଆସୁଥିବା ଅର୍ଥ ଏବଂ ଦ୍ରବ୍ୟକୁ ବାଟମାରଣା କରନ୍ତି। ତେଣୁ ସେମାନଙ୍କୁ ଅନୁରୋଧ ଦୁଃଖୀଜନଙ୍କ ସେବାରେ ନିଜକୁ ଉତ୍ସର୍ଗ କରନ୍ତୁ। ଦୁଃଖୀ ସମ୍ପତ୍ତିରେ ଭାଗୀଦାର ହୋଇ ନିଜେ ଦୁଃଖୀ ନ ହୁଅନ୍ତୁ। ଯେଉଁ ବଂଶଧରଙ୍କ ପାଇଁ ବାଟମାରଣା କରିବେ, ସେମାନେ ଅୟସ କରିବେ ଏବଂ ବାପଅଜାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ବଦଳରେ ସେମାନଙ୍କର କୁତ୍ସାରଟନା କରିବେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜିଲ୍ଲା ଚିଠି
### ବୌଦ୍ଧ



# ସ୍ଲୋଗାନରେ ମହାନଦୀ ମା’

ଗଡ଼ଜାତ ବୌଦ୍ଧ ଏକ ସଂସ୍କୃତିସମ୍ପନ୍ନ ଜିଲା। ଏହି ଜିଲାକୁ ବର୍ତ୍ତମାନ ୨୫ ବର୍ଷ ପୁରିଥିଲେ ବି ପାନୀୟ ଜଳ ଯୋଗାଣ ସହିତ ବିଭିନ୍ନ କ୍ଷେତ୍ରରେ ପଛରେ ରହିଛି। ଏଠାରେ ଚିରସ୍ରୋତା ତେଲ ଓ ମହାନଦୀ ପ୍ରବାହିତ ହେଉଥିଲେ ବି ଜିଲାବାସୀ ଜଳ ସଙ୍କଟ ମଧ୍ୟରେ ଗତି କରୁଛନ୍ତି। ଜିଲାର ଅନ୍ୟତମ ପରିଚୟ ହେଉଛି ମହାନଦୀ। କଣ୍ଟାମାଳ ବ୍ଲକର ମନମୁଣ୍ଡାରୁ ହରଭଙ୍ଗା ବ୍ଲକର ମାରଡା ପର୍ଯ୍ୟନ୍ତ ଦୀର୍ଘ ୧୫୦ କିଲୋମିଟର ମହାନଦୀ ପ୍ରବାହିତ ହେଉଛି। ଜିଲାବାସୀ ମହାନଦୀ ଉପରେ ପାନୀୟଜଳ ଓ କୃଷି ପାଇଁ ନିର୍ଭର କରିଥାନ୍ତି। ଲକ୍ଷାଧିକ ଲୋକ ମହାନଦୀ ଜଳରୁ ମାଛ ମାରି ପରିବାର ପୋଷଣ କରୁଛନ୍ତି। କଣ୍ଟାମାଳ ବ୍ଲକର ଅଧିବାସୀମାନେ ପାନୀୟ ଜଳ ପାଇଁ ତେଲନଦୀ ଉପରେ ନିର୍ଭର କରୁଥିବାବେଳେ ବୌଦ୍ଧ ଓ ହରଭଙ୍ଗା ବ୍ଲକ ସମେତ ବୌଦ୍ଧ ସହରବାସୀ ଏଥିପାଇଁ ମହାନଦୀ ଉପରେ ନିର୍ଭର କରନ୍ତି। ନିର୍ବାଚନ ଆସିଲେ ରାଜନୈତିକ ଦଳ ମହାନଦୀ ଆମର ମା’, ଏହାର ସୁରକ୍ଷା ଆମର ପ୍ରଥମ ଦାୟିତ୍ୱ ବୋଲି କହିଥାନ୍ତି। ନିର୍ବାଚନ ସରିଗଲେ ଏହି ପ୍ରସଙ୍ଗ କୁଆଡେ ଉଭାନ ହୋଇଯାଏ। ବର୍ତ୍ତମାନ ଚିରସ୍ରୋତା ମହାନଦୀ ସମ୍ପୂର୍ଣ୍ଣ ଶୁଖିଲା ପଡିଛି। ମହାନଦୀର ଶୁଷ୍କ ଶଯ୍ୟା ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଯେଉଁ ସ୍ଥାନରେ ମହାନଦୀର ଅଗଭୀର ଜଳରାଶି ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିଲା, ବର୍ତ୍ତମାନ ତାହା ମରୁଭୂମି ପାଲଟିଛି। ମହାନଦୀ ଉପରେ ନିର୍ଭର କରି ଆସୁଥିବା ପାନୀୟ ଜଳପ୍ରକଳ୍ପ ଓ ଉଠାଜଳସେଚନ ପ୍ରକଳ୍ପର ଭବିଷ୍ୟତ ଏବେ ଅନ୍ଧାରରେ। ଜିଲାବାସୀ ଯେ ପାନୀୟ ଜଳ ପାଇଁ ସଙ୍କଟରେ ପଡିଛନ୍ତି ତାହା ନୁହେଁ, କୃଷି ପାଇଁ ମଧ୍ୟ ପାଣି ସମସ୍ୟା ରହିଛି। ପୂର୍ବରୁ ଯେ କେହି ବୌଦ୍ଧକୁ ଆସିଛନ୍ତି ପ୍ରଥମେ ତାଙ୍କର ମନେପଡିଯାଏ ମହାନଦୀର ମଧୁର ମାଛ ସାଙ୍ଗକୁ ଚିଙ୍ଗୁଡି। କିନ୍ତୁ ଆଜି ତାହା ବାସ୍ତବରେ ଜିଲାବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଗଲାଣି। ଜିଲାବାସୀ ଏବେ ଆନ୍ଧ୍ର ମାଛ ଓ ସମୁଦ୍ର ଚିଙ୍ଗୁଡି କିଣି ଖାଉଛନ୍ତି। ବହୁ ମତ୍ସ୍ୟଜୀବୀ ପରିବାର ନିଜର ଜୀବିକା ହରାଇ ବସିଛନ୍ତି। କିଏ ଦିନ ମଜୁରିଆ ଭାବେ ପରିବାର ପ୍ରତିପୋଷଣ କରୁଛି ତ ଆଉ କିଏ ରିକ୍ସା ଟାଣି। ମହାନଦୀରୁ ଜୀବିକା ହରାଇବା ପରେ କାମଧନ୍ଦା ନ ପାଇ ବହୁ ପରିବାର ଏବେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲିଗଲେଣି। ମହାନଦୀରେ ଜଳ ସଙ୍କଟ ପରେ ନଦୀ ଭିତରେ ଛୋଟ ଛୋଟ ଚେକ୍ ଡ୍ୟାମ୍ ନିର୍ମାଣ କରି ପାନୀୟଜଳ ଓ କୃଷିକାର୍ଯ୍ୟ ପାଇଁ ଜଳ ସଂରକ୍ଷିତ କରିବାକୁ ସରକାରଙ୍କ ଉପରେ ଚାପ ବଢି ଚାଲିଛି। ବୌଦ୍ଧଠାରେ ମହାନଦୀ ଗର୍ଭରେ ଏକ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି କରାଯାଉଥିଲେ ମଧ୍ୟ ଏହି ଯୋଜନା ସରକାରଙ୍କ ଶୀତଳ ଭଣ୍ଡାରରେ ରହିଛି। ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ମହାନଦୀ ଓ ତେଲ ନଦୀ କୂଳରେ ଥାଇ ବି ବୌଦ୍ଧ ଜିଲାବାସୀ ପାନୀୟଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜିଲାରେ ମହାନଦୀ ଓ ତେଲନଦୀ ବ୍ୟତୀତ ସାଲୁଙ୍କୀ, ବାଘ, ଖଡଙ୍ଗ ଭଳି ଛୋଟ ଛୋଟ ନଦୀ ପ୍ରବାହିତ ହେଉଛି। ଉପରୋକ୍ତ ନଦୀ ଉପରେ ଛୋଟ ଛୋଟ ଡ୍ୟାମ୍ ନିର୍ମାଣ କରାଯାଇପାରିଲେ ଜିଲାବାସୀ ଜଳ ସଙ୍କଟରୁ ମୁକ୍ତି ପାଇପାରିବେ।

– ଅଜିତ କୁମାର ବାରିକ

# ଆଜି ନବୀନଙ୍କୁ ଭେଟିପାରନ୍ତି ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୩।୬(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଭବନଠାରେ ସାକ୍ଷାତ୍ କରିବା କାର୍ଯ୍ୟକ୍ରମ ଥିବା ଜଣାପଡିଛି। ଶୁକ୍ରବାର ପୂର୍ବାହ୍ନରେ ନବୀନଙ୍କ ସହ ତାଙ୍କର ଭେଟ ହୋଇପାରେ। ବିଧିବଦ୍ଧ ଭାବେ ଜଣାପଡ଼ି ନ ଥିଲେ ମଧ ଭାଜପାର ଜଣେ ବରିଷ୍ଠ ନେତା ଏନେଇ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ କେତେକ କାର୍ଯ୍ୟକ୍ରମ ଓଡ଼ିଶାରେ ଲାଗୁ କରିବା ନେଇ ମୁଖ୍ୟତଃ ଆଲୋଚନା ହୋଇପାରେ। ଅନ୍ୟପଟେ ଆୟୁଷ୍ମାନ ଯୋଜନା, ପିଏମ୍ କିଷାନ ଯୋଜନାକୁ ରାଜ୍ୟରେ ଲାଗୁ କରିବା ଉପରେ ମଧ ଆଲୋଚନା ହେବା ଆଶା କରାଯାଉଛି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ହେବାପରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଏହି ଭେଟଘାଟ ହେବା ନେଇ ଆସିଥିବା ଖବର ରାଜନୈତିକ ମହଲରେ ଭିନ୍ନ ଧରଣର ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଥିବା କୁହାଯାଉଛି। କେନ୍ଦ୍ରୀୟ ରାଜନୀତିରେ ବିଜେଡି ନେତାଙ୍କ ଭୂମିକା ଉପରେ ମଧ ଆଲୋଚନା ହୋଇପାରେ ବୋଲି ଭାଜପାର ଗୋଟିଏ ଗୋଷ୍ଠୀ ମତ ରଖିଛି, ଯାହା ଦଳର ଉପରିସ୍ଥ ନେତାଙ୍କ ଇଙ୍ଗିତରେ ହେଉଥିବା କୁହାଯାଉଛି। ସେହିପରି ସାଧାରଣ ନିର୍ବାଚନ ସରିବାପରେ ଏବଂ ଫନୀ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକ୍ରମ ସମୟରୁ ରାଜ୍ୟ ସରକାରଙ୍କ ସପକ୍ଷରେ ଧର୍ମେନ୍ଦ୍ରଙ୍କ ଆଭିମୁଖ୍ୟ ସମ୍ପୂର୍ଣ୍ଣ ଗୋଟିଏ ପ୍ରକାର ରହି ଆସୁଛି। ଗତ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଏବଂ ଶାସକ ଦଳ ନେତାଙ୍କୁ ଧର୍ମେନ୍ଦ୍ର ମନଇଚ୍ଛା ଗାଳି କରୁଥିଲେ। ସେତେବେଳେ ପ୍ରତ୍ୟେକ ସଭାରେ ଧର୍ମେନ୍ଦ୍ର ଅନର୍ଗଳ ଶାସକ ଦଳକୁ ନିନ୍ଦା କରିଚାଲିଥିଲେ। ହେଲେ ନିର୍ବାଚନ ପରେ ହଠାତ୍ ଧର୍ମେନ୍ଦ୍ରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ହେବା ସମସ୍ତଙ୍କୁ ଚକିତ କରିଥିଲା। ଫନୀ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ କାର୍ଯ୍ୟ ପ୍ରଣାଳୀକୁ ମଧ ଧର୍ମେନ୍ଦ୍ର ବାରମ୍ବାର ପ୍ରଶଂସା କଲେ।

**ନିରଞ୍ଜନ-ନରସିଂହଙ୍କ ଭେଟଘାଟ**

# ରାଜ୍ୟ ସାମ୍ପ୍ରତିକ ସ୍ଥିତି ଉପରେ ଆଲୋଚନା: ନିରଞ୍ଜନ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ):** ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ରାଜ୍ୟରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଏହାକୁ ଲକ୍ଷ୍ୟକରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ହେଲେ ତାଙ୍କ ଇସ୍ତଫାପତ୍ର ଏ ପର୍ଯ୍ୟନ୍ତ ଏଆଇସିସି ପକ୍ଷରୁ ଗ୍ରହଣ କରାଯାଇ ନାହିଁ। ଅନ୍ୟପଟେ ଦଳର ଖରାପ ପ୍ରଦର୍ଶନକୁ ନେଇ ନିରଞ୍ଜନଙ୍କୁ କଂଗ୍ରେସର ବହୁ ବରିଷ୍ଠ ନେତା ସମାଲୋଚନା କରିବାରେ ଲାଗିଛନ୍ତି। ତେବେ ଦଳ ଆଗକୁ କିପରି ନିଜର ସଙ୍ଗଠନ ସଜାଡ଼ିବ ତାକୁ ନେଇ ଚିନ୍ତାରେ ପଡ଼ିଯାଇଛି। ଇତି ମଧ୍ୟରେ ନିରଞ୍ଜନ ପଟ୍ଟନାୟକ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କୁ ଗୁରୁବାର ସାକ୍ଷାତ୍ କରିବାପରେ ଭିନ୍ନ ପ୍ରକାରର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ହେଲେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ନିରଞ୍ଜନ କହିଛନ୍ତି, ରାଜ୍ୟର ସାମ୍ପ୍ରତିକ ସ୍ଥିତି ଉପରେ ଆଲୋଚନା ହୋଇଛି। ବିଭିନ୍ନ ସମୟରେ ତାଙ୍କୁ ଭେଟି ଆଲୋଚନା କରିଥାଏ ବୋଲି ସେ କହିଛନ୍ତି। ନରସିଂହ କହିଛନ୍ତି, ଦୁଇ ନେତା ପରସ୍ପରକୁ ଭେଟିଲେ ଯାହା ଆଲୋଚନା ହୁଏ ତାହା ହୋଇଛି। କଂଗ୍ରେସର ଏହି ଦୁଇ ବରିଷ୍ଠ ନେତାଙ୍କ ଭେଟଘାଟ କିନ୍ତୁ କିଛି ଭିନ୍ନ ଇଙ୍ଗିତ ଦେଉଥିବା ଦଳୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଛି।






## ଖଣ୍ଡପଡ଼ା ସବ୍‌ଜେଲରୁ ଫେରାର କଏଦୀ ଗିରଫ

ଖଣ୍ଡପଡା,୧୩।୬(ସ୍ୱ.ପ୍ର.)-ନୟାଗଡ ଜିଲା ଖଣ୍ଡପଡା ସବ୍‌ଜେଲରୁ ପାଚେରି ଡେଇଁ ଫେରାର ଥିବା ଜଣେ କଏଦୀଙ୍କୁ ଫତେଗଡ଼ ଓ ଖଣ୍ଡପଡ଼ା ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଫତେଗଡ଼ ଥାନା ଅନ୍ତର୍ଗତ କରବର ଗ୍ରାମ ହାତୁଆସାହିର ତପନ କୁମାର ରାଉତ(୨୭) । ଏକ ବଳାତ୍କାର ଅଭିଯୋଗରେ ଫତେଗଡ ଥାନା ପୋଲିସ ତପନଙ୍କୁ ଗିରଫ କରି ଗତ ୯ ତାରିଖରେ ଖଣ୍ଡପଡା କୋର୍ଟଚାଲାଣ କରିଥିଲା । ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଥିଲା । ତେବେ ୧୦ ତାରିଖ ପୂର୍ବାହ୍ନରେ ତପନ ପାଚେରି ଡେଇଁ ଫେରାର ହୋଇଯାଇଥିଲେ ।

### ସଉରା ଜନଜାତି ଲୋକଙ୍କ ଘର ପୋଡ଼ିଦେବା ଘଟଣା
### ରାଜ୍ୟ ସରକାରଙ୍କୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

# ପ୍ରତି ପରିବାରକୁ ୧ ଲକ୍ଷ କ୍ଷତିପୂରଣ ଦିଅ

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ କୁମୁଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପରିଡା ବାଞ୍ଜାରାପଦରଠାରେ ଦୀର୍ଘବର୍ଷ ଧରି ବସବାସ କରୁଥିବା ସଉରା ଜନଜାତିର ଲୋକଙ୍କ ଘରକୁ ପୋଡ଼ି ଦିଆଯିବା ସହ ଗାଁରୁ ତଡ଼ି ଦିଆଯାଇଥିଲା । ଏନେଇ ରାଜ୍ୟ କୃଷକ ସଭା ସହଯୋଗରେ ମାବାବାଧିକାର କର୍ମୀ ପ୍ରଦୀପ୍ତ ନାୟକ ରାଜ୍ୟ ମାନାବାଧିକାର କମିଶନ (ଓଏଚ୍‌ଆର୍‌ସି)ରେ ୨୦୧୮ରେ ଅଭିଯୋଗ କରିଥିଲେ । ମାମଲାର ଶୁଣାଣି କରି ଓଏଚ୍‌ଆର୍‌ସିର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ରଘୁବୀର ଦାଶ ଐତିହାସିକ ରାୟ ଶୁଣାଇଛନ୍ତି । ଜଷ୍ଟିସ ଦାଶ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ଯେ, ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାର ୧ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିବେ । ଏଥିସହ ସେମାନେ ବସବାସ କରୁଥିବା କୁମୁଣ୍ଡି ଗ୍ରାମର ପରିଡା ବାଞ୍ଜାରାପଦର ରେଭିନ୍ୟୁ ପ୍ଲଟ୍ ନଂ.୯୨ ଓ ୧୦୧, ଖାତା ନଂ.୨୨୬ରେ ସେମାନଙ୍କୁ ପୁନଃ ଥଇଥାନ କରିବା ନିମନ୍ତେ ଜିଲା ପ୍ରଶାସନ ବ୍ୟବସ୍ଥା କରିବେ ଓ ସ୍ଥାନୀୟ ପୋଲିସ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦେବେ । ସେମାନେ ଚାଷ କରୁଥିବା ଦୁମୁଦୁମି ସଂରକ୍ଷିତ ଗ୍ରାମ୍ୟ ଜଙ୍ଗଲ ଜମିକୁ ଆଦିବାସୀ ଓ ଅନ୍ୟାନ୍ୟ ଜଙ୍ଗଲବାସୀ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବେ । ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ଉପମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର, ପ୍ରମୁଖ ଶାସନ ସଚିବ ଜଙ୍ଗଲ ଓ ପରିବେଶ ବିଭାଗ, ଗଞ୍ଜାମ ଜିଲାପାଳ ଓ ଏସ୍‌ପିଙ୍କୁ ଜଷ୍ଟିସ ଦାଶ ନିର୍ଦ୍ଦେଶ ଦେଇଛନ୍ତି ।

### ପହଞ୍ଚିଲା ସୁନୀତ୍‌ଙ୍କ ମୃତ୍ୟୁ ଖବର

# ଶୋକରେ ବୁଡ଼ିଲା ବଳିଆପଲ୍ଲୀ

କବିସୂର୍ଯ୍ୟନଗର,୧୩।୬



ଭାରତୀୟ ବାୟୁସେନା (ଆଇଏଏଫ୍)ର ନିଖୋଜ ବିମାନ ଏଏନ୍-୩୨ ଧ୍ୱଂସାବଶେଷ ନିକଟରେ ପହଞ୍ଚିଛନ୍ତି ୧୫ଜଣିଆ ପର୍ବତାରୋହୀ ଦଳ । ବିମାନରେ ଥିବା ୮ କ୍ରିଉ ମେମ୍ବରଙ୍କ ସମେତ ମୋଟ ୧୩ଜଣଙ୍କ ମୃତଦେହ ମିଳିଛି । ସେଥିରେ ରହିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ବଳିଆପଲ୍ଲୀ ଗ୍ରାମର ସୁନୀତ୍ ମହାନ୍ତିଙ୍କ ମୃତଦେହ । ସୁନୀତ୍ ଏଏନ୍-୩୨ ଚାଳକ ଦଳରେ ସାମିଲ ଥିଲେ । ତାଙ୍କ ମୃତ୍ୟୁ ଖବର ବଳିଆପଲ୍ଲୀରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି ।

ପ୍ରକାଶ ଯେ, ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ସୁନୀତ୍ ୨୦୧୨ରେ ବାୟୁସେନାରେ ଯୋଗଦେଇଥିଲେ । ବାୟୁସେନାର ପୂର୍ବତନ କର୍ମଚାରୀ ସୁରେନ୍ଦ୍ରନାଥ ମହାନ୍ତିଙ୍କ ପୁଅ ହେଉଛନ୍ତି ସୁନୀତ । ପୁରୀ ଜଗନ୍ନାଥ ମନ୍ଦିରରେ ମାନସିକ ଥିବାରୁ ସୁନିତ ମେ ପ୍ରଥମ ସପ୍ତାହରେ ଫ୍ଲାଇଟ୍ ଟିକେଟ କରିଥିଲେ ଓଡ଼ିଶା ଆସିବାକୁ । ମାତ୍ର 'ଫନୀ' ଯୋଗୁ ଏହାକୁ ବାତିଲ କରିଦେଇଥିଲେ । ପ୍ରାୟ ବର୍ଷେ ତଳେ ସେ ଓଡ଼ିଶା ଆସିଥିବାବେଳେ ବ୍ରହ୍ମପୁରସ୍ଥିତ ଅଜାଘରେ ରହିଥିଲେ । ଜୁନ୍ ୩ରେ ଆସାମ ଜୋରହାଟରୁ ଅରୁଣାଚଳ ପ୍ରଦେଶ ମେଚୁକା ଅଭିମୁଖେ ଉଡାଣ ଭରିଥିଲା ଏଏନ୍-୩୨ । ମାତ୍ର ଅପରାହ୍ନ ସାଢେ ୧୨ଟାରେ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ପରେ ନିଖୋଜ ହୋଇଯାଇଥିଲା । ସୁନୀତଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଭାଗ୍ୟକୁ ଏପରି ଘଟେ,**
**ଅଣ୍ଟି ସୁନା ପିତଳ ପାଲଟେ ।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ । ଭାଗ୍ୟ ସାଥ୍ ନ ଦେଲେ ମଣିଷ ହତାଶ ହୋଇଯିବା ସାର ହୋଇଥାଏ । ସେହିପରି ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମଧ୍ୟ ମାଟି ପାଲଟି ଯାଇଥାଏ । ଭାଗ୍ୟହୀନ ବ୍ୟକ୍ତିର ଅସରନ୍ତି ଧନ ଉଭେଇ ଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଅନ୍ଧାରେ ଖାଇଲେ ଗୁଡ଼,**
**ଆଲୁଏ ଖାଇଲେ ଗୁଡ଼ ।**

ସ୍ଥାନ ପରିବର୍ତ୍ତନରେ ଗୁଣର ପରିବର୍ତ୍ତନ ଘଟି ନ ଥାଏ । ପ୍ରକୃତ ବସ୍ତୁର କୌଣସି ପରିବର୍ତ୍ତନ ନାହିଁ । ଯାହାର ଗୁଣ ଯାହା ତାହା ଯେମିତି ହେଲେ ବି ପ୍ରକାଶ ପାଇ ଥାଏ । ଅନୁକୂଳ ଓ ପ୍ରତିକୂଳ ଅବସ୍ଥାରେ ଗୁଣ ବଜାୟ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଛେଳିଗଡ଼ ଜଳସେଚନ ପ୍ରକଳ୍ପର ଅଗ୍ରଗତି ନେଇ ବାଚସ୍ପତିଙ୍କ ସମୀକ୍ଷା

# ଆର୍‌ପିଡିଏସି ବୈଠକ ଡାକିବା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗଜପତି ଜିଲା ଛେଳିଗଡ଼ ଜଳସେଚନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ ବିଧାନସଭା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ, ପୁନର୍ବାସ ଓ ଥଇଥାନ ଏବଂ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷଭାବେ ପ୍ରକଳ୍ପ ପାଇଁ ବିସ୍ଥାପିତ ଲୋକମାନଙ୍କ ସୁବିଧା ଲାଗି ପୁନର୍ବାସ ସ୍ଥାନରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ପରି ଭିତ୍ତିଭୂମିର ବିକାଶ ସହ କ୍ଷତିଗ୍ରସ୍ତ ପରିବାର ସଦସ୍ୟଙ୍କ ନାମରେ ଘରଡିହ ପଟ୍ଟା ପ୍ରଦାନ ଓ ଜମି ହସ୍ତାନ୍ତରଣ କରିବାକୁ ସଂପୃକ୍ତ ତହସିଲଦାରଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି । ଖୁବ୍‌ଶୀଘ୍ର ସ୍ଥାନୀୟ ଅଞ୍ଚଳର ପ୍ରକଳ୍ପ ନେଇ ଆର୍‌ପିଡିଏସି ବୈଠକ ଡାକିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

ବୈଠକରେ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ, ପାରିପାର୍ଶ୍ୱିକ ଉନ୍ନତୀକରଣ, ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ, ପ୍ରକଳ୍ପ ଅଞ୍ଚଳରେ ଜମି ଲିଜ୍/ହସ୍ତାନ୍ତରଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ପ୍ରକଳ୍ପ କାରଣରୁ ୫ଟି ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହେଉଥିବାବେଳେ ୧୦ଟି ଗ୍ରାମ ଆଂଶିକଭାବେ ଜଳମଗ୍ନ ହେବ । ସମ୍ପୂର୍ଣ୍ଣ ଜଳମଗ୍ନ ହେଉଥିବା ୫ଟି ଗ୍ରାମର ଲୋକଙ୍କୁ ସ୍ଥାନାନ୍ତର କରିବାର ଆବଶ୍ୟକତା ରହିଛି । ଏହି କାର୍ଯ୍ୟ ତୁରନ୍ତ କରିବା ଲାଗି ଚେଷ୍ଟା କରାଯାଉଛି, ଯାହାଦ୍ୱାରା ପ୍ରକଳ୍ପ ନିର୍ମାଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇପାରିବ ବୋଲି ପ୍ରକଳ୍ପ ନିର୍ବାହୀଯନ୍ତ୍ରୀ ପ୍ରକାଶ କରିଥିଲେ ।

ବିସ୍ଥାପିତ ପରିବାରଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ଗଞ୍ଜାମ ଓ ଗଜପତି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଥିଲେ । ପ୍ରତି ଦୁଇ ମାସରେ ଥରେ ସମୀକ୍ଷା ବୈଠକ ଆୟୋଜନ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି ।

### ଅନ୍ୟ ଜଣେ ପୁରୁଷ ସହ ସମ୍ପର୍କକୁ ନେଇ ହିଂସା

# ମହିଳାଙ୍କୁ ଗାଁ ଦାଣ୍ଡରେ ଉଲଗ୍ନକରି ମାଡ଼

ଦଶମନ୍ତପୁର,୧୩।୬(ଡି.ଏନ୍.ଏ.)

**ସମ୍ପର୍କ ରଖିଥିବା ପୁରୁଷଙ୍କୁ ପିଟିଲେ ମହିଳାଙ୍କ ସ୍ୱାମୀ**

ପର ପୁରୁଷ ସହ ସମ୍ପର୍କ ରଖିବା କାରଣରୁ ଜଣେ ବିବାହିତ ମହିଳାଙ୍କୁ ଉଲଗ୍ନ କରି ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ମାଡ଼ ମରାଯାଇଛି । ତାଙ୍କ ସହ ସମ୍ପର୍କ ରଖିଥିବା ବିବାହିତ ପୁରୁଷ ଜଣଙ୍କୁ ପିଟିଛନ୍ତି ଉପରୋକ୍ତ ମହିଳାଙ୍କ ସ୍ୱାମୀ । କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଏ. ମାଲକାନଗିରି ପଞ୍ଚାୟତ ବଡ଼ମୁଣ୍ଡାଗୁଡ଼ା ଗ୍ରାମରେ ଏଭଳି ଅମାନବୀୟ ଘଟଣା ଘଟିଛି ।

ପ୍ରକାଶ ଯେ, ବଡ଼ମୁଣ୍ଡାଗୁଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ସହ ଗାଁର ଅନ୍ୟ ଜଣେ ବିବାହିତ ପୁରୁଷ ତ୍ରିନାଥ ମୁଦୁଲିଙ୍କ ସମ୍ପର୍କ ରହିଥିଲା । ଗତ ୧୦ ତାରିଖ ତ୍ରିନାଥ ଉପରୋକ୍ତ ବିବାହିତ ମହିଳାଙ୍କ ଘରକୁ ଯାଇଥିଲେ । ଏହି ଘଟଣା ପରେ ତ୍ରିନାଥଙ୍କ ସ୍ତ୍ରୀ ଗାଁରେ ବୈଠକ ଡକାଇ ସର୍ବସମ୍ମୁଖରେ ତାଙ୍କ ସ୍ୱାମୀ ସମ୍ପର୍କ ରଖିଥିବା ମହିଳା ଜଣଙ୍କୁ ଉଲଗ୍ନ କରିବା ସହ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିଲେ । ଅନ୍ୟପକ୍ଷରେ ମାଡ଼ ଖାଇଥିବା ମହିଳାଙ୍କ ସ୍ୱାମୀ ଓ ତାଙ୍କ ପରିବାର ତ୍ରିନାଥଙ୍କୁ ଲାତ, ଗୋଇଠା ଓ ଚପଲରେ ମାରିଥିଲେ । ଗାଁ ବୈଠକରେ ଏହାର ସମାଧାନ ହୋଇପାରି ନଥିଲା । ତେବେ ଏଭଳି ଘଟଣା ସମ୍ପର୍କରେ ଦଶମନ୍ତପୁର ପୋଲିସ ଖବର ନ ପାଇବା ଓ ପଦକ୍ଷେପ ପାଇଁ ନ ପହଞ୍ଚିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।


## CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟେଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର ।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

FINANCE

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 09598246628
09517415755
9454715754

ବେଦାଂଶୀ ଫାଇନାନ୍ସ ପ୍ରା.ଲି.
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ ।
Balasore: 7409536767,
Jajpur: 9084652616,
Dhenkanal: 7409543249,
Angul: 7252964716,
Jeypore: 9084652615

ASTROLOGY

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ) ।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

Indus Tower Co.
ଖାଲି ଜମି, ଛାତ, ପ୍ଲଟ୍‌ରେ ହାଇ କ୍ୱାଲିଟି ଟାୱାର ଲଗାନ୍ତୁ । ଅଗ୍ରିମ 70 ଲକ୍ଷ, ଭଡ଼ା 40,000/- + 20 ହଜାରର ଅନ୍ୟାନ୍ୟ ସୁବିଧା + ବାଇକ୍ + କୋର୍ଟ ଏଗ୍ରିମେଣ୍ଟ ।
08278484548
08126562722
Add.: Sector-1, Pushp Vihar, Delhi

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଲୋନ ! ଲୋନ ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

TO LET

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଆଡ୍‌ଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
CAPITAL ONE FINANCE
ଆଧାର କାର୍ଡ ଋଣ, ଗୃହ ଋଣ, ମାର୍କଶିଟ୍ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ — ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ
8887072616
8887076388
Add- T-51, Gautampuri Delhi-53

AXIC FINANCE LTD.
ଆମେ ସବୁ ପ୍ରକାର ଋଣ ଯୋଗାଉଛୁ, ଯେପରି ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ଗୃହ ଋଣ @ ସର୍ବନିମ୍ନ ଦରରେ 1% ସୁଧ ସବ୍‌ସିଡି @ 50% ।
ମହିଳାମାନେ ମଧ ଆବେଦନ କରିପାରିବେ ।
HEAD OFFICE
G-79, Adarsh Nagar
Karol Bagh, New Delhi-5
8986532690, 9117913124

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା ।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

ଭାରତର ନଂ.1 ଗୋଲ୍ଡ ମେଡାଲିଷ୍ଟ
INDUS TOWER
କମ୍ପାନୀରୁ ଡିଜିଟାଲ ଟାୱାର ପ୍ଲଟ୍, ଜମିରେ ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା ୨୦୦୦୦/-ର ଅନ୍ୟାନ୍ୟ ସୁବିଧା + ମୋବାଇଲ + ଲାପ୍‌ଟପ୍
9450268843
9499322173
H. No. 412, Subhash Nagar Jind, Haryana.

AVAILABLE FOR RENT / LEASE
3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION
Adjacent to NH - 16 at Manguli Square, Cuttack, Odisha
Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା ।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

See Color Display Classified on every Tuesday & Friday

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଜୁନ୍ ,୨୦୧୯



ସଂସ୍କୃତ ଶିକ୍ଷାନୁଷ୍ଠାନ ପାଖରେ ଅନ୍ତତଃ ୨ଟି ସଂସ୍କୃତଭାଷୀ ଗ୍ରାମ ସୃଷ୍ଟି ଉପରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖ୍ରିୟାଲ ନିଶଙ୍କ ଜୋର ଦେଇଛନ୍ତି। ଉଚ୍ଚ ଯୋଗ୍ୟତାସମ୍ପନ୍ନ ସଂସ୍କୃତ ଶିକ୍ଷକ/ପ୍ରାଧ୍ୟାପକମାନେ ଉକ୍ତ ଭାଷାକୁ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନୂଆ ଦିଗ୍‌ଦର୍ଶନ ଦେବା ଉଚିତ ବୋଲି ଏଠାରେ କେନ୍ଦ୍ରୀୟ ସଂସ୍କୃତ ଶିକ୍ଷାନୁଷ୍ଠାନର ମୁଖ୍ୟମାନଙ୍କ ବୈଠକରେ ନିଶଙ୍କ କହିଛନ୍ତି।



# ୭୧% ବରିଷ୍ଠ ନାଗରିକ ଘରେ ନିର୍ଯାତିତ

**ନୂଆଦିଲ୍ଲୀ,୧୩।୬(ପି.ଟି.):** ଭାରତରେ ୭୧ ପ୍ରତିଶତ ବରିଷ୍ଠ ନାଗରିକ ନିଜ ପରିବାର ସଦସ୍ୟ, ଆତ୍ମୀୟସ୍ୱଜନ ଏବଂ ପିଲାଙ୍କ ଦ୍ୱାରା ନିର୍ଯାତିତ ଏବଂ ଅପମାନିତ ହୁଅନ୍ତି ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ବୟସ୍କଙ୍କ ଅଧିକାର ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଏଜ୍‌ୱେଲ୍ ଫାଉଣ୍ଡେସନ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବୟସ୍କ ବ୍ୟକ୍ତିଙ୍କ ସହ ଆଲୋଚନା ଆଧାରରେ ଏଭଳି ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଜୁନ୍ ୧୫ରେ ବିଶ୍ୱ ବୟସ୍କ ନିର୍ଯାତନା ସଚେତନତା ଦିବସର ଅବ୍ୟବହିତ ପୂର୍ବରୁ ଏହିରିପୋର୍ଟ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଏକ ସର୍ବେକ୍ଷଣ ଅନୁଯାୟୀ, ବୟସ୍କ ନାଗରିକମାନେ ନିଜ ପରିବାର ସଦସ୍ୟ, ପିଲା, ଆତ୍ମୀୟସ୍ୱଜନ ଏବଂ ଅନ୍ୟମାନଙ୍କ ଦ୍ୱାରା ଲାଞ୍ଛିତ, ଅପମାନିତ ଏବଂ ପ୍ରପୀଡିତ ହେଉଛନ୍ତି। ଏହି ପ୍ରସଙ୍ଗ ଉପରେ ଉଦ୍‌ବୋଧନ ଦେଇ ଏଜ୍‌ୱେଲ୍ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ହିମାଂଶୁ ରଥ କହିଲେ, 'ବାର୍ଦ୍ଧକ୍ୟ ମଣିଷ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ଆମେ ସମସ୍ତେ ଦିନେ ନା ଦିନେ ବାର୍ଦ୍ଧକ୍ୟରେ ପହଞ୍ଚିବା। ବୟସ୍କ ଲୋକଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କ ସମସ୍ୟା ବୁଝିଲେ, ଆମେ ବୃଦ୍ଧାବସ୍ଥା ପାଇଁ ପ୍ରସ୍ତୁତ ହୋଇପାରିବା। ଏଥି ସହିତ ବୟସ୍କ ଲୋକଙ୍କ ଆବଶ୍ୟକତା ଓ ଅଧିକାର ସମ୍ପର୍କରେ ସମାଜରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ବୟସ୍କ ଲୋକଙ୍କ ମାନବିକ ଅଧିକାର ଉଲ୍ଲଂଘନ ଘଟଣା ବୃଦ୍ଧି ପାଉଥିବା ଫାଉଣ୍ଡେସନ୍ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ନିର୍ଯାତନାର ଶିକାର ହେଉଛନ୍ତି। ବୃଦ୍ଧ ଲୋକମାନେ ଅପମାନିତ ହେବା ଏକ ସାଧାରଣ ଘଟଣା। ନିଜ ପରିବାର ସଦସ୍ୟ ଏବଂ ଆତ୍ମୀୟ କଥାବାର୍ତ୍ତା ନ କଲେ, ସେମାନଙ୍କ ଆବଶ୍ୟକତା, ଆଗ୍ରହ ଓ ଜୀବନଶୈଳୀକୁ ଅଣଦେଖା କଲେ ବୟସ୍କ ବ୍ୟକ୍ତିମାନେ ଅପମାନିତ ଅନୁଭବ କରନ୍ତି। ବିଶେଷକରି ନିର୍ଭରଶୀଳ ବୟସ୍କ ବ୍ୟକ୍ତିମାନେ ଅପମାନିତ ହେବା ସମ୍ଭାବନା ଅଧିକ। ତେବେ କେତେଗୁଡିଏ କାରଣ ପାଇଁ ବୟସ୍କ ବ୍ୟକ୍ତିଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅପମାନିତ କରାଯାଏ। ସେଗୁଡିକ ମଧ୍ୟରେ ପରିବାରର ଦୁର୍ବଳ ଆର୍ଥିକ ଅବସ୍ଥା, ଘରେ ସ୍ଥାନ ଅଭାବ, କର୍ମଜୀବୀ ପୁଅବୋହୂ, ବୟସ୍କ ବ୍ୟକ୍ତିଙ୍କ ସ୍ଥାୟୀ ରୋଗ, ନୈତିକ ମୂଲ୍ୟବୋଧର ଅବକ୍ଷୟ ଏବଂ ଅନ୍ୟାନ୍ୟ। ପୁନଶ୍ଚ ଲକ୍ଷ୍ୟ କରାଯାଇଛି, ବୃଦ୍ଧ ବୟସରେ ଦୁର୍ବଳ ସ୍ୱାସ୍ଥ୍ୟ, ଚିକିତ୍ସାରେ ଘୋର ଅଭାବ, ମନସ୍ତାତ୍ତ୍ୱିକ ସମସ୍ୟା ଆଦି ପରିବାର ସଦସ୍ୟଙ୍କ ସହାୟତା ବିନା ଦୁଇଗୁଣ ବୃଦ୍ଧିପାଏ। ଆହୁରି ମଧ୍ୟ ମାନବିକ ଅଧିକାର ବିଷୟରେ ସଚେତନତାର ଅଭାବ ଯୋଗୁ ବୟସ୍କ ନାଗରିକମାନେ ଅଧିକ ନିର୍ଯାତିତ ହୋଇଥାଆନ୍ତି।



**ଏଜ୍‌ୱେଲ୍ ଫାଉଣ୍ଡେସନ୍ ରିପୋର୍ଟ**
**ଭାରତରେ ବୟୋଜ୍ୟେଷ୍ଠଙ୍କୁ ଅଣଦେଖା**

# ପୁଟିନ୍‌ଙ୍କୁ ଧନ୍ୟବାଦ ଜଣାଇଲେ ମୋଦି

**ବିଶ୍‌କେକ୍,୧୩।୬(ପି.ଟି.)**

କିରଗିଜ୍‌ସ୍ତାନ ରାଜଧାନୀ ବିଶ୍‌କେକ୍‌ରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଦୁଇ ନେତା ପ୍ରତିରକ୍ଷା ସମ୍ପର୍କକୁ ଆହୁରି ମଜଭୁତ କରିବା ସହ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଥିଲେ। ରୁଷିଆ ସହଯୋଗରେ ଅମେଠିରେ ଏକେ-୨୦୩ କାଲାଶନିକୋଭ୍ ରାଇଫଲ୍ କାରଖାନା ନିର୍ମାଣ ହେଉଥିବାରୁ ଏଥିପାଇଁ ମୋଦି ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଭାରତକୁ ଅସ୍ତ୍ରଶସ୍ତ୍ର ଯୋଗାଣ କ୍ଷେତ୍ରରେ ରୁଷିଆ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ମୋଦିଙ୍କ ବ୍ୟକ୍ତିଗତ ଅବଦାନକୁ ପୁଟିନ ଉଚ୍ଚ ପ୍ରଶଂସା କରିବା ସହ ତାଙ୍କୁ ସର୍ବୋଚ୍ଚ ରାଷ୍ଟ୍ର ସମ୍ମାନ 'ଅର୍ଡର ଅଫ ସେଣ୍ଟ୍ ଆଣ୍ଡ୍ର୍ୟୁ ଦି ଆପୋଷ୍ଟଲ୍' ପ୍ରଦାନ କରିଥିଲେ। ଚଳିତ ମାସ ଶେଷ ଭାଗରେ ଜାପାନର ଓସାକାଠାରେ ହେବାକୁ ଥିବା ଜି-୨୦ ସମ୍ମିଳନୀ ଅବସରରେ ଭାରତ-ରୁଷିଆ-ଚାଇନା ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହେବ। ରୁଷିଆର ଭ୍ଲାଡିଭୋଷ୍ଟକ୍‌ଠାରେ ସେପ୍ଟେମ୍ବରରେ ହେବାକୁ ଥିବା ଇଷ୍ଟର୍ନ ଇକୋନୋମିକ୍ ଫୋରମରେ ମୋଦିଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ପୁଟିନ୍ ନିମନ୍ତ୍ରଣ କରିଛନ୍ତି।

## ଇମ୍ରାନଙ୍କ ସହ କଥା ହେଲେନି

**ବିଶ୍‌କେକ୍,୧୩।୬:** ଏସ୍‌ସିଓ ସମ୍ମିଳନୀ ପ୍ରଥମ ଦିନରେ କିର୍‌ଗିଜସ୍ତାନ ରାଷ୍ଟ୍ରପତି ସୂରୋନବେ ଜିନବେକୋଭ୍‌ଙ୍କ ପକ୍ଷରୁ ଆୟୋଜିତ ନୈଶ୍ୟଭୋଜିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ପାକିସ୍ତାନୀ ପ୍ରତିପକ୍ଷ ଇମ୍ରାନ ଖାନ୍ ଯୋଗ ଦେଇଥିଲେ। ମଧ୍ୟ ପରସ୍ପର ହସ୍ତମର୍ଦ୍ଦନ କଲେ ନାହିଁ କି କଥା ହେଲେ ନାହିଁ। ଉଭୟ ନେତା ଏକ ସମୟରେ ଡାଇନିଂ ହଲ୍‌ରେ ପ୍ରବେଶ କରିବା ସହ ଅନ୍ୟ ନେତାମାନଙ୍କ ସହ ହସ୍ତମର୍ଦ୍ଦନ କରିଥିଲେ। ଇମ୍ରାନଙ୍କଠାରୁ ୪ଟି ଆସନ ଦୂରରେ ମୋଦି ବସିଥିଲେ। ଏସ୍‌ସିଓ ସମ୍ମିଳନୀ ଅବସରରେ ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ ନାହିଁ ବୋଲି ପୂର୍ବରୁ ବହିର୍ବ୍ୟାପାର ମୁଖପାତ୍ର ରଭିଶ୍ କୁମାର ସୂଚନା ଦେଇଥିଲେ।



**DISTRICT DISASTER MANAGEMENT AUTHORITY (DDMA), KHORDHA**

Adv.Lt No.8706 Date: 13.06.2019

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇ ପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୭।୦୭।୨୦୧୯ରିଖ ଦିବା ୧୧.୦୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ପାରାଦୀପସ୍ଥିତ ବି.ପି.ସି.ଏଲ୍. ମୁଖ୍ୟ ଗେଟ୍ ସମ୍ମୁଖରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଜଗତ୍‌ସିଂହପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଜଗତ୍‌ସିଂହପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପାରାଦୀପ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ପାରାଦୀପସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./– ସଦସ୍ୟ ସଚିବ**

| | | | | | | |
|---|---|---|---|---|---|---|
| ୧୪୪ | ୨୨୬ | ୩୬୮ | ୦.୪୬ | ୦.୨୮ | ବାଞ୍ଛାନିଧି ପଣ୍ଡା ପିତା:ନାଣ୍ଟୁ ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୪୫ | | ୪୧୩ | ୦.୧୪ | ୦.୦୨ | ବାଞ୍ଛାନିଧି ପଣ୍ଡା ପିତା:ନାଣ୍ଟୁ ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୪୬ | ୨୨୬ | ୪୧୬ | ୦.୩୩ | ୦.୨୬ | ବାଞ୍ଛାନିଧି ପଣ୍ଡା ପିତା:ନାଣ୍ଟୁ ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୪୭ | | ୭୫୭ | ୦.୨୨ | ୦.୨୨ | ବାଞ୍ଛାନିଧି ପଣ୍ଡା ପିତା:ନାଣ୍ଟୁ ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୪୮ | ୨୩୦ | ୭୬୭ | ୦.୦୩ | ୦.୦୩ | ବେଣୁଧର ତ୍ରିପାଠୀ ପିତା:ଲକ୍ଷ୍ମଣ ତ୍ରିପାଠୀ, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୪୯ | | ୭୯୪ | ୦.୦୪ | ୦.୦୪ | ବେଣୁଧର ତ୍ରିପାଠୀ ପିତା:ଲକ୍ଷ୍ମଣ ତ୍ରିପାଠୀ , ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୦ | ୨୪୦ | ୮୧ | ୦.୫୨ | ୦.୦୧ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୧ | | ୩୫୫ | ୦.୪୧ | ୦.୧୦ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୨ | | ୪୧୪ | ୦.୨୧ | ୦.୨୧ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୩ | | ୭୨୫ | ୦.୨୨ | ୦.୨୨ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୪ | | ୭୫୪ | ୦.୨୮ | ୦.୨୩ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୫ | ୨୪୦ | ୭୫୮ | ୦.୦୮ | ୦.୦୮ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୬ | | ୭୯୯ | ୦.୦୫ | ୦.୦୫ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୭ | ୩୦ | ୬୫୯ | ୦.୨୩ | ୦.୦୨ | ଗିରିଧାରୀ ରଥ ପିତା:ଭରତ ରଥ ଜା:ବ୍ରାହ୍ମଣ, ବା:ନିଜଗାଁ | ଗୋଚର ବଦଳି |
| | | | ମୋଟ | ୧୪.୩୧ | | |

24045/14/0004/1920

ଗ୍ରାମର ମୋଟ ପ୍ଲଟ ସଂଖ୍ୟା : ୧୫୭ (ଏକ ଶହ ସତାବନ), ମୋଟ ଅଧିଗୃହିତ ଜମି : ୧୪.୩୧ ଏକର।





ଏସ୍‌ପ୍ଲାନେଡ ୱାନ ମଲ୍‌ରେ ରଜ ପାଳନ ଅବସରରେ ଉତ୍ସାହିତ ବାଳିକା ଓ ମହିଳା ଏବଂ ଅନୁଷ୍ଠିତ ଫ୍ୟାଶନ୍ ୱାକ୍‌ରେ ଯୋଗଦେଇଥିବା ଯୁବତୀମାନେ।

# ଏସ୍‌ପ୍ଲାନେଡ ୱାନରେ ରଜ ପାଳନ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ଏସ୍‌ପ୍ଲାନେଡ ୱାନ ମଲ୍ ପକ୍ଷରୁ ଏକ ନିଆରା ଢଙ୍ଗରେ ରଜ ପାଳନ କରାଯାଇଛି। ଏହି ଦିନଟିକୁ ସ୍ୱତନ୍ତ୍ର କରିବା ଲାଗି ଏସ୍‌ପ୍ଲାନେଡର ଏସ୍‌ଓଏସ୍ ଚିଲ୍‌ଡ୍ରେନ ହୋମ୍ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏଠାରେ ମହିଳାଙ୍କ ଋତୁ ସମ୍ପର୍କିତ ସ୍ୱଚ୍ଛତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସାନିଟାରୀ ପ୍ୟାଡ ବ୍ୟବହାର, ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ଧ୍ୟାନରେ ରଖି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଏସ୍‌ପ୍ଲାନେଡ ପକ୍ଷରୁ ସୂଚନା ରହିଛି। ଏଥିରେ ୧୨୦ରୁ ଊର୍ଦ୍ଧ୍ୱ ବାଳିକା ଏବଂ ମହିଳା ଯୋଗ ଦେଇଥିଲେ। ସାନିଟାରୀ ନାପକିନ ସହ ଫ୍ୟାଶନ ୱାକ୍ ମଧ ଏଠାରେ ଅନୁଷ୍ଠିତ ହୋଇଥିଲା। ସେହିଭଳି ଅଂଶଗ୍ରହଣକାରୀଙ୍କୁ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ବୃକ୍ଷରୋପଣ ହୋଇଥିଲା। ଏଥିରେ ୧୦୦୦ରୁ ଊର୍ଦ୍ଧ୍ୱ ସାନିଟାରୀ ନାପକିନ ବଣ୍ଟନ କରାଯାଇଥିବା ଏସ୍‌ପ୍ଲାନେଡ ପକ୍ଷରୁ ସୂଚନା ରହିଛି।

**ରଜରେ ନିଆରା ପରମ୍ପରା**

# କୁମାରୀଙ୍କ କଣ୍ଢେଇ ବାହାଘର

କାକଟପୁର, ୧୩।୬(ଡି.ଏନ୍.ଏ.)



ରଜ ଆସିଲେ ଉତ୍ସବମୁଖର ହୋଇପଡ଼େ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର କୁଣ୍ଡେଶ୍ୱର ଗାଁ। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଗାଁରେ ଚଳିଆସିଛି ଏକ ନିଆରା ପରମ୍ପରା। ଭେଦଭାବ, ବିଦ୍ୱେଷ, ମନୋମାଳିନ୍ୟ ଭୁଲି ଗାଁର କୁମାରୀ ଓ ନବବିବାହିତା ଯୁବତୀମାନେ ସାବିତ୍ରୀରେ ଗାଁ ଠାକୁରାଣୀଙ୍କ ଘରେ ଏକତ୍ରିତ ହୁଅନ୍ତି। କୁମାରୀମାନେ ଦୁଇ ଦଳରେ ବିଭକ୍ତ ହୋଇ ଗୋଟିଏ ଦଳ କନ୍ୟାପକ୍ଷ ହେଉଥିବାବେଳେ ଆଉ ଗୋଟିଏ ଦଳ ବରପକ୍ଷ ହୋଇଥାନ୍ତି। ଉଭୟ ଦଳର ନେତ୍ରୀ(ମୁଖିଆ)ଚୟନ କରାଯାଇ ତାଙ୍କରି ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ହୋଇଥାଏ। ପରେ ପହିଲି ରଜରେ କଣ୍ଢେଇ ବାହାଘର ଅନୁଷ୍ଠିତ ହୋଇଥାଏ।

ଠିକ୍ ସାଧାରଣ ବାହାଘର ପରି କନ୍ୟାପକ୍ଷ କୁମାରୀମାନେ କଣ୍ଢେଇ କନ୍ୟା ମାଟିରେ ନିର୍ମାଣ ସାଙ୍ଗକୁ ଗାଁ କୋଠଘରେ ବିବାହର ସମସ୍ତ ଆୟୋଜନ କରିଥାନ୍ତି। ସେହିପରି ବରପକ୍ଷ କୁମାରୀମାନେ ବର କଣ୍ଢେଇ ନିର୍ମାଣ ସାଙ୍ଗକୁ ସୁସଜ୍ଜିତ କାର, ବ୍ୟାଣ୍ଡପାର୍ଟି, ବାଜା, ବାଣ ଯୋଗାଡ଼ କରିଥାନ୍ତି। ସାଧାରଣ ବିବାହ ଉତ୍ସବ ପରି ଗାଁର ସମସ୍ତ ପରିବାର, ନବବିବାହିତା ଯୁବତୀ ଓ ସେମାନଙ୍କ ସ୍ୱାମୀ, ଅତିଥିମାନଙ୍କୁ ନିମନ୍ତ୍ରଣ ପତ୍ର ଦେଇ ନିମନ୍ତ୍ରଣ କରାଯାଉଥିବାବେଳେ ବାଡୁଅପାଣି ଗାଧୁଆ, ବରାନୁଗମନ, ବାଟବରଣ, କନ୍ୟାବିଦା, ବରଯାତ୍ରୀ ଓ ଅତିଥିଙ୍କୁ ଭୋଜି ପ୍ରଭୃତି କାର୍ଯ୍ୟ ସୁଚାରୁରୂପେ କୁମାରୀମାନେ ସମ୍ପାଦନ କରିଥାନ୍ତି। ପହିଲି ରଜରେ ବିବାହ ଉତ୍ସବ ପରେ ଉଭୟ ବର ଓ କନ୍ୟା କଣ୍ଢେଇଙ୍କୁ ଗାଁ କୋଠଘରେ ୪ଦିନ ପାଇଁ ରଖାଯାଇଥାଏ। ପ୍ରତିଦିନ କୁମାରୀମାନେ ଉଭୟ କଣ୍ଢେଇଙ୍କୁ ବନ୍ଦାପନା କରିବା ସହିତ ପୁଚି, ଡିଆଁଡେଇଁ, ତାସ୍, ଲୁଡୁଖେଳ ଖେଳିଥାନ୍ତି। ପଞ୍ଚମ ଦିନ ଉଭୟ କଣ୍ଢେଇଙ୍କୁ ପ୍ରାଚୀ ନଦୀରେ ବିସର୍ଜନ କରାଯାଇଥାଏ। କଣ୍ଢେଇ ବିବାହ ସହ ରଜ ୩ଦିନ ଗାଁ ଉତ୍ସବମୁଖର ହୋଇପଡ଼େ। ରଜରେ କୁମାରୀଙ୍କ କଣ୍ଢେଇ ବାହାଘର ଏକ ନିଆରା ପରମ୍ପରା ଭାବେ ପ୍ରଚଳିତ ବୋଲି ଗ୍ରାମର ସସ୍ମିତା ପ୍ରଧାନ କୁହନ୍ତି। ପରସ୍ପର ମଧ୍ୟରେ ସଦ୍‌ଭାବ, ପ୍ରେମ, ଭାଇଚାରାକୁ ଉଜ୍ଜୀବିତ ରଖିବା ଓ ଯୌତୁକ ଭଳି ଏକ କଳଙ୍କିତ ପ୍ରଥା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବାକୁ ଗାଁରେ କଣ୍ଢେଇ ବାହାଘର ହୋଇଆସୁଥିବା ଗାଁର ଲିଜା ବେହେରା, ସୁଶାନ୍ତି ପ୍ରଧାନ ଓ ମାମାଲି ଦାସ ପ୍ରମୁଖ କୁହନ୍ତି।

# ‘ସଜରେ ସଜରେ ରଜ’

ଭୁବନେଶ୍ୱର, ୧୩।୬(ବ୍ୟୁରୋ)



ସୁର୍ ଭାଇବ୍ରେଶନ୍ ପକ୍ଷରୁ ରବୀନ୍ଦ୍ରମଣ୍ଡପରେ ‘ସଜରେ ସଜରେ ରଜ’ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଜରେ ସଜରେ ରଜର ଆୟୋଜକ ଜୟଶ୍ରୀ ଧଳଙ୍କ ଦ୍ୱାରା ପ୍ରଥମେ ଉତ୍କଳ କଳା ସଂସ୍କୃତି ଭିତ୍ତିକ ନୃତ୍ୟ ସଙ୍ଗୀତକୁ ଅନୁଷ୍ଠାନର କଳାକାରମାନେ ପରିବେଷଣ କରିଥିଲେ। ଜୟଶ୍ରୀଙ୍କ କଣ୍ଠରେ ‘ସଜରେ ସଜରେ ରଜ’ ଗୀତକୁ ନୃତ୍ୟରେ ସଜାଇଥିଲେ ଗୁରୁ ଗୌରୀଶଙ୍କର। ବିଶିଷ୍ଟ କଣ୍ଠଶିଳ୍ପୀ ଶାଶ୍ୱତ କୁମାର ତ୍ରିପାଠୀ, ସନ୍ତୋଷ କୁମାର ପରିଡ଼ା, ଅନିଲ କୁମାର ସାହୁଙ୍କ ଦ୍ୱାରା ପରିବେଷିତ ଗୀତରେ ଗାଁର ମହକ ଅନୁଭୂତ ହୋଇଥିଲା। ଏହାସହ ନୃତ୍ୟ, ସଙ୍ଗୀତ, ବାଦ୍ୟ ସହିତ ପିଠାପଣାର ମହକରେ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟ କମ୍ପି ଉଠିଥିଲା। କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ଡ.ଚିଦାତ୍ମିକା ଖଟୁଆ, ଜ୍ୟୋତ୍ସ୍ନାମୟୀ ପରିଡ଼ା, ଅରୁନ୍ଧତୀ ମଲ୍ଲିକ, ଶିବ ନାରାୟଣ ପାତ୍ର, ସଞ୍ଜୟ କୁମାର ପଲେଇ, ଉତ୍ତମ ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଲିବୁନ୍



ଦୀପ୍ତିରଞ୍ଜନ



ଶ୍ରୀମା



ଶୁଭାଶିଷ



ପ୍ରକାଶ



ଅମିତ


No.: 07-PP

# ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା

ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ବାରାକ ନଂ. ୧୨ (ଏ), ୟୁନିଟ୍-୫, ଭୁବନେଶ୍ୱର

## ବାର୍ଷିକ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ କ୍ୟାଲେଣ୍ଡର ୨୦୧୯-୨୦

| କ୍ର.ସଂ. | ପ୍ରଦର୍ଶନୀର ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧ | ବାର୍ଷିକ ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ | ଭୁବନେଶ୍ୱର | ଅକ୍ଟୋବର ୨୦୧୯ |
| ୨ | କୋଣାର୍କ ମେଳା ପ୍ରଦର୍ଶନୀ | ଅର୍ବାନ ହାଟ, କୋଣାର୍କ | ଡିସେମ୍ବର ୨୦୧୯ |
| ୩ | ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା - ୨୦୧୯ | ଭୁବନେଶ୍ୱର | ଡିସେମ୍ବର ୨୦୧୯ |
| ୪ | ବାର୍ଷିକ ଆଦିବାସୀ ମେଳା (କେବଳ ତ.ଉପଜାତି ପ୍ରାର୍ଥୀଙ୍କ ନିମନ୍ତେ) | ଭୁବନେଶ୍ୱର | ଜାନୁଆରୀ ୨୦୨୦ |
| ୫ | ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ | ଅନୁଗୁଳ | ଜାନୁଆରୀ ୨୦୨୦ |
| ୬ | ଥିମ୍ ଆଧାରିତ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ | ଭୁବନେଶ୍ୱର | ଜାନୁଆରୀ ୨୦୨୦ |
| ୭ | ଚାନ୍ଦୁଆ ପ୍ରଦର୍ଶନୀ | ଭୁବନେଶ୍ୱର | ଫେବୃଆରୀ ୨୦୨୦ |
| ୮ | ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ | ରାଉରକେଲା | ଫେବୃଆରୀ ୨୦୨୦ |
| ୯ | ବିବିଧ ହସ୍ତଶିଳ୍ପ ପ୍ରଦର୍ଶନୀ | କଟକ | ଫେବୃଆରୀ ୨୦୨୦ |
| ଓର୍‌ମାସ ଦ୍ୱାରା ଆୟୋଜିତ ପଲ୍ଲିଶ୍ରୀ ମେଳା | | | |
| ୧ | ରଥଯାତ୍ରା | ପୁରୀ | ଜୁଲାଇ ୨୦୧୯ |
| ୨ | ବିଶ୍ୱକର୍ମା ପୂଜା | ନାଲ୍‌କୋ ଟାଉନଶିପ୍, ଅନୁଗୁଳ | ସେପ୍ଟେମ୍ବର ୨୦୧୯ |
| ୩ | ଦୁର୍ଗାପୂଜା | ରାଉରକେଲା | ଅକ୍ଟୋବର ୨୦୧୯ |
| ୪ | ଗଜଲକ୍ଷ୍ମୀ ପୂଜା | ଷ୍ଟାଡ଼ିୟମ, ଢେଙ୍କାନାଳ | ଅକ୍ଟୋବର ୨୦୧୯ |
| ୫ | ବାଲିଯାତ୍ରା | କଟକ | ନଭେମ୍ବର ୨୦୧୯ |
| ୬ | ଧନୁଯାତ୍ରା ଉତ୍ସବ | ଷ୍ଟାଡ଼ିୟମ, ବରଗଡ଼ | ଜାନୁଆରୀ ୨୦୨୦ |
| ୭ | ଶିଶିର ସାରସ | ଭୁବନେଶ୍ୱର | ଜାନୁଆରୀ ୨୦୨୦ |

ଉପରୋକ୍ତ ସମସ୍ତ ପ୍ରଦର୍ଶନୀମାନଙ୍କରେ ଭାଗନେବାକୁ ଇଚ୍ଛୁକ ହସ୍ତଶିଳ୍ପ କାରିଗର/ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀମାନେ ତା୧୫।୦୭।୨୦୧୯ରିଖ ସୁଦ୍ଧା ସମ୍ପୃକ୍ତ ଆଞ୍ଚଳିକ/ଜିଲ୍ଲା ଶିଳ୍ପ କେନ୍ଦ୍ରଠାରେ ଆବେଦନ କରିପାରିବେ।

ଆବେଦନ କରିବାର ନିର୍ଦ୍ଧାରିତ ଫର୍ମ ନିମ୍ନରେ ପ୍ରଦାନ କରାଗଲା। ପ୍ରତ୍ୟେକ ପ୍ରଦର୍ଶନୀ ପାଇଁ ଅଲଗା ଅଲଗା ଫର୍ମରେ ଆବେଦନ କରିବେ।

### ହସ୍ତଶିଳ୍ପ ପ୍ରଦର୍ଶନୀରେ ଭାଗନେବା ପାଇଁ ଆବେଦନ ଫର୍ମ ୨୦୧୯-୨୦

କେଉଁ ପ୍ରଦର୍ଶନୀରେ ଭାଗନେବାକୁ ଚାହୁଁଛନ୍ତି :
୧. କାରିଗରଙ୍କ/ସଂସ୍ଥାର ନାମ :
(କ) ଯୋଗାଯୋଗ ଠିକଣା :
(ଖ) ମୋବାଇଲ ଫୋନ୍ ନଂ. :
୨. ପିତା/ସ୍ୱାମୀଙ୍କ ନାମ :
୩. ବର୍ଗ (ସାଧାରଣ/ତ.ଜାତି/ତ.ଉପଜାତି) :
୪. କେଉଁ ହସ୍ତଶିଳ୍ପରେ ଆବେଦନ କରିବାକୁ ଚାହୁଁଛନ୍ତି :
୫. ବିକ୍ରୟ ନିମନ୍ତେ ପ୍ରସ୍ତୁତି ସାମଗ୍ରୀର ଆନୁମାନିକ ମୂଲ୍ୟ :
୬. କାରିଗର ପରିଚୟ ପତ୍ର/ସଂସ୍ଥା ପଞ୍ଜୀକରଣ ସଂଖ୍ୟା (ନକଲ ସଂଲଗ୍ନ କରିବେ) :
୭. ବିଗତ ୨ ବର୍ଷରେ ଭାଗ ନେଇଥିବା ପ୍ରଦର୍ଶନୀ ସମ୍ପର୍କିତ ତଥ୍ୟ :
କ) ପ୍ରଦର୍ଶନୀର ନାମ ଓ ବର୍ଷ :
ଖ) ବିକ୍ରି ପରିମାଣ :
୮. ଜାତୀୟ/ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଥିଲେ ତା'ର ବିବରଣୀ :
(ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ)

**ସଂସ୍ଥା/ପ୍ରାର୍ଥୀଙ୍କର ସ୍ୱାକ୍ଷର**

ବି.ଦ୍ର.: ଆବେଦନ କରିଥିବା ପ୍ରତ୍ୟେକ କାରିଗର/ସଂସ୍ଥାକୁ ଏହି ଆର୍ଥିକ ବର୍ଷ ମଧ୍ୟରେ କେବଳ ଏକମାତ୍ର ପ୍ରଦର୍ଶନୀରେ ଭାଗନେବା ପାଇଁ ଚୟନ କରାଯାଇପାରେ। ବିଶେଷ ପରିସ୍ଥିତିରେ ୨ୟ ବାର ଭାଗନେବାର ସୁଯୋଗ ମିଳିପାରେ। ଉକ୍ତ ନିର୍ଦ୍ଦେଶାଳୟକୁ ସିଧାସଳଖ ଆବେଦନ କରିଥିବା ଦରଖାସ୍ତଗୁଡ଼ିକ ବିଚାରଯୋଗ୍ୟ ହେବନାହିଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବିଚରାକୁ ନିଆଯିବ ନାହିଁ। ଆବଶ୍ୟକ ସ୍ଥଳେ ପ୍ରଦର୍ଶନୀର ସ୍ଥାନ ଓ ପ୍ରସ୍ତାବିତ ସମୟ ପରିବର୍ତ୍ତନ କରାଯାଇପାରେ।

43002/11/0004/1920

**ନିର୍ଦ୍ଦେଶକ, ହସ୍ତ ଓ କୁଟୀର ଶିଳ୍ପ, ଓଡ଼ିଶା**



ପ୍ରିୟ ଓ ମିଠା କଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଲେଡି ପ୍ରୋଟେକ୍ଟ ଟିମ୍ ଟ୍ରଷ୍ଟ ପକ୍ଷରୁ ତୃତୀୟ ବାର୍ଷିକ ରଜ ମହୋତ୍ସବ, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀସ୍ଥିତ ଦୁର୍ଗାପୂଜା ପଡ଼ିଆ, ପୂର୍ବାହ୍ନ ୧୦ଟା। ବିଭିନ୍ନ ପ୍ରତିଯୋଗିତା, ସନ୍ଧ୍ୟା ୬ଟା।
- କଲ୍ୟାଣପୁର ସାଂସ୍କୃତିକ ପରିଷଦ ପକ୍ଷରୁ ରଜ ମଉଜ, ସ୍ୱସ୍ତିବନ, ପୂର୍ବାହ୍ନ ୧୦ଟା।
- ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଦିବସ ପାଳନ, ରୋଟାରି ଭବନ, ୟୁନିଟ୍-୯, ପୂର୍ବାହ୍ନ ୧୦ଟା ୩୦।
- ଏକାମ୍ର ସଙ୍ଗଠନ ପକ୍ଷରୁ ଗ୍ରାମାଞ୍ଚଳ ରଜ ମହୋତ୍ସବ, ଗୋପିନାଥପୁର ମେଳଣ ପଡ଼ିଆ, ଧଉଳି ପଞ୍ଚାୟତ, ମଧ୍ୟାହ୍ନ ୧୨ଟା।
- ସଂଭାବନାର ରଜ ମଉଜ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପହିଲି ରଜ ଅବସରରେ ଲୋକକଳା ଦିବସର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଫକୀର ମୋହନ ନଗର ସିଟିଜେନ୍ସ କାଉନ୍‌ସିଲ ପକ୍ଷରୁ ରଜ ମହୋତ୍ସବ, ରୋଟାରି କମ୍ୟୁନିଟି ସେଣ୍ଟର, ସରକାରୀ ଉ.ପ୍ରା. ବିଦ୍ୟାଳୟ ସନ୍ନିକଟ, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ସନ୍ଧ୍ୟା ୬ଟା ୩୦।
- ଶତରୂପା ସଙ୍ଗୀତ ଓ ସାହିତ୍ୟ ପ୍ରକାଶିକା ପକ୍ଷରୁ ରଜ ମଉଜ କାର୍ଯ୍ୟକ୍ରମ, ରୋଟାରି ଭବନ, ୟୁନିଟ୍-୯, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ରଜ ଅବସରରେ ଚଇତାଳି ଘୋଡ଼ା ନାଚ ପରିବେଷଣ, ମା' ଉତ୍ତରମୁଖୀ ପୀଠ, ଭୁବନପୁର, ପୂର୍ବାହ୍ନ ୧୦ଟା।
- ମାଗଣାରେ ନାଟକ ପରିବେଷଣ, କାକରୁଦ୍ରପୁର ଜଗନ୍ନାଥପୁରସ୍ଥିତ ବେଲବଣିଆ ପଡ଼ିଆ, ରାତି ୧୧ଟା।

# ଗୁରୁଦ୍ୱାରା ପରିସରରୁ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଖାରବେଳ ଥାନା ନିକଟ ଗୁରୁଦ୍ୱାରା ପରିସର ଏକ ହୋମିଓପାଥିକ କ୍ଲିନିକ୍‌ର ପ୍ରଥମ ମହଲାରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରିଛି। ମୃତଦେହଟି ଝୁଲୁଥିବାବେଳେ ତାଙ୍କ ଯୌନାଙ୍ଗରେ ପ୍ରଚୁର ରକ୍ତସ୍ରାବ ହେଉଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ମାଡ଼ମାରି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତ ଯୁବକ ହେଲେ ୟୁନିଟ୍-୩ସ୍ଥିତ ହରିଜନ ବସ୍ତିରେ ରହୁଥିବା ସୁବାସ ନାୟକ (୨୫)। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବସ୍ତି ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୁବାସଙ୍କୁ ହତ୍ୟା କରି ଝୁଲାଇ ଦିଆଯାଇଥିବା ଅଭିଯୋଗ ଆଣି ପରିବାର ସଦସ୍ୟଙ୍କ ସମେତ ବସ୍ତିର ଲୋକେ ହୋହଲ୍ଲା କରିବା ସହ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଫଳରେ ସେଠାରେ ଦୀର୍ଘ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ କିଛି ନ ଶୁଣି କ୍ଷତିପୂରଣ ଦାବି କରି ଗୁରୁଦ୍ୱାରା ସମ୍ମୁଖ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଜନପଥରେ ହଜାର ହଜାର ଗାଡ଼ି ଅଟକି ରହିଥିଲା। ଜୋନ୍ ଏସିପି ଓ ଥାନା ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ନେଇ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା। ପରେ ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି।

ସୂଚନା ଅନୁଯାୟୀ, ମୃତ ସୁବାସଙ୍କ ବାପା ୧୨ବର୍ଷ ହେବ ଗୁରୁଦ୍ୱାରାର କର୍ମଚାରୀ ଅଛନ୍ତି। ବର୍ଷକ ତଳେ ସୁବାସଙ୍କୁ ତାଙ୍କ ବାପା ଗୁରୁଦ୍ୱାରା ଆଟେଣ୍ଡାଣ୍ଟ ଭାବେ ରଖିଥିଲେ। ସୁବାସ ସବୁଦିନ କାମ କରିବାକୁ ଗୁରୁଦ୍ୱାରା ଯାଉଥିଲେ। କାମ ଅଧିକ ଥିଲେ ସୁବାସ ଘରକୁ ନ ଫେରି ଗୁରୁଦ୍ୱାରାରେ ଶୋଇପଡୁଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ସୁବାସଙ୍କ ମୃତଦେହ ହୋମିଓପାଥିକ କ୍ଲିନିକ୍‌ର ପ୍ରଥମ ମହଲାର ଏକ ଫ୍ୟାନ୍‌ରେ ଝୁଲୁଥିବା ଅବସ୍ଥାରେ କର୍ମଚାରୀ ଦେଖି ପୋଲିସକୁ ଜଣାଇଥିଲେ। ତେବେ ସୁବାସଙ୍କ ବେକକୁ କପଡ଼ା ଦ୍ୱାରା ବାନ୍ଧି ଫ୍ୟାନ୍‌ରେ ଝୁଲାଯିବା ଓ ଯୌନାଙ୍ଗରୁ ରକ୍ତସ୍ରାବ ହେବା ଘଟଣାକୁ ବସ୍ତିର ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କୁ ଗୁରୁଦ୍ୱାରାର କୌଣସି କର୍ମଚାରୀ ମାଡ଼ମାରିବା ସହ ଗୁପ୍ତାଙ୍ଗକୁ ପିଟିବା ପରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାକୁ ଭିନ୍ନ ରୂପ ଦେବାକୁ ଫ୍ୟାନ୍‌ରେ ଝୁଲାଇ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଏଭଳି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ଉକ୍ତ ଯୁବତୀଙ୍କ ସହ କଥା ହେଉଥିବାବେଳେ ତାଙ୍କ ଉପରେ ଆକ୍ରମଣ ହୋଇଥିବା ଶୁଣିବାକୁ ମିଳୁଛି। ସିସିଟିଭି ଫୁଟେଜକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି।



ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

- ଯୁବକଙ୍କ ଗୁପ୍ତାଙ୍ଗରୁ ବାହାରୁଥିଲା ରକ୍ତ, ହତ୍ୟା ସନ୍ଦେହ
- ଗୁରୁଦ୍ୱାରାରେ ବସ୍ତି ଲୋକଙ୍କ ଭଙ୍ଗାରୁଜା, ରାସ୍ତାରୋକୋ

## ଓଟିଡିସିର ସ୍ୱତନ୍ତ୍ର ରଥଯାତ୍ରା ପ୍ୟାକେଜ୍

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ତରଫରୁ ସ୍ୱତନ୍ତ୍ର ରଥଯାତ୍ରା ଟୁର୍ ପ୍ୟାକେଜ୍ ଘୋଷଣା କରାଯାଇଛି। ଏହି ପ୍ୟାକେଜ୍ କଟକ, ଭୁବନେଶ୍ୱର ଓ ସମ୍ବଲପୁର ପାନ୍ଥନିବାସରେ ଉପଲବ୍ଧ ହେବ। ଏହି ଅବସରରେ ରାଜ୍ୟ, ଦେଶ ତଥା ବିଦେଶୀ ପର୍ଯ୍ୟଟକ ଆସନ୍ତା ଜୁଲାଇ ୪ରେ ଶ୍ରୀଜୀଉଙ୍କ ରଥଯାତ୍ରା ଉପଭୋଗ କରିପାରିବେ। ଚଳିତବର୍ଷ ୧୨୦ଜଣ ପର୍ଯ୍ୟଟକଙ୍କ ପାଇଁ ବିଭାଗ ପକ୍ଷରୁ ପ୍ୟାକେଜ୍‌ର ବ୍ୟବସ୍ଥା କରାଯାଇଛି। ଜୁଲାଇ ୪ତାରିଖ ପ୍ରାତଃ ୫ଟାରେ କଟକ ପାନ୍ଥନିବାସ ପରିସରରୁ ଯାତ୍ରୀଙ୍କୁ ଓଟିଡିସିର ସ୍ୱତନ୍ତ୍ର ବସ୍‌ରେ ପୁରୀ ନିଆଯିବ। ସେହିପରି ସମ୍ବଲପୁର ପାନ୍ଥନିବାସରୁ ପୂର୍ବଦିନ ରାତି ୮ଟାରୁ ଯାତ୍ରୀମାନେ ଭୁବନେଶ୍ୱର ଅଭିମୁଖେ ଯିବେ। ପରେ ସେମାନଙ୍କୁ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ନିଆଯିବ। ସକାଳ ଜଳଖିଆ, ମଧ୍ୟାହ୍ନଭୋଜନ ଓ ପାନୀୟ ଜଳର ବ୍ୟବସ୍ଥା ରହିଥିବା ବେଳେ ରାତ୍ରିଭୋଜନ ପରେ ସମସ୍ତ ଯାତ୍ରୀ ଭୁବନେଶ୍ୱର ଫେରିବେ। ସମସ୍ତ ପ୍ୟାକେଜ୍ ପାଇଁ ଭିନ୍ନ ଭିନ୍ନ ଦେୟ ରହିଥିବା ବେଳେ ପର୍ଯ୍ୟଟକ ଭିଜିଟ୍ ଓଡ଼ିଶା ଏବଂ ପାନ୍ଥନିବାସ ୱେବ୍‌ସାଇଟରେ ସବୁ ତଥ୍ୟ ପାଇପାରିବେ। ଅନ୍ୟପକ୍ଷରେ ପ୍ରତିବର୍ଷ ଜଗନ୍ନାଥ ବଲ୍ଲଭ ମଠ ଉପରେ ପର୍ଯ୍ୟଟକଙ୍କ ବସିବା ବ୍ୟବସ୍ଥା କରାଯାଉଥିବା ବେଳେ ଏଥର କିନ୍ତୁ ପୁରୀ ଗ୍ରାଣ୍ଡ ସେଣ୍ଟ୍ରାଲ ହୋଟେଲ ଉପରେ ବସି ରଥଯାତ୍ରା ଉପଭୋଗ କରିବାର ବ୍ୟବସ୍ଥା କରାଯାଉଛି।

## ୨କୁଇଣ୍ଟାଲରୁ ଊର୍ଦ୍ଧ୍ୱ ପଲିଥିନ ଜବତ

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଗତବର୍ଷ ଗାନ୍ଧୀ ଜୟନ୍ତୀରୁ ପଲିଥିନ ବ୍ୟାନ ହୋଇଥିଲେ ମଧ୍ୟ ବ୍ୟବସାୟୀମାନେ ଏହାର ବ୍ୟବହାର ଜାରି ରଖିଛନ୍ତି। ଏ ନେଇ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି), କମିଶନରେଟ ପୋଲିସ, ଜଙ୍ଗଲ ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ମିଳିତ ସ୍କ୍ୱାଡ ଦ୍ୱାରା ୨ଟି ଟିମ କରାଯାଇ ଚଢ଼ାଉ ଜାରି ରହିଛି। ଚଢ଼ାଉରେ ୨କୁଇଣ୍ଟାଲରୁ ଊର୍ଦ୍ଧ୍ୱ ପଲିଥିନ ଜବତ କରାଯାଇଛି। ଏବେ ପଲିଥିନ ଗୋଦାମ ଉପରେ ଚଢ଼ାଉକୁ ଜୋରଦାର କରାଯାଉଛି। ସମସ୍ତ ଜବତ ପଲିଥିନ୍‌କୁ କଟକ ରୋଡସ୍ଥିତ ଯାତ୍ରୀନିବାସରେ ରଖାଯାଉଛି। ସ୍କ୍ୱାଡ ପ୍ରଥମ ଦିନରେ ୭୫ କେଜି ପଲିଥିନ ଜବତ କରିଥିବାବେଳେ ଦ୍ୱିତୀୟ ଦିନରେ ୪୫ କେଜି ପଲିଥିନ ଜବତ କରିଥିଲା। ଏବେ ୟୁନିଟ-୧, ୟୁନିଟ-୨, ଶହୀଦନଗର, ଚନ୍ଦ୍ରଶେଖରପୁର, ଡମଣା, ବରମୁଣ୍ଡା ଆଦି ବଜାର ଉପରେ ନଜର ରଖାଯାଇଛି। ଏହି ଚଢ଼ାଉ ଆଗକୁ ଜାରି ରହିବ ବୋଲି ସୂଚନା ମିଳିଛି।

# ବିପଦ ସମୟରେ ଛିଡ଼ା ହେଲା ବିଏମ୍‌ସି

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ବଞ୍ଚିବା ଲାଗି ସଂଗ୍ରାମ କରି କରୁଥିବା ଅସହାୟ ମହିଳା ନମିତା ସାହୁ (୩୮)ଙ୍କୁ ବିଏମ୍‌ସି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ହଜାର ଟଙ୍କା ପ୍ରଦାନ କରିଛି। ୧୯୯୯ ମହାବାତ୍ୟାରେ ନିଜର ଦିବ୍ୟାଙ୍ଗ ସ୍ୱାମୀଙ୍କ ସହ ସେ ଭୁବନେଶ୍ୱର ଚାଲିଆସିଥିଲେ। ଜିଜିପି କଲୋନୀରେ ବସବାସ କରୁଥିବା ବେଳେ ଗତ ଫେବୃଆରୀ ୧୦ ତାରିଖରେ ସ୍ୱାମୀ ଧନଞ୍ଜୟ ସାହୁଙ୍କର ମୃତ୍ୟୁ ହୋଇଥିଲା। ପରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିବାରୁ ସେ ବିଏମ୍‌ସିର ଦ୍ୱାରସ୍ଥ ହୋଇଥିଲେ। ନମିତାଙ୍କ ଏପରି ଅବସ୍ଥା ଜାଣି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। ଭୁବନେଶ୍ୱର ଉତ୍ତର ମଣ୍ଡଳ କାର୍ଯ୍ୟାଳୟ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି ତାଙ୍କୁ ଏହି ସହାୟତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ନମିତାଙ୍କ ପୁଅ ଜଣେ ମାନସିକ ବିକାରଗ୍ରସ୍ତ ବେଳେ ସ୍ୱାମୀ ଧନଞ୍ଜୟ ଦିବ୍ୟାଙ୍ଗ ଥିଲେ। ଏହା ସତ୍ତ୍ୱେ ସେ ନିଜେ ଘର ଚଳାଇ ଆସୁଥିଲେ। ଏବେ ବିଧବା ଭତ୍ତା ଲାଗି ତାଙ୍କ ନାମକୁ ପଞ୍ଜୀକୃତ କରାଯାଇଛି। ସେ ଏହି ସହାୟତା ପାଇବା ପରେ ଏକ ଛୋଟ ଦୋକାନ ଖୋଲି ପୁଅ ହରେକୃଷ୍ଣର ଯତ୍ନ ନେବେ ଓ ଝିଅ ସ୍ୱାତୀକୁ ପଢାଇବେ ବୋଲି କହିଛନ୍ତି।


ଝିଅ ସ୍ୱାତି ସହ ମା' ନମିତା।

## ରାସ୍ତାକଡ଼ରୁ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବାରଙ୍ଗ,୧୩।୬(ଡି.ଏନ୍.ଏ.)

ନନ୍ଦନକାନନ ଥାନା ଅଧୀନ ନନ୍ଦନକାନନ ଛକଠାରୁ କିଛି ଦୂର ବାରଙ୍ଗ-କଟକ ମୁଖ୍ୟରାସ୍ତା କଡ଼ରୁ ଜଣେ ୫୫ବର୍ଷ ବୟସ୍କ ବ୍ୟକ୍ତିଙ୍କ ମୃତଦେହକୁ ଗୁରୁବାର ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ବାରଙ୍ଗ ଥାନା ଅଧୀନ ତେଲେଙ୍ଗା ସାହିର ବେଣୁ ଡିହିଆ। ସେ ବୁଧବାର ପୂର୍ବାହ୍ନ ୧୦ଟାରୁ ଘରୁ ବାହାରି ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ଦ୍ୱିପ୍ରହରରେ ଜଣେ କାର ଚାଳକ ଗାଡ଼ି ରଖି ରାସ୍ତାପାର୍ଶ୍ୱକୁ ପରିସ୍ରା ପାଇଁ ଯାଇଥିବା ବେଳେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ସ୍ଥାନୀୟ କେତେଜଣ ବ୍ୟବସାୟୀଙ୍କୁ କହିବା ପରେ କଥା ପ୍ରଘଟ ହୋଇଥିଲା। ଅପରାହ୍ନ ୪ଟାରେ ପରିବାର ଲୋକ ପହଞ୍ଚି ମୃତଦେହକୁ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏ ସଂକ୍ରାନ୍ତରେ ନନ୍ଦନକାନନ ଥାନାରେ ନଂ. ୫/୧୯ରେ ମାମଲା ରୁଜୁ ହୋଇଛି। ମୃତଦେହ ପଚିଯାଇ ଦୁର୍ଗନ୍ଧ ହେଉଥିଲା। ବୁଧବାର ଦିନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୁଆଘାତ ଦେଇ ଯାଉଥିବା ବେଳେ ଅଂଶୁଘାତରେ ବେଣୁଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକ ଅନୁମାନ କରୁଛନ୍ତି। ରାତିରେ ବର୍ଷା ହୋଇଥିବାରୁ ଖରା ଓ ବର୍ଷା ଖାଇ ମୃତଦେହ ପଚିଯାଇଥିବା ବୋଲି ସେମାନେ କହିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ଏମ୍‌ବିଡି ଗ୍ରୁପ ପକ୍ଷରୁ ଛାତ୍ରଗୌରବ ସମ୍ମାନ



ଭୁବନେଶ୍ୱର,୧୩।୬

ଏମ୍‌ବିଡି ଗ୍ରୁପ ପକ୍ଷରୁ ଛାତ୍ରଗୌରବ ସମ୍ମାନ ୨୦୧୯ ଅନୁଷ୍ଠିତ ହୋଇ ଯାଇଛି। ୨୦୦୯ ମସିହାରୁ ଗ୍ରୁପ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ୧୦ମ ଶ୍ରେଣୀରେ କୃତିତ୍ୱ ହାସଲ କରିଥିବା ୩୪ ଜଣ ଜିଲ୍ଲା ଟପରଙ୍କୁ କମ୍ପାନୀ ସମ୍ବର୍ଦ୍ଧିତ କରିଛି। କାର୍ଯ୍ୟକ୍ରମରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ, କୈଳାସ ଚନ୍ଦ୍ର ବିଶ୍ୱାଳ ରାଓ, ଭଡି ସାମନ୍ତ, ବୈଦ୍ୟନାଥ ନାୟକ ଏବଂ ଶିକ୍ଷାବିତ ଡଃ କିଶୋର ମହାନ୍ତି ଯୋଗ ଦେଇଥିଲେ। ଏମ୍‌ବିଡି ଗ୍ରୁପର ଜୋନାଲ ମୁଖ୍ୟ ପ୍ରଦୀପ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତିଛାତ୍ରଛାତ୍ରୀଙ୍କ ସହ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ହୃଷିକେଶ କାଣ୍ଡି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏମ୍‌ବିଡି ଗ୍ରୁପର ମୁଖ୍ୟ ପରିଚାଳନା ନିର୍ଦ୍ଦେଶିକା ମୋନିକା ମାଲହୋତ୍ରା କାଣ୍ଡାରୀ ବାପା ଅଶୋକ କୁମାର ମାଲହୋତ୍ରାଙ୍କ ନିଷ୍ଠାପର କାର୍ଯ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ।

## ନନ୍ଦନକାନନରେ ଗୁଳୁଗୁଳି
## ବିଲୁଆ ମୃତ, ମାର୍ମୋସେଟ୍, ଗଧିଆ ଅସୁସ୍ଥ

ବାରଙ୍ଗ/ନରାଜ,୧୩।୬(ଡି.ଏନ୍.ଏ.): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୨୩ନଂ. ଏନ୍‌କ୍ଲୋଜରରେ ଥିବା ଏକ ଅଣ୍ଡିରା ବିଲୁଆର ଗୁରୁବାର ମୃତ୍ୟୁ ଘଟିଛି। ଏହାର ବୟସ ପାଖାପାଖି ୬ ବର୍ଷ ହେବା ସେ ରହୁଥିବା ଏନ୍‌କ୍ଲୋଜରରେ ତିଙ୍କ ସଂଖ୍ୟା ଅଧିକ ଥିବାରୁ ରୋଗ ନିରାକରଣ ଲାଗି ଗୁରୁବାର ସକାଳେ ନନ୍ଦନକାନନ ଡାକ୍ତରଖାନା ପକ୍ଷରୁ ଏକ ଟିମ୍ ଆସି ଇଞ୍ଜେକ୍ସନ ଓ ସାଲାଇନ୍ ଦେଇ ଯାଇଥିଲା। ଦ୍ୱିପ୍ରହର ସମୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ସହ୍ୟ କରି ନ ପାରି ବିଲୁଆଟି ପ୍ରାଣ ହରାଇଥିବା ଡାକ୍ତରଖାନା ପକ୍ଷରୁ ପ୍ରାଥମିକ ଆକଳନ କରାଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ଏହି ବିଲୁଆର ମୃତ୍ୟୁ ପରେ ଏଠାରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୪ରେ ପହଞ୍ଚିଛି। ସେଥିମଧ୍ୟରେ ୩ ମାଈ ଓ ଗୋଟିଏ ଅଣ୍ଡିରା ରହିଛି। ସେପଟେ ଧୂସର ରଙ୍ଗର ଏକ ଅଣ୍ଡିରା ଗଧିଆ ଗୁରୁବାର ବାନ୍ତି କରି ଅସୁସ୍ଥ ହୋଇପଡ଼ିଛି। ଡାକ୍ତରଖାନାରେ ତା'ର ଚିକିତ୍ସା ଚାଲିଛି। ଏହାକୁ ମହୀଶୂର ଚିଡ଼ିଆଖାନାରୁ ତା'ର ସାଥୀ ସହ ଅଣାଯାଇଥିଲା। ଗତ ମାର୍ଚ୍ଚ ୭ରେ ମାଈ ଗଧିଆର ମୃତ୍ୟୁ ପରେ ଅଣ୍ଡିରାଟି ନିସଙ୍ଗ ଜୀବନ ବିତାଉଛି। ସେହିପରି ମାଙ୍କଡ଼ ପ୍ରଜାତିର ସବୁଠାରୁ ଛୋଟ ମାର୍ମୋସେଟ ଗୁରୁବାର ପ୍ରବଳ ଗୁଳୁଗୁଳି ଯୋଗୁ ଅସୁସ୍ଥ ହୋଇପଡ଼ିଛି। ସେହିଭଳି ଏମାନଙ୍କ ସହ ଏମ୍ୟୁ, କୁମ୍ଭୀ, ଧଳା ମୟୂର, ପଥର କଇଁଛ ମଧ୍ୟ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ନନ୍ଦନକାନନ ପ୍ରାଣୀ ବିଭାଗ ଦାୟିତ୍ୱରେ ଥିବା ଏସିଏଫ୍ ଅଶୋକ କୁମାର ଦାସ କହିଛନ୍ତି।

# ପୁନରୁଦ୍ଧାର ଲାଗି ମିଳିତ ଉଦ୍ୟମ ଲୋଡ଼ା

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ପ୍ରଳୟଙ୍କରୀ ବାତ୍ୟା ଫନୀରେ ରାଜ୍ୟର ୧୪ଟି ଜିଲାର ପ୍ରାୟ ୧୯ ହଜାର ଗ୍ରାମର ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ୨ ଲକ୍ଷ ହେକ୍ଟର ଚାଷ ଜମି, ୩୨୯୦ଟି ଗୋଷ୍ଠୀ ପରିଚାଳିତ ଉଠା ଜଳସେଚନ ପ୍ରକଳ୍ପ, ୯ ମିଲିଅନ୍ ପ୍ରାଣୀ ସମ୍ପଦ ପ୍ରଭାବିତ ହେବା ସହ ୫.୩ ମିଲିଅନ୍ କୁକୁଡ଼ା ମରିଛନ୍ତି ଏବଂ ୬୩୧୦ ପାରମ୍ପରିକ ମାଛଧରା ଡଙ୍ଗା ସହ ୭୨୪୦ ମାଛଧରା ଜାଲ ନଷ୍ଟ ହୋଇଛି। ଜଙ୍ଗଲ ଅଞ୍ଚଳରେ ୯ ଲକ୍ଷରୁ ଊର୍ଦ୍ଧ୍ୱ ଏବଂ ଅଣ-ଜଙ୍ଗଲ ଅଞ୍ଚଳରେ ପ୍ରାୟ ପାଞ୍ଚ ଲକ୍ଷ ଗଛ ଉପୁଡ଼ିଛି। ଉପକୂଳ ଓଡ଼ିଶାର ଫନୀ ପ୍ରଭାବିତ ଜିଲାରେ ଲୋକଙ୍କ ଜୀବନ ଦୁର୍ବିସହ ହେବା ସାଙ୍ଗକୁ ବେକାରି ଓ ଦେଶାନ୍ତର ସମସ୍ୟା ମଧ୍ୟ ଉତ୍କଟ ହେଉଛି। ଏହି ସମସ୍ୟାଗୁଡିକର ଦ୍ରୁତ ପନ୍ଥା ସ୍ୱରୂପ ନିରନ୍ତର ଜୀବିକା ପୁନରୁଦ୍ଧାର ନିହାତି ଅପରିହାର୍ଯ୍ୟ ଓ ଏଥିଲାଗି ମିଳିତ ପ୍ରଚେଷ୍ଟା ଲୋଡ଼ା ବୋଲି ଫନୀ ମୁକାବିଲା ସାମାଜିକ ଅନୁଷ୍ଠାନ ସମୂହ ତରଫରୁ 'ଉଦ୍ୟମ' ଓ 'ସିଆଇଏସ୍‌ଡି'ର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ରରେ ପ୍ରକାଶ ପାଇଛି। କୃଷି କ୍ଷେତ୍ରରେ ଗୁଣାତ୍ମକ ବିକାଶ, ଇନ୍‌ପୁଟ୍ ସବସିଡି, ବୈଷୟିକ ଜ୍ଞାନକୌଶଳ ଆଦିର ପ୍ରୟୋଗ ଏବଂ ଉଦ୍ୟାନ କୃଷି ପାଇଁ ପ୍ରୋତ୍ସାହନ ଓ ଚାରାରୋପଣ ଆଦିକୁ ଗୁରୁତ୍ୱାରୋପ କରାଯିବା ଆବଶ୍ୟକ ବୋଲି ଆଲୋଚନା ଚକ୍ରରେ ମତପ୍ରକାଶ ପାଇଥିଲା। ଆଲୋଚନାଚକ୍ରରେ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ରାଧାମୋହନ, ସଭାପତି ଲଲାଟେନ୍ଦୁ ମହାନ୍ତି, କୃଷି ବିଭାଗର ନନ୍ଦିନୀ ଦଳେଇ, ଉଦ୍ୟମର ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର, ସିଫାର ଡ.କେ. ସୁନ୍ଦରାୟ, ନାରିକେଳ ପରିଷଦର ଉପ ନିର୍ଦ୍ଦେଶକ ଡ. ରଜତ ପାଲ, ସିଆଇଏସ୍‌ଡିର ମାର୍ଗଦର୍ଶକ ଓ ସହପ୍ରତିଷ୍ଠାତା ଜଗଦାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ୧୭ରୁ ଅନ୍‌ଲାଇନ୍‌ରେ ମୋ' ବସ୍ ଟିକେଟ

ଭୁବନେଶ୍ୱର,୧୩।୬(ବ୍ୟୁରୋ)

କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ କ୍ଲାଉଡ (କ୍ରୁଟ୍) ସର୍ଭରରେ ରହିଥିବା ମୋ' ବସ୍‌ର ତଥ୍ୟ ନିଜ ସର୍ଭରକୁ ସ୍ଥାନାନ୍ତର କରିବ। ଏଥିପାଇଁ ୪ ଦିନ ସମୟ ଲାଗିବ। ଯାହା ଲାଗି ମୋ' ବସ୍ ଟିକେଟ ଅନ୍‌ଲାଇନ ଉପଲବ୍ଧ ହେବ ନାହିଁ। ଗତ ୧୨ ତାରିଖ ମଧ୍ୟରାତ୍ରରୁ ୧୬ ତାରିଖ ମଧ୍ୟରାତ୍ର ଯାଏଁ ଏହି ଟିକେଟ ମାନୁଆଲ କଟାଯିବ। ସେହିଭଳି ଯେଉଁମାନେ ଅଗ୍ରିମ ଟିକେଟ ପାଇଁ ଆବେଦନ କରିଛନ୍ତି ସେମାନଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ। ଯେଉଁଭଳି ଆପ ଜରିଆରେ ଏହା ବୁକିଂ ହେଉଥିଲା ଅନୁରୂପ ଢଙ୍ଗରେ ଏହି ସୁବିଧା ଅନଲାଇନରେ ଉପଲବ୍ଧ ହେବ ବୋଲି କ୍ରୁଟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଭାଜପାର ପରିବାର ସମ୍ପର୍କ ଅଭିଯାନ

ପୁରୁଣା ଭୁବନେଶ୍ୱର,୧୩।୬(ଡି.ଏନ୍.ଏ.): ସାଧାରଣ ନିର୍ବାଚନରେ ଭୁବନେଶ୍ୱର ଲୋକସଭା ଆସନରୁ ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ବିଜୟୀ ହୋଇଥିଲେ। ସେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ଲାଗି ଦଳ ପକ୍ଷରୁ ପରିବାର ସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଏହିକ୍ରମରେ ଗୁରୁବାର ଅପରାହ୍ନରେ ବିଏମ୍‌ସିର ୬୨ ନଂ ୱାର୍ଡର ପିତ୍ରୁଲୁ ବସ୍ତିରେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ପରିବାର ଲୋକଙ୍କ ପାଖକୁ ଯାଇ ସୁଖ ଦୁଃଖରେ ସାମିଲ ହେବା ସହ କେନ୍ଦ୍ରୀୟ ଯୋଜନାର ଠିକ୍ କାର୍ଯ୍ୟକାରୀ କରିବା ହେଉଛି ଏହି ଅଭିଯାନର ମୂଳଲକ୍ଷ୍ୟ ବୋଲି ସେ କହିଥିଲେ। ଭୁବନେଶ୍ୱର ସମେତ ଖୋର୍ଦ୍ଧା ଓ ଜଟଣୀରେ ଥିବା ସମସ୍ତ ୧୧୨ଟି ୱାର୍ଡରେ ଏହି ଅଭିଯାନ ପର୍ଯ୍ୟାୟକ୍ରମେ ଚାଲୁ ରହିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ବାବୁ ସିଂ, ଭାଜପା ଭୁବନେଶ୍ୱର ଜିଲା ସଭାପତି ହରେକୃଷ୍ଣ ଖୁଣ୍ଟିଆ, ପୂର୍ବତନ କର୍ପୋରେଟର ସୁବାଶିନୀ ମୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ବିଏମ୍‌ସିର ଜବରଦଖଲ ଉଚ୍ଛେଦ ଅଭିଯାନ


ବିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ କଳିଙ୍ଗନଗର ଓ କେ-୭ ବସ୍ତୀସ୍ଥିତ ନିକଟ, ଖଣ୍ଡଗିରି ଥାନା ଅଧୀନରେ ଥିବା ବିଭିନ୍ନ ଅଞ୍ଚଳ ଓ ୟୁନିଟ ୪ ମାର୍କେଟରେ ଥିବା ଜବରଦଖଲକୁ ଗୁରୁବାର ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ କମିଶନରେଟ ପୋଲିସର ମିଳିତ ସ୍କ୍ୱାଡ ପକ୍ଷରୁ ସକାଳ ୧୦ଟାରେ ଏହି ଉଚ୍ଛେଦ କରାଯାଇଥିଲା। ୨୫ଟି କ୍ୟାବିନ, ୭ଟି ଖାଦ୍ୟ ଷ୍ଟଲ, ୪ଟି ରାସ୍ତାପାଖ ରେଷ୍ଟୁରାଣ୍ଟ, ୧୦ଟି ବେଆଇନ ଘର (୫ଟି ବାଉଁଶଘେରା ହୋଟେଲ), ୪ଟି ଅର୍ଦ୍ଧନିର୍ମିତ ଘର ସହ ୧୨ଟି ସାଇନ ବୋର୍ଡକୁ ମିଶାଇ ମୋଟ ୬୨ଟି ଗ୍ରାଣ୍ଟକୁ ହଟାଇ ଦିଆଯାଇଛି। ସେହିପରି ୟୁନିଟ ୪ ମାର୍କେଟ ଓ ଶହୀଦନଗର ଅଞ୍ଚଳରେ ଆଜି ବିଭିନ୍ନ ସ୍ଥାନରେ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ୟୁନିଟ ୪ ମାର୍କେଟରେ ଥିବା ଉଠା ଦୋକାନଗୁଡ଼ିକୁ ଭାଙ୍ଗି ଦିଆଯାଇଥିବାବେଳେ ଶହୀଦନଗର ଅଞ୍ଚଳରେ ରମାଦେବୀ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଓ ୱାର୍ଡ ନଂ ୩୫ରେ ଏହି ଉଚ୍ଛେଦ କରାଯାଇଛି। ଗୋଟିଏ ବୁଲଡୋଜରକୁ ଉଚ୍ଛେଦ କାର୍ଯ୍ୟରେ ଲଗାଯାଇଥିଲା।

# ଧଉଳି ବୁଲି ଦେଖିଲେ ଜାପାନ ହକି ଟିମ୍

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଭୁବନେଶ୍ୱର ଯେତିକି ସ୍ୱଚ୍ଛ ସେତିକି ସବୁଜ ସହର। ଫନୀ ଭଳି ପ୍ରଳୟଙ୍କରୀ ବାତ୍ୟାକୁ ସମ୍ମୁଖୀନ କରିଥିଲେ ମଧ୍ୟ ଏହି ସହର ନିଜର ସୌନ୍ଦର୍ଯ୍ୟ ହରାଇନି। ସବୁଜିମା ନଷ୍ଟ ହୋଇଛି ସତ, ହେଲେ ଓଡ଼ିଆ ଲୋକଙ୍କ ଦୃଢ଼ ମନୋବଳ ପୁଣିଥରେ ଓଡ଼ିଶାକୁ ପୂର୍ବଭଳି ସଜାଡ଼ି ଦେଇଛି। ଓଡ଼ିଶା ବାସ୍ତବରେ ଭାରତର 'ବେଷ୍ଟ କେପ୍ଟ ସିକ୍ରେଟ୍' ବୋଲି କହିଛନ୍ତି ଜାପାନ ହକି ଟିମ୍‌ର ମୁଖ୍ୟ କୋଚ୍ ସେଗ୍ଫ୍ରେଡ୍ ଏକ୍‌ମାନ୍। ଏଫ୍‌ଆଇଏଚ୍ ସିରିଜ ଫାଇନାଲରେ ଅଂଶଗ୍ରହଣ କରିଥିବା ଜାପାନ ହକି ଟିମ୍ ଭୁବନେଶ୍ୱର ଉପକଣ୍ଠରେ ଥିବା ଧଉଳି ଶାନ୍ତିସ୍ତୂପ ପରିଦର୍ଶନ କରିସାରିବା ପରେ ଏକ୍‌ମାନ୍ ଏହା କହିଥିଲେ।

ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଗୁରୁବାର ଜାପାନ ଟିମ୍‌କୁ ରାଜ୍ୟର ପ୍ରସିଦ୍ଧ ବୌଦ୍ଧ ପର୍ଯ୍ୟଟନସ୍ଥଳୀ ଧଉଳି ପରିଭ୍ରମଣରେ ନିଆଯାଇଥିଲା। ୧୯୭୨ ମସିହାରେ ଜାପାନ ବୁଦ୍ଧ ସଂଘ ଏବଂ କଳିଙ୍ଗ ନିପ୍ପନ ବୁଦ୍ଧ ସଂଘର ମିଳିତ ଉଦ୍ୟମରେ ନିର୍ମାଣ ହୋଇଥିବା ଧଉଳି ଗିରିକୁ ଜାପାନର ୨୬ଜଣିଆ ଟିମ୍ ଯାଇଥିଲେ। ଧଉଳି ପାଦଦେଶରେ ପହଞ୍ଚିବା ପରେ ପାଣ୍ଡିକାଠାରେ ଟିମ୍ ସଦସ୍ୟମାନଙ୍କୁ ପାରମ୍ପରିକ ଓଡ଼ିଆ ଶୈଳୀରେ ଚନ୍ଦନ ଟୀକା ଓ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ଏହାସହ ଓ୍ୱେଲ୍‌କମ୍ ଡ୍ରିଙ୍କ୍‌ରେ କ୍ରୀଡ଼ାବିତ୍ ଓ ଅଫିସିଆଲମାନଙ୍କୁ ପଇଡ଼ ପାଣି ଦିଆଯାଇଥିଲା। ଏହାପରେ କ୍ରୀଡ଼ାବିତ୍‌ମାନେ ଗ୍ରୁପ ଫଟୋ ଉଠାଇବା ସହ ନିକଟରେ ଥିବା ମନ୍ଦିର ଯାଇ ଦର୍ଶନ କରିଥିଲେ। ଧଉଳିର ସ୍ଥାପତ୍ୟ ଓ ନିର୍ମାଣ ଶୈଳୀ ସହ ପାହାଡ଼ ଉପରୁ ଦେଖାଯାଉଥିବା ଦୟାନଦୀ ଏବଂ ସହରର ଆକର୍ଷଣୀୟ ଦୃଶ୍ୟକୁ ସେମାନେ ବେଶ କିଛି ସମୟ ଧରି ଉପଭୋଗ କରିଥିଲେ। ଏପଟେ ଧଉଳିରେ ଥିବା ପର୍ଯ୍ୟଟକ ଖେଳାଳିମାନଙ୍କୁ ହଠାତ୍ ପାଖରେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିବା ବେଳେ ସେମାନଙ୍କ ସହ ସେଲ୍‌ଫି ଓ ଫଟୋ ଉଠାଇବାକୁ ଭୁଲି ନ ଥିଲେ। ସେହିଭଳି ପାହାଡ଼ରୁ ତଳକୁ ଫେରିବା ବେଳେ ବାଟରେ କ୍ରୀଡ଼ାବିତ୍‌ମାନେ ଅଶୋକ ସ୍ତମ୍ଭ ସହ ପଥରରେ ଖୋଦେଇ ହୋଇଥିବା ଫଳକ ଦେଖିଥିଲେ। ଏ ନେଇ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଳ ଦେବ କହିଛନ୍ତି, ଓଡ଼ିଶା ଏକମାତ୍ର ରାଜ୍ୟ, ଯିଏକି ସ୍ପୋର୍ଟସ୍ ଟୁରିଜମ୍ ବା କ୍ରୀଡ଼ା ପର୍ଯ୍ୟଟନ ଭଳି କନ୍‌ସେପ୍ଟ ପ୍ରଚାର ପ୍ରସାର କରୁଛି। ଗତବର୍ଷ ହକି ବିଶ୍ୱକପ୍ ସମୟରେ ଆମେ ରେକର୍ଡ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଗ୍ରହଣ କରିଥିଲୁ। ଏ ବର୍ଷ ମଧ୍ୟ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ଓଡ଼ିଶା ଆସିଛନ୍ତି। ଫନୀରେ ପର୍ଯ୍ୟଟନ ଶିଳ୍ପ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଖୁବ୍ କମ୍ ସମୟ ମଧ୍ୟରେ ଆମେ ଏକ ଅନ୍ତର୍ଜାତୀୟ ହକି ଇଭେଣ୍ଟର ଆୟୋଜନ କରି ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଛୁ। ଇଣ୍ଟରନ୍ୟାଶନାଲ କ୍ରୀଡ଼ା ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ଆମେ କେବଳ କ୍ରୀଡ଼ାର ପ୍ରଚାର ପ୍ରସାର କରୁନୁ, ବରଂ ଓଡ଼ିଶା ପର୍ଯ୍ୟଟନ ଶିଳ୍ପକୁ ଆହୁରି ବ୍ୟାପକ କରିବାକୁ ଚେଷ୍ଟା କରୁଛୁ। ବାହାର ରାଷ୍ଟ୍ରରୁ ଯେଉଁ କ୍ରୀଡ଼ାବିତ୍‌ମାନେ ଓଡ଼ିଶା ଆସିଛନ୍ତି, ସେମାନେ ଓଡ଼ିଶା ପର୍ଯ୍ୟଟନର ବ୍ରାଣ୍ଡ ଆମ୍ବାସାଡରର ଭୂମିକା ଗ୍ରହଣ କରୁଥିବାରୁ ସେମାନଙ୍କୁ ଉତ୍କୃଷ୍ଟ ଆତିଥ୍ୟ ଯୋଗାଇଦେବା ଆମ କର୍ତ୍ତବ୍ୟ ବୋଲି ବିଶାଳ ଦେବ କହିଛନ୍ତି। ଶୁକ୍ରବାର ଏଫ୍‌ଆଇଏଚ୍‌ର ସେମିଫାଇନାଲ ମ୍ୟାଚ୍‌ରେ ଭାରତ ଓ ଜାପାନ କଳିଙ୍ଗ ଷ୍ଟାଡିୟମ୍‌ରେ ପରସ୍ପର ସହ ଖେଳିବେ।


ଧଉଳି ଗିରିରେ ଆସିଥିବା ଜାପାନ ହକି ଟିମ୍‌ର ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍ ଓ ଅନ୍ୟମାନେ।

- ପର୍ଯ୍ୟଟକଙ୍କ ସହ ସେଲ୍‌ଫି ଉଠାଇଲେ
- ଶାନ୍ତିସ୍ତୂପ ଉପରୁ ସହରର ଦୃଶ୍ୟ ଉପଭୋଗ କଲେ



ଜାତୀୟ ନାଗରିକତା ପଞ୍ଜିକରଣ(ଏନ୍ଆର୍‌ସି) ଲାଗି ନିୟୋଜିତ ହୋଇଥିବା ୨ ଅଧିକାରୀ ଲାଞ୍ଚ ନେବା ଅଭିଯୋଗରେ ଧରାପଡ଼ିଛନ୍ତି। ଏହି ଦୁଇ ଅଧିକାରୀ ହେଲେ ଦିସ୍‌ପୁର ଏନ୍ଆର୍‌ସି ସେବାକେନ୍ଦ୍ରର ଫିଲ୍ଡ ଅଫିସର ସୟେଦ୍ ଶାହଜାହାନ୍ ଓ ଆସିଷ୍ଟାଣ୍ଟ ଲୋକାଲ୍ ରେଜିଷ୍ଟ୍ରର୍ ରାହୁଲ୍ ପରାସର୍। ଶାହଜାହାନ୍ ଏନ୍ଆର୍‌ସିରେ ନାମ ଚଢ଼ାଇବା ଲାଗି ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ିଥିଲେ। ରାହୁଲ୍ ମଧ୍ୟ ଅନୁରୂପ ଲାଞ୍ଚ ନେବା ଅଭିଯୋଗରେ ଧରାପଡ଼ିଥିଲେ। ଦୁହିଁଙ୍କୁ ସ୍ୱତନ୍ତ୍ର ଅଦାଲତରେ ଶନିବାର ହାଜର କରାଯିବ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ବିଧାନସଭାରେ କାର୍ଯ୍ୟକାରୀ ହେବ ଜାତୀୟ ଇ-ବିଧାନ ଆପ୍ଲିକେଶନ

**ଭୁବନେଶ୍ୱର,୧୩।୬(ବ୍ୟୁରୋ):** ଓଡ଼ିଶା ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେଶନ (ଏନ୍ଇଭିଏ) କାର୍ଯ୍ୟକାରୀ କରାଯିବ। ଗତ ୧୧ ତାରିଖରେ ଏ ନେଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରରେ ଯେପରି ଇ-ବିଧାନ ପରିଚାଳନା କମିଟି କାର୍ଯ୍ୟକାରୀ ହେଉଛି, ରାଜ୍ୟରେ ଅନୁରୂପ ଭାବେ ଏକ ପରିଚାଳନା କମିଟି କାର୍ଯ୍ୟକାରୀ କରିବ। ସଂସଦୀୟ ବ୍ୟାପାର ବିଭାଗ ତତ୍ତ୍ୱାବଧାନରେ ଏହି ଆପ୍ଲିକେଶନ କାର୍ଯ୍ୟକାରୀ କରାଯିବ। ବିଧାନସଭାର କମ୍ପ୍ୟୁଟରୀକରଣ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ପ୍ରସ୍ତୁତିର ନକଲ ସଂଗ୍ରହ କରାଯିବ। ପୂର୍ବରୁ ଥିବା ଆଇସିଟି ଯନ୍ତ୍ରପାତି ଏବଂ ସମ୍ବଳର ସୁବିନିଯୋଗ କରାଯିବ। ସଂସଦୀୟ ମନ୍ତ୍ରଣାଳୟର ସୁପାରିସ ଅନୁଯାୟୀ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ଏନ୍ଇଭିଏ କାର୍ଯ୍ୟକାରୀ କରିବ। ବର୍ତ୍ତମାନ ଏ ନେଇ ଚିଠି ପ୍ରସ୍ତୁତି ଜାରି ରହିଛି। ସମ୍ପୃକ୍ତ ପ୍ରକଳ୍ପ କେନ୍ଦ୍ରର ଅନୁମୋଦନ ପୂର୍ବରୁ ବିଧାନସଭା କମ୍ପ୍ୟୁଟରୀକରଣ କମିଟି ଆଗରେ ଏହା ଉପସ୍ଥାପିତ ହେବ। ଏହାର ବିସ୍ତୃତ ବିବରଣୀ ପ୍ରସ୍ତୁତ କରି ଚଳିତ ମାସ ୨୨ ସୁଦ୍ଧା ଦାଖଲ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ୨୨ରେ ଏ ସଂକ୍ରାନ୍ତରେ ପରବର୍ତ୍ତୀ ବୈଠକ ହେବାର ସମ୍ଭାବନା ରହିଛି। ଏଥିରେ ବାଚସ୍ପତି, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ସ୍ୱତନ୍ତ୍ର ସଚିବ, ସଂସଦୀୟ ବିଭାଗର ଅତିରିକ୍ତ ଶାସନ ସଚିବ, ବିଧାନସଭା ଦାୟିତ୍ୱରେ ଥିବା ସଚିବ, ଓଡ଼ିଶା ବିଧାନସଭା ଡିବେଟ୍ ବିଭାଗୀୟ ଯୁଗ୍ମ ସଚିବ, ଏନ୍ଆଇସିର ନୋଡାଲ ଅଧିକାରୀ ଏବଂ ଏସ୍ଆଇଓ ପ୍ରମୁଖ ଉପସ୍ଥିତ ରହିବେ।

### ବ୍ରାହ୍ମଣୀରେ ବୁଡ଼ିଗଲେ ୨ ଯୁବକ

**ପବିତ୍ରନଗର, ୧୩।୬(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ସମଲ ବ୍ୟାରେଜ ତଳମୁଣ୍ଡରେ ବୁଡ଼ି ଗୁରୁବାର ପ୍ରାଣ ହରାଇଛନ୍ତି ଦୁଇ ଯୁବକ। ସେମାନେ ହେଲେ ସମଲ ବ୍ୟାରେଜ କଲୋନୀର ବିଶ୍ୱରଞ୍ଜନ ନାୟକ ଓ କାହ୍ନୁ ଚରଣ ମହାରଣା। ପୋଲିସ ଉଭୟଙ୍କ ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ସମଲ ଥାନାରେ ନଂ. ୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାରୁ ଜଣାପଡିଛି, ଅପରାହ୍ନ ପ୍ରାୟ ୨ଟା ବେଳେ ବିଶ୍ୱ, କାହ୍ନୁ ଓ ସେହି ଅଞ୍ଚଳର ବିଜୟ ମହାନ୍ତି ସମଲ ବ୍ୟାରେଜ ଆନିକଟ ତଳମୁଣ୍ଡରେ ଗାଧୋଉଥିଲେ। ସେହି ସମୟରେ ବିଶ୍ୱ ଓ କାହ୍ନୁ ପାଣି ସୁଅରେ ଭାସି ଯାଇଥିଲେ।

## ■ ରଥଯାତ୍ରା ତୃତୀୟ ସମନ୍ୱୟ ବୈଠକ

# ଫାସିକାଠଦାତାଙ୍କ ସଂଖ୍ୟା ହ୍ରାସ ନେଇ ଉଦ୍‌ବେଗ

**ପୁରୀ ଅଫିସ,୧୩।୬**



ବୈଠକରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଏବଂ ଅନ୍ୟମାନେ।

- ■ବସ୍‌ଭଡ଼ା ଅଧିକ ନେଲେ କାର୍ଯ୍ୟାନୁଷ୍ଠାନ
- ■୧୯୨ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ
- ■ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ରହିବ ୫ ଆମ୍ବୁଲାନ୍ସ

ଆଉ ୨୦ଦିନ ପରେ ରଥଯାତ୍ରା। ହେଲେ ଏ ପର୍ଯ୍ୟନ୍ତ ପ୍ରସ୍ତୁତି ଅଧାପନ୍ତରିଆ। ରାସ୍ତାଘାଟ ମରାମତି କାମ ସରି ନ ଥିବାବେଳେ ଡ୍ରେନ ସଫେଇ ଚାଲିଛି। ବିଶେଷକରି ବର୍ଷକୁ ବର୍ଷ ଫାସିକାଠଦାତାଙ୍କ ସଂଖ୍ୟା କମୁଥିବାରୁ ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିସହ ବଡଦାଣ୍ଡରେ ଟ୍ରାଫିକ ଜାମ୍‌ର ପ୍ରମୁଖ କାରଣ ସାଜୁଥିବା ବେଆଇନ ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ କରାଯିବାକୁ ଦାବି ଉଠିଛି।

ବଡଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସରେ ଗୁରୁବାର ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧକ୍ଷତାରେ ରଥଯାତ୍ରାର ୩ୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ରଥ ନିର୍ମାଣ ପାଇଁ ଫାସିକାଠ ଦାନ କରିଥିବା ନୟାଗଡ଼ ଜିଲାର ୨୨ଜଣ ଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ ରଥକାଠ, ରଥ ନିର୍ମାଣ, ରଥକନା, ଦଉଡ଼ି ଏବଂ ରଥଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଫାସିକାଠଦାତାଙ୍କ ସଂଖ୍ୟା କମୁଥିବା ନେଇ ଉପସ୍ଥିତ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ, ଗତବର୍ଷ ଆସିଥିବା ଫାସିକାଠ ମଧ୍ୟରୁ କେତେକ ବଳକା ରହିଛି। ତେଣୁ ଏଥର ଯେତିକି ଦରକାର ସେତିକି ଲୋକଙ୍କଠାରୁ ଅଣାଯାଇଛି। ସେହିପରି ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଥିଲା। ଆସନ୍ତା ୩ମାସ ମଧ୍ୟରେ ବନ ପ୍ରକଳ୍ପ ସମେତ ବିଭିନ୍ନ ଜଙ୍ଗଲ ଏବଂ ବ୍ୟକ୍ତିଗତ ମାଲିକାନାରେ ରଥ ନିର୍ମାଣରେ ଲାଗୁଥିବା ଗଛ କେତେ ସଂଖ୍ୟାରେ ରହିଛି ସେ ସମ୍ପର୍କରେ ରିପୋର୍ଟ ଦେବାକୁ ଆର୍‌ସିସିଏଫ୍ ଦିବାକର ମିଶ୍ରଙ୍କୁ କୁହାଯାଇଛି। ପ୍ରତ୍ୟେକ ବସ୍‌ରେ ରେଟ୍ ଚାର୍ଟ ରହିବ। ଧାର୍ଯ୍ୟ ମୂଲ୍ୟଠାରୁ କୌଣସି ବସ୍ ଅଧିକ ଭଡ଼ା ନେଲେ ସମ୍ପୃକ୍ତ ବସ୍ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନୀଲ ସାମଲ କହିଛନ୍ତି। ରଥଯାତ୍ରା ପାଇଁ ଅଧିକ ୨୦୦ ବସ୍ ଚାଲିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ମହାନ୍ତି କହିଛନ୍ତି। ପୂର୍ବତଟ ରେଳପଥ ପକ୍ଷରୁ ଏଥର ୧୯୨ଟି ସ୍ୱତନ୍ତ୍ର ଟ୍ରେନ୍ ଚାଲିବ। ପୁରୀ ସମେତ ଆଖପାଖ ଷ୍ଟେଶନରେ ୨୬ଟି ଅଧିକ କ୍ୟାଟରିଂ, ୬୨ଟି ବୁକିଂ କାଉଣ୍ଟର, ୪୦ଟି ଅଟୋମେଟିକ ଟିକେଟ ଭେଣ୍ଡିଂ ମେଶିନ ବ୍ୟବସ୍ଥା କରାଯିବ। ଟ୍ରେନ୍‌ଗୁଡ଼ିକର ସମୟ ସାରଣୀ ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ।

ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ ଆଲୋଚନାବେଳେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସିଡିଏମ୍‌ଓ ଅମରେନ୍ଦ୍ର ମହାନ୍ତି କହିଥିଲେ ରଥଯାତ୍ରା ପାଇଁ ଅଧିକ ସଂଖ୍ୟକ ଡାକ୍ତର, ବେଡ୍, ଆମ୍ବୁଲାନ୍ସ, ଆଶୁ ଚିକିତ୍ସା ଆଦି ବ୍ୟବସ୍ଥା ହେଉଛି। ବାତ୍ୟାରେ ଓଭରହେଡ୍ ପାଣିଟାଙ୍କି ଭୁଶୁଡ଼ି ପଡ଼ିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ହୋଇନାହିଁ। ତୁରନ୍ତ ପାଣିଟାଙ୍କି ନିର୍ମାଣ କରିବାକୁ ପିଏଚ୍‌ଇଓକୁ ଆଇନମନ୍ତ୍ରୀ କହିଥିଲେ। ହସ୍ପିଟାଲରେ ଯାହା ଅନ୍ୟାନ୍ୟ ଆବଶ୍ୟକ କାମ ରହିଛି ତାହାର ଏକ ତାଲିକା ପ୍ରସ୍ତୁତ କରି ଜିଲାପାଳଙ୍କ ସହ ଆଲୋଚନା ଲାଗି ସିଡିଏମ୍‌ଓଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଡ୍ରେନ୍ ସଫେଇ କାମ ଜୋର୍‌ସୋରରେ ଚାଲିଥିବା କହିଥିଲେ। ବଡଦାଣ୍ଡର ଟ୍ରାଫିକ ସମସ୍ୟାକୁ ନେଇ ହୋ ହଲ୍ଲା ହୋଇଥିଲା। ଗୁଣ୍ଡିଚା ମନ୍ଦିରଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଧିକାଂଶ ମାର୍କେଟ କମ୍ପ୍ଲେକ୍ସ ବେଆଇନ ଭାବେ ତିଆରି କରାଯାଇଛି। ସେମାନଙ୍କର ପାର୍କିଂ ସୁବିଧା ନାହିଁ। ରାସ୍ତାରେ ଗାଡ଼ି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି। ପାର୍କିଂ ସୁବିଧା ନ କରି ବେଆଇନ ଭାବେ ଚାଲୁଥିବା ୮ଟି ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ ପାଇଁ ଗତବର୍ଷ ରଥ ସମନ୍ୱୟ କମିଟି ବୈଠକରେ ଦାବି ହୋଇଥିଲା। ହେଲେ ବର୍ଷେ ବିତିଯାଇଥିଲେ ମଧ୍ୟ ତାହା କରାଗଲାନାହିଁ। ତେଣୁ ସମ୍ପୃକ୍ତ ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ ପାଇଁ ଏଥର ବୈଠକରେ ପୁନଃ ଦାବି କରାଯାଇଥିଲା। ସେହିପରି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ବର୍ତ୍ତମାନ ଗୋଟିଏ ଆମ୍ବୁଲାନ୍ସ ରହୁଛି। ଫଳରେ ଏହା ଠିକ୍ ଭାବେ ସେବା ଯୋଗାଇ ପାରୁନାହିଁ। ତେଣୁ ୫ଟି ଆମ୍ବୁଲାନ୍ସ ବିଭିନ୍ନ ସ୍ଥାନରେ ରଖିବାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ)ର ଅଧିକାରୀଙ୍କୁ କୁହାଯାଇଛି। ଜାତୀୟ ରାଜପଥ ବିଭାଗ ବଡଦାଣ୍ଡରେ ପ୍ରତିବର୍ଷ ପିଚୁ ପକାଇ ଉଚ୍ଚା କରୁଥିବାରୁ ଶ୍ରୀମନ୍ଦିରରୁ ଜଳ ନିଷ୍କାସନ ହୋଇପାରୁ ନ ଥିବା ସେବାୟତମାନେ ଅଭିଯୋଗ କରିଥିଲେ। ଏ ଦିଗରେ ଧ୍ୟାନ ଦେବେ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ବୈଠକରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଆଇନ ସଚିବ ଶଶିକାନ୍ତ ମିଶ୍ର, ଦେବୋତ୍ତର କମିଶନର ପ୍ରଦୀପ ଚୌଧୁରୀ, କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନୀଲ ସାମଲ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଜିଲା ପରିଷଦ ଅଧକ୍ଷ ଜ୍ୟୋର୍ତିମୟ ଦଳେଇ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ବଜାରରେ ପହଞ୍ଚିବ ଡଙ୍ଗରିଆଙ୍କ ଶାଲ



ଡଙ୍ଗରିଆ ମହିଳାଙ୍କୁ ବୁଣା ତାଲିମ ଦିଆଯାଉଛି।

**ବିଷମକଟକ,୧୩।୬**

ରାୟଗଡ଼ା ଜିଲା ନିୟମଗିରି ଅଞ୍ଚଳର ଡଙ୍ଗରିଆ ମହିଳା ଯେଉଁ କପଡ଼ାଗୁଞ୍ଜା ସଂସ୍କୃତିରେ ପାରମ୍ପରିକ ଚାଦର ବୁଣିଆସୁଥିଲେ, ତାହା ଏବେ ଅନ୍ତର୍ଜାତୀୟ ବଜାରରେ ପହଞ୍ଚିବ। ସେଥିପାଇଁ ତାଲିମ ଶିବିର ଆୟୋଜନ କରି ଡଙ୍ଗରିଆ ତରୁଣୀଙ୍କୁ ଚାଦର ବୁଣିବାର ପ୍ରଶିକ୍ଷଣ ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ କୁର୍ଲି ପଞ୍ଚାୟତର ହୁଣ୍ଡିଝାଲି, ଖଜୁରି, ଖମ୍ବେସି, ପାତଲମ୍ବା, ଉପରଗୁମ୍ମା ଗାଁର ୭୫ ଜଣ ମହିଳାଙ୍କୁ ଏହି ତାଲିମ ଦିଆଯାଇଛି। ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ଉପରୋକ୍ତ ଚାଦରର ଦର ୨୫୦୦ରୁ ୩ ହଜାର ଟଙ୍କା ରହିଛି। ରାୟଗଡ଼ାର ଚାଟିକୋଣାସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଡଙ୍ଗରିଆଙ୍କ ଦ୍ୱାରା ପ୍ରସ୍ତୁତ ଏହି ଚାଦରକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ପହଞ୍ଚାଇବା ଉଦ୍ୟମ ଜାରି ରଖିଛି। ଏନେଇ ଡଙ୍ଗରିଆ କନ୍ଧ ଡେଭଲପମେଣ୍ଟ ଅଥୋରିଟି (ଡିକେଡିଏ) ଅଧିକାରୀ ସୁରେଶ ଚନ୍ଦ୍ର ଦୀକ୍ଷିତ କହିଛନ୍ତି ଯେ, ଡଙ୍ଗରିଆ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆମେ ବାରିପଦାରୁ ୨୦୦ ସାଲ୍ ଆଣିଛୁ । ସେଥିରେ ଆଦିବାସୀ ଚିତ୍ରକଳା ବୁଣି ଯେଉଁ ବୁଣାକାର ୭ ଦିନ ମଧ୍ୟରେ ସାଲ ଯୋଗାଇପାରିବେ, ତାଙ୍କୁ ଆମେ ଗୋଟିଏ ପିଛା ୪୦୦ରୁ ୫୦୦ ଟଙ୍କା ଦେବୁ।

# ସାଇବର କ୍ରାଇମ୍‌ରେ ନାବାଳକ

**ସମ୍ବଲପୁର,୧୩।୬(ବ୍ୟୁରୋ)**



- ■ମନ୍ତ୍ରୀ, ବିଧାୟକଙ୍କ ନାମରେ ମିଥ୍ୟା ଫେସବୁକ୍ ଆକାଉଣ୍ଟ
- ■ଟଙ୍କା, ବିଭିନ୍ନ ସାମଗ୍ରୀ ଠକେଇ
- ■ଜନସାଧାରଣ ସଚେତନ ହେବା ଜରୁରୀ:ଏସ୍‌ପି

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ରାମଜୀ ମନ୍ଦିର ନିକଟରେ ରହୁଥିବା ଜଣେ ନାବାଳକଙ୍କୁ ସାଇବର ଅପରାଧରେ ପୋଲିସ କବ୍‌ଜାକୁ ନେଇଛି। ସେ ମନ୍ତ୍ରୀ, ବିଧାୟକ, ବ୍ୟବସାୟୀ ଏପରି କି ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାପାଳଙ୍କ ନାମରେ ମିଥ୍ୟା ଫେସବୁକ୍ ଆକାଉଣ୍ଟ ଖୋଲି ଲୋକଙ୍କୁ ଠକେଇ କରୁଥିଲେ। ବିଭିନ୍ନ ବ୍ୟକ୍ତିଙ୍କ ସହ ଫେସବୁକ ବନ୍ଧୁତା ସ୍ଥାପନ କରି ନିଜକୁ ମନ୍ତ୍ରୀ କିମ୍ବା ଜିଲାପାଳ ପରିଚୟ ଦେଇ ସାହାଯ୍ୟ ପାଇଁ ଅନୁରୋଧ କରୁଥିଲେ। ଲୋକଙ୍କଠାରୁ ଟଙ୍କା, ସୁନା ଅଳଙ୍କାର, ମୋବାଇଲ ଓ ଅନ୍ୟ ସାମଗ୍ରୀ ଠକି ନେଉଥିଲେ। ମନ୍ତ୍ରୀ, ଜିଲାପାଳଙ୍କ ଭଳି ବ୍ୟକ୍ତିଙ୍କୁ ସାହାଯ୍ୟ ଯୋଗାଇ ଦେବାକୁ ଲୋକେ କୁଣ୍ଠାବୋଧ କରୁ ନ ଥିଲେ। ହେଲେ ସମ୍ବଲପୁରର ପୂର୍ବତନ ନଗରପାଳ ସିଦ୍ଧାର୍ଥ ସାହାଙ୍କ ଅଭିଯୋଗ କ୍ରମେ ସ୍ୱତନ୍ତ୍ର ପୋଲିସ ଟିମ୍ ଏହି ସାଇବର ଅପରାଧୀଙ୍କୁ ଧରିପାରିଛି ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ସଞ୍ଜୀବ ଅରୋରା ସୂଚନା ଦେଇଛନ୍ତି।

ଆରୋରା କହିଛନ୍ତି, ସିଦ୍ଧାର୍ଥଙ୍କ ଫଟୋ ଦେଇ ନାବାଳକ ଜଣକ ଏକ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ ଖୋଲିଥିଲେ। ବିଭିନ୍ନ ଲୋକଙ୍କ ସହ ଫେସ୍‌ବୁକ୍‌ରେ ବନ୍ଧୁତା ସ୍ଥାପନା କରିଥିଲେ। ଏହି ଫେକ୍ ଆକାଉଣ୍ଟରୁ ବୁର୍ଲାର କ୍ରିଷ୍ଣା ମାଝିଙ୍କୁ ସାହାଯ୍ୟ ଦରକାର କହି ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ୧ହଜାର ଟଙ୍କା ଦେବାକୁ କହିଥିଲେ। ସେହିପରି ବୁଢ଼ାରାଜାର ନିର୍ମଳ ଭୋଇଙ୍କୁ ଏକ ମୋବାଇଲ ଫୋନ ଦେବାକୁ ମଧ୍ୟ କହିଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ନାବାଳକଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଏ ନେଇ ଟାଉନ ଥାନାରେ ଦଫା ୪୧୯, ୪୨୦ ଆଇପିସି, ୬୬-ସି, ୬୬-ଡି ଆଇଟି ଆକ୍ଟରେ ଏକ ମାମଲା (ନଂ. ୨୪୬/୧୯) ରୁଜୁ ହୋଇଛି। ନାବାଳକ ଜଣକ ସମ୍ବଲପୁର ଜିଲାପାଳ ଶୁଭମ ସକସେନା, ଝାରସୁଗୁଡ଼ା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାଶ, କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ ନାମରେ ମଧ ଫେକ୍ ଫେସବୁକ ଆକାଉଣ୍ଟ ଖୋଲିଥିବା ପୋଲିସ ଜାଣିବାକୁ ପାଇଛି। ପୂର୍ବରୁ ମଧ ଜାନୁୟାରୀ ୨୦୧୯ରେ ଏହି ନାବାଳକ ଜଣକ ବିଧାୟକ ଜୟନାରାୟଣ ମିଶ୍ରଙ୍କ ଫେସବୁକ ଆକାଉଣ୍ଟ ହ୍ୟାକ୍ କରି ଚାନ୍ଦା ଆଦାୟ କରିଥିଲେ ବୋଲି ଏସ୍‌ପି କହିଛନ୍ତି। ସେହିପରି ପେଟ୍ରୋଲ ପମ୍ପ କରାଇଦେବା ନାମରେ ମଧ ୨ଲକ୍ଷ ୯୭ ହଜାର ୫ଶହ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ସୋସିଆଲ ମିଡିଆରେ ବିଭିନ୍ନ ଉପାୟରେ ଠକେଇ ହେଉଛି। ଏ ନେଇ ଜନସାଧାରଣ ସଚେତନ ହେବା ଜରୁରୀ ବୋଲି ଏସ୍‌ପି ଅରୋରା କହିଛନ୍ତି।

## ■ ଫନୀ ମୁକାବିଲା ନେଇ ରାଜ୍ୟ ସରକାରଙ୍କୁ କେନ୍ଦ୍ରର ପ୍ରଶଂସା

# 'ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ପ୍ରସ୍ତୁତି ବିଶ୍ୱସ୍ତରୀୟ'



ସଚିବାଳୟରେ ଗୁରୁବାର ବାତ୍ୟା ଫନୀ ପରବର୍ତ୍ତୀ ପୁନରୁଦ୍ଧାର ନେଇ ସମୀକ୍ଷା ବୈଠକରେ ରାଜ୍ୟ ସରକାର ଓ ଏନ୍‌ଡିଏମ୍‌ଏ ଅଧିକାରୀଙ୍କ ମଧ୍ୟରେ ଆଲୋଚନା।

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

- ■କେନ୍ଦ୍ର ନିକଟରେ ଅଧିକ ୫୨୦୦ କୋଟି ଟଙ୍କା ଦାବି କଲେ ମୁଖ୍ୟ ଶାସନ ସଚିବ
- ■ପୁନରୁଦ୍ଧାର ପାଇଁ ବୈଷୟିକ ସହଯୋଗ ପାଇଁ ମିଳିଲା ପ୍ରତିଶ୍ରୁତି

ବାତ୍ୟା ଫନୀ ମୁକାବିଲା କରିବାରେ ଓଡ଼ିଶାର ପ୍ରସ୍ତୁତି ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପ୍ରଣାଳୀ ବିଶ୍ୱସ୍ତରୀୟ । ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍, ଟେଲିକମ୍ ସେବାର ପୁନରୁଦ୍ଧାର ଏବଂ ଗୃହନିର୍ମାଣ କ୍ଷେତ୍ରରେ କେନ୍ଦ୍ର ପକ୍ଷରୁ ସମସ୍ତ ବୈଷୟିକ ସହଯୋଗ ଯୋଗାଇ ଦିଆଯିବ ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଏନ୍‌ଡିଏମ୍‌ଏ) ସଦସ୍ୟ କମଲ କିଶୋର କହିଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ ସରକାର ଏବଂ ଏନ୍‌ଡିଏମ୍‌ଏ ସମନ୍ୱୟ ବୈଠକରେ କମଲ ଯୋଗଦେଇ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏକ ନିର୍ଣ୍ଣୟ ବିନ୍ଦୁ ନିର୍ଦ୍ଧାରଣ କରିଛି। ଯାହା ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକ ପାଇଁ ଅନୁକରଣୀୟ ବୋଲି କିଶୋର କହିଛନ୍ତି।

ମୁଖ୍ୟ ଶାସନ ସଚିବ ପାଢୀ କହିଛନ୍ତି ଯେ, ଫନୀ ପରେ ଏବେ ପୁନଃ ଥଇଥାନ ଓ ପୁନଃ ନିର୍ମାଣ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଉଛି। ଏହି କାର୍ଯ୍ୟରେ ଅନ୍ତର୍ଜାତୀୟସ୍ତରୀୟ ବୈଷୟିକ ସହାୟତା ଯୋଗାଇ ଦେବା ପାଇଁ ସେ ଏନ୍‌ଡିଏମ୍‌ଏକୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘୋଷଣା ପରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏନ୍‌ଡିଆର୍‌ଏଫ୍)ରୁ ମିଳିଥିବା ୧ହଜାର କୋଟି ଟଙ୍କାର ବିନିଯୋଗ ହୋଇସାରିଛି। ପୁନଃ ଥଇଥାନ କାର୍ଯ୍ୟ ଲାଗି ଏନ୍‌ଡିଆର୍‌ଏଫ୍‌ରୁ ଆହୁରି ୫,୨୦୦ କୋଟି ଟଙ୍କା ଯୋଗାଇ ଦେବାକୁ ପାଢୀ ଅନୁରୋଧ ମଧ୍ୟ କରିଛନ୍ତି। ଏହାଛଡ଼ା ବାତ୍ୟା ସହନଶୀଳ ଗୃହ ନିର୍ମାଣ, ବିଦ୍ୟୁତ୍ ବଣ୍ଟନ ଭିତ୍ତିଭୂମି, ଟେଲିକମ୍ ଏବଂ ଜୀବିକା ନିର୍ବାହ ସହାୟତା ଆଦି କ୍ଷେତ୍ରରେ ଉଭୟ ରାଜ୍ୟ ସରକାର ଏବଂ ଏନ୍‌ଡିଏମ୍‌ଏ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ସ୍ଥିର ହୋଇଥିବା ଜଣାପଡ଼ିଛି।

ଏହି ଅବସରରେ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି ଯେ, ବାତ୍ୟାରେ ପ୍ରାୟ ୧.୩୫ଲକ୍ଷ ବାସଗୃହ ନଷ୍ଟ ହୋଇଛି, ୧.୪୦ ଲକ୍ଷ ପକ୍କା ଏବଂ ୨.୭୨ଲକ୍ଷ କଚ୍ଚାଘର ଆଂଶିକ ଭାବେ ଭାଙ୍ଗିଯାଇଛି। ଏହା ବ୍ୟତୀତ ୭୫୪୭ କୁଡ଼ିଆ ଏବଂ ୧.୯୧ ଲକ୍ଷ ଗୁହାଳ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ୧,୪୬,୩୧୧ ହେକ୍ଟର ଜମିରେ ଶତକଡ଼ା ୩୩ଭାଗରୁ ଅଧିକ ଫସଲ ନଷ୍ଟ ହୋଇଥିବାବେଳେ ୬,୨୮୧ ବଡ଼ ଗୃହପାଳିତ ପ୍ରାଣୀ ଏବଂ ୫୩.୨୬ ଲକ୍ଷ କୁକୁଡ଼ା କ୍ଷତିଗ୍ରସ୍ତ ହୋଇଛନ୍ତି। ବାତ୍ୟା ଯୋଗୁ ୭୧,୦୬୦ ହସ୍ତଶିଳ୍ପୀ, ୪୨,୪୮୮ ହସ୍ତତନ୍ତ ବୁଣାକାର, ୧୨,୧୩୫ ରେଶମ ଚାଷୀଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି। ୬,୪୧୬ ବୋଟ୍, ୮୮୨୮ ମାଛଧରା ଜାଲ ମଧ ନଷ୍ଟ ହୋଇଛି। ଯେଉଁଥି ଲାଗି ମତ୍ସ୍ୟଜୀବୀଙ୍କ ଜୀବିକାନିର୍ବାହ ପନ୍ଥା ନଷ୍ଟ ହୋଇଛି। ୫୭୩ ଅଣୁ ଓ କ୍ଷୁଦ୍ରଶିଳ୍ପ ସହ ଲୁଣ ଖଳା ଶିଳ୍ପ ନଷ୍ଟ ହୋଇଯାଇଛି। ଓଡ଼ିଶାରେ କୃଷି ଓ ଉଦ୍ୟାନଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କମିଶନର ସେଠୀ କହିଛନ୍ତି। ରାସ୍ତାକଡ଼ ଦୋକାନୀ ଏବଂ ବୁଲା ବିକାଳିଙ୍କ ସହାୟତା ପାଇଁ ଏନ୍‌ଡିଆର୍‌ଏଫ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ) ଅନ୍ତର୍ଭୁକ୍ତ କରାଇବାକୁ ସେ ଏନ୍‌ଡିଏମ୍‌ଏଙ୍କୁ ଅନୁରୋଧ କରିଛନ୍ତି।

# ଭାଜପାର ସାଙ୍ଗଠନିକ ନିର୍ବାଚନୀ ପ୍ରସ୍ତୁତି

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

- ■ଗୃହମନ୍ତ୍ରୀଙ୍କ ନେତୃତ୍ୱରେ ବସିଲା ବୈଠକ
- ■ସୁରେଶ ପୂଜାରୀ ନୂତନ ସଦସ୍ୟତା ଅଭିଯାନର ରାଷ୍ଟ୍ରୀୟ ସହପ୍ରଭାରୀ
- ■ରାଜ୍ୟ ସଭାପତି ଦୌଡ଼ରେ ବହୁ ଆଶାୟୀ

ଭାଜପା ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ୩ ବର୍ଷକୁ ଥରେ ସର୍ବଭାରତୀୟ ସ୍ତରରେ ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ଏହି ସମୟସୀମା ପୂରଣ ହୋଇସାରିଥିବା ଯୋଗୁ ଏଥିପାଇଁ ଦଳ ନିଜର ପ୍ରସ୍ତୁତି ଆରମ୍ଭ କରିଛି। ଏ ନେଇ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଷ୍ଟ୍ରୀୟ ପଦାଧିକାରୀ, ପ୍ରତ୍ୟେକ ରାଜ୍ୟର ସଭାପତି, ପ୍ରଭାରୀ ଏବଂ ସହପ୍ରଭାରୀମାନେ ଯୋଗଦେଇଛନ୍ତି। ଦଳ ପକ୍ଷରୁ ଖୁବ୍‌ଶୀଘ୍ର ନୂଆ ସଦସ୍ୟତା ଅଭିଯାନ ଆରମ୍ଭ ହେବ। ଏ ନେଇ ଦଳର ଯାହା ବ୍ୟବସ୍ଥା ରହିଛି ସେଦିଗରେ ଶାହ ବୈଠକରେ ଉପସ୍ଥିତ ସମସ୍ତଙ୍କ ସହ ଆଲୋଚନା କରିଛନ୍ତି। ସର୍ବଭାରତୀୟ ନୂଆ ସଦସ୍ୟତା ପାଇଁ ପ୍ରଭାରୀ ଭାବେ ଶିବରାଜ ସିଂ ଚୌହାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ବରଗଡ ଏମ୍‌ପି ସୁରେଶ ପୂଜାରୀଙ୍କୁ ସହପ୍ରଭାରୀ କରାଯାଇଛି। ଏମାନଙ୍କ ନେତୃତ୍ୱରେ ଖୁବ୍‌ଶୀଘ୍ର ପ୍ରତ୍ୟେକ ରାଜ୍ୟର ନୂଆ ସଦସ୍ୟତା ପ୍ରଭାରୀ ନିଯୁକ୍ତ ହେବେ ବୋଲି ଜଣାପଡିଛି। ଦଳ ପକ୍ଷରୁ ରାଜ୍ୟରେ ନୂଆ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହାପରେ ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହେବ। କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ, ଜିଲା, ମଣ୍ଡଳସ୍ତରରେ ନୂତନ ସଭାପତି ଚୟନ କରାଯିବ। ସୂଚନା ମୁତାବକ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କ କାର୍ଯ୍ୟକାଳ ଶେଷ ହୋଇସାରିଛି। ସେହିପରି ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ମଧ୍ୟ କାର୍ଯ୍ୟକାଳ ଗତ ଜାନୁୟାରୀରେ ସମାପ୍ତ ହୋଇଥିଲା। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନକୁ ଲକ୍ଷ୍ୟ କରି ଦଳ ବସନ୍ତ ପଣ୍ଡାଙ୍କ କାର୍ଯ୍ୟକାଳ ଜୁନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏବେ ଦେଶରେ ଆରମ୍ଭ ହେବାକୁ ଥିବା ନୂତନ ସଦସ୍ୟତା ଅଭିଯାନ ଶେଷ ହେବାପରେ ବିଭିନ୍ନ ରାଜ୍ୟରେ ଦଳର ସଭାପତି ପରିବର୍ତ୍ତନ ହେବେ। ସଦସ୍ୟତା ଅଭିଯାନ ସରିବା ପରେ ଜାତୀୟସ୍ତରରେ ଦଳ ପକ୍ଷରୁ ନିର୍ବାଚନ ଅଧିକାରୀ ନିଯୁକ୍ତ ହେବେ। ସେ ରାଜ୍ୟ ପାଇଁ ନିର୍ବାଚନ ଅଧିକାରୀ ବାଛିବେ। ତାଙ୍କ ନେତୃତ୍ୱରେ ରାଜ୍ୟ, ଜିଲା ଏବଂ ମଣ୍ଡଳସ୍ତରର ସଭାପତି ନିଯୁକ୍ତ ହେବେ। ପ୍ରତ୍ୟେକ ଜିଲାସ୍ତରରେ ୨୦ରୁ ୨୫ପ୍ରତିଶତ ନୂଆ ସଦସ୍ୟ ନିଯୁକ୍ତ ହେବେ ବୋଲି ଜଣାପଡ଼ିଛି। ତେବେ ଦଳର ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ରାଜ୍ୟ ସଭାପତି ପଦ ପାଇଁ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ନିର୍ବାଚନ ପୂର୍ବରୁ ଯେତିକି ନେତା ଆଶାୟୀ ଥିଲେ ଏବେ ତା'ର ସଂଖ୍ୟା ବୃଦ୍ଧି ପାଇଚାଲିଛି ବୋଲି ଦଳର ଜଣେ ନେତା କହିଛନ୍ତି। ବହୁ ହେଭିୱେଟ୍ ନେତା ହାରିଯିବା ପରେ ବର୍ତ୍ତମାନ ରାଜ୍ୟ ସଭାପତି ପଦ ଉପରେ ନଜର ପକାଇଛନ୍ତି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ କେ.ଭି. ସିଂ ଦେଓ, ମନମୋହନ ସାମଲ, ପ୍ରଦୀପ ପୁରୋହିତ, ଭୃଗୁ ବକ୍ସିପାତ୍ରଙ୍କ ନାଁକୁ ନେଇ ଚର୍ଚ୍ଚା ହେବାରେ ଲାଗିଛି।



ବାସି ଚିକେନ ଦେବାରୁ ଏକ ହୋଟେଲ ଉପରକୁ ହୋଇଛି ବୋମାମାଡ଼। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡ଼ିପଡ଼ାଠାରେ ଥିବା ମା' ଦକ୍ଷିଣକାଳୀ ହୋଟେଲ (ଢାବା)ରେ। ପୋଲିସ ସୂତ୍ରରୁ ବୁଧବାର ଅପରାହ୍ନ ୩ଟା ସମୟରେ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ଉକ୍ତ ହୋଟେଲରେ ଖାଇଥିଲେ। ଚିକେନ ବାସି ଦେଇଥିବା ଅଭିଯୋଗ କରି ଯୁବକମାନେ ପାଟିତୁଣ୍ଡ କରିଥିଲେ। ପରେ ସେମାନେ ଏ ନେଇ ହୋଟେଲ ମାଲିକଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ଯୁବକମାନେ ତୁମକୁ ଦେଖିନେବୁ କହି ପଳାଇଥିଲେ। ରାତ୍ର ପ୍ରାୟ ୨ଟା ସମୟରେ ଏକ କାର୍‌ରେ ଆସି ହୋଟେଲ ଭିତରେ ଗଣ୍ଡଗୋଳ କରିବା ସହ ୩ଟି ବୋମା ମାଡ଼ କରିଥିଲେ।

# ପ୍ରେମିକଙ୍କ ସହ ଯିବାକୁ ଜିଦ୍ ଧରିଲେ ମହିଳା

## ବଜାର ଉପରେ ସ୍ୱାମୀ ହଟହଟା

**ଅନୁଗୋଳ ଅଫିସ, ୧୩।୬:** ରଜ ପାଇଁ ସ୍ୱାମୀଙ୍କ ସହ ଅନୁଗୋଳ ବଜାରକୁ କିଣାକିଣି କରିବାକୁ ଆସିଥିବା ଜଣେ ମହିଳା ପ୍ରେମିକଙ୍କ ସହ ଯିବାକୁ ଜିଦ୍ ଧରିବା ଘଟଣା ଗୁରୁବାର ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିଯୋଗୁ ଅନୁଗୋଳ ବସ୍‌ଷ୍ଟାଣ୍ଡରେ ସମ୍ପୃକ୍ତ ସ୍ୱାମୀଙ୍କୁ ହଟହଟା ହେବାକୁ ପଡ଼ିଛି। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ସତ୍ତ୍ୱେ ଘଟଣା ସମାଧାନ ନ ହେବାରୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଉଭୟ ସ୍ୱାମୀ ସ୍ତ୍ରୀ ଓ ସମ୍ପୃକ୍ତ ପ୍ରେମିକ। ସୂଚନା ମୁତାବକ, ପୂର୍ବରୁ ବିବାହ କରିଥିବା ଯୁବକ ଜଣକ ପ୍ରାୟ ସାଢେ ୩ ବର୍ଷ ପୂର୍ବେ ସମ୍ପୃକ୍ତ ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଗୁରୁବାର ସ୍ୱାମୀ ସ୍ତ୍ରୀ ରଜ ପାଇଁ ବିଭିନ୍ନ ଜିନିଷ ଓ ପୋଷାକ ପତ୍ର କିଣିବାକୁ ଅନୁଗୋଳ ବଜାରକୁ ଆସିଥିଲେ। ସେଠାରେ ପୂର୍ବ ପ୍ରେମିକଙ୍କ ସହ ସମ୍ପୃକ୍ତ ମହିଳାଙ୍କ ଦେଖା ହୋଇଥିଲା। ଏହା ପରେ ମହିଳା ଜଣକ ପ୍ରେମିକଙ୍କ ସହ ଯିବେ ବୋଲି ଜିଦ୍ ଧରିଥିଲେ। ଫଳରେ ସ୍ୱାମୀ କିଛି ଉପାୟ ନ ପାଇ ସ୍ଥାନୀୟ ଲୋକଙ୍କ ସହାୟତା ମାଗିଥିଲେ। ବୁଝାଶୁଝା ସତ୍ତ୍ୱେ ମହିଳା ଜଣକ ନ ମାନିବାରୁ ମାମଲା ଫାଣ୍ଡିକୁ ଯାଇଥିଲା। ସେଠାରେ କଥା ନ ଛିଣ୍ଡିବାରୁ ଉଭୟଙ୍କୁ ଥାନା ଗାଡ଼ିରେ ବସାଇ ଅନୁଗୋଳ ଥାନାକୁ ପଠାଯାଇଥିଲା। ଏହାପରେ ପୋଲିସ ସେମାନଙ୍କୁ ଶୁକ୍ରବାର କାଉନସେଲିଂ ପାଇଁ ଡାକିଥିବା ସୂଚନା ମିଳିଛି।

# ପାଟକୁରା ଭୋଟ ବିଜେଡିର ତତ୍ପରତା

**ଭୁବନେଶ୍ୱର,୧୩।୬(ବ୍ୟୁରୋ)**

କେନ୍ଦ୍ରାପଡା ଜିଲାର ପାଟକୁରା ବିଧାନସଭା ଆସନରେ ନିର୍ବାଚନ ହେବାକୁ ରହିଛି। ଦୁଇଦିନ ତଳେ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ପାଟକୁରା ଗସ୍ତ କରିଥିଲେ। ନିର୍ବାଚନ ପାଇଁ ଅନୁକୂଳ ସ୍ଥିତି ରହିଛି କି ନାହିଁ, ସେ ସମ୍ପର୍କରେ ତଦାରଖ କରିଛନ୍ତି। ପ୍ରଶାସନିକସ୍ତରରେ ତତ୍ପରତା ସହ ରାଜନୈତିକ ବ୍ୟାକୁଳତା ମଧ୍ୟ ପ୍ରକାଶ ପାଇଛି। ୨୦୦୪ରୁ ଏହି ଆସନକୁ ବିଜେଡି ନିଜ ଅକ୍ତିଆରରେ ରଖିଛି। ହେଲେ ସବୁଥର ଅପେକ୍ଷା ଏଥର କଥା ବହୁତ ଭିନ୍ନ। ବରିଷ୍ଠ ନେତା ବିଜୟ ମହାପାତ୍ର ଭାଜପାରୁ ପ୍ରାର୍ଥୀ ହେବା ସହ ଜୋରଦାର୍ ନିର୍ବାଚନ ଲଢୁଛନ୍ତି। ରାଜ୍ୟରେ ୮ଟି ଲୋକ ସଭା ଆସନ ହାତେଇବା ପରେ ଭାଜପା ଶାସକ ବିଜେଡିକୁ ଟକ୍କର ଦେବାର କୌଣସି ସୁଯୋଗ ହାତଛଡ଼ା କରୁନାହିଁ। ଅପରପକ୍ଷରେ ବିଜେଡି ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏ ସଂକ୍ରାନ୍ତରେ ଏକ ବୈଠକ ଭୁବନେଶ୍ୱରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସୁଶାନ୍ତ ସିଂ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଛି ସ୍ଥାନୀୟ ପ୍ରତିନିଧି, ବିଧାୟକ ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ୍ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପାଟକୁରାରେ କେଉଁ ନେତା କେଉଁ ପଞ୍ଚାୟତ ଦାୟିତ୍ୱରେ ରହିବେ, କେମିତି ଭାବେ ବୁଥ୍ ପରିଚାଳନା କରାଯିବ, ସେ ନେଇ ଆଲୋଚନା ହୋଇଛି।

# ଶିକ୍ଷୟିତ୍ରୀଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

**କଟକ ଅଫିସ, ୧୩।୬**

କଟକ ଉପକଣ୍ଠ ତେଲେଙ୍ଗାପେଣ୍ଠ ନିକଟରେ ଥିବା ସଇନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀ ଗାୟତ୍ରୀ ତ୍ରିପାଠୀଙ୍କ ଘରେ ଗୁରୁବାର ଭିଜିଲାନ୍ସ ଯାଞ୍ଚ କରିଛି। ତ୍ରିପାଠୀଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ଶିକ୍ଷୟିତ୍ରୀ ତ୍ରିପାଠୀଙ୍କ ଘର ଓ ସମ୍ପର୍କୀୟଙ୍କ ଘରକୁ ମିଶାଇ ୫ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଛି। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ଖଣ୍ଡଗିରି ନିକଟସ୍ଥ ଜାଗମରା ନିକଟରେ ଥିବା ଘର, ଭୁବନେଶ୍ୱର ଏମ୍ସ ନିକଟସ୍ଥ ଛୋଟରାୟପୁର ନିକଟରେ ଥିବା ସମ୍ପର୍କୀୟଙ୍କ ଘର, କଟକର ବୈଦେଶ୍ୱର ଥାନା ଅଧୀନ ମାଳବିହାରପୁର ଗ୍ରାମରେ ଥିବା ସ୍ୱାମୀଙ୍କ ଘର, ଖଣ୍ଡଗିରି ପଞ୍ଚସଖାନଗରଠାରେ ଥିବା ତିନିମହଲା କୋଠା, ଭୁବନେଶ୍ୱର ୟୁନିଟ୍-୧ରେ ଥିବା ସ୍ୱାମୀଙ୍କ ସରକାରୀ କ୍ୱାର୍ଟର୍ସ ଆଦି ସ୍ଥାନକୁ ଭିଜିଲାନ୍ସ ଯାଞ୍ଚ କରିଛି। ଯାଞ୍ଚ ବେଳେ ମୋଟ ୯୦ ଲକ୍ଷ ୫୫ ହଜାର ୯୫୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମସ୍ତ ସମ୍ପତ୍ତି ଶିକ୍ଷୟିତ୍ରୀ ତ୍ରିପାଠୀ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି।


## SAMBALPUR UNIVERSITY

JYOTIVIHAR, BURLA
SAMBALPUR (ODISHA), PIN-768019

No.3570 /Store — Dated: 12.06.19

### QUOTATION CALL NOTICE

Sealed quotations are invited from the intending firms / authorized dealers / manufacturers for supply of Computer Papers - Continuous P.C.G. (German Fan Fold-10x12x1) with security features as per the specifications mentioned in the instruction with term and conditions / proforma, so as to reach the undersigned by speed Post / Regd. Post on or before Dt:- 26.06.2019 by 2 P.M., which will be opened on the same day at 3.00 P.M. in the presence of the quotationer or their authorized representative, if any quotation cover should be super-scribed with the word **" Quotation for supply of Computer Paper"**. Copy of the GST Registration Certificate & PAN card must be attached to be the quotation. The detail information and instruction with term and conditions / proforma will be available in the store and purchase section, Sambalpur University, Jyoti Vihar, Burla, which can be obtained in person on working day during office hour or by post with self-addressed envelope with postage stamp or from the university website **"www.suniv.ac.in".**

Sd./- Registrar

## OFFICE OF THE MUNICIPAL COUNCIL, BHADRAK

No.4238 — Date: 13.06.2019

**"e" Procurement Notice**
**Bid Identification No.-BM-BDK-01-2019-20**

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| | |
|---|---|
| 1-Name of the Work | : Civil Works |
| 2-No. of Works | : 18 Nos. |
| 3-Estimated Cost | : As per DTCN |
| 4-Period of Completion | : 2 Calendar Months |
| 5-Date & Time of Bidding | : from 14.06.2019 up to 24.06.2019 |
| 6-Last date & Time for receipt of bids in the portal | : 24.06.2019 up to 5.00 P.M |
| 7-Bids received online shall be opened on | : 25.06.2019 at 11.00 A.M |
| 8-Name and address of the officer inviting Bid | : Executive Officer, Bhadrak Municipality |

Further details can be seen from the procurement portal i.e. **www.tendersorissa.gov.in**

**Sd./- Executive Officer**
**Bhadrak Municipality**

## OFFICE OF THE NOTIFIED AREA COUNCIL, KASHINAGAR, GAJAPATI

No. 1229/NAC — **QUOTATION CALL NOTICE** — Dated : 13.06.2019

Sealed Tenders are invited from Travel agencies / Tour Operators or private individuals for providing 06(Six) nos. of diesel driven AC Tata Indigo and 01 (One) no. of diesel driven AC Tata Indica for official use of the SPD, OMSM (RMSA), OAVS & SIOS on monthly Rental basis and on Daily basis. The Tender Document containing the details Terms and conditions can be obtained from the Office of the State Project Director OMSM(RMSA), Bhubaneswar during office hour 13 June' 19 to 25th June' 19 on payment of Rs.500/- (Rupees Five hundred) only in shape of Bank Draft drawn in favour of "State Project Director, OMSM (RMSA), Bhubaneswar". The Tender document can also be download from website www.oavs.in. In case the application form is downloaded from website, the applicant shall furnish a demand draft for an amount of Rs.500/-(Rupees Five hundred) only drawn in favour of "State Project Director OMSM(RMSA), Bhubaneswar" towards the cost of application along with the application. The Tender document complete in all respect should reach the undersigned on or before 25.06.2019 by 2 P.M through registered post/speed post & courier only and shall be opened on the same date at 3 P.M.

**Sd./- Financial Advisor**
**OMSM(RMSA)**

# ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍ ବାତିଲ

ନଟିଂହାମ,୧୩ା୬(ପି.ଟି.)

ଚଳିତ ବିଶ୍ୱକପ୍‌ରେ ବର୍ଷା କେବଳ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ନୁହଁ ପ୍ରଶଂସକଙ୍କ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ହୋଇଛି। ବର୍ଷା ଯୋଗୁଁ ବିଶ୍ୱକପ୍‌ର ଏକାଧିକ ମ୍ୟାଚ ବିନା ଟସ୍ ପଡିବାର ବାତିଲ ହୋଇଛି। ଖରାପ ପାଗ ଓ ବର୍ଷାର ସଦ୍ୟତମ ଶିକାର ହୋଇଛି ଭାରତ- ନ୍ୟୁଜିଲାଣ୍ଡ ମୁକାବିଲା। ଗୁରୁବାର ଟ୍ରେଣ୍ଟ ବ୍ରିଜ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଶେଷରେ ବର୍ଷା ଯୋଗୁ ବାତିଲ ହୋଇଛି। ପ୍ରବଳ ବର୍ଷା କାରଣରୁ ପଡିଆରେ ପାଣି ଜମି ରହିବା ଫଳରେ ଏହି ମ୍ୟାଚ୍‌ରେ ଟସ୍ ପଡିବା ମଧ୍ୟ ସମ୍ଭବ ହୋଇ ନ ଥିଲା। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଛନ୍ତି।

ଭାରତୀୟ ସମୟ ସନ୍ଧ୍ୟା ୭.୩୦ରେ ଅମ୍ପାୟରମାନେ ଅନ୍ତିମ ପିଚ୍ ନିରୀକ୍ଷଣ କରିଥିଲେ ଓ ମ୍ୟାଚ୍ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଟୁର୍ନାମେଣ୍ଟରେ ଚତୁର୍ଥଥର ପାଇଁ ବର୍ଷା କାରଣରୁ ମ୍ୟାଚ୍ ବାତିଲ ହୋଇଛି। ମ୍ୟାଚ୍ ବାତିଲ ହେବାରୁ ପ୍ରଶଂସକମାନେ ନିରାଶ ହୋଇଛନ୍ତି। ମ୍ୟାଚ୍‌ରେ ଗୋଟିଏ ବଲ୍ ବୋଲିଂ କରାଯାଇ ନ ଥିବାରୁ ଆଇସିସି ଟିକେଟ ଅର୍ଥ ପ୍ରଶଂସକଙ୍କୁ ଫେରାଇବ। ଅନ୍ୟପଟେ ଯେଉଁ ଦର୍ଶକ ତୃତୀୟ ପକ୍ଷଠାରୁ ଚଢ଼ା ଦରରେ ଟିକେଟ କିଣିଥିଲେ ସେମାନ ଆର୍ଥିକ କ୍ଷତି ସହିବେ। ତେବେ ମ୍ୟାଚ୍‌ଗୁଡିକର ବୀମା ହୋଇଥିବାରୁ ପ୍ରସାରଣକାରୀ ସଂସ୍ଥା କ୍ଷତି ସହିବେ ନାହିଁ।

ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ୪ଟି ମ୍ୟାଚ୍ ଖେଳିଛି। ୩ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ନ୍ୟୁଜିଲାଣ୍ଡ ମୋଟ ୭ ପଏଣ୍ଟ ପାଇଁ ତାଲକାର ଶୀର୍ଷରେ ରହିଛି। ଅନ୍ୟପଟେ ଭାରତ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ମୋଟ ୫ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୪ଟି ମ୍ୟାଚ୍ ଖେଳି ୩ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇଁ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାଞ୍ଚେଷ୍ଟରରେ ଭେଟିବ। ଏହି ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁ ବାଧାପ୍ରାପ୍ତ ହେବ। ଏପରିକି ବାତିଲ ମଧ୍ୟ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୩ | ୦ | ୦ | ୧ | ୭ | +୨.୧୬୩ |
| ଅଷ୍ଟ୍ରେଲିଆ | ୪ | ୩ | ୧ | ୦ | ୦ | ୬ | +୦.୫୭୦ |
| ଭାରତ | ୩ | ୨ | ୦ | ୦ | ୧ | ୫ | +୦.୫୩୯ |
| ଇଂଲଣ୍ଡ | ୩ | ୨ | ୧ | ୦ | ୦ | ୪ | +୧.୩୦୭ |
| ଶ୍ରୀଲଙ୍କା | ୪ | ୧ | ୧ | ୦ | ୨ | ୪ | -୧.୫୧୭ |
| ୱେଷ୍ଟଇଣ୍ଡିଜ | ୩ | ୧ | ୧ | ୦ | ୧ | ୩ | +୨.୦୫୪ |
| ବାଂଲାଦେଶ | ୪ | ୧ | ୨ | ୦ | ୧ | ୩ | -୦.୭୧୪ |
| ପାକିସ୍ତାନ | ୪ | ୧ | ୨ | ୦ | ୧ | ୩ | -୧.୭୯୬ |
| ଦକ୍ଷିଣ ଆଫ୍ରିକା | ୪ | ୦ | ୩ | ୦ | ୧ | ୧ | -୦.୯୫୨ |
| ଆଫଗାନିସ୍ତାନ | ୩ | ୦ | ୩ | ୦ | ୦ | ୦ | -୧.୪୯୩ |

# ମନ ଜିଣିଲେ ୱାର୍ନର

ଟଣ୍ଟନ, ୧୩ା୬ (ପି.ଟି.)



ଜଣେ ଶିଶୁ ପ୍ରଶଂସକଙ୍କୁ ନିଜର ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ଡେଭିଡ ୱାର୍ନର।

ଚଳିତ ଆଇସିସି ବିଶ୍ୱକପ୍‌ରେ ଜଣେ ଅଷ୍ଟ୍ରେଲୀୟ ଓପନର ଏକ ମନ ଜିଣିଲା ଭଳି କାର୍ଯ୍ୟ କରିଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚରେ ସେ ଜିତିଥିବା 'ମ୍ୟାନ ଅଫ୍ ଦି ମ୍ୟାଚ' ପୁରସ୍କାରକୁ ଜଣେ ଅଷ୍ଟ୍ରେଲୀୟ ଦଳର ବାଳକ ସମର୍ଥକଙ୍କୁ ପ୍ରଦାନ କରିଛନ୍ତି। ବଲ୍ ଟ୍ୟାମ୍ପରିଂ ମାମଲାରେ ବାସନ୍ଦ ଦଣ୍ଡ ଭୋଗି ସାରି ଫେରିବା ପରେ ବୁଧବାର ପାକିସ୍ତାନ ବିପକ୍ଷ ମ୍ୟାଚରେ ସେ ଏକ ଶତକ ହାସଲ କରିବା ସହ ତାଙ୍କ ଦଳକୁ ୪୧ରନରେ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଷ୍ଟାଡିୟମରୁ ଫେରୁଥିବାବେଳେ ୱାର୍ନରଙ୍କ ସହ ତାଙ୍କ ଦଳର ସମର୍ଥକମାନଙ୍କ ଭେଟ ହୋଇଥିଲା। ତନ୍ମଧ୍ୟରେ ଅଷ୍ଟ୍ରେଲିଆ ଜର୍ସି ପରିଧାନ କରିଥିବା ଜଣେ ବାଳକ ସମର୍ଥକ ରହିଥିଲେ। ସେ ତାଙ୍କ 'ମ୍ୟାନ ଅଫ୍ ଦି ମ୍ୟାଚ' ପୁରସ୍କାରଟିକୁ ଏହି ବାଳକଙ୍କୁ ପ୍ରଦାନ କରିଥିଲେ। ବାଳକ ଜଣକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ୱାର୍ନରଙ୍କଠାରୁ 'ମ୍ୟାନ ଅଫ୍ ଦି ମ୍ୟାଚ' ପୁରସ୍କାର ପାଇଁ ଏତେ ଖୁସି ଯେ, ତାହା ବର୍ଣ୍ଣନା କରି ହେବ ନାହିଁ। ମ୍ୟାଚ ବେଳେ ଆମେ ଅଷ୍ଟ୍ରେଲିଆ ପତାକା ହଲାଇ ଦଳକୁ ଉତ୍ସାହିତ କରିବାକୁ ଆସିଥିଲୁ। ୱାର୍ନର ହଠାତ ମୋ ପାଖକୁ ଆସି ତାଙ୍କ ପୁରସ୍କାର ମୋତେ ଦେଇ ଦେଲେ। ବାଳକଟିର ପିତା କହିଛନ୍ତି, ମ୍ୟାଚ ଯେତେବେଳେ ପାକିସ୍ତାନ ସପକ୍ଷରେ ଥିଲା ଦଳ ସମର୍ଥକମାନେ ଖୁବ୍ ହୋ ହଲ୍ଲା କରୁଥିଲେ। ତେଣୁ ଆମକୁ ଚୁପ୍ ରହିବାକୁ ପଡ଼ିଥିଲା। ମାତ୍ର ମିଚେଲ ମାର୍ଶ ବୋଲିଂ କରିବାକୁ ଆସି ମ୍ୟାଚର ପରିସମାପ୍ତି ଘଟାଇଥିଲେ। ଏହା ଆମକୁ ଉଲ୍ଲସିତ କରିଥିଲା।



ବର୍ଷା ଯୋଗୁ ଟ୍ରେଣ୍ଟବ୍ରିଜ୍ ଷ୍ଟାଡିୟମର ପିଚ୍‌କୁ ଘୋଡ଼ାଇ ରଖାଯାଇଛି।



ମ୍ୟାଚ ବାତିଲ ପରେ ଟିମ୍ ବସ୍‌କୁ ଯାଉଛନ୍ତି ମହେନ୍ଦ୍ର ସିଂ ଧୋନୀ।

## ଫାଇନାଲ ଖେଳିବ ଭାରତ

ୱାଶିଂଟନ,୧୩ା୬(ପିଟି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଆଇସିସି ବିଶ୍ୱକପ୍ ଫାଇନାଲ ଖେଳାଯିବ ବୋଲି ଗୁଗୁଲର ଇଣ୍ଡୋ-ଆମେରିକାନ ସିଇଓ ସୁନ୍ଦର ପିଚାଇ ଗୁରୁବାର ଭବିଷ୍ୟବାଣୀ କରିଛନ୍ତି। ଏହି ମୁକାବିଲାକୁ ମେନ୍ ଇନ୍ ବ୍ଲୁ ଦଳ ଜିତିବା ସପକ୍ଷରେ ରହିଛନ୍ତି ବୋଲି ସେ କହିଛନ୍ତି। କାଲିଫର୍ନିଆସ୍ଥିତ ଇଣ୍ଟରନେଟ କମ୍ପାନୀର ୪୬ ବର୍ଷୀୟ ମୁଖ୍ୟ ଜଣେ କ୍ରିକେଟ ପ୍ରଶଂସକ। ଭାରତ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ଆଇସିସି ବିଶ୍ୱକପ୍‌ର ଫାଇନାଲ ଖେଳାଯିବା ଉଚିତ। କିନ୍ତୁ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ଟୁର୍ନାମେଣ୍ଟରେ ରହିଛନ୍ତି ବୋଲି ପିଚାଇ କହିଛନ୍ତି।

## କୋହଲି ବିଶ୍ୱ ରେକର୍ଡ ନିକଟତର

ନୂଆଦିଲ୍ଲୀ,୧୩ା୬

ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନିକଟରେ ଏକ ବିଶ୍ୱ ରେକର୍ଡ ଅଧିକାରୀ ହେବାର ସୁଯୋଗ ରହିଛି। କୋହଲି ଏପର୍ଯ୍ୟନ୍ତ ୨୨୧ ଦିନିକିଆ ଇନିଂସରେ ୧୦,୯୪୩ କରିସାରିଛନ୍ତି। ଆଉ ୫୭ ରନ୍ କଲେ ସେ ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ୧୧ ହଜାର ରନ୍ ପୂରଣ କରିବେ। ସେ ଆଉ ୫୭ ରନ୍ କରିବାରେ ସଫଳ ହେଲେ ଭାରତୀୟ ଅଧିନାୟକ ପ୍ରଥମ କ୍ରିକେଟର ଭାବେ ୧୧ ବର୍ଷରୁ କମ୍ ସମୟରେ ୧୧ ହଜାର ରନ୍ ପୂରଣ କରିବେ। ଦେଶର ୩ୟ ଓ ବିଶ୍ୱର ୯ମ ବ୍ୟାଟ୍ସମ୍ୟାନ ଭାବେ ଏହି ମାଇଲଷ୍ଟୋନ ସ୍ପର୍ଶ କରିବେ। ପୂର୍ବରୁ ସୌରଭ ଗାଙ୍ଗୁଲି ଓ ସଚିନ ତେନ୍ଦୁଲକର ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଦିନିକିଆରେ ସର୍ବାଧିକ ସ୍କୋର କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ୮ମ ସ୍ଥାନ ହାତେଇବାର ମଧ୍ୟ ସୁଯୋଗ ରହିଛି।





ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଥିବାବେଳେ ଜଣେ ପ୍ରଶଂସକ ସେଓ ଉପରେ ବିଶ୍ୱକପ ଲୋଗୋ ପ୍ରଦର୍ଶିତ କରୁଛନ୍ତି ।

# ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ମୁକାବିଲା ଆଜି

ସାଉଥାମ୍ପଟନ,୧୩ା୬(ପି.ଟି.)

ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ୧୯ତମ ମ୍ୟାଚ୍‌ରେ ଶୁକ୍ରବାର ୱେଷ୍ଟଇଣ୍ଡିଜ ଓ ଆୟୋଜକ ଇଂଲଣ୍ଡ ପରସ୍ପରକୁ ଭେଟିବେ। ସ୍ଥାନୀୟ ରୋଜ ବାଉଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ପ୍ରଶଂସକମାନେ ୱେଷ୍ଟଇଣ୍ଡିଜ ବିସ୍ଫୋରକ ଓପନ କ୍ରିସ୍ ଗେଲ୍ ଓ ବାର୍ବାଡୋସ ଜନ୍ମିତ ଯୁବ ପେସ୍ ସେନସେଶନ ଜୋଫ୍ରା ଆର୍ଚରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ପାଇବେ। ଗତ ଫେବୃୟାରୀରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଘରୋଇ ୱେଷ୍ଟଇଣ୍ଡିଜ ଇଂଲଣ୍ଡକୁ କଡ଼ା ଟକ୍କର ଦେଇଥିଲା। ଏହି ସିରିଜ ୨-୨ରେ ଅମୀମାଂସିତ ରହିଥିଲା। ଗୋଟିଏ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଥିଲା। ଏହି ସିରିଜରେ ଗେଲ୍ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ୪ଟି ଇନିଂସରୁ ଗେଲ ୪୨୪ ରନ ସଂଗ୍ରହ କରିଥିଲେ। ଏଥିରେ ସେ ରେକର୍ଡ ୩୯ଟି ଛକା ମାରିଥିଲେ। ଗେଲ ଏବେ ଏହି ମ୍ୟାଚ୍‌ରେ ଇଂଲଣ୍ଡ ପାଇଁ ବିପଦ ସୃଷ୍ଟି କରିବେ। ଆର୍ଚର ଦଳରେ ସାମିଲ ହେବା ପରେ ଇଂଲଣ୍ଡ ବୋଲିଂ ବିଭାଗ ଆହୁରି ଦୃଢ ହୋଇଛି। ଜୋଫ୍ରା ଦମ୍‌ଦାର ବୋଲିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗେଲ ସହିତ ତାଙ୍କର ମୁକାବିଲା ଦୃଷ୍ଟାନ୍ତମୂଳକ ହେବ ଓ ପ୍ରଶଂସକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି।

ଆର୍ଚର କାରିବିୟାନରେ ଜୁନିୟର କ୍ରିକେଟ ଖେଳିଥିଲେ। ତେବେ ଗତ ଏପ୍ରିଲରେ ସେ ଇଂଲଣ୍ଡ ପାଇଁ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ୨୪ ବର୍ଷୀୟ ଏହି ଦ୍ରୁତ ବୋଲର ୱେଷ୍ଟଇଣ୍ଡିଜକୁ କଡ଼ା ଚ୍ୟାଲେଞ୍ଜ୍ ଦେବେ। ବାର୍ବାଡୋସରେ ଜନ୍ମଗ୍ରହଣ କରିଥିବାରୁ ଆମେ ଆର୍ଚରଙ୍କୁ ଭଲଭାବେ ଜାଣୁ ବୋଲି ୱେଷ୍ଟଇଣ୍ଡିଜ କୋଚ ଫ୍ଲଏଡ ରେଇପର କହିଛନ୍ତି। ୧୫,୧୭ ଓ ୧୯ ବର୍ଷରୁ କମ୍ କ୍ରିକେଟ ଖେଳି ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ତେଣୁ ସେ ଆମ ପାଇଁ ଆଦୌ ନୂଆ ନୁହଁ। ଦ୍ରୁତ ଗତିରେ ସେ ବଲ୍ ପକାଇଥାନ୍ତି। ତେଣୁ ତାଙ୍କୁ ନେଇ ଆମେ ଆଦୌ ବ୍ୟସ୍ତ ନୋହୁଁ। ସବୁ ପ୍ରକାର ଚ୍ୟାଲେଞ୍ଜକୁ ସାମନା କରିବାକୁ ଆମେ ପ୍ରସ୍ତୁତ। ୱେଷ୍ଟଇଣ୍ଡିଜ ଦଳରେ ମଧ୍ୟ କେତେକ ବିଶ୍ୱସ୍ତରୀୟ ଦ୍ରୁତ ବୋଲର ରହିଛନ୍ତି।

ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ଦଳ ଗତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଗତ ସୋମବାର ଭେଟିବାର କାର୍ଯ୍ୟକ୍ରମ ଥିଲା। ତେବେ ଏହି ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଅଲରାଉଣ୍ଡର ଆନ୍ଦ୍ରେ ରସେଲଙ୍କ ଆଣ୍ଠୁରେ ପୁରୁଣା ଆଘାତ ସମସ୍ୟା ରହିଛି। ଦକ୍ଷିଣ ଆଫ୍ରିକା ମ୍ୟାଚ୍‌ରେ ତାଙ୍କୁ ଦଳରେ ସାମିଲ କରାଯାଇ ନ ଥିଲା। ସେ ଫିଟ୍ ହୋଇ ଏହି ମ୍ୟାଚ୍‌ରେ ଖେଳିବେ କି ନା ତାହା ଦେଖିବାକୁ ବାକି ରହିଲା। ଇଂଲଣ୍ଡର ମଧ୍ୟ ଆଘାତ ସମସ୍ୟା ରହିଛି। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଜୋଶ ବଟଲର ଡାହାଣ କମରରେ ଆଘାତ ପାଇଥିଲେ। ତେବେ ସେ ଏହି ମ୍ୟାଚ୍‌ରେ ଖେଳିବେ ବୋଲି ଇଂଲଣ୍ଡ କୋଚ୍ ଟ୍ରେଭର ବେଲିସ୍ କହିଛନ୍ତି। ଇଂଲଣ୍ଡର ଅସ୍ଥିର ପାଣିପାଗ ଏବେ ଆଇସିସି ପାଇଁ ଚିନ୍ତା ସୃଷ୍ଟି କରିଛି। ଇତିମଧ୍ୟରେ ବିଶ୍ୱକପ୍‌ର କେତୋଟି ମ୍ୟାଚ୍ ବର୍ଷା କାରଣରୁ ବାଧାପ୍ରାପ୍ତ ହୋଇଛି ଓ ବାତିଲ ମଧ୍ୟ ହୋଇଛି। ଏପରି ହେଲେ ବିଶ୍ୱକପ୍ ତା'ର ଆକର୍ଷଣ ହରାଇବ। ତେବେ ଏହି ମ୍ୟାଚ୍‌ରେ ବର୍ଷା ସେତେଟା ବାଧାସୃଷ୍ଟି କରିବ ନାହିଁ ବୋଲି ଆଶା କରାଯାଉଛି।

ଏପର୍ଯ୍ୟନ୍ତ ଇଂଲଣ୍ଡ ୩ଟି ମ୍ୟାଚ୍ ଖେଳି ଦୁଇଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏରେ ପରାଜୟବରଣ କରିଛି। ୪ ପଏଣ୍ଟ ହାସଲ କରି ଇଂଲଣ୍ଡ ତାଲିକାର ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ୱେଷ୍ଟଇଣ୍ଡିଜ୍ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ବିନାଫଳାଫଳ ସହ ୩ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହିଛି।

**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲି, ଜୋଫ୍ରା ଆର୍ଚର, ଜନୀ ବେୟାରଷ୍ଟୋ, ଜୋସ ବଟଲର,ଟମ୍ କୁରାନ, ଲିଅମ୍ ପ୍ଲଙ୍କେଟ, ଆଦିଲ ରସିଦ, ଜୋ ରୁଟ୍, ଜାସନ ରଏ, ବେନ୍ ଷ୍ଟୋକ୍ସ, ଜେମ୍ସ ଭିନ୍ସ, କ୍ରିସ୍ ୱୋକ୍ସ ଓ ମାର୍କ ଉଡ।

**ୱେଷ୍ଟଇଣ୍ଡିଜ୍ ଦଳ:** ଜାସନ ହୋଲ୍ଡର (ଅଧିନାୟକ), ଫାବିଆନ ଆଲେନ, କାର୍ଲୋସ ବ୍ରାଥୱେଟ୍, ଡାରେନ ବ୍ରାଭୋ, ଶେଲଡନ କଟ୍ରେଲ, ସାନନ ଗାବ୍ରିଏଲ, କ୍ରିସ୍ ଗେଲ୍, ଶିମରନ ହେଟମେୟର, ସାଇ ହୋପ, ଏଭିନ ଲୁଇସ୍, ଆସଲେ ନର୍ସ, ନିକୋଲାସ ପୁରାନ, କେମର ରୋଚ, ଆନ୍ଦ୍ରେ ରସେଲ ଓ ଓଶେନ ଥୋମାସ।

### ଆଜିର ମ୍ୟାଚ୍

ଇଂଲଣ୍ଡ
ବନାମ
ୱେଷ୍ଟଇଣ୍ଡିଜ

ସ୍ଥାନ
ସାଉଥାମ୍ପଟନ
ସମୟ
ଅପରାହ୍ନ
୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆର୍ଚର ବନାମ ଗେଲ୍

# 'ଭାରତ ମ୍ୟାଚ୍ ପୂର୍ବରୁ ଫିଲ୍ଡିଂରେ ସୁଧାର ଆବଶ୍ୟକ'

ଟଣ୍ଟନ,୧୩ା୬(ପି.ଟି.)

ଚଳିତ ବିଶ୍ୱକପ୍‌ରେ ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ରବିବାର ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ବିଶ୍ୱକପର ସବୁଠାରୁ ରୋମାଞ୍ଚକ ମ୍ୟାଚ୍ ରୂପେ ପରିଗଣିତ ହେଉଥିବା ଏହି ମୁକାବିଲା ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ ଗ୍ରାଉଣ୍ଡରେ ଖେଳାଯିବ। ପ୍ରଶଂସକଙ୍କ ଭାବପ୍ରବଣତା ଜଡିତ ହୋଇଥିବାରୁ ଏହି ମ୍ୟାଚ୍ ଉଭୟ ଦେଶ ପାଇଁ ଗୁରୁତ୍ୱ ବହନ କରୁଛି। ବୁଧବାର ଅଷ୍ଟ୍ରେଲିଆଠାରୁ ପରାସ୍ତ ହେବା ପରେ ପାକିସ୍ତାନ ନିରାଶ ହୋଇଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଫିଲ୍ଡିଂରେ ତ୍ରୁଟି କରିଥିଲା। ତେବେ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ପାକିସ୍ତାନ ତା'ର ଫିଲ୍ଡିଂରେ ସୁଧାର ଆଣିବା ଆବଶ୍ୟକ ବୋଲି ଅଧିନାୟକ ସର୍ଫରାଜ ଅହମ୍ମଦ ସାଥୀ ଖେଳାଳିଙ୍କୁ ସତର୍କ କରାଇ ଦେଇଛନ୍ତି।

ଅଷ୍ଟ୍ରେଲିଆ ଭଲ ଆରମ୍ଭ କରିଥିଲେ ମଧ୍ୟ ୩୦୮ ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା। ଜବାବରେ ପାକିସ୍ତାନ ୨୬୬ ରନରେ ଅଲଆଉଟ ହୋଇ ୪୧ ରନରେ ପରାସ୍ତ ହୋଇଥିଲା। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ସବୁ ବିଭାଗରେ ଆମେ ଏହି ମ୍ୟାଚ୍‌ରେ ତ୍ରୁଟି କରିଥିଲୁ। ଖାସ୍ କରି ଫିଲ୍ଡିଂ ଆମର ନୈରାଶ୍ୟଜନକ ଥିଲା। ତେଣୁ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଫିଲ୍ଡିଂରେ ସୁଧାର ଆଣିବା ନିହାତି ଦରକାର ଓ ଏଥିରେ କୌଣସି ବାହାନା ଚଳିବ ନାହିଁ ବୋଲି ସର୍ଫରାଜ କହିଛନ୍ତି। ଗତ ସପ୍ତାହରେ ଆୟୋଜକ ତଥା ହଟ୍ ଫେଭରାଇଟ ଇଂଲଣ୍ଡକୁ ହରାଇ ପାକିସ୍ତାନ ବିପର୍ଯ୍ୟୟ ଘଟାଇବା ସହ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲା। ଇଅନ ମୋର୍ଗାନଙ୍କ ଇଂଲଣ୍ଡ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ଠିକ୍ ଓଲଟା ପ୍ରଦର୍ଶନ କରିଥିଲା। ମିସ୍ ଫିଲ୍ଡ ଓ ଓଭର ଥ୍ରୋ ପାକିସ୍ତାନ ପରାଜୟର ମୁଖ୍ୟ କାରଣ ବୋଲି କୁହାଯାଇଛି। ଓପନର ତଥା ଅଧିନାୟକ ଆରୋନ ଫିଞ୍ଚ୍ ୩୩ ରନ କରିଥିବା ବେଳେ ଆସିଫ ଅଲି ତାଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ। ଫଳରେ ସେ ଆହୁରି ୪୯ ରନ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ଡେଭିଡ ୱାର୍ନରଙ୍କ ସହ ସେ ଓପନିଂ ଯୋଡିରେ ଭଲ ରନ ସଂଗ୍ରହ କରିଥିଲେ। ଏହାପରେ ଆସିଫ ୱାର୍ନରଙ୍କ କ୍ୟାଚ ମଧ୍ୟ ମିସ୍ କରିଥିଲେ।

ତେବେ ପାକିସ୍ତାନ କେତେକ କ୍ଷେତ୍ରର ଭଲ ପ୍ରଦର୍ଶନ ମଧ୍ୟ କରିଛି। ଦ୍ରୁତ ବୋଲର ମହମ୍ମଦ ଆମୀର ଜବରଦସ୍ତ ପ୍ରଦର୍ଶନ କରି ୩୦ ରନ ଦେବା ସହ ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରିଥିଲେ। ଫଳରେ ମାତ୍ର ୮୬ ରନରେ ଅଷ୍ଟ୍ରେଲିଆର ଶେଷ ୭ଟି ଉଇକେଟର ପତନ ଘଟିଥିଲା। ଆମୀର ପ୍ରଥମେ ବିଶ୍ୱକପ୍ ଦଳରେ ସ୍ଥାନ ପାଇ ନ ଥିଲେ। ତେବେ ସେ ଏବେ ଦଳ ପାଇଁ ଅଗ୍ରଣୀ ଉଇକେଟ ହାସଲକାରି ବୋଲର ସାବ୍ୟସ୍ତ ହୋଇଛନ୍ତି। ଆମୀର ଆଗାମୀ ମ୍ୟାଚ୍‌ରେ ଆମର ମୁଖ୍ୟ ଅସ୍ତ୍ର ହେବେ । ଆମୀର ଜଣେ ବିଶ୍ୱସ୍ତରୀୟ ବୋଲର। ତାଙ୍କୁ ବଲକୁ ଖେଳିବା ସେତେଟା ସହଜ ହେବ ନାହିଁ ବୋଲି ସର୍ଫରାଜ କହିଛନ୍ତି। ଅଷ୍ଟମ ଉଇକେଟ ଯୋଡିରେ ସର୍ଫରାଜ ଓ ୱାହାବ ରିୟାଜ ରେକର୍ଡ ରନ ସଂଗ୍ରହ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ମାତ୍ର ୧୫ ରନରେ ୩ ଉଇକେଟ ହରାଇ ଆମେ ପରାଜୟବରଣ କରିଥିଲୁ। ପୁଣି ପ୍ରଥମ ୨୦ ଓଭରରେ ଆମେ ଅତ୍ୟଧିକ ରନ ବ୍ୟୟ କରିଥିଲୁ। ପରେ ପ୍ରତ୍ୟବର୍ତ୍ତନ କରି ଭଲ ବୋଲିଂ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆକୁ ୨୭୦-୨୮୦ ମଧ୍ୟରେ ସୀମିତ ରଖିପାରି ନ ଥିଲୁ। ମ୍ୟାଚ୍ ଜିତିବାକୁ ହେଲେ ଟପ୍ ଅର୍ଡର ୪ ବ୍ୟାଟ୍ସମ୍ୟାନଙ୍କୁ ରନ୍ ସଂଗ୍ରହ କରିବାକୁ ହେବ ବୋଲି ସର୍ଫରାଜ କହିଛନ୍ତି।



ସର୍ଫରାଜ ଅହମ୍ମଦ

## ୧୦ ଉଇକେଟ ଏଲିଟ୍ କ୍ଲବରେ ଅର୍ପଣ

ଗୁଆହାଟୀ, ୧୩ା୬



ଗୋଟିଏ ଇନିଂସରେ ସମସ୍ତ ୧୦ଉଇକେଟ ଅକ୍ତିଆର କରିଥିବା ବୋଲରମାନଙ୍କ ଏଲିଟ୍ କ୍ଲବରେ ଯୋଗଦାନ କରିଛନ୍ତି ଆସାମର ବାମହାତି ବୋଲର ଅର୍ପଣ ଦତ୍ତ। ଆସାମ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ନୁରୁଦ୍ଦିନ ଅହମ୍ମଦ ଟ୍ରଫି ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଏଥିରେ ଶିବସାଗର ଟିମ୍ ତରଫରୁ ଖେଳୁଥିବା ଅର୍ପଣ ଚାରେଡିଓ ଜିଲା ଟିମ୍ ବିପକ୍ଷରେ ତାଙ୍କ ୧୯ ଓଭର ବୋଲିଂରେ ୪୮ରନ ବିନିମୟରେ ୧୦ ଉଇକେଟ ଅକ୍ତିଆର କରିଛନ୍ତି। ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶିବସାଗର ଦଳ ୫୩.୪ଓଭରରେ ୨୧୫ରନ ସ୍କୋର କରିଥିଲା। ଜବାବରେ ଚାରେଡିଓ ଦଳ ୪୯ ଓଭରରେ ୧୨୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ବ୍ୟାଟିଂ ବିପର୍ଯ୍ୟୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଅର୍ପଣ। ଶିବ ଶାଗର ଏହାର ଦ୍ୱିତୀୟ ଇନିଂସରେ ଦ୍ରୁତ ହାରରେ ରନ ସଂଗ୍ରହ କରିବାକୁ ଯାଇ ୩୪.୨ ଓଭରରେ ୧୧୦ରନ କରି ଅଲଆଉଟ ହୋଇଯାଇଥିଲା। ମ୍ୟାଚଟି ଡ୍ର ରହିଥିଲା। ମାତ୍ର ଶିବସାଗର ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ପଏଣ୍ଟ ଅର୍ଜନ କରିଥିଲା। ଅର୍ପଣ ତାଙ୍କ ପ୍ରଭାବୀ ବୋଲିଂ ଯୋଗୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଜିତିଥିଲେ।

**୧୦ ଉଇକେଟ କ୍ଲବ**

ଏକ ଇଣ୍ଟରନ୍ୟାଶନାଲ ମ୍ୟାଚର ଗୋଟିଏ ଇନିଂସରେ ୧୦ ଉଇକେଟ ସଫଳତା ହାସଲ କରିବାରେ ପ୍ରଥମ ବୋଲର ହେଉଛନ୍ତି ଇଂଲଣ୍ଡର ଜେମ୍ସ ଚାର୍ଲ୍‌ସ ଲେକର। ୧୯୫୬ରେ ଓଲ୍ଡ ଟ୍ରାଫୋର୍ଡଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହି ଡାହାଣହାତୀ ଅଫ୍-ବ୍ରେକ୍ ବୋଲର ପ୍ରଥମ ଇନିଂସରେ ୩୭ ରନ ଦେଇ ୯ଟି ଏବଂ ଦ୍ୱିତୀୟ ଇନିଂସରେ ୫୩ ରନ ବିନିମୟରେ ୧୦ ଉଇକେଟ ଅକ୍ତିଆର କରିଥିଲେ। ବୋଲରଙ୍କ ଏହି ସଫଳତା ପାଇଁ ଏହା 'ଲେକରଙ୍କ ମ୍ୟାଚ୍' ରୂପେ ପରିଚିତ। ୧୯୯୯ରେ ଭାରତର ଅନିଲ କୁମ୍ବଲେ ପାକିସ୍ତାନ ବିପକ୍ଷ ଏକ ମ୍ୟାଚର ଦ୍ୱିତୀୟ ଇନିଂସରେ ୧୦ ଉଇକେଟ ସଫଳତା ହାସଲ କରିଥିଲେ।

# ଆଜି ସେମିଫାଇନାଲ

## ଆମେରିକା-ଦକ୍ଷିଣ ଆଫ୍ରିକା, ଭାରତ-ଜାପାନ

ଭୁବନେଶ୍ୱର, ୧୩।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ରୋମାଞ୍ଚକ ସମୟ ଉପନୀତ। ପୁଲ୍ ପର୍ଯ୍ୟାୟ ଓ କ୍ରସ୍ ଓଭର ପରେ ଶୁକ୍ରବାର ହେବାକୁ ଯାଉଛି ପ୍ରତିଯୋଗିତାର ୨ଟି ଯାକ ସେମିଫାଇନାଲ। ପ୍ରଥମ ସେମିଫାଇନାଲରେ ଆମେରିକାକୁ ଭେଟିବ ଦକ୍ଷିଣ ଆଫ୍ରିକା। ଦ୍ୱିତୀୟ ସେମିରେ ଆୟୋଜକ ଭାରତ ସହିତ ମୁକାବିଲା କରିବ ଏସୀୟ ଚାମ୍ପିୟନ ଜାପାନ। ଏହି ଦିନ ୫-୬ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ମଧ୍ୟ ଅନୁଷ୍ଠିତ ହେବ। ପୋଲାଣ୍ଡ ଓ ରୁଷିଆ ଏହି ମ୍ୟାଚରେ ପରସ୍ପରକୁ ଭେଟିବେ।



କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ହକି ଖେଳାଳିଙ୍କ ଅଭ୍ୟାସ।

### ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ

**ଆଜିର ମ୍ୟାଚ**

- ପୋଲାଣ୍ଡ ବନାମ ରୁଷିଆ (୫-୬ ପ୍ଲେସିଂ ମ୍ୟାଚ) ସକାଳ ୮ଟା
- ଆମେରିକା ବନାମ ଦକ୍ଷିଣ ଆଫ୍ରିକା (ପ୍ରଥମ ସେମିଫାଇନାଲ) ସମୟ: ଅପରାହ୍ଣ ୫ଟା
- ଭାରତ ବନାମ ଜାପାନ (ଦ୍ୱିତୀୟ ସେମିଫାଇନାଲ) ସମୟ: ରାତି ୭ଟା ୧୫

**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**

### ଭାରତ ଫେଭରାଇଟ

ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ଭାରତ-ଜାପାନ ମ୍ୟାଚ ଅପରାହ୍ଣ ୫ଟାରେ ହେବାର ଥିଲା। ମାତ୍ର ସମ୍ଭବତଃ ମ୍ୟାଚର ଗୁରୁତ୍ୱ ଏବଂ ଦର୍ଶକଙ୍କୁ ବାନ୍ଧିରଖିବା ପାଇଁ ଏହାକୁ ୭ଟା୧୫କୁ କରାଇବାକୁ ନିଷ୍ପତ୍ତି ହୋଇଛି। ବର୍ତ୍ତମାନର ପ୍ରଦର୍ଶନ ଅନୁସାରେ ଜାପାନ ବିପକ୍ଷରେ ଭାରତ ଫେଭରାଇଟ ବିବେଚିତ ହୋଇଛି। କାରଣ ପୁଲ୍'ଏ'ରେ ଭାରତ ୩ଟି ଯାକ ମ୍ୟାଚ ଜିତି ପୂରା ୯ ପଏଣ୍ଟ ସହିତ ସିଧା ସେମିଫାଇନାଲରେ ପ୍ରବେଶ କରିଥିଲା। କେବଳ ସେତିକି ନୁହେଁ ଦଳ ଚମତ୍କାର ପ୍ରଦର୍ଶନ କରି ଗୋଲବର୍ଷା ସହ ଅଭିଯାନ ଆରମ୍ଭ କରିଥିଲା। ପ୍ରଥମ ମ୍ୟାଚରେ ୧୦-୦ ଗୋଲରେ ରୁଷିଆକୁ ହରାଇଥିବା ମନପ୍ରୀତ ସିଂଙ୍କ ଦଳ ଦ୍ୱିତୀୟ ମ୍ୟାଚରେ ପୋଲାଣ୍ଡକୁ ୩-୧ ଓ ତୃତୀୟ ମ୍ୟାଚରେ ଉଜବେକିସ୍ତାନକୁ ୧୦-୦ ଗୋଲରେ ପରାସ୍ତ କରିଥିଲା। ତେଣୁ ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ୨୩ଟି ଗୋଲ ଦେଇଥିବା ଭାରତ ମାତ୍ର ଗୋଟିଏ ଗୋଲ ବରଣ କରିଛି। ଅନ୍ୟପକ୍ଷରେ ପୁଲ୍'ବି'ରେ ଜାପାନ ଲିଗ୍ ପର୍ଯ୍ୟାୟରେ ୩ ମ୍ୟାଚରୁ ୨ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରଖି ୭ ପଏଣ୍ଟ ପାଇଥିଲା। ଫଳରେ ପୁଲ୍‌ରେ ଆମେରିକା ପଛକୁ ଦ୍ୱିତୀୟ ସ୍ଥାନରେ ରହି କ୍ରସ୍ ଓଭର ଖେଳିଥିଲା। ଏହି ପର୍ଯ୍ୟାୟରେ ଦଳ ପୋଲାଣ୍ଡକୁ ୬-୨ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ଏପର୍ଯ୍ୟନ୍ତ ୧୩ଟି ଗୋଲ ଦେଇଥିବାବେଳେ ୫ ଗୋଲ ବରଣ କରିଛି। ମେକ୍ସିକୋକୁ ୩-୧ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଜାପାନ ପରେ ଦକ୍ଷିଣ ଆଫ୍ରିକାକୁ ୨-୦ ଗୋଲରେ ହରାଇଥିବାବେଳେ ଆମେରିକା ସହ ୨-୨ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ନିକଟ ଅତୀତର ପ୍ରଦର୍ଶନକୁ ଦେଖିଲେ ମସ୍କଟରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ସେମିଫାଇନାଲରେ ଭାରତ ୩-୨ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ପୂର୍ବରୁ ପୁଲ୍ ପର୍ଯ୍ୟାୟରେ ଦଳ ସମାନ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ୯-୦ ଗୋଲରେ ବିଜୟୀ ହୋଇଥିଲା। ୨୦୧୮ରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସର ପୁଲ୍ ପର୍ଯ୍ୟାୟରେ ମଧ୍ୟ ଭାରତ ୮-୦ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ମାତ୍ର ଏହି ପ୍ରତିଯୋଗିତାରେ ଜାପାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ତେଣୁ ଆଗାମୀ ମ୍ୟାଚରେ ଉଭୟ ଦଳ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ହେବା ଆଶା କରାଯାଉଛି। ଗତ ତିନୋଟି ମ୍ୟାଚରେ ଭାରତୀୟ ମିଡ୍‌ଫିଲ୍ଡର ଚମତ୍କାର ପ୍ରଦର୍ଶନ କରିଥିବାବେଳେ ଫରୱାର୍ଡ ଖେଳାଳିମାନେ ଠିକ୍‌ଭାବେ ଫିନିଶିଂ କରିପାରି ନ ଥିବା ଅନୁଭବ କରୁଛନ୍ତି କୋଚ୍ ଗ୍ରାହାମ ରିଡ୍। ଆକାଶଦୀପ ସିଂଙ୍କୁ ଛାଡ଼ିଦେଲେ ଅନ୍ୟ ଷ୍ଟ୍ରାଇକରମାନେ ସେପରି ପ୍ରଭାବୀ ପ୍ରଦର୍ଶନ କରିପାରି ନାହାନ୍ତି। ମନଦୀପ ସିଂ ଓ ଯୁବ ଗୁରସାହିବଜିତ ସିଂ କିଛି ପରିମାଣରେ ସଫଳ ହୋଇଥିବାବେଳେ ୧ ବର୍ଷ ପରେ ଆହତ ସମସ୍ୟାରୁ ଫେରିଥିବା ରମଣଦୀପ ସିଂ ବିଫଳ ରହିଛନ୍ତି। ସେହିପରି ଭାରତୀୟ ରକ୍ଷଣଭାଗ ସେପରି ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇନାହାନ୍ତି। କେବଳ ପୋଲାଣ୍ଡ ବିପକ୍ଷ ମ୍ୟାଚରେ ଏହି ବିଭାଗ କିଛିଟା ଅସୁବିଧାର ସମ୍ମୁଖୀନ ହୋଇଥିଲା। ଦୁଇ ଗୋଲକିପର କ୍ରିଷ୍ଣନ ବାହାଦୁର ପାଠକ ଓ ପି.ଆର. ଶ୍ରୀଜେଶ ମ୍ୟାଚର ଅଧିକାଂଶ ସମୟ ଦେଖଣାହାରି ସାଜିଛନ୍ତି। ତେବେ ଶୁକ୍ରବାର ମ୍ୟାଚ ଭିନ୍ନ ଧରଣର ଚ୍ୟାଲେଞ୍ଜ ଆଣିବା ଆଶା କରାଯାଉଛି।

### ଟକ୍କର ଦେବ ଦକ୍ଷିଣ ଆଫ୍ରିକା

ପ୍ରଥମ ସେମିଫାଇନାଲରେ ଆମେରିକାର ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା। ପୁଲ୍ ପର୍ଯ୍ୟାୟରେ ଆମେରିକା ପ୍ରଭାବୀ ରହି ସିଧା ସେମିଫାଇନାଲରେ ପ୍ରବେଶ କରିଥିଲେ ହେଁ ଆଗାମୀ ମ୍ୟାଚରେ କଡ଼ା ଟକ୍କର ଦେବ ଦକ୍ଷିଣ ଆଫ୍ରିକା। କାରଣ ଦକ୍ଷିଣ ଆଫ୍ରିକା ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ବିଶେଷ କରି କ୍ରସ୍ ଓଭରରେ ରୁଷିଆକୁ ୨-୧ ଗୋଲରେ ହରାଇବାପରେ ଦଳର ମନୋବଳ କାହିଁ କେତେ ଉପରେ ପହଞ୍ଚି ଯାଇଛି। ପୁଲ୍ ପର୍ଯ୍ୟାୟରେ ଆମେରିକାଠାରୁ ୦-୨ ଓ ଜାପାନଠାରୁ ୦-୨ ଗୋଲରେ ହାରିଥିଲେ ହେଁ ମେକ୍ସିକୋକୁ ୬-୦ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ଆଫ୍ରିକୀୟ ଚାମ୍ପିୟନ। ଏବେ ଦଳ ପାଇଁ ପୁଲ୍ ପର୍ଯ୍ୟାୟ ପରାଜୟର ମଧୁର ପ୍ରତିଶୋଧ ନେବା ସମୟ ଆସିଛି। କଳିଙ୍ଗ ଷ୍ଟାଡିୟମରେ ଅଧିକାଂଶ ମ୍ୟାଚରେ ଗୋଲ ବର୍ଷା ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା କିନ୍ତୁ ଲଢୁଆ ପ୍ରଦର୍ଶନ କରି ପ୍ରତିପକ୍ଷ ଦଳକୁ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରିବାକୁ ଦେଇନାହିଁ। ତେଣୁ କ୍ରମାଗତ ୨ ବିଜୟ ସହ ସେମିଫାଇନାଲ ଖେଳିବାକୁ ଯାଉଥିବା ଦକ୍ଷିଣ ଆଫ୍ରିକା ଆଗାମୀ ମ୍ୟାଚରେ ଆମେରିକାକୁ ହରାଇବା ଅସମ୍ଭବ ନୁହେଁ। ତେବେ ଆମେରିକା ଭଲ ଫର୍ମରେ ଥିବାରୁ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

### ରୁଷିଆ ପାଇଁ ସମ୍ମାନର ପ୍ରଶ୍ନ

ପୁଲ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିବା ରୁଷିଆ କ୍ରସ୍ ଓଭରରେ କିନ୍ତୁ ଦକ୍ଷତା ଅନୁସାରେ ଖେଳିପାରି ନ ଥିଲା। ତେଣୁ ଦଳକୁ ୫-୬ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବାକୁ ପଡୁଛି। ୩ ମ୍ୟାଚରୁ ୬ ପଏଣ୍ଟ ସହ ପୁଲ୍'ଏ'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ରୁଷିଆ ପାଇଁ ଏହି ମ୍ୟାଚ ଜିତିବା ସମ୍ମାନର ପ୍ରଶ୍ନ ସଦୃଶ ହୋଇଛି। ପୁଲ୍ ମ୍ୟାଚରେ ରୁଷିଆକୁ କଡ଼ା ଟକ୍କର ଦେଇଥିଲା ପୋଲାଣ୍ଡ। ଫଳରେ ଉଜବେକିସ୍ତାନ ବିପକ୍ଷରେ ୧୨-୧ ଗୋଲରେ ବିଜୟୀ ହୋଇଥିବା ରୁଷିଆ ପରବର୍ତ୍ତୀ ମ୍ୟାଚରେ ପୋଲାଣ୍ଡକୁ ୩-୨ ଗୋଲରେ ହରାଇ ପାରିଥିଲା। ଅନ୍ୟପକ୍ଷରେ ପୁଲ୍ ପର୍ଯ୍ୟାୟ ପରାଜୟର ମଧୁର ପ୍ରତିଶୋଧ ସୁଯୋଗରେ ରହିଛି ପୋଲାଣ୍ଡ। ଏହା ହୋଇପାରିଲେ ଦଳ ସମ୍ମାନର ସ୍ୱଦେଶ ଫେରି ପାରିବ।

**ଦଶମ ଜନ୍ମଦିନ ଶୁଭେଚ୍ଛା**





(ଗୁଗ୍ଗୁ)

**ଶ୍ରେୟାଂଶ ସ୍ୱାଇଁ**

ତୋର ଦଶମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସର୍ବଦା ଭଲରେ ରଖନ୍ତୁ ଓ ସଫଳତା ପ୍ରଦାନ କରନ୍ତୁ।

ଶୁଭେଚ୍ଛା ସହ:

ମନୋଜ ସ୍ୱାଇଁ ଓ ପରିବାରବର୍ଗ

ଧ-୧୨୯୬୬

**ଜନ୍ମଦିନର ଶୁଭେଚ୍ଛା**



**ଜାନ୍‌ବି ଦେବତା (ଦିବ୍ୟା)**

କଟକ ଜିଲ୍ଲା, ତାଳମୁଣ୍ଡଳୀ ନିବାସୀ ବିକାଶ ଓ ସୁପ୍ରଭାଙ୍କର ପୁତ୍ରୀ ଜାନ୍‌ବିର ଦ୍ୱିତୀୟ ଜନ୍ମଦିବସ ପାଳନ ଉପଲକ୍ଷେ ଜେଜେ-ଜେଜେମା, ଅଜା-ଆଈ, ମାମୁ, ବଡ଼ବାପା-ବଡ଼ମା, ସାନ ବଡ଼ବାପା, ସାନ ବଡ଼ମା, ସ୍ନେହା, ଶୁଭମ୍ ପ୍ରମୁଖ ପରିବାର ପକ୍ଷରୁ ତା'ର ଦୀର୍ଘ, ନିରାମୟ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଧ-୧୨୯୬୫

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**




(ରିଶି)

**ଶିବମ୍ କୁମାର ଜେନା**

ଯାଜପୁର, ନନ୍ଦିପୁର (ସ୍ୱରଡ଼ିହ)

ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସର୍ବଦା ଭଲରେ ରଖନ୍ତୁ।

ଶୁଭେଚ୍ଛା ସହ:

ବାପା, ବୋଉ, ଦାଦା, ଜେଜେବାପା, ଜେଜେମା, ପରିବାରବର୍ଗ।

ଧ-୧୨୯୬୪

## ଜାପାନକୁ ହାଲ୍‌କା ନେଉନାହୁଁ: ରିଡ୍

ଭୁବନେଶ୍ୱର, ୧୩।୬(କ୍ରୀଡ଼ା ପ୍ରତିନିଧି)




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଜାପାନ ବିପକ୍ଷ ସେମିଫାଇନାଲକୁ ଗୁରୁତ୍ୱର ସହ ନେଉଛନ୍ତି ଭାରତ କୋଚ୍ ଗ୍ରାହାମ୍ ରିଡ୍। ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଜାପାନ ବିପକ୍ଷରେ ଆମେ ନିକଟ ଅତୀତରେ ଭଲ ପ୍ରଦର୍ଶନ କରିଥିଲେ ହେଁ ଏହି ଦଳକୁ ଆମେ କେବେହେଲେ ହାଲ୍‌କାଭାବେ ନେଉନାହୁଁ ବୋଲି ସେ ପ୍ରକାଶ କରିଛନ୍ତି। ''ଏପରି ଏକ ଟୁର୍ନାମେଣ୍ଟ ଜିତିବାକୁ ହେଲେ ପ୍ରତି ଦଳକୁ ହରାଇବାକୁ ପଡ଼ିବ। ସେମିଫାଇନାଲର ଗୁରୁତ୍ୱ ସବୁବେଳେଭିନ୍ନ। ଅତୀତରେ କ'ଣ ହୋଇଥିଲା ତାର ଯେତେ ଗୁରୁତ୍ୱ ନାହିଁ, ବର୍ତ୍ତମାନ କ'ଣ ହେବାକୁ ଯାଉଛି ତାହା ବେଶି ଗୁରୁତ୍ୱପୂର୍ଣ୍ଣ। ଏଥିରେ ମୁଁ ବିଶ୍ୱାସକରେ ବୋଲି ରିଡ୍ କହିଛନ୍ତି। ଅତୀତ ପ୍ରଦର୍ଶନ ସମ୍ପର୍କରେ ମୁଁ ଅଧିକ କିଛି କହିବାକୁ ଚାହେଁନାହିଁ। ଗତ କ୍ରସ୍ ଓଭରରେ କିନ୍ତୁ ଜାପାନ ବହୁତ ଭଲ ଖେଳିଲା। ତେଣୁ ଆମେ ଶ୍ରେଷ୍ଠ ପ୍ରଦର୍ଶନ କରି ଆଗାମୀ ମ୍ୟାଚ ଜିତିବାକୁ ଚାହୁଁ। ସେମିଫାଇନାଲ ଖେଳିବାକୁ ଯାଉଥିଲେ ମଧ୍ୟ ପିଲାମାନେ ଚାପରେ ନାହାନ୍ତି। ଅନ୍ୟ ସାଧାରଣ ମ୍ୟାଚ ଭଳି ଆଗାମୀ ମ୍ୟାଚ ଖେଳିବାକୁ ମୁଁ ସେମାନଙ୍କୁ ପରାମର୍ଶ ଦେଇଛି। ଆମେ ପ୍ରଥମ କିଛି ମିନିଟର ଖେଳ ଉପରେ ଫୋକସ ରଖି ସେଠାରୁ ଆଗକୁ ବଢ଼ିବୁ ବୋଲି ଏହି ଅଷ୍ଟ୍ରେଲିଆନ କୋଚ୍ ପ୍ରକାଶ କରିଛନ୍ତି।

## ବିଜୟ ଏକମାତ୍ର ଲକ୍ଷ୍ୟ: ଏକ୍‌ମାନ

ଭୁବନେଶ୍ୱର, ୧୩।୬(କ୍ରୀଡ଼ା ପ୍ରତିନିଧି)




ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ଉଚ୍ଚ ର୍‍ୟାଙ୍କିଂପ୍ରାପ୍ତ ଭାରତକୁ ଭେଟିବାକୁ ଯାଉଛି ଜାପାନ। ଭାରତର ଘରୋଇ ପରିବେଶ ଏବଂ ଦର୍ଶକ ସମର୍ଥନ ସତ୍ତ୍ୱେ ଆମେ କେବଳ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବୁ ବୋଲି କହିଛନ୍ତି ଜାପାନ କୋଚ୍ ସେଗ୍‌ଫ୍ରେଡ୍ ଏକ୍‌ମାନ। ଆୟୋଜକଭାବେ ଜାପାନ ୨୦୨୦ ଅଲିମ୍ପିକ୍ସ ହକି ଖେଳିବାର ହକ୍‌ଦାର ଥିବାବେଳେ ଏସିଆନ ଗେମ୍ସରେ ଚାମ୍ପିୟନ ହୋଇ ଯୋଗ୍ୟତା ମଧ୍ୟ ହାସଲ କରି ସାରିଛି। ତେଣୁ ଜାପାନ ପାଇଁ ଏବେ ଶ୍ରେଷ୍ଠ ଦଳ ଗୁଡ଼ିକ ବିପକ୍ଷରେ ନିଜକୁ ପରୀକ୍ଷା କରିବାର ବେଳ ଉପନୀତ ହୋଇଛି।

''ପରାଜୟକୁ ମୁଁ କେବେହେଲେ ପସନ୍ଦ କରେନାହିଁ, ଆମେ ଏଠାକୁ ବିଜୟୀ ହେବା ଲକ୍ଷ୍ୟରେ ଆସିଛୁ। ଶ୍ରେଷ୍ଠ ଦଳ ବିପକ୍ଷରେ ନିଜକୁ ପରଖିବାର ସୁଯୋଗ ଆସିଛି। ଆଗାମୀ ମ୍ୟାଚ ଆମ ପାଇଁ ବଡ଼ ଚ୍ୟାଲେଞ୍ଜ। ଏପରି ମ୍ୟାଚ ଜିତି ଆମେ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେବା ଲକ୍ଷ୍ୟରେ ରହିଛୁ'' ବୋଲି ସେ କହିଛନ୍ତି। ଅଲିମ୍ପିକ୍ସରେ ବିଜୟୀ ହେବାକୁ ହେଲେ ଆମକୁ ବିଶ୍ୱର ଶ୍ରେଷ୍ଠ ୧୦ ଦଳକୁ ହରାଇବାକୁ ପଡ଼ିବ। ଭୁବନେଶ୍ୱର ଟୁର୍ନାମେଣ୍ଟରେ ଭାରତ କେବଳ ଟପ୍-୧୦ ର୍‍ୟାଙ୍କ ଦଳ। ଆମେ ଏଠାକୁ ର୍‍ୟାଙ୍କିଂ ପଏଣ୍ଟ ହାସଲ ଲକ୍ଷ୍ୟରେ ମଧ୍ୟ ଆସିଛୁ। ଭାରତ ଭଲ ଖେଳୁଛି, ଏହାର ମାନେ ନୁହେଁ ଯେ ଏହି ଦଳ ଆଗାମୀ ମ୍ୟାଚ ଜିତିବ। ଆଗାମୀ ମ୍ୟାଚ ପାଇଁ ଭାରତ ଫେଭରାଇଟ ହୋଇପାରେ, ମାତ୍ର ଅଣ୍ଡରଡଗ୍ ଦଳ ଗୁଡ଼ିକ ସବୁବେଳେ ପ୍ରତିଯୋଗିତାରେ ରୋମାଞ୍ଚ ଭରି ଆସିଛନ୍ତି ବୋଲି ଭୁଲିଯିବା ଉଚିତ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ଆମେ ବିଜୟୀ ହେବାନେଇ ଦୃଢ଼ ଆଶାବାଦୀ ଅଛୁ ବୋଲି ସେ କହିଛନ୍ତି।

## ହକି ଇଣ୍ଡିଆ ଲେଭଲ '୨' କୋଚିଂ କୋର୍ସ


ଏଫ୍ଆଇଏଚ୍ ଏକାଡେମୀ- ହକି ଇଣ୍ଡିଆ ଲେଭଲ ୨ ଟେକ୍‌ନିକାଲ ଅଫିସିଆଲ କୋର୍ସ ଓ ଲେଭଲ ୨ ଅମ୍ପାୟରିଂ କୋର୍ସରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନେ ପ୍ରମାଣପତ୍ର ସହ।

ଭୁବନେଶ୍ୱର,୧୩।୬ (ସ୍ପୋର୍ଟ୍ସ ବ୍ୟୁରୋ)

ଏଠାରେ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ଏକାଡେମୀ- ହକି ଇଣ୍ଡିଆ ଲେଭଲ ୨ ଟେକ୍‌ନିକାଲ ଅଫିସିଆଲ କୋର୍ସ ଓ ଏଫ୍ଆଇଏଚ୍ ଏକାଡେମୀ- ହକି ଇଣ୍ଡିଆ ଲେଭଲ ୨ ଅମ୍ପାୟରିଂ କୋର୍ସ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ଏଫ୍ଆଇଏଚ୍ ଏକାଡେମୀ ଲେଭଲ୍ ୧ କୋଚିଂ କୋର୍ସ ମଧ୍ୟ ଚାଲୁ ରହିଛି। ଦି ହକି ଇଣ୍ଡିଆ ଫାଉଣ୍ଡେଶନ କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ଏଫ୍ଆଇଏଚ୍ ଡେଭଲପମେଣ୍ଟ ଡାଇରେକ୍ଟର ମାଇକ୍ ଜୋଏସ ଏହି କୋର୍ସ ତଥା ପାଠ୍ୟକ୍ରମ ଦାୟିତ୍ୱରେ ରହିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ଚାଲିଥିବାରୁ ଏହି କୋର୍ସର ପ୍ରାସଙ୍ଗିକତା ରହିଛି। ଏହି ପାଠ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସଦସ୍ୟମାନେ ଆଧୁନିକ ହକି ସହ ତାଳ ଦେଇଚାଲିବା ସହ ବ୍ୟବହାରିକ ଜ୍ଞାନ ହାସଲ କରିପାରିବେ।

କଳିଙ୍ଗ ହକି ଷ୍ଟାଡିୟମର ମୁଖ୍ୟ ପିଚ୍‌ରେ ଗୁରୁବାର ଭାରତ, କେନିଆ, ଜାପାନ ଓ ନେଦରଲାଣ୍ଡରୁ ୭ଜଣ ଏଫ୍ଆଇଏଚ୍ ଏକାଡେମୀ ଏଡୁକେଟର କୋର୍ସରେ ଅଂଶଗ୍ରହଣ କରି କିଛି ଘଣ୍ଟା ବିତାଇଥିଲେ। ଗୁରୁବାର ଟୁର୍ନାମେଣ୍ଟର ବିଶ୍ରାମ ଦିବସ ଥିଲା। ମାଇକ ଜୋଏସ ଏମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ଅମ୍ପାୟର, ଟେକ୍‌ନିକାଲ ଅଫିସିଆଲ ଓ କୋଚ୍‌ଙ୍କ ଜ୍ଞାନ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଏବଂ ଆଧୁନିକ ହକି ସହ ତାଳ ଦେଇ ଚାଲିବା ପାଇଁ ହକି ଇଣ୍ଡିଆ ଚେଷ୍ଟିତ ରହିଆସିଛି। ହକି ଖେଳୁଥିବା ସବୁ ଦେଶ ସହ ଏ ଦିଗରେ ଉନ୍ନତି ପାଇଁ ଏଫ୍ଆଇଏଚ୍ ମଧ୍ୟ କାର୍ଯ୍ୟକରୁଛି। କୋଚିଂ ଓ ଅମ୍ପାୟରିଂରେ ଉନ୍ନତି ପାଇଁ ହକି ଇଣ୍ଡିଆ ସହ ଏଫ୍ଆଇଏଚ୍ ଏକାଡେମୀ କାର୍ଯ୍ୟକରିବାକୁ ଆଗ୍ରହୀ ଓ ଏ ନେଇ ବେଶ୍ ଆନନ୍ଦିତ ବୋଲି ଜୋଏସ କହିଛନ୍ତି।

ଏଥିସହିତ ଗତ ମାସ ହକି ଇଣ୍ଡିଆ ଲେଭଲ-୨ କୋଚିଂ କୋର୍ସକୁ ସଫଳତାର ସହ ଶେଷ କରିଥିବା ୩୫ ଜଣ ହକି ଆଶାୟୀ କୋଚ୍‌ଙ୍କୁ ହକି ଇଣ୍ଡିଆ ଲେଭଲ-୨ କୋଚ୍ ସାର୍ଟିଫିକେଶନ ପ୍ରଦାନ କରାଯାଇଛି। ପୁଣି ହକି ଇଣ୍ଡିଆ କୋଚିଂ ଏଡୁକେଶନ ପାଥୱେରେ ସଫଳ ହୋଇଥିବା ପ୍ରାର୍ଥୀମାନେ ଏଫ୍ଆଇଏଚ୍ ଏକାଡେମୀ ଲିଭେଲ-୧ କୋଚିଂ କୋର୍ସ ପାଇଁ ନିମନ୍ତ୍ରିତ ହେବେ।

## ବ୍ୟାଡ୍‌ମିଣ୍ଟନ ଖେଳାଳି ଲି'ଙ୍କ ଅବସର

ପୁତ୍ରାଜାୟା(ମାଲେସିଆ), ୧୩।୬(ଏଏଫପି)

କର୍କଟ ଭଳି ମାରାତ୍ମକ ରୋଗରୁ ମୁକ୍ତ ହେବା ପରେ କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲି ଚୋଙ୍ଗ ଗୁରୁବାର ଅବସର ନେଇଛନ୍ତି। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସଫଳ ଖେଳାଳିଙ୍କ କ୍ୟାରିୟରର ଅନ୍ତ ହୋଇଛି। ସେ ଅବସର ଘୋଷଣା କଲାବେଳେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ ଏବଂ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ଲି କଦାପି ବିଶ୍ୱ ଚାମ୍ପିୟନଶିପ୍ କିମ୍ବା ଅଲିମ୍ପିକ୍ ଟାଇଟଲ ଜିତି ପାରି ନାହାନ୍ତି। ୩୪୮ ସପ୍ତାହ ଧରି ପୁରୁଷ ସିଙ୍ଗଲ୍ସ ବର୍ଗର ବିଶ୍ୱ ର୍‍ୟାଙ୍କିଂ ଶୀର୍ଷରେ ଥିଲେ ମଧ୍ୟ ସେ ୬ ଥର ବିଶ୍ୱ ଚାମ୍ପିୟନଶିପ୍ ଏବଂ ଅଲିମ୍ପିକ୍ସ ଫାଇନାଲରେ ପରାସ୍ତ ହୋଇଥିଲେ। ସନ୍ନ୍ୟାସ ନେବାର ନିଷ୍ପତ୍ତି ମୋ ପାଇଁ ବହୁତ କଷ୍ଟକର ଥିଲା। ମୁଁ ଏହି ଖେଳକୁ ବହୁତ ଭଲ ପାଏ। କିନ୍ତୁ ଏହି ଖେଳ ବହୁତ ଦାବି କରେ, ଯାହାକୁ ମୋ ଶରୀର ଆଉ ପୂରା କରିପାରୁ ନାହିଁ। ପୂର୍ବରୁ ମୁଁ ଅଲିମ୍ପିକ୍ସ ପରେ ଅବସର ନେବା ପାଇଁ ଚିନ୍ତା କରିଥିଲି। ଶାରୀରିକ ସମସ୍ୟା ଯୋଗୁ ମୁଁ ଏହି ନିଷ୍ପତ୍ତି ନେଇଛି।

**ମନେ ପଡ଼ନ୍ତି**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



**ଠ ସଚ୍ଚିଦାନନ୍ଦ ମିଶ୍ର**

୧୧୧, ଶହୀଦ ନଗର, ଭୁବନେଶ୍ୱର

ଆବିର୍ଭାବ: ୧୭.୧୧.୧୯୨୬
ତିରୋଧାନ : ୦୪.୦୬.୨୦୧୯

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-: ଶୋକ ସନ୍ତପ୍ତ :-
ପୁତ୍ର- ଦୁର୍ଗା ପ୍ରସାଦ, ବୋହୂ-ଗୀତାଞ୍ଜଳି ଏବଂ ବନ୍ଧୁ ଓ ପରିବାର ବର୍ଗ

ଧ-୧୨୯୬୯

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଫକିର ଚରଣ ପଣ୍ଡା**

ସ୍ଥାନ- ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା

ଆବିର୍ଭାବ: ୧୨।୦୫।୧୯୩୫
ତିରୋଧାନ: ୦୬।୦୬।୨୦୧୯

ବହୁ ଘାତ ପ୍ରତିଘାତ ଭିତରେ ଗତି କରି ଆପଣ ଏ ଜୀବନ ଜିଇଲେ। ଶେଷରେ ବହୁ ଯନ୍ତ୍ରଣା ସହ୍ୟ କରି ଆମକୁ ଛାଡ଼ି ଚାଲିଗଲେ। ଜୀବନ ତମାମ ମନେରହିବ ଆପଣଙ୍କର ଅନାବିଳ ସ୍ନେହ ଓ କର୍ତ୍ତବ୍ୟ ପରାୟଣତା। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସାଇନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।

ହତଭାଗ୍ୟ- ବନ୍ଧୁ ଓ ପରିବାରବର୍ଗ।

ଧ-୧୨୯୬୮

## ଦୁର୍ଘଟଣାରେ ଫ୍ରୁମ୍ ଆହତ

ରୋଆନେ (ଫ୍ରାନ୍ସ), ୧୩।୬ (ଏଏଫ୍‌ପି)

ବିଶିଷ୍ଟ ସାଇକ୍ଲିଷ୍ଟ କ୍ରିସ୍ ଫ୍ରୁମ୍ ବୁଧବାର ଅଭ୍ୟାସ ବେଳେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ଼, ହାତ, ପିଠା ଓ ପଞ୍ଜରାରେ ଆଘାତ ଲାଗିଛି। ଫଳରେ ସେ ଟୁର୍ ଡି ଫ୍ରାନ୍ସ ସାଇକ୍ଲିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ ଯେଉଁଥିରେ ସେ ୪ଥର ବିଜେତା ହୋଇସାରିଛନ୍ତି। ୩୪ ବର୍ଷୀୟ ଫ୍ରୁମ୍ ଚଳିତବର୍ଷ ୫ମ ଥର ଏଥିରେ ଟାଇଟଲ ଜିତିବା ଲାଗି ଲକ୍ଷ୍ୟ ରଖିଥିଲେ। ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଫ୍ରୁମ୍‌ଙ୍କ ଇନୋସ୍ ଟିମ୍ ପ୍ରିନ୍ସପାଲ ଡେଭ୍ ବ୍ରେସ୍‌ଫୋଲ୍ଡଙ୍କ ସୂଚନା ଅନୁସାରେ ସେଣ୍ଟ୍ରାଲ ଫ୍ରାନ୍ସ ଅନ୍ତର୍ଗତ କ୍ରିଟେରିଅମ୍ ଡୁ ଡଫିନ୍‌ଠାରେ ଫ୍ରୁମ୍ ତାଙ୍କ ଡଚ୍ ଟିମ୍‌ମେଟ୍ ଓଟ୍ ପୋଏଲ୍ସ ସହିତ ଏକ ପାହାଡ଼ିଆ ଗଡ଼ାଣିଆ ରାସ୍ତାରେ ଖସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କ ସାଇକେଲଟି ସଡ଼କ ପାର୍ଶ୍ୱର ଏକ କାନ୍ଥରେ ଯାଇ ପିଟି ହୋଇଯାଇଥିଲା।

## ଡୋପ୍ ଟେଷ୍ଟରେ ଧରାପଡ଼ିଲେ ସାଇକ୍ଲିଷ୍ଟ କୋବୋ

ଲାଉସାନେ, ୧୩।୬(ଏଏଫ୍‌ପି)

ଡୋପିଙ୍ଗ ନିରୋଧୀ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ସ୍ପେନ୍‌ର ସାଇକ୍ଲିଷ୍ଟ ଜୁଆନ କୋବୋ। ଫଳରେ ତାଙ୍କଠାରୁ ୨୦୧୧ ଭୁଏଲ୍‌ଟା ଟାଇଟଲ ପ୍ରତ୍ୟାହାର କରି ନିଆଯାଇପାରେ ବୋଲି ଇଣ୍ଟରନ୍ୟାଶନାଲ ସାଇକ୍ଲିଂ ୟୁନିୟନ (ୟୁସିଆଇ) ଗୁରୁବାର ପ୍ରକାଶ କରିଛି। ଯଦି ନିଷ୍ପତ୍ତି ନିଆଯାଏ ତେବେ ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କ୍ରିସ୍ ଫ୍ରୁମ୍‌ଙ୍କୁ ଚାମ୍ପିୟନ ବୋଲି ଘୋଷଣା କରାଯିବ। କୋବୋ କିନ୍ତୁ ଏବେ ଅବସରପ୍ରାପ୍ତ। ୨୦୦୯-୨୦୧୧ ମଧ୍ୟରେ ତାଙ୍କ ବ୍ଲଡ୍ ବାୟୋପାସ୍‌ପୋର୍ଟରେ ନିଷିଦ୍ଧ ଦ୍ରବ୍ୟ ଆନୋମାଲିଜ ଠାବ କରାଯାଇଛି। ଫ୍ରୁମ୍ ବର୍ତ୍ତମାନ ଫ୍ରାନ୍ସର ସେଣ୍ଟ-ଏଟିନିସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେ ଗୁରୁବାର କ୍ରାଇଟେରିଅମ୍ ଡୁ ଡଫିନେ ଚତୁର୍ଥ ଷ୍ଟେଜ୍ ପାଇଁ ଅଭ୍ୟାସ କରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଭାବେ ଆହତ ହୋଇଛନ୍ତି। କୋବୋଙ୍କୁ ବର୍ତ୍ତମାନ ୩୮ବର୍ଷ। ସାଉନିର-ଡୁଭାଲ ଟିମ୍‌ରେ ଡେଭିଡ ଡି ଲା ଫୁଏଣ୍ଟେଙ୍କ ସହ ସେ ତାଙ୍କ ପ୍ରଫେଶନାଲ ପଦାର୍ପଣ କରିଥିଲେ। ୨୦୦୫ରେ ସେ ତାଙ୍କ ପ୍ରଥମ ଗ୍ରାଣ୍ଡ ଟୁର୍ ଦି ଗିରୋରେ ଅଂଶଗ୍ରହଣ କରିଥିଲେ। ୨୦୧୧ରେ ସେ ତାଙ୍କର ସବୁଠାରୁ ବଡ଼ ସଫଳତା ଜିଓସ୍କ-ଟିଏମ୍‌ସି ଟିମ୍ ସହିତ ହାସଲ କରିଥିଲେ। ଭୁଏଲ୍‌ଟାରେ ସେ ବିଜୟ ହାସଲ କରିଥିଲେ।

■ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ୨୦୧୮

# ଇସ୍ରୋରୁ ଫେରିଲେ ୨୦ ଯୁବ ଜ୍ୟୋତିର୍ବିଜ୍ଞାନୀ



ସ୍ପେସ୍ ଆପ୍ଲିକେଶନ ସେଣ୍ଟରରେ ଓଡ଼ିଶାର ଯୁବ ଜ୍ୟୋତିର୍ବିଜ୍ଞାନୀମାନେ ।

**ଭୁବନେଶ୍ୱର,୧୩।୬(ବ୍ୟୁରୋ)** ଟାଟା ଷ୍ଟିଲ୍ ଦ୍ୱାରା ଆୟୋଜିତ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ(ୟାଟସ୍) ୨୦୧୮ର ୨୦ଜଣ ବିଜେତା ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ(ଇସ୍ରୋ)ର ଅହମ୍ମଦାବାଦସ୍ଥିତ ସ୍ପେସ୍ ଆପ୍ଲିକେଶନ ସେଣ୍ଟରରେ ସପ୍ତାହ ବ୍ୟାପୀ ଶିକ୍ଷଣୀୟ ପରିଦର୍ଶନ ଶେଷ କରିବା ପରେ ବୁଧବାର ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। ପଠାଣି ସାମନ୍ତ ପ୍ଲାନେଟାରିୟମ୍ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ୧୨ ଛାତ୍ରୀ ଓ ୮ ଛାତ୍ରଙ୍କ ଏକ ଦଳ ଏସ୍ଏସି ଅହମ୍ମଦାବାଦର ବିଭିନ୍ନ ପରୀକ୍ଷାଗାର ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ ଗବେଷଣା ଦାୟିତ୍ୱରେ ଥିବା ବୈଜ୍ଞାନିକମାନଙ୍କ ସହିତ ଆଲୋଚନା କରିବା ସହ ମହାକାଶ ବିଜ୍ଞାନ ସମ୍ପର୍କିତ ବିଭିନ୍ନ ବିଷୟ ପଚାରି ବୁଝିଥିଲେ। ଇସ୍ରୋ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ର ଫିଜିକାଲ ରିସର୍ଚ୍ଚ ଲାବୋରେଟୋରି(ପିଆର୍ଏଲ୍) ପରିଦର୍ଶନ କରି ସେଠାରେ ଉପସ୍ଥିତ ବୈଜ୍ଞାନିକମାନଙ୍କ ସହିତ ଆଲୋଚନା କରିଥିଲେ। ଭାରତର ମହାକାଶ ଅଭିଯାନର କ୍ରମ ବିକାଶ ଏବଂ ଇସ୍ରୋ ପରିଚାଳନାର ବିଭିନ୍ନ ଦିଗ ବିଷୟରେ ପିଲାମାନେ ଅବଗତ ହୋଇପାରିଥିଲେ। ସେହିଭଳି ଛାତ୍ରୀଛାତ୍ର ଅହମ୍ମଦାବାଦରେ ଥିବା ଗୁଜରାଟ ସାଇନ୍ସ ସିଟି ମଧ୍ୟ ପରିଦର୍ଶନ କରିଥିଲେ।

ପିଲାମାନଙ୍କୁ ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଏବଂ ବୈଜ୍ଞାନିକ ଓ ମହାକାଶଚାରୀ ହେବା ପାଇଁ ଅନୁପ୍ରାଣିତ କରିବା ଲକ୍ଷ୍ୟ ନେଇ ୨୦୦୭ରେ ୟାଟସ୍‌ର ଶୁଭାରମ୍ଭ ହୋଇଥିଲା। ହାଇସ୍କୁଲ ପଢୁଥିବା ପିଲାମାନଙ୍କୁ ଏହା ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇ ଦେଉଥିବାରୁ ଟାଟା ଷ୍ଟିଲ୍ ଓ ପ୍ଲାନେଟାରିୟମ୍‌ର ଏଭଳି ଉଦ୍ୟମକୁ ଇସ୍ରୋ, ଅହମ୍ମଦାବାଦର ଡେପୁଟି ଡାଇରେକ୍ଟର ନିଲେଶ ଦେଶାଇ ପ୍ରଶଂସା କରିଥିଲେ। ଗତ ଜୁନ୍ ୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପରିଦର୍ଶନ ଟ୍ରିପ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଗତ ୧୨ ବର୍ଷରେ ରାଜ୍ୟର ୧ଲକ୍ଷ ୩୮ହଜାର ଯୁବ ବିଜ୍ଞାନ ଉତ୍ସାହୀ ୟାଟସ୍‌ରେ ଅଂଶଗ୍ରହଣ କରିଥିବା ବେଳେ ୧୬୦ଜଣ ଇସ୍ରୋର ବିଭିନ୍ନ ବ୍ୟବସ୍ଥା ବୁଲି ଦେଖିବାର ସୁଯୋଗ ପାଇଛନ୍ତି।













*ସର୍ତ୍ତାବଳୀ ଲାଗିବ । ମାଲ୍ ଥିବା ଯାଏଁ ଅଫର୍ ବୈଧ । ଅଫର୍ କେବଳ ବଛା ବଛା ମର୍ଚ୍ଚାଣ୍ଡାଇଜ୍ ସକାଶେ ବୈଧ । ଫ୍ରୀ ମର୍ଚ୍ଚାଣ୍ଡାଇଜ୍ କେବଳ ସ.ଖା.ମୂଲ୍ୟ ଉପରେ ଦିଆଯିବ । ଏହି ଅଫର୍ ବିନା ମଧ ମର୍ଚ୍ଚାଣ୍ଡାଇଜ୍ ମିଳୁଛି । ଅଫର୍'ର ଲାଭ ନେବା ପାଇଁ ୨ଟି ବିଲ୍/ଅଫର୍ ଜୋଡ଼ାଯାଇ ପାରିବ ନାହିଁ । କୁପନ୍‌ର ସର୍ତ୍ତ ଓ ନିୟମାବଳୀ କୁପନ୍ ରେ ବତାଯାଇଛି । ବିଶଦ ବିବରଣୀ ଷ୍ଟୋର୍ ଷ୍ଟାଫ୍‌ଙ୍କୁ ପଚାରି ବୁଝନ୍ତୁ ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ପ୍ରିୟ ଓ ମିଠା କଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
-ଚାଣକ୍ୟ



## ସଂକ୍ଷେପରେ

### ଭିଜିଲାନ୍ସ ହାତରେ ଧରାପଡ଼ିଲେ ଅଗ୍ନିଶମ ଅଧିକାରୀ, ଆଗ୍ନିକ

**କଟକ ଅଫିସ,୧୩।୬:** ଦୁଇ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଅଗ୍ନିଶମ ଅଧିକାରୀ ସଂଗ୍ରାମ ହାଁସଦା ଓ ଆଗ୍ନିକ(ଫାୟାରମ୍ୟାନ) ବିଭୁ ପ୍ରସାଦ ଜେନା। ଉଭୟ ଭଦ୍ରକରେ କାର୍ଯ୍ୟରତ। ସେକ୍ ଅବଦୁଲ ମୋଜିବ ନାମକ ବ୍ୟକ୍ତିଙ୍କଠାରୁ ଏହି ଟଙ୍କା ନେଉଥିବା ବେଳେ ଉଭୟଙ୍କୁ ଗୁରୁବାର ସନ୍ଧ୍ୟାରେ ଭିଜିଲାନ୍ସ କାବୁ କରିଛି। ମୋଜିବ ଭଦ୍ରକର ମିଶ୍ର ଲାଇନ ମିନେରାଲ ପେଣ୍ଟ ଆଣ୍ଡ ପ୍ରାଇଭେଟ ଲିମିଟେଡ୍‌ର ଆକାଉଣ୍ଟାଣ୍ଟ ଅଛନ୍ତି। ସେ କାମ କରୁଥିବା କମ୍ପାନୀ ଗୋଡାଉନର ୩ଟି ରୁମ୍‌ରେ ଗତ ୪ତାରିଖରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ ବିଭାଗରୁ ଅଗ୍ନିକାଣ୍ଡ ସମ୍ପର୍କିତ ପ୍ରମାଣପତ୍ର ପାଇଁ ସେ ଅଗ୍ନିଶମ ଅଧିକାରୀଙ୍କ ପାଖକୁ ଯିବାରୁ ତାଙ୍କଠାରୁ ଏହି ଲାଞ୍ଚ ଦାବି କରାଯାଇଥିଲା। ଗୁରୁବାର ଅଗ୍ନିଶମ ଅଧିକାରୀ ହାଁସଦାଙ୍କ ନିର୍ଦ୍ଦେଶକ୍ରମେ ଫାୟାର ମ୍ୟାନ ବିଭୁ ଜେନାଙ୍କୁ ମୋଜିବ ଲାଞ୍ଚ ୨ହଜାର ଟଙ୍କା ପ୍ରଦାନ କରିଥିଲେ। ଏହା ପରେ ସେ ଉକ୍ତ ଟଙ୍କାକୁ ଅଗ୍ନିଶମ ଅଧିକାରୀଙ୍କ ଅଫିସ ଆଲମିରାରେ ରଖିଥିଲେ। ଏହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ଉକ୍ତ ଆଲମିରାରୁ ଲାଞ୍ଚ ଟଙ୍କାକୁ ଜବତ କରିଥିଲେ। ଲାଞ୍ଚ ଟଙ୍କା ଜବତ କରାଯିବା ପରେ ଅଗ୍ନିଶମ ଅଧିକାରୀ ହାଁସଦା ଓ ଫାୟାରମ୍ୟାନ ବିଭୁଙ୍କ ସରକାରୀ କ୍ୱାର୍ଟରକୁ ଭିଜିଲାନ୍ସ ଯାଞ୍ଚ କରିଥିଲା। ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୫/୧୯) ରୁଜୁ କରାଯାଇ ଉଭୟଙ୍କୁ ଗିରଫ କରାଯାଇଛି।

### ହାତୀପଲ ଉଜାଡ଼ିଲେ ପରିବା ଫସଲ



**ଟିଗିରିଆ,୧୩।୬(ଡି.ଏନ.ଏ.):** ଟିଗିରିଆ ବ୍ଲକ ଅଧୀନ ନିଜିଗଡ଼ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ସୁଦର୍ଶନପୁର ଗ୍ରାମର ଚାଷୀଙ୍କ କ୍ଷେତରେ ବୁଧବାର ରାତିରେ ହାତୀପଲ ପଶି ବ୍ୟାପକ ପନିପରିବା ଫସଲ ଉଜାଡ଼ିଛନ୍ତି। ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ହାତୀ ଏହି ଉପଦ୍ରବ କରିଥିବା ଜଣାପଡ଼ିଛି। ଯମୁନାବନ୍ଧ କ୍ଷୁଦ୍ର ଜଳସେଚନ ପାର୍ଶ୍ୱବର୍ତ୍ତୀରେ ରହିଥିବା ଗ୍ରାମର ପ୍ରାୟ ୭/୮ଜଣ ଚାଷୀଙ୍କ ଜହ୍ନି, ଭେଣ୍ଡି, ବାଇଗଣ, ପୋଟଳ, କାକୁଡ଼ି ଆଦି ପନିପରିବା କ୍ଷେତରେ ହାତୀ ପଲ ପଶି ଦଳିଚକଟି ଦେଇଛନ୍ତି। ଏ ସମ୍ପର୍କରେ କ୍ଷତିଗ୍ରସ୍ତ ଚାଷୀଙ୍କଠାରୁ ଖବର ପାଇବା ପରେ ଟିଗିରିଆ ବନପାଳ ସୁଚରିତା ସାମନ୍ତରାୟ ଗୁରୁବାର ସଦଳବଳେ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ହାତୀ ପଲ୍ଲ ବଡ଼ମ୍ବା ଅଞ୍ଚଳ କାଳିଚାବଲ୍ଲଭ ଜଙ୍ଗଲରୁ ଆସି ରାତି ପ୍ରାୟ ୨ଟା ପରେ ନିଜିଗଡ଼ ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରି ଏଭଳି ଭାବେ ପନିପରିବା ନଷ୍ଟ କରିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଆଗକୁ ହାତୀ ପଲ୍ଲ କିଭଳି କ୍ଷେତ ନଷ୍ଟ ନ କରିବେ ସେନେଇ ବନପାଳଙ୍କ ତତ୍ତ୍ୱାବଧାନରେ ବନକର୍ମଚାରୀମାନେ ଗୁରୁବାର ସନ୍ଧ୍ୟାରୁ ଟିଗିରିଆ ଚାରିଛକ ଠାରେ ଲାଇଟ, ବାଣ ଏବଂ ଅନ୍ୟ ସରଞ୍ଜାମ ସହିତ ସଜାଗ ରହିଥିବା ବନପାଳ କହିଛନ୍ତି।

### ଡିଜେ ସାଉଣ୍ଡକୁ ନିଷିଦ୍ଧ କରିବାକୁ ଦାବି

**ସାଲେପୁର,୧୩।୬(ଡି.ଏନ.ଏ.):** ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଅନେକ ନିୟମ ଜାରି କରିଛନ୍ତି। ହେଲେ ସାଲେପୁର ଅଞ୍ଚଳରେ ଏସବୁ ନିୟମ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ଅଞ୍ଚଳରେ ହେଉଥିବା ବିବାହ, ପୂଜା, ପ୍ରଚାର ଓ ସଭାସମିତିରେ ବହୁଳ ମାତ୍ରାରେ ଡିଜେ ସାଉଣ୍ଡ ବ୍ୟବହାର କରାଯାଉଛି। ଡିଜେ ଶବ୍ଦର ପ୍ରଭାବରେ ହୃଦ୍‌ରୋଗୀ ବିଶେଷଭାବେ ପ୍ରଭାବିତ ହେଉଥିବା ବେଳେ ସାଧାରଣ ଲୋକଙ୍କ ହୃତ୍‌ସ୍ପନ୍ଦନ ମଧ୍ୟ ବଢ଼ିଯାଉଥିବା ଅଭିଯୋଗ ହେଉଛି। ଡିଜେ ଶବ୍ଦରୁ ହୃଦ୍‌ରୋଗୀଙ୍କୁ ବଞ୍ଚିତ କରିବା ପାଇଁ ତୁରନ୍ତ ଅଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟବହୃତ ହେଉଥିବା ଡିଜେ ସାଉଣ୍ଡକୁ ନିଷିଦ୍ଧ କରିବାକୁ ବ୍ଲକ ଅଧୀନ ଚନ୍ଦ୍ରାଦେଇପୁର ସରପଞ୍ଚ ଅନୀଲ୍ କୁମାର ଦାସ ଲିଖିତ ଭାବେ କଟକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହ ସେ ସାଲେପୁର ତହସିଲଦାର ଓ ଥାନା ଅଧିକାରୀଙ୍କ ନିକଟରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି।

■ ପୂର୍ବ ପରି ପାଳନ ହେଉନି ରଜ

# ହଜିବାକୁ ବସିଲାଣି ପରମ୍ପରା

■ ଦେଖିବାକୁ ମିଳୁନି ଦୋଳି, ପାରମ୍ପରିକ ପିଠା, ପାନ

■ ଆଦୃତ ହେଉଛି ପାଶ୍ଚାତ୍ୟ ପରମ୍ପରା

**ନିଶ୍ଚିନ୍ତକୋଇଲି,୧୩।୬(ସ୍ୱ.ପ୍ର)**

ଶୁକ୍ରବାରଠାରୁ ୩ଦିନ ଧରି ରଜ ପାଳିତ ହେବ। ତେବେ ଆଗରୁ ଯେପରି ଏହି ପର୍ବ ପାଳନ ହେଉଥିଲା। ଏବେ ସେପରି ହେଉନାହିଁ। ଦିନ ଥିଲା ରଜ ଆସିଲେ ପୁରପଲ୍ଲୀ ଉତ୍ସବମୁଖର ହୋଇ ଉଠୁଥିଲା। ଗାଁ ତୋଟା, ନଦୀ ପଠା ଓ ଘରେ ଲାଗୁଥିଲା ଦୋଳି। ତିଆରି ହେଉଥିଲା ନାନା ପାରମ୍ପରିକ ପିଠା। ବିଶେଷକରି ପୋଡ଼ ପିଠା ଉପରେ ଗୁରୁତ୍ୱ ଦିଆଯାଉଥିଲା। ମହିଳାମାନେ ତାସ୍ ଓ ଲୁଡୁ ଖେଳୁଥିବାବେଳେ ଯୁବତୀମାନେ ବୁଲିବୁଲି ଦୋଳି ଖେଳୁଥିଲେ। ପୁରୁଷମାନେ ଗାଁଠାକୁରାଣୀ ଓ କ୍ଲବମାନଙ୍କରେ ତାସ୍, କବାଡି ପରି ପାରମ୍ପରିକ ଖେଳରେ ନିଜକୁ ହଜାଇ ଦେଉଥାନ୍ତି। କିନ୍ତୁ ବର୍ତ୍ତମାନ ଏହି ପରାମ୍ପରା ଲୋପ ପାଇବାକୁ ବସିଲାଣି। ସମୟର ଅଭାବ କହି ସମସ୍ତେ ଏହି ପରମ୍ପରାକୁ ଭୁଲି ଗଲେଣି। ଏବେ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ୍। ଯୁବପିଢି ପାରମ୍ପରିକ ଖେଳକୁ ଭୁଲି ମୋବାଇଲ ଖେଳ ତଥା ଫେସବୁକ ଓ ହ୍ୱାଟ୍ସଆପରେ ସମୟ କାଟୁଛନ୍ତି। ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ରଜ ମଉଜ କରୁଛନ୍ତି। ଆରିସା କାକରା, ପୋଡ, ମଣ୍ଡା ପିଠା ପରି ପାରମ୍ପରିକ ପିଠା ପଣାକୁ ଆଦର କରୁନାହାନ୍ତି। ଏବେ ବିରିୟାନି, ଚାଓମିନ, ମ୍ୟାଗି, ଗୁପଚୁପ ଦହିବରା ଯୁବପିଢିଙ୍କ ପସନ୍ଦର କେନ୍ଦ୍ର ବିନ୍ଦୁ ପାଲଟିଛି। ଏବେ ଗାଁରେ ଆଉ ସୁଭୁନି ବନସ୍ତେ ଡାକିଲା ଗଜ... ବରଷକେ ଥରେ ଆସିଛି ରଜ... ଏପରି ପାରମ୍ପରିକ ଗୀତର ଗୁଞ୍ଜରଣ। ଚଳିତ ବର୍ଷ ଫନୀ ବାତ୍ୟା ଦ୍ୱାରା ବହୁ ଗଛ ଭାଙ୍ଗି ପଡ଼ିଥିବାରୁ ଦୋଳି ଦେଖିବାକୁ ମିଳୁନି। ଗାଁରେ ରଜ ପୂର୍ବରୁ ସେଭଳି କିଛି ଆଖି ଦୃଶିଆ ପ୍ରସ୍ତୁତି ଦେଖିବାକୁ ମିଳୁନି। ନିଶ୍ଚିନ୍ତକୋଇଲିରେ ଥିବା ଏକମାତ୍ର ସିନେମା ହଲ ଦର୍ଶକଙ୍କ ଅଭାବ ଯୋଗୁ ବନ୍ଦ ହେବାକୁ ବସିଲାଣି। ଏ ସବୁ ଭିତରେ ଏହି ପରମ୍ପରାକୁ ବଜାଇ ରଖିବା ପାଇ କେତେକ ସ୍ଥାନରେ ଉଦ୍ୟମ ଜାରି ରହିଛି। ନିଶ୍ଚିନ୍ତକୋଇଲି ବ୍ଲକ ସରପଡ଼ା ପଞ୍ଚାୟତର ସାଧୁପୁର ଗ୍ରାମରେ ବିଭିନ୍ନ ଦୋଳି ବ୍ୟବସ୍ଥା ଓ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସଦର ମହକୁମାର ବେଲେଶ୍ୱରୀ ସାଂସ୍କୃତି ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ ଆୟୋଜିତ ହେଉଛି। ସେହିପରି ବ୍ଲକ ଅଞ୍ଚଳରେ ଥିବା କେତେକ ମନ୍ଦିରରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅନ୍ୟ କେତେକ ସ୍ଥାନରେ ରଜ କୁଇନ ୨୦୧୯ ଓ ନାଚିବେ ଗୃହିଣୀ ପରି ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଛି। ଗୃହିଣୀଙ୍କୁ ନେଇ ଲୁଡୁ ତାସ ଓ ଖିଲିପାନ ପ୍ରତିଯୋଗିତା ସାଙ୍ଗକୁ ଝିଅଙ୍କ ମଧ୍ୟରେ ପୁଚି, ଦୌଡିଡିଆଁ, କବାଡି, ସାଧାରଣ ଜ୍ଞାନ, ଝୋଟି ଓ ପିଠାର ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ସରିଛି।



ସାଧକ ନଗରଠାରେ କୁନି ପିଲାମାନେ ଦୋଳିର ମଜା ନେଉଛନ୍ତି।

## ଆଉ ଶୁଭୁନି କୁମାରୀଙ୍କ ରଜଦୋଳି ଗୀତ

**ବାଙ୍କୀ,୧୩।୬(ସ୍ୱ.ପ୍ର.)**

ହଜିଯାଉଛି ରଜମଉଜ ଓ ବଦଳୁଛି ପରମ୍ପରା। ଆଉ ଶୁଭୁନି କୁମାରୀଙ୍କ ରଜଦୋଳି ଗୀତ। ଏବେ ରଜଲାଗି ଉଚ୍ଛୁଳି ପଡୁଥିବା ଗାଁ ଓ ନଦୀ କୂଳ ଖାଁଖାଁ ଲାଗୁଛି। ଓଡିଆ ଜନମାନସରେ ରଜ ପର୍ବର ସଂସ୍କୃତି ଓ ପରମ୍ପରା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ଏବେ ମଣିଷ ହୃଦୟରେ ପରିବର୍ତ୍ତନ ଦେଖାଦେଇଛି। ପାରମ୍ପରିକ ଓଡିଆ ପର୍ବ ଆଜି ପାଶ୍ଚାତ୍ୟ ସଭ୍ୟତା ପାଇଁ ଲୋପ ପାଇବାକୁ ବସିଲାଣି। ରଜ ତିନି ଦିନରେ ଦୋଳି ଖେଳ, କବାଡି ଖେଳ ଏବେ କାଁଭାଁ ଦେଖାଯାଉଛି। ରଜପର୍ବ ଅବସରରେ ବିଭିନ୍ନ ପ୍ରକାରର ପୋଡ ପିଠା, ଆରିସା, କାକରା, ମଣ୍ଡା ଆଦିର ମହକ ଯଦିଓ ସମ୍ପୂର୍ଣ୍ଣ ରୂପେ ଉଭେଇ ଯାଇନି ତେବେ ସେଥିପ୍ରତି ଲୋକଙ୍କ ଆଗ୍ରହ ବିଶେଷ ନ ଥିବା ଲକ୍ଷ୍ୟ କରାଯାଇଛି। ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ରଜପର୍ବକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବା ବେଳେ ବାଙ୍କୀ ଉପଖଣ୍ଡର ରଜ ଏବେ ରଜ ମହୋତ୍ସବରେ ପରିଣତ ହୋଇଛି। ୧୯୯୯ ମହାବାତ୍ୟା ପୂର୍ବରୁ ବାଙ୍କୀ ଅଞ୍ଚଳରେ କୁମାରୀଙ୍କ ରଜଦୋଳି ଗୀତରେ ଫାଟି ପଡୁଥିଲା। ମାତ୍ର ମହାବାତ୍ୟାପରେ ସେ ସବୁରେ ପଡିଗଲା ଭଙ୍ଗା। ଉପୁଡି ପଡିଲା ବଡ ବଡ ବୃକ୍ଷ। ଏବେ ଦୋଳିଟିଏ ବାନ୍ଧିବାକୁ ଗଛ ମିଳୁନି। ଏଥିପାଇଁ ଖୁଣ୍ଟିର ଆବଶ୍ୟକ ହେଉଛି। ପୁରାତନ ପରମ୍ପରାକୁ ଜୀବିତ ରଖିବାପାଇଁ ପ୍ରଥମେ ମା'ବ୍ରହ୍ମେଇଙ୍କ ପୀଠରେ ରଜ ଆରମ୍ଭ ହୋଇଥିଲା। ପରେ ସୁନାଦଇ ମୁଣ୍ଡିଆ ଏବଂ ଏବେ ରଚିକା ନୂଆ ଚର୍ଚ୍ଚିକା ହାଟ ପରିସରରେ ରଜ ପାଳିତ ହୋଇ ଆସୁଛି। ଦୀର୍ଘ ୯ବର୍ଷ ଧରି ଦିବାରାତ୍ରି ନାଚ ଗୀତ, ନାଟକ, ପାଲା, ଘୋଡାନାଚ, ପୁଚିଖେଳ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଶୁକ୍ରବାର ପହିଲି ରଜ। ଏ ଅଞ୍ଚଳର ଯୁବତୀଯୁବକ, ଆବାଳ ବୃଦ୍ଧବନିତାଙ୍କ ଦ୍ୱାରା ମୁଖରିତ ହୋଇଉଠିବ ବାଙ୍କୀ ସହର। ଲୁଚି ଯାଉଥିବା ପରମ୍ପରା, ପୁରାତନ ଖେଳ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। କୁମାରୀ ଦୋଳିରେ ବସି ଗାଇ ଉଠିବେ ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ... ଆସିଛି ରଜଲୋ... ଘେନି ନୂଆ ସଜବାଜ।

## ସେମାନେ କ'ଣ କୁହନ୍ତି ...



ପାରମ୍ପରିକ ରଜ ଗାଁର ଏକ ନିଆରା ପର୍ବ। ଗାଁର ରଜ ଦୋଳି ଓ ପିଠା ସହର ଲୋକଙ୍କୁ ଗାଁକୁ ଟାଣି ଆଣିଥାଏ। ସହରରେ ଚାକିରି କରିଥିବା ଲୋକେ ରଜ ମନାଇବା ପାଇଁ ଗାଁକୁ ଆସିଥାନ୍ତି। କିନ୍ତୁ ଏବେ ଗାଁ ଲୋକେ ରଜରେ ସହରାଭିମୁଖୀ ହେଉଛନ୍ତି।
-କାଜଲ ରାଉତ, ଜିଗ୍ନିପୁର



ଏବେ ବଡ ଗଛ ନ ଥିବାରୁ ଦୋଳି ଲଗାଇବା ପାଇଁ ସୁବିଧା ମିଳୁନି। ବିଭିନ୍ନ ଦୋଳି ଖେଳି ବୁଲାବୁଲି କରିବା, ରଜ ପାନ ଖାଇବା ଓ ଫିଲ୍ମ ଦେଖିବାକୁ ଭଲ ଲାଗେ। ହେଲେ ଏବେ ଟିଭିରେ ଫିଲ୍ମ ଦେଖୁଥିବାରୁ କେହି ହଲ୍ ଯିବାକୁ ପସନ୍ଦ କରୁନାହାନ୍ତି। ସହରର ପାର୍କ, ହୋଟେଲ ଆଦି ସ୍ଥାନରେ ଯେଭଳି ରଜ ପାଳନ ହେଉଛି ସେଭଳି ସୁବିଧା ଗାଁରେ ମିଳିଲେ ରଜକୁ ଆହୁରି ଉପଭୋଗ କରିହୁଅନ୍ତା।
-ଛାତ୍ରୀ ବୈଭବୀ ପ୍ରିୟଦର୍ଶିନୀ, ମୁରୁଦାବାଦ



ପିଲାଦିନେ ଚାଳ ରୁଅରେ ବାପା ଯେଉଁ ଦୋଳି ଲଗାଉଥିଲେ ଖେଳିବାକୁ ମଜା ଲାଗୁଥିଲା। ହେଲେ ଆଉ ତ ଚାଳଘର ନାହିଁ। ସେତେବେଳର ଦୋଳି ଏବେକାର ପ୍ଲାଷ୍ଟିକ ଦୋଳି ମଧ୍ୟରେ ଠିକ ସେମିତି ପାର୍ଥକ୍ୟ। ଏବେ ରଜ ପାଇଁ ସେମିତି କିଛି ପ୍ରସ୍ତୁତି ନାହିଁ। ଯାହା କ୍ୟାଲେଣ୍ଡର ଦେଖି ମନପକାଇବାକୁ ପଡୁଛି। ଶାଶୁ ଘରେ ରଜ ସଂକ୍ରାନ୍ତିରେ ମା ଚଣ୍ଡିଙ୍କର ଏକ ବିଶେଷ ପୂଜାର ହେଉଥିବାରୁ ସେଥିରେ ସମୟ କଟିଥାଏ।।
-ଗୃହିଣୀ ଅନ୍ନପୂର୍ଣ୍ଣା ଦାସ, ଜମରା



ରଜରେ ସାଙ୍ଗଙ୍କ ସହିତ ଦୋଳି ଖେଳିବାକୁ ଭଲଲାଗେ। ସେଭଳି ଆଉ ଦୋଳି ଦେଖିବାକୁ ମିଳୁନି। ଆମ ବାପଘର ଗାଁରେ ଚକ୍ରି, ସିଡି, ପଟା ଆଦି ବିଭିନ୍ନ ପ୍ରକାର ଝୁଲଣି ଲାଗେ। ହେଲେ ବିବାହପରେ ଶାଶୁଘର ଗାଁରେ ଝୁଲଣି ଖେଳିବା ସ୍ୱପ୍ନ।
-ଗୃହିଣୀ ସସ୍ମିତା ସାହୁ, ରିଷୋ



ରଜପର୍ବ ନାରୀଙ୍କ ଏକ ସ୍ୱତନ୍ତ୍ର ପର୍ବ। ଗାଁ ଗହଳିର ପରମ୍ପରାରେ ପରିବର୍ତ୍ତନ ହୋଇଥିଲେ ମଧ ଏବେବି ଗାଁ ନଇପଠା ଓ ଆମ୍ବତୋଟା ଦେଖିଲେ ରଜର ବାସ୍ତବ ରୂପରେଖ ବାରିହୋଇପଡେ। ପରମ୍ପରାକ୍ରମେ ବିଲୁପ୍ତ ହେବାକୁ ବସିଥିବାବେଳେ ନିଶ୍ଚିନ୍ତକୋଇଲି ବ୍ଲକର କିଛି ପଞ୍ଚାୟତରେ ରଜ ପର୍ବ ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି।
-ସବିତା ଓଝା, ଅଧକ୍ଷା ନିଶ୍ଚିନ୍ତକୋଇଲି ବ୍ଲକ

ନଳିନୀ ବନ ପୀଠରେ ମହାମେଳା

## ନେମାଳ ପୀଠକୁ ଗଲା ଶୋଭାଯାତ୍ରା



ନେମାଳ ପୀଠ ଅଭିମୁଖେ ଯାଉଥିବା ଶୋଭାଯାତ୍ରା।

**ନିଶ୍ଚିନ୍ତକୋଇଲି,୧୩।୬(ସ୍ୱ.ପ୍ର.)**

ଦିନ କେଇଟା ପରେ ନେମାଳ ପଦ୍ମବନ ପୀଠରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। କିନ୍ତୁ ଏବେ ଠାରୁ ପଦ୍ମବନ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଲାଣି। ଗୁରୁବାର ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବୁହାଲୋ ବାଲୁଙ୍କେଶ୍ୱର ପୀଠରୁ ବାବା ତପନ କୁମାର ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବିମାନ ଯାତ୍ରା ମହାପୁରୁଷଙ୍କ ପୀଠକୁ ବାହାରିଛି। ଅପରାହ୍ନରେ ମହାଦେବଙ୍କ ଯଥା ବିଧି ପୂଜାର୍ଚ୍ଚନା ପରେ ବିମାନରେ ରାଧାକୃଷ୍ଣଙ୍କୁ ସ୍ଥାପନ କରାଯାଇଥିଲା। ପରେ ଶୋଭାଯାତ୍ରା ନେମାଳ ଅଭିମୁଖେ ଯାଇଥିଲା। ସନ୍ଧ୍ୟାରେ ନେମାଳ ନଳିନୀ ବନରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ଶ୍ରଦ୍ଧାଳୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହାପରେ ଅନନ୍ତ ନାରାୟଣ ବିଷ୍ଣୁ ଓ ଅନନ୍ତ କଳକୀଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଜୟ ପୃଷ୍ଟି, ସୁବାସ ଚନ୍ଦ୍ର ଦାଶ ଓ ରାଜକିଶୋର ପୃଷ୍ଟି ପରିଚାଳନା କରିଥିଲେ। ଶୋଭାଯାତ୍ରାରେ ପ୍ରସନ୍ନ ରାଉତ, ପ୍ରଭାକର ସାହୁ, କୈଳାସ ସ୍ୱାଇଁ, ଅଶିଷ ଓଝା, ଦେବାଶିଷ ଓଝା, ସୁରେନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ରାଉତରାୟ ଓ ଜିତେନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ନଳିନୀ ବଦନରେ ବିଶ୍ୱ କଲ୍ୟାଣାର୍ଥେ ପଞ୍ଚଶଖାଙ୍କ ଯଥାବିଧି ପୂଜାର୍ଚ୍ଚନା ପରେ ଅନନ୍ତ ନାରାୟଣଙ୍କ ଉଦ୍ଦେଶ୍ୟରେ ଗୀତାଯଜ୍ଞ ଓ ହୋମ କରାଯାଇଥିଲା। ନାମ ସଙ୍କୀର୍ତ୍ତନରେ ସମଗ୍ର ନଳିନୀ ବନ ଉତ୍ସବ ମୁଖର ହୋଇଥିଲା। ସନ୍ଧ୍ୟାରେ ସଦଗୁରୁ ବାବା ଅରକ୍ଷିତ ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାସ କୀର୍ତ୍ତନ କରାଯିବା ସହ ମହାପୁରୁଷଙ୍କ ମହିମା କଳି ମାହାତ୍ମ୍ୟ ଓ ଭବିଷ୍ୟ ମାଳିକା ଉପରେ ବିଷଦ ଆଲୋଚନା କରାଯାଇଥିଲା। ଉତ୍ସବ ସାହୁ, ସନ୍ତୋଷ ସାହୁ, କାଳନ୍ଦୀ ବେହେରାଙ୍କ ସମେତ ବହୁ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଦେଶୀ ରନ୍ଧାମଦ ଜବତ, ବ୍ୟବସାୟୀ ଫେରାର

**ଆଠଗଡ଼,୧୩।୬(ସ୍ୱ.ପ୍ର.)**

ଜିଲା ପ୍ରଶାସନ ନିର୍ଦ୍ଦେଶମତେ ଗୁରୁବାର ଆଠଗଡ଼ ଅବକାରୀ ବିଭାଗ, କଟକ ୨ନଂ ଭ୍ରାମ୍ୟମାଣ ଦଳ, ଟିଗିରିଆ ପୋଲିସ ଓ ଆଠଗଡ଼ ବନବିଭାଗ କର୍ମଚାରୀଙ୍କ ପକ୍ଷରୁ ଟିଗିରିଆ ଥାନା ଅନ୍ତର୍ଗତ ଭିରୁଡା ଗ୍ରାମ ସନ୍ନିକଟ ଘଞ୍ଚ ଜଙ୍ଗଲ ମଧ୍ୟରେ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ଘଟଣାସ୍ଥଳରେ ମଦ ପ୍ରସ୍ତୁତ ନିମନ୍ତେ ଗଚ୍ଛିତ ଥିବା ୧୮୬୦ ଲିଟର ମହୁଲ ଓ ଗୁଡମିଶା ପୋଚକୁ କର୍ମଚାରୀ ନଷ୍ଟ କରିଥିଲେ। ଏଥିସହିତ ପ୍ରସ୍ତୁତ ହୋଇ ରହିଥିବା ୧୨୦ ଲିଟର ଦେଶୀ ରନ୍ଧା ମଦ ଘଟଣାସ୍ଥଳରୁ ଜବତ କରାଯାଇଥିଲା। ସମ୍ପୃକ୍ତ କର୍ମଚାରୀ ଜଙ୍ଗଲରେ ପ୍ରବେଶ କରୁଥିବା ଖବରପାଇ ମଦ ବ୍ୟବସାୟୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆଠଗଡ଼ ଅବକାରୀ ନିରୀକ୍ଷକ ସଞ୍ଜିତ ବାର୍ଲା, ୨ନଂ ଭ୍ରାମ୍ୟମାଣ ଦଳ ଭାରପ୍ରାପ୍ତ ଅଧିକାରୀ ରମେଶ ଶତପଥୀ, ଆଠଗଡ଼ ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ଭଞ୍ଜଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ଛୁରା ମାଡ଼ରେ ଜଣେ ଗୁରୁତର

**ସାଲେପୁର,୧୩।୬(ଡି.ଏନ.ଏ.)**

ସାଲେପୁର ଥାନା ଅଧୀନ ସଉରୀ ପଞ୍ଚାୟତସ୍ଥିତ ଗୋରୁହାଟ ପଡ଼ିଆ ନିକଟରେ ଗୁରୁବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ସଉରୀ ପଞ୍ଚାୟତ ବାଲିସମଳା-୨ ମୁସଲିମ୍ ବସ୍ତିର ସେକ୍ ଓକିଲ୍‌ଙ୍କ ପୁଅ ସେକ୍ ଜାବିର୍ କୌଣସି କାରଣରୁ ଉକ୍ତ ବସ୍ତିର ନିଜାମ ଉଦ୍ଦିନ୍‌ଙ୍କ ପୁଅ ଫାଜେ ବସିର୍ ଉଦ୍ଦିନ୍‌ଙ୍କୁ ଛୁରାମାଡ଼ କରିଛନ୍ତି। ଏଥିରେ ସେ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ଡାକ୍ତରଖାନା ପଠାଇଛନ୍ତି। ଅନ୍ୟପକ୍ଷରେ ଛୁରାମଡ଼ା କରିଥିବା ଯୁବକଙ୍କୁ ଧରିବା ପାଇଁ ସ୍ଥାନୀୟ ଲୋକେ ଚେଷ୍ଟା କରିଥିଲା ବେଳେ ସେ ଘଟଣା ଘଟାଇ ଜପକୁଦ ଫାଣ୍ଡିରେ ଆତ୍ମସମର୍ପଣ କରିଛନ୍ତି। ପରେ ଜପକୁଦ ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣ କବାଟ ଅଭିଯୁକ୍ତଙ୍କୁ ସାଲେପୁର ଥାନାରେ ଜିମା ଦେଇଛନ୍ତି। ଏ ସମ୍ପର୍କରେ ସାଲେପୁର ଥାନା ଅଧିକାରୀ ଦେବେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଅଦ୍ୟାବଧି କୌଣସି ଅଭିଯୋଗ ହୋଇନାହିଁ। ଅଭିଯୁକ୍ତ ଜାବିର୍ ବସିରୁଦ୍ଦିନ୍‌ଙ୍କ ସମ୍ପର୍କୀୟ ଭଣଜା ବୋଲି ଆଲୋଚନା ହେଉଛି।

## ଅଚ୍ୟୁତାନନ୍ଦଙ୍କ ଦେବସ୍ନାନ ପୂର୍ଣ୍ଣିମା ପାଇଁ ସମୀକ୍ଷା ବୈଠକ



ସମୀକ୍ଷା ବୈଠକ ପରେ ବିଭାଗୀୟ ଅଧିକାରୀମାନେ ବାଲିଯାତ୍ରା ପଡିଆ ବୁଲି ଦେଖୁଛନ୍ତି।

**ନେମାଳ,୧୩।୬(ଡି.ଏନ.ଏ.)**

ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ନିର୍ବିକଳ୍ପ ଶୂନ୍ୟ ସମାଧି ଦିବସ ତଥା ଦେବସ୍ନାନ ପୂର୍ଣ୍ଣିମା ପାଇଁ ଏକ ସମୀକ୍ଷା ବୈଠକ ଗୁରୁବାର ଅପରାହ୍ନରେ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ସଦର ଉପଜିଲାପାଳ ତଥା ମ୍ୟାନେଜିଂ ଟ୍ରଷ୍ଟି ସୁକାନ୍ତ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ନିଶ୍ଚିନ୍ତକୋଇଲି ତହସିଲଦାର ଜିତେନ୍ଦ୍ର ପାତ୍ର, ବ୍ଲକ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ସୁରେଶ ଚନ୍ଦ୍ର ଦାସ, ନେମାଳ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି, ଓରିକେଷ୍ଟା ଜଳସମ୍ପଦ ସହକାରୀ ଯନ୍ତ୍ରୀ ମହେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ତିନି ଦିନଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବକୁ ସଫଳ କରିବା ପାଇଁ ଶ୍ରଦ୍ଧାଳୁଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଗମନାଗମନ ବ୍ୟବସ୍ଥା, ପରିମଳ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ବିଦ୍ୟୁତ୍ ସେବା, ଶାନ୍ତିଶୃଙ୍ଖଳା, ଆପଦକାଳିନ ସୁବିଧା ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ଟ୍ରାଫିକ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରପଞ୍ଚ ମୁକ୍ତାର ଅଲ୍ଲୀ, ଡ. ଦିଲୀପ ଦେ, ଅଜୟ ପୃଷ୍ଟି, କାର୍ତ୍ତିକ ଚନ୍ଦ୍ର ପୂଝାରୀ, ଶରତ ମଲ୍ଲିକ, ବିମଳ ଚନ୍ଦ୍ର ଦାସ, କେଶବ ଚନ୍ଦ୍ର ଦଳାଇ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ବୈଠକରେ ଯୋଗଦେଇ ନିଜର ମତାମତ ରଖିଥିଲେ। ପରେ ବିଭାଗୀୟ ଅଧିକାରୀମାନେ ବାଲିଯାତ୍ରା ପଡିଆ ବୁଲି ସ୍ଥିତି ସମୀକ୍ଷା କରିଥିଲେ।

# ସିଏମ୍‌ସି: ନିଜେ ଅସୁରକ୍ଷିତ, ଅନ୍ୟକୁ ତାଗିଦ୍

**କଟକ ଅଫିସ, ୧୩।୬**




■ ବିଜୁ ଓ ବିକାଶ ଭବନରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

■ ପଦକ୍ଷେପ ନେବାକୁ କମିଶନରଙ୍କ ନିର୍ଦ୍ଦେଶ

କଟକ ମହାନଗର ନିଗମ (ସିଏମ୍‌ସି) ସହରକୁ ସୁରକ୍ଷିତ ରଖିବାକୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରୁଛି। କିନ୍ତୁ ସିଏମ୍‌ସି ନିଜର ସୁରକ୍ଷା ନେବାରେ ଫେଲ ମାରିଥିବାବେଳେ ଅନ୍ୟକୁ ତାଗିଦ୍ କରୁଛି। ସିଏମ୍‌ସିର ବିଜୁ ଭବନ ଓ ବିକାଶ ଭବନ କାର୍ଯ୍ୟାଳୟରେ ଏ ପର୍ଯ୍ୟନ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଏଠାରେ ଓଡ଼ିଶା ଫାୟାର ପ୍ରିଭେନଶନ ଆଣ୍ଡ ସେଫ୍ଟି (ଓଏଫପିଏସ) ନିୟମକୁ ବାଦ୍ ଦିଆଯାଇଛି। ଯଦି କୌଣସି କାରଣ ବଶତଃ କାର୍ଯ୍ୟାଳୟରେ ନିଆଁ ଲାଗେ ତେବେ ଶତାଧିକ କର୍ମଚାରୀ ଓ ଅଧିକାରୀଙ୍କ ଜୀବନ ବିପଦରେ ପଡ଼ିପାରେ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବା ସହ ସିଏମ୍‌ସି ପରିସରରେ ବହୁ ଯାନବାହାନ ପୋଡି ଯିବାର ଆଶଙ୍କା ରହିଛି। ପ୍ରାଥମିକ ନିୟମ ଅନୁଯାୟୀ, ଇମରଜେନ୍ସି ଫାୟାର ସର୍ଭିସ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ସିଏମ୍‌ସିର ନିଜର ସ୍ଥିତି ଠିକ୍ କରି ନ ଥିବା ଥିବା ବେଳେ ସହରର ବିଭିନ୍ନ ମଲ୍, ଶିକ୍ଷାନୁଷ୍ଠାନ, ଫିଲ୍ମ ହଲ, କଲ୍ୟାଣ ମଣ୍ଡପକୁ ଅଗ୍ନି ନରାପତ୍ତା ବ୍ୟବସ୍ଥାର ନାଲିଆଖି ଦେଖାଉଛି ଯାହାକି ସାଧାରଣରେ ପ୍ରଶ୍ନ ଉଠୁଛି।

ଏ ନେଇ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ସାମାଜିକ କର୍ମୀ ସୁକାନ୍ତ ସେଠୀ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ଙ୍କ ନିକଟରେ ସିଏମ୍‌ସି ବିରୋଧରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସାମାଜିକ କର୍ମୀ ସୁକାନ୍ତ କହିଛନ୍ତି, ଯେଉଁ ସିଏମ୍‌ସି ପକ୍ଷରୁ ସହରର ବିଭିନ୍ନ ଦୋକାନ ବଜାର ଉପରେ ଚଢାଉ କରାଯାଇ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଚେତାବନୀ ଦିଆଯାଉଛି। ହେଲେ ସିଏମ୍‌ସି ନିଜର ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିନାହିଁ। ଏଥିପ୍ରତି ପ୍ରଶାସନିକ ଅଧିକାରୀ କି ଅଗ୍ନିଶମ ବିଭାଗର ନଜର ପଡୁନାହିଁ। ନିୟମ ମୁତାବକ, ୩୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଗୋଟିଏ କାର୍ଯ୍ୟାଳୟରେ କାମ କରୁଥିଲେ ସେଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଫାୟାର ସେଫ୍ଟି ଲାଇସେନ୍ସ ରଖିବା ବାଧ୍ୟତାମୂଳକ। ରାତି ପାହିଲେ ଶତାଧିକ କର୍ମଚାରୀଙ୍କ ଗହଳିରେ ସହରବାସୀ ନିଜ ସମସ୍ୟା ନେଇ ନିଗମ କାର୍ଯ୍ୟାଳୟରେ ରୁଣ୍ଡ ହୁଅନ୍ତି। ଫାୟାର ସେଫ୍ଟି ଲାଇସେନ୍ସ ରହିବା ବାଧ୍ୟତାମୂଳକ ଥିଲେ ମଧ୍ୟ ସିଏମ୍‌ସିରେ ନିୟମକୁ ଆଖିଠାର କରି ଚାଲିଛି ବୋଲି କହିଛନ୍ତି।

ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିଶମ କାର୍ଯ୍ୟାଳୟକୁ ଏ ନେଇ ଚିଠି କରାଯିବ, ନିରାପତ୍ତା ବ୍ୟବସ୍ଥା ଉପରେ ପଦକ୍ଷେପ ନେବାକୁ କୁହାଯିବ। ଏଥିସହ ଅଗ୍ନି ନିରାପତ୍ତା ନିୟମ ମୁତାବକ ଯାହା ଦରକାର ତାହା ଲଗାଯିବ। ଅଡିଟ୍ କରାଯିବା ପରେ ଅର୍ଥ ମଞ୍ଜୁର ହୋଇ ଖୁବ୍‌ଶୀଘ୍ର ଉପରୋକ୍ତ ଦୁଇ କୋଠାରେ ଅତ୍ୟାଧୁନିକ ଅଗ୍ନି ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି କମିଶନର ନାୟକ ସୂଚନା ଦେଇଛନ୍ତି।



ପ୍ରିୟ ଓ ମିଠା କଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ଆଜି କ'ଣ କେଉଁଠି

କଟକ
- ଚାଉଳିଆଗଞ୍ଜ ମହିଳା ପରିଷଦ ପକ୍ଷରୁ ଦ୍ୱିତୀୟ ରଜ ଉତ୍ସବ, ଚାଉଳିଆଗଞ୍ଜ ଫୁଟବଲ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ସାରସ୍ୱତ ସାଧକ ଅନ୍ନଦା ପ୍ରସାଦ ରାୟଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସର୍ବଧର୍ମ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭା, ରାମକୃଷ୍ଣ କୁଟୀର ପରିସର, ବଙ୍ଗାଳି ସାହି, ପୂର୍ବାହ୍ନ ୧୦ଟା।
- ସୁର ମନ୍ଦିର ପକ୍ଷରୁ ୨୦ତମ ରଜ ମହୋତ୍ସବ, ଶହୀଦ ଭବନ, ସନ୍ଧ୍ୟା ୬ଟା ୩୦।
- ସ୍ୱରସାଧିକା ବୀଣାପାଣି ମହାନ୍ତିଙ୍କ ୯୨ତମ ଜୟନ୍ତୀ ଉତ୍ସବ, କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା ୩୦।

## ଓଟିଡିସିର ସ୍ୱତନ୍ତ୍ର ରଥଯାତ୍ରା ପ୍ୟାକେଜ୍

**ଭୁବନେଶ୍ୱର,୧୩।୬(ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ସ୍ୱତନ୍ତ୍ର ରଥଯାତ୍ରା ଟୁର୍ ପ୍ୟାକେଜ୍ ଘୋଷଣା କରାଯାଇଛି। ଏହି ପ୍ୟାକେଜ୍ କଟକ, ଭୁବନେଶ୍ୱର ଓ ସମ୍ବଲପୁର ପାନ୍ଥନିବାସରେ ଉପଲବ୍ଧ ହେବ। ରାଜ୍ୟ, ଦେଶ ତଥା ବିଦେଶୀ ପର୍ଯ୍ୟଟକ ଆସନ୍ତା ଜୁଲାଇ ୪ରେ ଶ୍ରୀଜିଉଙ୍କ ରଥଯାତ୍ରା ଉପଭୋଗ କରିପାରିବେ। ଚଳିତବର୍ଷ ୧୨୦ପର୍ଯ୍ୟଟକଙ୍କ ପାଇଁ ବିଭାଗ ପକ୍ଷରୁ ପ୍ୟାକେଜ୍‌ର ବ୍ୟବସ୍ଥା କରାଯାଇଛି। ଜୁଲାଇ ୪ତାରିଖ ପ୍ରାତଃ ୫ଟାରେ କଟକ ପାନ୍ଥନିବାସ ପରିସରରୁ ଯାତ୍ରୀଙ୍କୁ ଓଟିଡିସିର ସ୍ୱତନ୍ତ୍ର ବସ୍‌ରେ ପୁରୀ ନିଆଯିବ। ସେହିପରି ସମ୍ବଲପୁର ପାନ୍ଥନିବାସରୁ ପୂର୍ବଦିନ ରାତି ୮ଟାରୁ ଯାତ୍ରୀମାନେ ଭୁବନେଶ୍ୱର ଅଭିମୁଖେ ଯିବେ। ପରେ ସେମାନଙ୍କୁ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ନିଆଯିବ। ରାତ୍ରିଭୋଜନ ପରେ ସମସ୍ତ ଯାତ୍ରୀ ଭୁବନେଶ୍ୱର ଫେରିବେ। ପର୍ଯ୍ୟଟକ ଭିଜିଟ୍ ଓଡ଼ିଶା ଏବଂ ପାନ୍ଥନିବାସ ୱେବ୍‌ସାଇଟରେ ସବୁ ତଥ୍ୟ ପାଇପାରିବେ।

## ଘରଭଙ୍ଗା ସହାୟତା ପାଇଁ ହିତାଧିକାରୀଙ୍କ ଆକାଉଣ୍ଟ ନମ୍ବର ସଂଗ୍ରହ

**କଟକ ସଦର,୧୩।୬(ଡି.ଏନ୍.ଏ.):** ଫନୀ କ୍ଷତିଗ୍ରସ୍ତ ପରିବାରକୁ ଘରଭଙ୍ଗା ସହାୟତା ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। କଟକ ସଦର ଓ କିଶନନଗର ତହସିଲ ପକ୍ଷରୁ ଘରଭଙ୍ଗା ସହାୟତା ପାଇବାକୁ ଥିବା ହିତାଧିକାରୀଙ୍କ ଆକାଉଣ୍ଟ ନମ୍ବର ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଘରଭଙ୍ଗା ସହାୟତା ବୃଦ୍ଧି ପାଇଥିବାରୁ ହିତାଧିକାରୀଙ୍କୁ ଅର୍ଥ ଡିବିଟି(ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର) ମାଧ୍ୟମରେ ଦିଆଯିବ। କଟକ ସଦର ତହସିଲର ୧୫ପଞ୍ଚାୟତରେ ୧୧୭ଘର ସମ୍ପୂର୍ଣ୍ଣ ଭାଙ୍ଗିଥିବା ବେଳେ କିଶନନଗର ତହସିଲରେ ୧୦୭ ଘର ଭାଙ୍ଗିଛି। କଟକ ସଦର ତହସିଲର ଘରଭଙ୍ଗା ତାଲିକା ତ୍ରୁଟିପୂର୍ଣ୍ଣ ଓ ପକ୍ଷପାତିତା ହେଉଥିବାରୁ ଏହାର ପ୍ରତିବାଦରେ ୪୨ମୌଜା ଓ ରଘୁନାଥପୁର ଅଞ୍ଚଳର କ୍ଷତିଗ୍ରସ୍ତ ପରିବାର ଗୁରୁବାର କଟକ ଜିଲାପାଳଙ୍କୁ ଭେଟିବାକୁ ଯାଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅଫିସର ଅନ ସ୍ପେଶାଲ ଡ୍ୟୁଟିଙ୍କୁ ଭେଟିଥିଲେ। ତାଲିକା ଚୂଡ଼ାନ୍ତ ହୋଇ ଟଙ୍କା ମଞ୍ଜୁର ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିବା ଜଣାପଡ଼ିଥିଲା। ବିଧାୟକ ଓ ସାଂସଦଙ୍କ ମାଧ୍ୟମରେ ସରକାରଙ୍କୁ ଜଣାଇବା ଲାଗି ସମ୍ପୃକ୍ତ ଅଧିକାରୀ ପରାମର୍ଶ ଦେଇଥିବା କ୍ଷତିଗ୍ରସ୍ତଙ୍କଠାରୁ ସୂଚନା ମିଳିଛି।

## ଏସ୍‌ସିବିରେ ପଶ୍ଚିମବଙ୍ଗ ଡାକ୍ତରଙ୍କୁ ମାଡ଼: ମମତାଙ୍କ କୁଶପୁତ୍ତଳିକା ଦାହ

**କଟକ ଅଫିସ,୧୩।୬:** କୋଲକାତାର ନିଲରତ୍ନ ସରକାର ମେଡିକାଲ କଲେଜରେ ଜଣେ ରୋଗୀଙ୍କ ମୃତ୍ୟୁ ନେଇ ସମ୍ପର୍କୀୟମାନେ ଡାକ୍ତରଙ୍କୁ ମାଡ଼ ପ୍ରତିବାଦରେ ସେଠାରେ ଡାକ୍ତରୀ ଛାତ୍ରୀଛାତ୍ର ଆନ୍ଦୋଳନ ଚଳାଇଛନ୍ତି। ସରକାର ପରିସ୍ଥିତି ସମାଧାନ ନ କରି ଡାକ୍ତରଙ୍କୁ କାର୍ଯ୍ୟରେ ଯୋଗଦେବାକୁ ଧମକାଉଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ସନ୍ଧ୍ୟାରେ ଏସ୍‌ସିବି ମେଡିକାଲରେ ଯୁଜି, ପିଜି ଛାତ୍ର ସଂଘ ପକ୍ଷରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଓଡ଼ିଶା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକପତ୍ର ଇ-ମେଲ୍ ଯୋଗେ ପଠାଯାଇଥିବା ଯୁଜି ଛାତ୍ର ସଂଘ ସଭାପତି ଦୀପକ ସାମଲ କହିଛନ୍ତି।

### ସହରାଞ୍ଚଳ ସ୍ୱାସ୍ଥ୍ୟ ପରିଚାଳନା କାର୍ଯ୍ୟକାରିଣୀ ବୈଠକ

# ପାଣି, ବିଦ୍ୟୁତ୍ ସମସ୍ୟା ଉପରେ ଗୁରୁତ୍ୱ

**କଟକ ଅଫିସ,୧୩।୬**

**ଆସନ୍ତା ୨୫ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ**




ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟ ଅଧିକାରୀ।

କଟକ ମହାନଗର ନିଗମରେ ଫନୀ ପରବର୍ତ୍ତୀ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ଗୁରୁବାର ସିଏମସି ପରିସରରେ ସହରାଞ୍ଚଳ ସ୍ୱାସ୍ଥ୍ୟ ପରିଚାଳନା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ, ଅତିରିକ୍ତ ଜିଲା ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଭକ୍ତ ମୋହନ ସ୍ୱାଇଁ, କମିଶନର ଶରତ ଚନ୍ଦ୍ର ନାୟକ, ଅତିରିକ୍ତ କମିଶନ ଜୟନ୍ତ କୁମାର ଷଡଙ୍ଗୀ, ପୂର୍ବତନ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ରଞ୍ଜନ ବିଶ୍ୱାଳ, ପୂର୍ବତନ କର୍ପୋରେଟର ଚିରଞ୍ଜୀୟ ସାହୁ, ଏନ୍‌ୟୁଏଚଏମ୍‌ର ସିଟି ପ୍ରୋଗ୍ରାମ ମ୍ୟାନେଜର ଏଲିନା ମହାପାତ୍ର, ଅତିରିକ୍ତ ପ୍ରୋଗ୍ରାମ ମ୍ୟାନେଜର ଶୁଭ୍ରାଜ୍ୟୋତି ପାଲ୍‌ଙ୍କ ସମେତ ବହୁ ଡାକ୍ତର ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

କଟକ ମହାନଗର ନିଗମ ଅଞ୍ଚଳରେ ୧୪ଟି ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କେତେଜଣ ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ଆଟେଣ୍ଡାଣ୍ଟ ଅଛନ୍ତି ସେନେଇ ଆଲୋଚନା ହୋଇଥିଲା। କେଉଁ ସବୁ ସ୍ୱାସ୍ଥ୍ୟକେନ୍ଦ୍ର କେତେ ସମୟ ଖୋଲା ରହୁଛି, କେଉଁ ସ୍ୱାସ୍ଥ୍ୟକେନ୍ଦ୍ର ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ, ଏ ସମସ୍ତ କାର୍ଯ୍ୟ ତଦାରଖ କରିବା ସହ ପୂର୍ତ୍ତ ବିଭାଗ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ କ'ଣ ପାଇଁ ହସ୍ତାନ୍ତର କରିନାହିଁ ଏବଂ କେବେ ସୁଦ୍ଧା ସମ୍ପୂର୍ଣ୍ଣ କାମ ସାରିବା ପାଇଁ ଏମ୍‌ପି ମହତାବ ପଚାରି ବୁଝିଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଏପର୍ଯ୍ୟନ୍ତ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇପାରିନାହିଁ। ପୂର୍ତ୍ତ ବିଭାଗ କାମ ସାରି ନ ଥିବାରୁ ଏମ୍‌ପି ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ସହରରେ ପ୍ରାୟ ୨୦କୋଟି ଟଙ୍କା ବ୍ୟୟରେ ଏହିସବୁ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇଛି। ଫନୀରେ ବହୁ ସ୍ୱାସ୍ଥ୍ୟକେନ୍ଦ୍ର ନଷ୍ଟ ହୋଇଥିଲେ ବି ଏପର୍ଯ୍ୟନ୍ତ ସୁଧାର ଆସିନାହିଁ। ଏ ବାବଦରେ ଏନ୍‌ୟୁଏଚଏମ ପକ୍ଷରୁ ସମସ୍ତ ଅର୍ଥ ଦାଖଲ ହୋଇଯାଇଥିଲେ ମଧ୍ୟ ପୂର୍ତ୍ତ ବିଭାଗର ଖାମଖିଆଲ ମନୋଭାବ ଯୋଗୁ କାମ ହୋଇପାରୁ ନ ଥିବା ବୈଠକରେ ଯୋଗଦେଇଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ପ୍ରକାଶ କରିଥିଲେ। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ସମସ୍ୟା ଦେଖାଦେଇଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ବିଭିନ୍ନ କେନ୍ଦ୍ରରେ ଏବେ ବି ଥ୍ରି ଫେଜ୍ ଲାଇନ ପହଞ୍ଚି ପାରିନାହିଁ। ଫଳରେ ସମସ୍ୟା ଉପୁଜୁଥିବା ଏମ୍‌ପିଙ୍କ ଦୃଷ୍ଟିକୁ ଆଣିଥିଲେ। ବର୍ଷା ହେଲେ ଯେପରି ଲୋକେ ଡେଙ୍ଗୁ, ମ୍ୟାଲେରିଆ, ଜଣ୍ଡିସର ଶିକାର ନ ହୁଅନ୍ତି ସେ ଦିଗରେ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକ ଶେଷରେ ଏମ୍‌ପି ମହତାବ କହିଥିଲେ, ସହରରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆଣିବା ପାଇଁ ଚେଷ୍ଟା ଜାରି ରହିଛି। ପୂର୍ତ୍ତ ବିଭାଗକୁ ଆସନ୍ତା ୨୫ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ କର୍ମଚାରୀ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷାକରି ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଅଣାଯାଇପାରିବ ସେ ନେଇ ପଦକ୍ଷେପ ନେବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ, ଜଣ୍ଡିସ, ମ୍ୟାଲେରିଆ ପାଇଁ ଔଷଧ ମହଜୁଦ ରଖିବାକୁ ଅଧିକାରୀଙ୍କୁ କୁହାଯାଇଛି। ଯେଉଁ ସ୍ଥାନରେ ପାଣି ଜମି ରହୁଛି ସେହି ସ୍ଥାନଗୁଡ଼ିକ ଚିହ୍ନଟ କରାଯାଇ ଔଷଧ ସ୍ପ୍ରେ କରାଯାଇ ରୋଗ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ସିଏମ୍‌ସି କମିଶନର ନାୟକ କହିଛନ୍ତି, ବୈଠକରେ ଆଲୋଚନା ହୋଇଥିବା ବିଷୟଗୁଡ଼ିକ ପାଳନ ହେଉନାହିଁ। ଯାହାକୁ ନେଇ ଏମ୍‌ପି ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଆଲୋଚନା ହୋଇଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ। ମୌସୁମୀକୁ ଦୃଷ୍ଟିରେ ରଖି କୌଣସି ସ୍ୱାସ୍ଥ୍ୟ ବ୍ୟବସ୍ଥା ବ୍ୟାଘାତ ନ ହେବ ସେ ନେଇ ସିଏମ୍‌ସି ପ୍ରସ୍ତୁତ ଥିବା କମିଶନର କହିଛନ୍ତି।

## ଭିଜିଲାନ୍ସ ହାତରେ ଧରାପଡ଼ିଲେ ଅଗ୍ନିଶମ ଅଧିକାରୀ, ଆଗ୍ନିକ

**କଟକ ଅଫିସ,୧୩।୬:** ଦୁଇ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଅଗ୍ନିଶମ ଅଧିକାରୀ ସଂଗ୍ରାମ ହାଁସଦା ଓ ଆଗ୍ନିକ ବିଭୁ ପ୍ରସାଦ ଜେନା। ଉଭୟ ଭଦ୍ରକରେ କାର୍ଯ୍ୟରତ। ସେକ୍ ଅବଦୁଲ ମୋଜିବଙ୍କଠାରୁ ଏହି ଟଙ୍କା ନେଉଥିବା ବେଳେ ଉଭୟଙ୍କୁ ଗୁରୁବାର ସନ୍ଧ୍ୟାରେ ଭିଜିଲାନ୍ସ କାବୁ କରିଛି। ମୋଜିବ ଭଦ୍ରକର ମିଶ୍ର ଲାଇନ ମିନେରାଲ ପେଣ୍ଟ ଆଣ୍ଡ ପ୍ରାଇଭେଟ ଲିମିଟେଡ୍‌ର ଆକାଉଣ୍ଟାଣ୍ଟ ଅଛନ୍ତି। ସେ କାମ କରୁଥିବା କମ୍ପାନୀ ଗୋଡାଉନର ୩ଟି ରୁମ୍‌ରେ ଗତ ୪ତାରିଖରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ସମ୍ପର୍କିତ ପ୍ରମାଣପତ୍ର ପାଇଁ ସେ ଅଗ୍ନିଶମ ଅଧିକାରୀଙ୍କ ପାଖକୁ ଯିବାରୁ ତାଙ୍କଠାରୁ ଏହି ଲାଞ୍ଚ ଦାବି କରାଯାଇଥିଲା। ଗୁରୁବାର ଅଗ୍ନିଶମ ଅଧିକାରୀ ହାଁସଦାଙ୍କ ନିର୍ଦ୍ଦେଶକ୍ରମେ ଆଗ୍ନିକ ଜେନାଙ୍କୁ ମୋଜିବ ଲାଞ୍ଚ ୨ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ସେ ଉକ୍ତ ଟଙ୍କାକୁ ଅଗ୍ନିଶମ ଅଧିକାରୀଙ୍କ ଅଫିସ ଆଲମିରାରେ ରଖିଥିଲେ। ଏହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ଉକ୍ତ ଆଲମିରାରୁ ଲାଞ୍ଚ ଟଙ୍କାକୁ ଜବତ କରିଥିଲେ। ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୫/୧୯) ରୁଜୁ କରାଯାଇ ଉଭୟଙ୍କୁ ଗିରଫ କରାଯାଇଛି।

## ଡ୍ରେନେଜ ବ୍ୟବସ୍ଥା ବୁଲି ଦେଖିଲେ ବିଧାୟକ

**କଟକ ଅଫିସ,୧୩।୬**



ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଡ୍ରେନ୍ ବ୍ୟବସ୍ଥା ବୁଲି ଦେଖୁଛନ୍ତି।

ମୌସୁମୀ ବର୍ଷା ପୂର୍ବରୁ କଟକ ସହରରୁ ଜଳ ନିଷ୍କାସନକୁ ସୁଗମ କରିବା ପାଇଁ ଗୁରୁବାର ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ସିଏମ୍‌ସି ସିଟି ଯନ୍ତ୍ରୀ ମନୀଷ ସରକାର, ଭାଗ୍ୟଧର ସାହୁ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ-୨ ଓ ଜାଇକା ପ୍ରକଳ୍ପର ମୁଖ୍ୟ ବସନ୍ତ କୁମାର ପରିଡ଼ା, ହେମନ୍ତ ପାଣ୍ଡବ ମୁଖ୍ୟ ଡ୍ରେନ ପ୍ରକଳ୍ପ ଯନ୍ତ୍ରୀ ପ୍ରମୁଖ ସହରରେ ଯାଇଥିବା ମୁଖ୍ୟ ଏମ୍‌ଏସ୍‌ଡବ୍ଲ୍ୟୁ-୧ ଓ ୨ ନାଳ ପରିଦର୍ଶନ କରିଥିଲେ। ଦେଉଳସାହିଠାରୁ ଆରମ୍ଭ କରି ବିହାରକଲୋନୀ, କନିକା ଛକ, ଖଟବିନ ସାହି, ସୂତାହାଟ, ପ୍ରଭାତ ସିନେମାଛକ, ବାରପଥର, ରାଉସାପାଟଣା, ବଜ୍ରକବାଟି ରୋଡ ପୋଲ ପରିଦର୍ଶନ କରିଥିଲେ। ଅଳିଆ ଆବର୍ଜନା ଓ ବର୍ଜ୍ୟଜଳ ନିଷ୍କାସନରେ ଅବରୋଧ କରୁଥିବା ସମସ୍ୟାଗୁଡ଼ିକୁ ଜାଇକା ଓ ସିଏମ୍‌ସିର ମିଳିତ ସହଯୋଗରେ ସମାଧାନ କରିବା ପାଇଁ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଏହି ଦୁଇ ବିଭାଗର କର୍ତ୍ତୃପକ୍ଷ ନିଜ ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରି ସହରବାସୀଙ୍କୁ ସେବା ଯୋଗାଇଦେଲେ ସହରରେ ଜଳବନ୍ଦୀ ସମସ୍ୟା ଗୁରୁତର ହେବ ନାହିଁ ବୋଲି ବିଧାୟକ ମୋକିମ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ପୂର୍ବତନ କର୍ପୋରେଟର ଗିରିବାଳା ବେହେରା, ଅନିତା ନାୟକ, ନମିତା ମଞ୍ଜରୀ ସାହୁ, ସେକ୍ ସମ୍ମିମଉଲ୍ଲା, ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ଅଶ୍ୱିନୀ ମହାରଣା, ତୃପ୍ତି ଦାସ, ଶୈଳବାଳା ଜେନା, ସେକ୍ ଜିଆଉଦ୍ଦିନ, ମହମ୍ମଦ ଅଲିମ, ଶରତ ଚନ୍ଦ୍ର ସେଠୀ, ସୁରଜିତ ସାହୁ, ଆର୍ଯ୍ୟବୀର ଲେଙ୍କା, ରାକେଶ ମହାରଣା, ଲିଜାରାଣୀ ରାଉତ, ଅଜିତ ବେହେରା, ଦିଲୀପ ମହାନ୍ତି, ଜନ ଆଶୁତୋଷ ଦାସ, ରାଜେନ୍ଦ୍ର ପଣ୍ଡା, ଠୁକୁରୀ ସାହୁ, ସଞ୍ଜୟ ଦାସ, ଜଫର ବକ୍ସ, ମହମ୍ମଦ ଇମରାନ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରାଇଭରଙ୍କ ମୃତଦେହ ଜବତ

**ନରାଜ,୧୩।୬(ଡି.ଏନ୍.ଏ.)**

ନନ୍ଦନକାନନ ଥାନା ଅନ୍ତର୍ଗତ ବାରଙ୍ଗ-ନନ୍ଦନକାନନ ନୂଆରାସ୍ତା ପାର୍ଶ୍ୱରୁ ଗୁରୁବାର ଜଣେ ଡ୍ରାଇଭରଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ବାରଙ୍ଗ ତେଲେଙ୍ଗାସାହିର ବେଣୁ ତିରିଆ(୫୫)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏ ନେଇ ଥାନାରେ ଏକ ମାମଲା (ନଂ.୩/୧୯)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ବେଣୁଙ୍କୁ ମେଡିକାଲ ଛକ ନିକଟରେ ଛିଡ଼ା ହୋଇଥିବା ତାଙ୍କ ସ୍ତ୍ରୀ ଦେଖିଥିଲେ। ରାତିରେ ସେ ଘରକୁ ନ ଆସିବାରୁ ଗୁରୁବାର ତାଙ୍କ ସ୍ତ୍ରୀ ଖୋଜାଖୋଜି କରିଥିଲେ। ପ୍ରାୟ ଅପରାହ୍ନ ୨ଟା ରେ ବାରଙ୍ଗ-ନନ୍ଦନକାନନ ନୂଆରାସ୍ତାର କଡରେ ବେଣୁ ପଡିଥିବା ତାଙ୍କ ସ୍ତ୍ରୀ ଦେଖିବାକୁ ପାଇଥିଲେ। ଖବରପାଇ ନନ୍ଦନକାନନ ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।

## ଏମ୍‌ବିଡି ଗ୍ରୁପ୍ ପକ୍ଷରୁ ଛାତ୍ରଗୌରବ ସମ୍ମାନ



**ଭୁବନେଶ୍ୱର,୧୩।୬**

ଏମ୍‌ବିଡି ଗ୍ରୁପ ପକ୍ଷରୁ ଛାତ୍ରଗୌରବ ସମ୍ମାନ ୨୦୧୯ ଅନୁଷ୍ଠିତ ହୋଇ ଯାଇଛି। ୨୦୦୯ ମସିହାରୁ ଗ୍ରୁପ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ୧୦ମ ଶ୍ରେଣୀରେ କୃତିତ୍ୱ ହାସଲ କରିଥିବା ୩୪ ଜଣ ଜିଲା ଟପ୍ପରଙ୍କୁ କମ୍ପାନୀ ସମ୍ବର୍ଦ୍ଧିତ କରିଛି। କାର୍ଯ୍ୟକ୍ରମରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ, କୈଳାସ ଚନ୍ଦ୍ର ଟିକାୟତ ରାଏ, ଇତି ସାମନ୍ତ, ବୈଦ୍ୟନାଥ ନାୟକ ଏବଂ ଶିକ୍ଷାବିତ ଡଃ କିଶୋର ମହାନ୍ତି ଯୋଗ ଦେଇଥିଲେ। ଏମ୍‌ବିଡି ଗ୍ରୁପର ଜୋନାଲ ମୁଖ୍ୟ ପ୍ରଦୀପ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତିଛାତ୍ରୀଛାତ୍ରଙ୍କ ସହ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରୀ ଜିଲା ଶିକ୍ଷାଧିକାରୀ ହୃଷିକେଶ କାଣ୍ଡି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏମ୍‌ବିଡି ଗ୍ରୁପର ମୁଖ୍ୟ ପରିଚାଳନା ନିର୍ଦ୍ଦେଶିକା ମୋନିକା ମାଲହୋତ୍ରା କାନ୍ଧାରୀ ବାପା ଅଶୋକ କୁମାର ମାଲହୋତ୍ରାଙ୍କ ନିଷ୍ଠାପର କାର୍ଯ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ।

### ଧାର୍ମିକସ୍ଥଳୀରେ ଏମ୍‌ପିଙ୍କ ଅନୁଦାନ ଖର୍ଚ୍ଚ

# ଯନ୍ତ୍ରୀଙ୍କଠାରୁ ଅସୁଲ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

**କଟକ ସଦର,୧୩।୬(ଡି.ଏନ୍.ଏ.)**

୨୦୧୭-୧୮ ଆର୍ଥିକ ବର୍ଷରେ କଟକ ମହାନଗର ନିଗମ ପୂର୍ବାଞ୍ଚଳରେ ଜଣେ ରାଜ୍ୟ ସଭା ସଦସ୍ୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୩ଲକ୍ଷ ଟଙ୍କା ଧାର୍ମିକସ୍ଥଳୀ ଜାଗାରେ ଖର୍ଚ୍ଚ କରାଯାଇଥିଲା। ଏହି କାର୍ଯ୍ୟ କଟକ ସଦର ବ୍ଲକର ଯନ୍ତ୍ରୀମାନେ କରିଥିଲେ। ଧାର୍ମିକସ୍ଥଳରେ ଏମ୍‌ପିଙ୍କ ଟଙ୍କା ଖର୍ଚ୍ଚ ସମ୍ପର୍କରେ ଅଭିଯୋଗ ହେବା ପରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ତଦନ୍ତ କରାଯାଇଥିଲା। ଅଭିଯୋଗ ସତ୍ୟ ବୋଲି ପ୍ରମାଣିତ ହେବା ପରେ ଖର୍ଚ୍ଚ ଟଙ୍କାକୁ ନିର୍ମାଣ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଦରମାରୁ ଅସୁଲ ପାଇଁ କଟକ ସଦର ବିଡିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସୂଚନାଥାଉ କି, କୌଣସି ଧାର୍ମିକସ୍ଥଳରେ ଏମ୍‌ପିଙ୍କ ଅର୍ଥ ଖର୍ଚ୍ଚ କରାଯାଇ ପାରିବ ନାହିଁ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ନିୟମ କରିଛି। ଏହି ନିୟମକୁ ଉଲ୍ଲଂଘନ କରାଯାଇଛି ବୋଲି ଜିଲାପାଳଙ୍କ ନିକଟରେ ଜଣେ ପୂର୍ବତନ କର୍ପୋରେଟର ଅଭିଯୋଗ କରିଥିଲେ।

## ପିସି, ପିଏନ୍‌ଡିଟି ଉପଦେଷ୍ଟା କମିଟି ବୈଠକ

**କଟକ ଅଫିସ, ୧୩।୬**

ପିସି ଏବଂ ପିଏନଡିଟି ୧୯୯୪ (ଲିଙ୍ଗ ଚୟନ ନିଷେଧ) ଅଧିନିୟମକୁ କଡାକଡି ପାଳନ କରାଯିବ। ଏହି ଅନୁଯାୟୀ ଗର୍ଭସ୍ଥ ଶିଶୁର ଲିଙ୍ଗ ଚୟନ ନିଷେଧ କରିବା ଉପରେ ଉପଦେଷ୍ଟା କମିଟିର ଏକ ବୈଠକ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜିଲାପାଳଙ୍କ ପ୍ରକୋଷ୍ଟରେ ଅନୁଷ୍ଠିତ ହୋଇଯାଇଛି। ଭ୍ରୁଣର ଲିଙ୍ଗ ଚିହ୍ନଟ ଭଳି ହୀନ କାର୍ଯ୍ୟକୁ ନିବାରଣ କରାଯାଇପାରିବ ଏବଂ ଏହି ଆଇନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି ପାଇଁ ଜିଲାପାଳ ଅଗ୍ରୱାଲ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଜ୍ଞାନିକ ଓ ଯାନ୍ତ୍ରିକ କୌଶଳର ଅପବ୍ୟବହାର କରି ଲୁଚା ଛପାରେ ଏହି ଲିଙ୍ଗ ନିରୂପଣ କରାଯାଉଥିବା କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ଏବଂ ଆବଶ୍ୟକ ସ୍ଥଳେ ଜିଲାର ନର୍ସିଂହୋମମାନଙ୍କ ଉପରେ ଚଢାଉ କରିବା ପାଇଁ ସହକାରୀ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଲଟ୍ରାସାଉଣ୍ଡ ୟୁନିଟ ଗୁଡିକୁ ପରିଦର୍ଶନ କରିବା ଉପରେ ଆଲୋଚନା କରାଯାଇଥିଲା। ଭ୍ରୁଣ ହତ୍ୟା ବିରୋଧରେ ଲିଫ୍‌ଲେଟ, ପୋଷ୍ଟର ଓ ବ୍ୟାନର ଦ୍ୱାରା ଜନସଚେତନତା ସୃଷ୍ଟି କରାଯିବା ନେଇ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପ୍ରକାଶଥାଉକି, ଜିଲାରେ ୧୭୬ଟି ଅଲଟ୍ରାସାଉଣ୍ଡ ୟୁନିଟ ପଞ୍ଜୀକୃତ ହୋଇଥିବା ବେଳେ ୯୭ଟି ୟୁନିଟକୁ ବନ୍ଦ କରାଯାଇଛି। ସ୍ତ୍ରୀ ଓ ପ୍ରସୂତି ରୋଗ ସମ୍ବନ୍ଧରେ ଜିଲାରେ ବିଭିନ୍ନ ନର୍ସିଂ ହୋମ ଓ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୯ ଅଲଟ୍ରାସାଉଣ୍ଡ ୟୁନିଟ ମଧ୍ୟରୁ ୬୩ ୟୁନିଟ କାର୍ଯ୍ୟ କରୁଛି। ବୈଠକରେ ଏସପି ରାଧା ବିନୋଦ ପାଣିଗ୍ରାହୀ, ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ସିଡିଏମ୍‌ଓ ଡ. ବିଭୁତି ଭୂଷଣ ନାୟକ,ଏଡିମ୍ ପିଏଚଓ ଡ. ମୃତ୍ୟୁଞ୍ଜୟ ମହାପାତ୍ର, ଡ. ମାନଭଞ୍ଜନ ଶତପଥୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ଷଡଙ୍ଗୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ବେହେରା, ପ୍ରସନ୍ନ ଲେଙ୍କାଙ୍କ ସମେତ ଜିଲାର ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଓ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଚାଲିବାକୁ ସକ୍ଷମ ହେଲା ତପନ

**କଟକ ଅଫିସ, ୧୩।୬**



ପୁରୀଘାଟ ଥାନା ପୁରୁଣା ବକ୍ସିବଜାରର ତପନ କୁମାର ଦାସ(୨୬) ୨୦୧୭ ମସିହାରୁ ଟିବି ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଦୀର୍ଘଦିନ ଟିବିରେ ପୀଡ଼ିତ ହୋଇ ୨୦୧୮ ମସିହାଠାରୁ ହଠାତ୍ ତାଙ୍କ ମେରୁଦଣ୍ଡ ହାଡ଼ ବଙ୍କା ହୋଇ ଚଳପ୍ରଚଳରେ ଅସୁବିଧା ହୋଇଥିଲା। ନିଜର ନିତ୍ୟକର୍ମ କରିବାରେ ମଧ୍ୟ ସେ ସକ୍ଷମ ହୋଇ ନ ଥିଲେ। ଅର୍ଥାଭାବରୁ ସେ ପୁନର୍ବାର ଚିକିତ୍ସା ପାଇଁ ସକ୍ଷମ ହୋଇପାରି ନ ଥିଲେ। ଜିଲା ଆଇନସେବା ପ୍ରାଧିକରଣରେ କାର୍ଯ୍ୟରତ ପାରା ଲିଗାଲ ଭଲ୍ୟୁଣ୍ଟର ବିଭୁତି କୁମାର ରାୟ ଏହି ଘଟଣାଟି ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଗାର୍ଗୀ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆଣିଥିଲେ। ସଚିବଙ୍କ ନିର୍ଦ୍ଦେଶ କ୍ରମେ ପାରା ଲିଗାଲ ଭଲ୍ୟୁଣ୍ଟର ତପନଙ୍କୁ ଏସ୍‌ସିବି ମେଡିକାଲର ଅସ୍ଥିଶଲ୍ୟ ବିଭାଗରେ ଅସ୍ତ୍ରୋପଚାର କରାଇଥିଲେ। ବର୍ତ୍ତମାନ ତପନ ନିଜେ ଚଳପ୍ରଚଳ କରିବା ସହ ନିଜର ନିତ୍ୟକର୍ମ ମଧ୍ୟ କରିବାରେ ସକ୍ଷମ ହୋଇପାରିଛି।

# ସିଏମ୍‌ସି: ନିଜେ ଅସୁରକ୍ଷିତ, ଅନ୍ୟକୁ ତାଗିଦ୍

**କଟକ ଅଫିସ, ୧୩।୬**




- ବିଜୁ ଓ ବିକାଶ ଭବନରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା
- ପଦକ୍ଷେପ ନେବାକୁ କମିଶନରଙ୍କ ନିର୍ଦ୍ଦେଶ

କଟକ ମହାନଗର ନିଗମ (ସିଏମ୍‌ସି) ସହରକୁ ସୁରକ୍ଷିତ ରଖିବାକୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରୁଛି। କିନ୍ତୁ ସିଏମ୍‌ସି ନିଜର ସୁରକ୍ଷା ନେବାରେ ଫେଲ ମାରିଥିବାବେଳେ ଅନ୍ୟକୁ ତାଗିଦ୍ କରୁଛି। ସିଏମ୍‌ସିର ବିଜୁ ଭବନ ଓ ବିକାଶ ଭବନ କାର୍ଯ୍ୟାଳୟରେ ଏ ପର୍ଯ୍ୟନ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଏଠାରେ ଓଡ଼ିଶା ଫାୟାର ପ୍ରିଭେନଶନ ଆଣ୍ଡ ସେଫ୍ଟି (ଓଏଫପିଏସ) ନିୟମକୁ ବାଦ୍ ଦିଆଯାଇଛି। ଯଦି କୌଣସି କାରଣ ବଶତଃ କାର୍ଯ୍ୟାଳୟରେ ନିଆଁ ଲାଗେ ତେବେ ଶତାଧିକ କର୍ମଚାରୀ ଓ ଅଧିକାରୀଙ୍କ ଜୀବନ ବିପଦରେ ପଡ଼ିପାରେ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବା ସହ ସିଏମ୍‌ସି ପରିସରରେ ବହୁ ଯାନବାହାନ ପୋଡି ଯିବାର ଆଶଙ୍କା ରହିଛି। ପ୍ରାଥମିକ ନିୟମ ଅନୁଯାୟୀ, ଇମରଜେନ୍ସି ଫାୟାର ସର୍ଭିସ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ସିଏମ୍‌ସିର ନିଜର ସ୍ଥିତି ଠିକ୍ କରି ନ ଥିବା ଥିବା ବେଳେ ସହରର ବିଭିନ୍ନ ମଲ୍, ଶିକ୍ଷାନୁଷ୍ଠାନ, ଫିଲ୍ମ ହଲ, କଲ୍ୟାଣ ମଣ୍ଡପକୁ ଅଗ୍ନି ନରାପତ୍ତା ବ୍ୟବସ୍ଥାର ନାଲିଆଖି ଦେଖାଉଛି ଯାହାକି ସାଧାରଣରେ ପ୍ରଶ୍ନ ଉଠୁଛି।

ଏ ନେଇ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ସାମାଜିକ କର୍ମୀ ସୁକାନ୍ତ ସେଠୀ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ଙ୍କ ନିକଟରେ ସିଏମ୍‌ସି ବିରୋଧରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସାମାଜିକ କର୍ମୀ ସୁକାନ୍ତ କହିଛନ୍ତି, ଯେଉଁ ସିଏମ୍‌ସି ପକ୍ଷରୁ ସହରର ବିଭିନ୍ନ ଦୋକାନ ବଜାର ଉପରେ ଚଢାଉ କରାଯାଇ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଚେତାବନୀ ଦିଆଯାଉଛି। ହେଲେ ସିଏମ୍‌ସି ନିଜର ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିନାହିଁ। ଏଥିପ୍ରତି ପ୍ରଶାସନିକ ଅଧିକାରୀ କି ଅଗ୍ନିଶମ ବିଭାଗର ନଜର ପଡୁନାହିଁ। ନିୟମ ମୁତାବକ, ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଗୋଟିଏ କାର୍ଯ୍ୟାଳୟରେ କାମ କରୁଥିଲେ ସେଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଫାୟାର ସେଫ୍ଟି ଲାଇସେନ୍ସ ରଖିବା ବାଧ୍ୟତାମୂଳକ। ରାତି ପାହିଲେ ଶତାଧିକ କର୍ମଚାରୀଙ୍କ ଗହଳିରେ ସହରବାସୀ ନିଜ ସମସ୍ୟା ନେଇ ନିଗମ କାର୍ଯ୍ୟାଳୟରେ ରୁଣ୍ଡ ହୁଅନ୍ତି। ଫାୟାର ସେଫ୍ଟି ଲାଇସେନ୍ସ ରହିବା ବାଧ୍ୟତାମୂଳକ ଥିଲେ ମଧ୍ୟ ସିଏମ୍‌ସିରେ ନିୟମକୁ ଆଖିଠାର କରି ଚାଲିଛି ବୋଲି କହିଛନ୍ତି।

ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିଶମ କାର୍ଯ୍ୟାଳୟକୁ ଏ ନେଇ ଚିଠି କରାଯିବ, ନିରାପତ୍ତା ବ୍ୟବସ୍ଥା ଉପରେ ପଦକ୍ଷେପ ନେବାକୁ କୁହାଯିବ। ଏଥିସହ ଅଗ୍ନି ନିରାପତ୍ତା ନିୟମ ମୁତାବକ ଯାହା ଦରକାର ତାହା ଲଗାଯିବ। ଅଡିଟ୍ କରାଯିବା ପରେ ଅର୍ଥ ମଞ୍ଜୁର ହୋଇ ଖୁବ୍‌ଶୀଘ୍ର ଉପରୋକ୍ତ ଦୁଇ କୋଠାରେ ଅତ୍ୟାଧୁନିକ ଅଗ୍ନି ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି କମିଶନର ନାୟକ ସୂଚନା ଦେଇଛନ୍ତି।



ପ୍ରିୟ ଓ ମିଠା କଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
-ଚାଣକ୍ୟ



## ସଂକ୍ଷେପରେ

### ଖୋର୍ଦ୍ଧାରେ ରଜ କବିତା ଆସର

**ଖୋର୍ଦ୍ଧା ଅଫିସ,୧୩।୬:**ଆମରିସତ୍ୟ ପକ୍ଷରୁ ରଜ କବିତା ଆସର ଗୁରବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଡିଏଭି ସ୍କୁଲ ପ୍ରେକ୍ଷାଳୟରେ ଆମରିସତ୍ୟ ସଙ୍ଗଠନର ଅଧକ୍ଷ ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରରେ ପାଠକ, ଲେଖକ ଓ କବିମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆମରିସତ୍ୟର ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ, ସହଯୋଗୀ ସମ୍ପାଦକ ସତ୍ୟବାଦୀ ବଳିଆରସିଂହ ଅତିଥି ପରିଚୟ ସହ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଡିଏଭି ପବ୍ଲିକ୍ ସ୍କୁଲର ପ୍ରତିଷ୍ଠାତା ନନ୍ଦକିଶୋର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ରଜ କବିତା ଆସରକୁ କବି ଗୋବିନ୍ଦ ଚନ୍ଦ୍ର ମହାରଣା ଓ ସମରଜିତ୍ ପଟ୍ଟନାୟକଙ୍କ ସଂଯୋଜନା କରିଥିଲେ। ରାମଶଙ୍କର, ଚପଳା ପଣ୍ଡା, ଡ. ଗୌରୀଶଙ୍କର ପ୍ରହରାଜ, ଆଶିଷ ରାୟ, ନିରୁପମା ମହାପାତ୍ର, ଧନେଶ୍ୱର ସାହୁ, ଇତିଶ୍ରୀ ସାହୁ, ଅଧାପିକା ସୌଦାମିନୀ ବେହେରା, ରଶ୍ମିତା ନାୟକ, ଆରତି ସେନ, ଗାୟତ୍ରୀ ହାତୀ ପ୍ରମୁଖ ରଜପର୍ବର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର, ଟାଙ୍ଗୀ ଅଞ୍ଚଳରୁ ୭୪ ଜଣ କବି କବୟିତ୍ରୀ ଯୋଗ ଦେଇଥିବାବେଳେ ବିଭୁ ପ୍ରସାଦ ହରିଚନ୍ଦନ, ଜବାହରଲାଲ ସୁବୁଦ୍ଧି ଓ ମନୋରମା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କବି ଜ୍ଞାନରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

### ଚିଲିକା ପ୍ରେସ୍ କ୍ଲବ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବାଲୁଗାଁ,୧୩।୬(ଡି.ଏନ.ଏ.)**-ନବ ନିର୍ବାଚିତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଗୁରୁବାର ଚିଲିକା ପ୍ରେସ୍ କ୍ଲବ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବିଧାୟକଙ୍କ ଉପସ୍ଥିତିରେ କ୍ଲବ୍‌ର ସମସ୍ତ ସଭ୍ୟବୃନ୍ଦଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମଗ୍ର ଚିଲିକା ନିର୍ବାଚନ ମଣ୍ଡଳୀରେ ବହୁ ବର୍ଷ ଧରି ଲାଗିରହିଥିବା ସ୍ୱାସ୍ଥ୍ୟ, ଗମନାଗମନ, ଶିକ୍ଷା ବ୍ୟବସ୍ଥାରେ ସମସ୍ୟା ଓ ଚିଲିକାର ବହୁମୁଖୀ ଉନ୍ନୟନ ଉପରେ ପ୍ରେସ୍ କ୍ଲବ୍ ପକ୍ଷରୁ ପ୍ରସ୍ତାବ ରଖାଯାଇଥିଲା। ବିଧାୟକ ଜଗଦେବ ସମସ୍ତ ସମସ୍ୟାକୁ ଗୁରୁତ୍ୱ ଦେଇ ଏହାର ସ୍ଥାୟୀ ନିରାକରଣ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମଧୁର ପାନୀୟ ଜଳ ଯୋଗାଣରୁ ବଞ୍ଚିତ ସମଗ୍ର ଅଞ୍ଚଳବାସୀଙ୍କ ନିମନ୍ତେ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ଶାଳିଆ ଜଳ ଯୋଗାଣ ପ୍ରକଳ୍ପକୁ ଆସନ୍ତା ଜୁଲାଇ ପ୍ରଥମ ସପ୍ତାହରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ବିଧାୟକ ସୂଚନା ଦେଇଥିଲେ।

■ ବଢୁଛି ରାସାୟନିକ ସାରର ବ୍ୟବହାର

# ହେକ୍ଟର ପିଛା ୭୦.୦୪ କିଲୋ ଛୁଇଁଲାଣି

**ଖୋର୍ଦ୍ଧା ଅଫିସ,୧୩।୬**

ଖୋର୍ଦ୍ଧା ଜିଲାରେ ରାସାୟନିକ ସାରର ବ୍ୟବହାର ବଢୁଥିବାବେଳେ ଜୈବିକ ସାରର ବ୍ୟବହାର କମିବାରେ ଲାଗିଛି। ସେହିପରି ଦେଶୀ ଧାନ ଚାଷ ମଧ ହ୍ରାସ ପାଉଛି। କୃଷି ବିଭାଗର ରିପୋର୍ଟକୁ ଦେଖିଲେ ମଧ ଏହାର ସତ୍ୟତା ଅନୁଭବ କରାଯାଉଛି। ସମୟ ଆସିବ ଦେଶୀ ଧାନ ଚାଷ ଓ ଜୈବିକ ସାର ବ୍ୟବହାର ଚାଷୀ କରିବେନି ବୋଲି ମତ ପ୍ରକାଶ ପାଇଲାଣି। ହ୍ରାଇବ୍ରିଡ ଧାନ ଓ ରାସାୟନିକ ସାରର ବ୍ୟବହାର ଯୋଗୁ ରୋଗ ବଢୁଥିଲେ ହେଁ ଏଥିପ୍ରତି ନିରାକରଣ ନାହିଁ।

ଖୋର୍ଦ୍ଧା ଜିଲାରେ ୨୦୧୫-୧୬ରେ ଗତବର୍ଷ ହେକ୍ଟର ପିଛା ୪୨.୮୮ କେଜି ହିସାବରେ ସାର ବ୍ୟବହାର କରାଯାଇଥିଲା। ୨୦୧୬-୧୭ରେ ଏହା ହେକ୍ଟର ପିଛା ୫୮.୬୦ରେ ପହଞ୍ଚିଛି। ୨୦୧୭-୧୮ରେ ହେକ୍ଟର ପିଛା ୭୦.୦୪ କେଜି ହିସାବରେ ସାର ବ୍ୟବହାର କରାଯାଇଥିଲା। ମାତ୍ର ଚଳିତବର୍ଷ ହେକ୍ଟର ପିଛା ୭୧.୫୫ କେଜି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବେସରକାରୀ ଭାବେ ଏହାର ସ୍ଥିତି ଦେଖିଲେ ହେକ୍ଟର ପିଛା ୧୦୦ କେଜି ସାର ବ୍ୟବହାର ହେଲାଣି। ସେହିଭଳି ୨୦୧୫-୧୬ରେ ୪,୭୮୮ ହେକ୍ଟରରୁ ୧୧, ୭୯୨ ମେଟ୍ରିକ ଟନ ଦେଶୀ ଧାନ ଅମଳ ହୋଇଥିଲା। ୨୦୧୬-୧୭ରେ ଏହା କମି ୪, ୭୫୫ ହେକ୍ଟରରୁ ୭,୧୬୧ ମେଟ୍ରିକ ଟନ ଦେଶୀ ଧାନ ଅମଳ ହୋଇଛି। ୨୦୧୭-୧୮ରେ ୪, ୩୯୦ ହେକ୍ଟରରୁ ୧୦, ୭୫୬ ମେଟ୍ରିକ ଟନ ଦେଶୀ ଧାନ ଅମଳ ହୋଇଛି। ୨୦୧୯ ଖରିଫ ଋତୁ ପାଇଁ ୪, ୪୦୦ ହେକ୍ଟରରେ ୧୩, ୩୭୬ ମେଟ୍ରିକ ଟନ ଧାନ ଅମଳ ହେବାର ଲକ୍ଷ୍ୟ ରହିଛି। ମୋଟାମୋଟି ଭାବେ ଦେଶୀ ଧାନ ଚାଷ ଓ ଜୈବିକ ସାର ହ୍ରାସ ପାଇବା ଚାଷୀ ଓ ଚାଷ ପାଇଁ ଚିନ୍ତାର କାରଣ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜଟଣୀ ବ୍ଲକ ପଳାସପୁରର ଚାଷୀ ଲକ୍ଷ୍ମୀଧର ସ୍ୱାଇଁ କୁହନ୍ତି, ଦେଶୀ ଧାନ ପ୍ରତି ସରକାରୀ ପ୍ରୋତ୍ସାହନ ନାହିଁ। ସେହିପରି ଅଧିକ ଅମଳ ଆଶାରେ ଚାଷୀ ଜୈବିକ ସାର ବ୍ୟବହାରକୁ ଭୁଲି ଯାଇ ରାସାୟନିକ ସାର ବ୍ୟବହାର କରୁଛି। ଏଣୁ ମାଟିର ଉର୍ବରତା କମି ଚାଲିଛି। ଖୋର୍ଦ୍ଧା ଜିଲାରେ ଗୋଟିଏ ପଞ୍ଚାୟତରେ ଜଣେ କିମ୍ବା ଦୁଇଜଣ ଜୈବିକ ସାର ବ୍ୟବହାର କରି ଚାଷ କରୁଛନ୍ତି। ସେହିପରି ଦେଶୀ ଧାନ ଚାଷ ମଧ ଖୁବ୍‌କମ ଚାଷୀ କରୁଛନ୍ତି। ଜୈବିକ ସାରର ଖାଦ୍ୟ ଖାଇଲେ ରୋଗ ସାଧାରଣତଃ ନ ଥାଏ। ରାସାୟନିକ ସାରର ଖାଦ୍ୟ ଖାଇଲେ ରୋଗ ଅନେକ ହୋଇଥାଏ। ସେହିପରି ଦେଶୀଧାନର ସ୍ୱାଦ ଆଉ ହାଇବ୍ରିଡ ଧାନରେ ଦେଖିବାକୁ ମିଳୁନି। ଖୋର୍ଦ୍ଧା ବ୍ଲକ ଆଡଖୁଣ୍ଟିଆ ଗାଁର ଚାଷୀ ମାଗୁଣି ବେହେରା କୁହନ୍ତି, ଖର୍ଚ୍ଚ ଅନୁଯାୟୀ ଦେଶୀ ଧାନରେ ଅମଳ କମ ରହୁଛି। ହାଇବ୍ରିଡ ଧାନରେ ଅମଳ ଅଧିକ ହେଉଛି। ଦେଶୀଧାନ ଚାଷ କଲେ ଏକରରୁ ୧୫ ବସ୍ତା ମିଳିଥାଏ। ହାଇବ୍ରିଡ ଧାନ କଲେ ଏକରରୁ ୨୫ରୁ ୩୦ ବସ୍ତା ମିଳେ। ଚାଷୀ ଅଧିକ ଅମଳକୁ ଆଖି ଆଗରେ ରଖି ସରକାରୀ ହାଇବ୍ରିଡ ଧାନ ଚାଷ କରିବାକୁ ଆଗ୍ରହ ପ୍ରକାଶ କରେ। ଜୈବିକ ସାର ବ୍ୟବହାରରେ ଉତ୍ପାଦିତ ଧାନର ଚାଉଳ ଉତ୍କୃଷ୍ଟ ରହୁଛି। ଚାଉଳର ସ୍ୱାଦ ଭଲ। ରାସାୟନିକ ସାର ବ୍ୟବହାରରେ ଉତ୍ପାଦିତ ଧାନର ଚାଉଳ ଉତ୍କୃଷ୍ଟ ରହୁନି। କିନ୍ତୁ ଅମଳ ଅଧିକ ଯୋଗୁ ଲୋକପ୍ରିୟତା ବଢୁଛି।

**ଦେଶୀ ଧାନ ଚାଷ ହ୍ରାସ ଚିନ୍ତାର କାରଣ**



ରଜ ମହୋତ୍ସବକୁ ବିଧାୟକ ପ୍ରଶାନ୍ତ ଜଗଦେବ ଉଦ୍‌ଘାଟନ କରୁଛନ୍ତି ।

## ପାନ୍ଥନିବାସରେ ରଜ ମହୋତ୍ସବ ଉଦ୍‌ଘାଟିତ

**ବାଲୁଗାଁ,୧୩।୬(ଡି.ଏନ.ଏ.**

ପ୍ରତିବର୍ଷ ପରି ଚଳିତ ବର୍ଷ ବାଲୁଗାଁ ନିକଟସ୍ଥ ବଡ଼କୁଳ ପାନ୍ଥନିବାସ ଠାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଗୁରୁବାର ଠାରୁ ୪ଦିନ ଧରି ରଜ ମହୋତ୍ସବ ପାଳନ କରାଯାଉଛି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପାନ୍ଥନିବାସ ପାର୍କରେ ସୁସଜ୍ଜିତ ଦୋଳି ଏବଂ ତୋରଣ ପର୍ଯ୍ୟଟକମାନଙ୍କୁ ବେଶ୍ ଆକୃଷ୍ଟ କରିଛି। ବିଧାୟକ ଜଗଦେବଙ୍କ ସମେତ ପର୍ଯ୍ୟଟକ ପାନ୍ଥନିବାସ ଠାରେ ପ୍ରସ୍ତୁତି କରାଯାଇଥିବା ଆରିସା, କାକରା, ମଣ୍ଡା, ଦହିବରା ଓ ପୋଡ଼ପିଠା ଆଦି ବିଭିନ୍ନ ପ୍ରକାର ଓଡ଼ିଆ ପାରମ୍ପରିକ ସୁସ୍ୱାଦୁ ବ୍ୟଞ୍ଜନର ମଜା ନେଇଥିଲେ। ଏହି ଉତ୍ସବକୁ ଉପଭୋଗ କରିବା ପାଇଁ ପାନ୍ଥନିବାସ ଠାରେ ଦୂରଦୂରାନ୍ତରୁ ସକାଳ ସମୟରୁ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିଲା । ୪ଦିନ ବ୍ୟାପୀ ଏହି ରଜ ମହୋତ୍ସବ ଆସନ୍ତା ୧୬ ତାରିଖରେ ଉଦ୍‌ଯାପିତ ହେବ। ପାନ୍ଥନିବାସ ପରିଚାଳକ ରବୀନ୍ଦ୍ର କୁମାର ଦାସ ଓ ସହ ପରିଚାଳକ ବାପି ରଞ୍ଜନ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ । ଚଳିତ ବର୍ଷ ବିଧାୟକଙ୍କ ଉଦ୍ୟମରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ ଓ ମନୋରଞ୍ଜନ ନିମନ୍ତେ ତିନି ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଗୋଟିପୁଅ ନୃତ୍ୟ, ଓଡ଼ିଶୀ ଓ ଆଧୁନିକ ନାଚ ଗୀତର ବ୍ୟବସ୍ଥା କରାଯାଇଛି । ସେହିପରି ବାଲୁଗାଁ ସ୍ଥିତ ଉତ୍ତରାୟଣୀ ପୀଠ ଓ ମାମୁ ଭଣଜା ପାହାଡ଼ ଶୀର୍ଷରେ ଅବସ୍ଥାପିତ ସୀତା ମା'ଙ୍କ ମନ୍ଦିର ସମେତ ବିଭିନ୍ନ ପୁରପଲ୍ଲୀ ରଜ ପାଇଁ ଉତ୍ସବ ମୁଖର ହୋଇପଡ଼ିଛି।

## ଡିଆର୍‌ଏମ୍ ଅଫିସ ସମ୍ମୁଖରେ ବିକ୍ଷୋଭ



ଖୋର୍ଦ୍ଧାରୋଡ ରେଳ ଡିଭିଜନ ସମ୍ମୁଖରେ ଅଲ୍ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ୍ ଆସୋସିଏଶନ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଜଟଣୀ,୧୩।୬(ଡି.ଏନ.ଏ.)**

ଅଲ୍ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ୍ ଆସୋସିଏଶନ୍ ପକ୍ଷରୁ ଜଟଣୀସ୍ଥିତ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ମୁଖ୍ୟଦପ୍ତର ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପେନ୍‌ସନ୍ ଅସମାନତା ଦୂର କରିବା, ଦୈନିକ ଆଠଘଣ୍ଟା କାର୍ଯ୍ୟ ନିର୍ଦ୍ଧାରଣ କରିବା, ସପ୍ତାହରେ ୪୬ ଘଣ୍ଟା ସାପ୍ତାହିକ ବିଶ୍ରାମ, ରେତଙ୍ଗ-ଖୋର୍ଦ୍ଧାରୋଡ଼ ଷ୍ଟେଶନ ମଧରେ ଘଣ୍ଟା ଘଣ୍ଟା ଧରି ମାଲବାହୀ ଟ୍ରେନ୍ ଅଟକାଇ ନ ରଖିବା ଆଦି ଅନେକ ଦାବି କରାଯାଇଥିଲା। ଆସୋସିଏଶନ୍‌ର କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ପଟ୍ଟନାୟକ, ଅଞ୍ଜନ ସାହୁ, ପ୍ରଫୁଲ୍ଲ କୁମାର ଦାସ, ସି.ଆର. ପତିଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ହୋଇଥିଲା।

## ଓଟିଡିସିର ସ୍ୱତନ୍ତ୍ର ରଥଯାତ୍ରା ପ୍ୟାକେଜ୍

**ଭୁବନେଶ୍ୱର,୧୩।୬(ବ୍ୟୁରୋ)**

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ତରଫରୁ ସ୍ୱତନ୍ତ୍ର ରଥଯାତ୍ରା ଟୁର୍ ପ୍ୟାକେଜ୍ ଘୋଷଣା କରାଯାଇଛି। ଏହି ପ୍ୟାକେଜ୍ କଟକ, ଭୁବନେଶ୍ୱର ଓ ସମ୍ବଲପୁର ପାନ୍ଥନିବାସରେ ଉପଲବ୍ଧ ହେବ। ଏହି ଅବସରରେ ରାଜ୍ୟ, ଦେଶ ତଥା ବିଦେଶୀ ପର୍ଯ୍ୟଟକ ଆସନ୍ତା ଜୁଲାଇ ୪ରେ ଶ୍ରୀଜିଉଙ୍କ ରଥଯାତ୍ରା ଉପଭୋଗ କରିପାରିବେ। ଚଳିତବର୍ଷ ୧୨୦ଜଣ ପର୍ଯ୍ୟଟକଙ୍କ ପାଇଁ ବିଭାଗ ପକ୍ଷରୁ ପ୍ୟାକେଜ୍‌ର ବ୍ୟବସ୍ଥା କରାଯାଇଛି। ଜୁଲାଇ ୪ତାରିଖ ପ୍ରାତଃ ୫ଟାରେ କଟକ ପାନ୍ଥନିବାସ ପରିସରରୁ ଯାତ୍ରୀଙ୍କୁ ଓଟିଡିସିର ସ୍ୱତନ୍ତ୍ର ବସ୍‌ରେ ପୁରୀ ନିଆଯିବ। ସେହିପରି ସମ୍ବଲପୁର ପାନ୍ଥନିବାସରୁ ପୂର୍ବଦିନ ରାତି ୮ଟାରୁ ଯାତ୍ରୀମାନେ ଭୁବନେଶ୍ୱର ଅଭିମୁଖେ ଯିବେ। ପରେ ସେମାନଙ୍କୁ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ନିଆଯିବ। ସକାଳ ଜଳଖିଆ, ମଧ୍ୟାହ୍ନଭୋଜନ ଓ ପାନୀୟ ଜଳର ବ୍ୟବସ୍ଥା ରହିଥିବା ବେଳେ ରାତ୍ରିଭୋଜନ ପରେ ସମସ୍ତ ଯାତ୍ରୀ ଭୁବନେଶ୍ୱର ଫେରିବେ। ସମସ୍ତ ପ୍ୟାକେଜ୍ ପାଇଁ ଭିନ୍ନ ଭିନ୍ନ ଦେୟ ରହିଥିବା ବେଳେ ପର୍ଯ୍ୟଟକ ଭିଜିଟ୍ ଓଡ଼ିଶା ଏବଂ ପାନ୍ଥନିବାସ ୱେବ୍‌ସାଇଟରେ ସବୁ ତଥ୍ୟ ପାଇପାରିବେ। ଅନ୍ୟପକ୍ଷରେ ପ୍ରତିବର୍ଷ ଜଗନ୍ନାଥ ବଲ୍ଲଭ ମଠ ଉପରେ ପର୍ଯ୍ୟଟକଙ୍କ ବସିବା ଲାଗି ବ୍ୟବସ୍ଥା କରାଯାଉଥିବା ବେଳେ ଏଥର କିନ୍ତୁ ପୁରୀ ଗ୍ରାଣ୍ଡ ସେଣ୍ଟ୍ରାଲ ହୋଟେଲ ଉପରେ ବସି ରଥଯାତ୍ରା ଉପଭୋଗ କରିବାର ବ୍ୟବସ୍ଥା କରାଯାଇଛି।

■ ଭଙ୍ଗାଗୋଡ଼ରୁ ଖସିଯାଇଛି ରଡ୍

## ଦୁର୍ବିଷହ ଜୀବନ ବିତାଉଛନ୍ତି ରଘୁନାଥ

**ଖୋର୍ଦ୍ଧା ଅଫିସ,୧୩।୬:**



ବାରଣ୍ଡାରେ ପଡ଼ି ରହିଛନ୍ତି ରଘୁନାଥ ।

ରଘୁନାଥ ରାୟ(୫୩)। ଘର ଖୋର୍ଦ୍ଧା ବ୍ଲକ ଅଣ୍ଡା ନିକଟସ୍ଥ ମହତପଲ୍ଲୀ ଗାଁରେ। ନିଜର ବୋଲି ସମସ୍ତେ ଥିଲେ ହେଁ କେହି ତାଙ୍କୁ ପଚାରୁ ନାହାନ୍ତି। ଫଳରେ ୧୦ବର୍ଷ ହେଲା ଖୋର୍ଦ୍ଧା ସହରର ଗଜପତି ଛକରେ ରହି ଆସୁଛନ୍ତି। ରୋଜଗାର ବୋଲି କିଛିନାହିଁ। ଅନ୍ୟର ଦୟାରେ ହିଁ ବଞ୍ଚି ରହିଛନ୍ତି। ଏକ ପରିତ୍ୟକ୍ତ ଦୋକାନ ବାରଣ୍ଡା ତାଙ୍କର ରହଣି ସ୍ଥାନ ପାଲଟିଛି। ତେବେ ଭଙ୍ଗାଗୋଡରୁ ଷ୍ଟିଲ ରଡ ଖସିଯିବା ପରେ ଚାଲିବା ତାଙ୍କ ପାଇଁ ବାଧକ ସାଜିଛି। ସେ ଆଉ ଉଠବସ ହୋଇ ପାରୁନାହାନ୍ତି। ୨ମାସ ହେଲା କେବଳ ଗୋଟିଏ ସ୍ଥାନରେ ପଡି ରହି ଦୁର୍ବିଷହ ଜୀବନ ବିତାଉଛନ୍ତି। ଯିଏ ଯାହା ଦେଲା ତାହା ଖାଇ ବଞ୍ଚୁଛନ୍ତି। ପାଖରେ ପଇସା ନ ଥିବାରୁ ଚିକିତ୍ସା ପାଇଁ ମେଡିକାଲକୁ ଯାଇପାରୁନାହାନ୍ତି। ତାଙ୍କର ଯନ୍ତ୍ରଣା ଓ ଦୁଃଖ କେହି ଜାଣୁନାହାନ୍ତି। ୨ବର୍ଷ ତଳେ ଦୁର୍ଘଟଣାର ଶିକାର ହୋଇଥିଲେ ରଘୁନାଥ। ତାଙ୍କର ଡାହାଣ ଗୋଡଟି ଭାଙ୍ଗିଯାଇଥିଲା। ଅପରେଶନ ପରେ ସବୁ କିଛି ଠିକ୍‌ଠାକ ହୋଇଥିଲା। ଏବେ ଭାଙ୍ଗି ଯାଇଥିବା ଗୋଡରୁ ଷ୍ଟିଲ ରଡ ବାହାରିବା ପରେ ନିହାତି ଅପରେଶନ ଦରକାର। ହେଲେ ଅର୍ଥାଭାବ ଓ ସାହାଯ୍ୟକାରୀ କେହି ନାହାନ୍ତି।

## ରଜରେ ନିଆରା: କୋଶଳାଶୁଣୀଙ୍କଠାରେ ହୁଏ ମାଛ ଭୋଗ

**ବୋଲଗଡ଼,୧୩।୬(ଡି.ଏନ୍.ଏ.)**

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଓଡ଼ିଶାରେ ସମସ୍ତେ ରଜପର୍ବ ପାଳନ କରନ୍ତି। ଏହାକୁ ଖୁସିର ଉତ୍ସବ ଭାବେ ମନେ କରାଯାଏ। ଚଳିତ ବର୍ଷ ପ୍ରାଚୀନ ପରମ୍ପରା ବହନ କରୁଥିବା ଏହି ପର୍ବ ପାଇଁ ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଶେଷ ହୋଇଯାଇଛି। ବୋଲଗଡ ରଜ ପଡ଼ିଆରେ ମା'ରାମଚଣ୍ଡୀଙ୍କ ଯାତ୍ରା ପାଇଁ ପ୍ରତିବର୍ଷ ଭଳି ଆନନ୍ଦ ଉଲ୍ଲାସର ସହ ପ୍ରସ୍ତୁତି ଚାଲିଛି। ସଂପୁର ଗ୍ରାମରେ ରଜଯାତ୍ରା ପାଳନ ନିମନ୍ତେ ଆୟୋଜକଙ୍କ ପକ୍ଷରୁ ଗୁରୁବାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ହୋଇଛି। ଗୋଡିଆଳି ଗ୍ରାମ ରଜଯାତ୍ରା ପଡିଆରେ ଗୁରୁବାର ଯଜ୍ଞକାର୍ଯ୍ୟର ପୂର୍ଣ୍ଣାହୁତି ହୋଇଛି। ଶୁକ୍ରବାରଠାରୁ ଏଠାରେ ରଜଯାତ୍ରା ଉତ୍ସବ ଅନୁଷ୍ଠିତ ହେବ । ସେହିପରି ଅସରଳା ଏବଂ ଆରିକମା ଗ୍ରାମର କୋଶଳାଶୁଣୀ ଦେବୀଙ୍କ ରଜଯାତ୍ରା ଏକ ନିଆରା ଢଙ୍ଗରେ ପାଳନ କରାଯାଇଥାଏ। ମା'କୋଶଳାଶୁଣୀ ବୈଷ୍ଣବୀ ଠାକୁରାଣୀ ଭାବେ ବର୍ଷସାରା ନିରାମିଷ ପୂଜା ପାଇଥାନ୍ତି । ମାତ୍ର ଏଠାରେ ରଜ ସଂକ୍ରାନ୍ତି ରାତିରେ ମାଛ ଭୋଗ ହେବାର ପରମ୍ପରା ଚାଲିଆସୁଛି। ରଜ ପାଳନ ପାଇଁ ପିଲା, ଝିଅ, ବୋହୂମାନେ ସଜବାଜ ହୋଇ ଦୋଳି ଓ ତାସ ଖେଳର ମଜା ଉଠାଇଥାନ୍ତି। ରଜପାନ, ପିଠାପଣା ଓ ବିଭିନ୍ନ ସ୍ଥାନ ବୁଲିବା ନିମନ୍ତେ ସମସ୍ତେ ଉତ୍ସୁକତାର ସହ ଅପେକ୍ଷା କରି ରହିଛନ୍ତି।

## ଗୁରୁଜଙ୍ଗରେ କୃଷ୍ଣଲୀଳା

**ଖୋର୍ଦ୍ଧା ଅଫିସ,୧୩।୬:**

ଖୋର୍ଦ୍ଧା ସହର ଗୁରୁଜଙ୍ଗ ମଙ୍ଗଳାମନ୍ଦିର ସମ୍ମୁଖରେ ସୋମବାରଠାରୁ ଆରମ୍ଭ ହୋଇଥିବା କୃଷ୍ଣଲୀଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସୋମବାର ରାତିରେ ଦେବକୀ ବିବାହ ଓ କୃଷ୍ଣ ଜନ୍ମ ହୋଇଥିବାବେଳେ ୨ୟ ରାତିରେ ଅକ୍ରୁରଙ୍କ ମଥୁରା ଗମନ ଓ ପୁତନା ବଧ ହୋଇଥିଲା। ଉଦ୍‌ଯାପନୀ ରାତିରେ କଂସବଧ ହୋଇ କୃଷ୍ଣଲୀଳାର ପରିସମାପ୍ତି ଘଟିଛି। ୧୯ ନଂ ୱାର୍ଡର ଛୋଟ ବଡ କଳାକାରମାନେ କୃଷ୍ଣଲୀଳା ନାଟକରେ ନାଟକରେ ଭାଗ ନେଇଥିଲେ। ଏଠାରେ ପ୍ରାୟ ୧୦୦ ବର୍ଷ ହେଲା କୃଷ୍ଣଲୀଳା ଅନୁଷ୍ଠିତ ହୋଇଆସୁଛି।

## ଚିକିତ୍ସା ଶିବିରରେ ଦୁଇଶହ ରୋଗୀ ଚିକିତ୍ସିତ

**କୃଷ୍ଣପ୍ରସାଦ,୧୩।୬(ଡି.ଏନ.ଏ.)**




ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥ ବଡଅଁଳ ପଞ୍ଚାୟତ ଅଧୀନ ରସକୁଦି ଗ୍ରାମରେ ଗୁରୁବାର ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ବ୍ରହ୍ମପୁର ଇକୋସ ଆଇ ହସ୍‌ପିଟାଲ ତରଫରୁ ଆୟୋଜିତ ଏହି ଶିବିର ରସକୁଦି ଆଶ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଶିବିରକୁ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ବୁଲୁ ବେହେରା ଉଦ୍‌ଘାଟନ କରିଥିବାବେଳେ ହସ୍‌ପିଟାଲ ମୁଖ୍ୟ ପରିଚାଳିକା ଡା. ଶଶିପ୍ରଭା ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ୨୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା, ମାଗଣା ଔଷଧ ବଣ୍ଟନ ସହ ସ୍ୱାସ୍ଥ୍ୟଭିତ୍ତିକ ବିଭିନ୍ନ ସଚେତନତା କରାଯାଇଥିଲା। ଡା. ହର୍ଷିତ ନାୟକ, ପ୍ରିୟରଞ୍ଜନ ଧଳସାମନ୍ତ, ହରିଶ୍ଚନ୍ଦ୍ର ସାହୁ, ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ହେମନ୍ତ କୁମାର ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଗଙ୍ଗା ନାୟକ, ପ୍ରିୟମ୍ବଦା ପ୍ରଧାନ, ସୀମାଞ୍ଚଳ ବେହେରା, ଅକ୍ଷୟ କୁମାର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଯାଁଳା ଅଞ୍ଚଳର ବିଭିନ୍ନ ସମସ୍ୟା ଦୂର ପାଇଁ ସୁରଙ୍କ ପ୍ରତିଶ୍ରୁତି

**ଯାଁଳା,୧୩।୬(ଡି.ଏନ.ଏ.)**

୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଯାଁଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମୟରେ ଡାକ୍ତର ଓ କର୍ମଚାରୀ ଅନୁପସ୍ଥିତ ରହୁଛନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ସମେତ ରାଜପଥ ଉପରେ ଘଟୁଥିବା ଦୁର୍ଘଟଣାରେ ଆହତଙ୍କୁ ତୁରନ୍ତ ଚିକିତ୍ସା ପ୍ରଦାନରେ ଅସୁବିଧା ହେଉଛି। ଏପରି ସମସ୍ୟାକୁ ନେଇ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କ୍ଷୋଭ ପ୍ରକାଶ କରିବା ସହ ଶୀଘ୍ର ଏହା କିପରି ଦୂର ହୋଇପାରିବ ସେଥିପାଇଁ ସେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଯାଁଳା ପଞ୍ଚାୟତ କଂଗ୍ରେସ ପକ୍ଷରୁ ନିର୍ବାଚିତ ବିଧାୟକ ସୁରେଶଙ୍କୁ ବୁଧବାର ସନ୍ଧ୍ୟାରେ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଯାଁଳା ମିନି ବ୍ୟାଙ୍କ ସଭାପତି ନିର୍ମଳ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସ୍ଥିତ ସୁର କହିଥିଲେ, ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସହ ଫେଡ୍‌କୋର ଅବହେଳା ଓ ଏହି ପଞ୍ଚାୟତ ଅନ୍ତର୍ଗତ ଓଗାଳପଡ଼ା ମୌଜାରେ ସରକାରୀ ରେକର୍ଡକୁ ପରିବର୍ତ୍ତନ ହୋଇଯାଇଥିବା ଲୋକଙ୍କ ଜମି ଫେରାଇ ଆଣିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧରେ ଜିଲା କଂଗ୍ରେସ ଉପସଭାପତି ପୁପୁ ପଟ୍ଟନାୟକ, ପ୍ରଶାନ୍ତ ମଙ୍ଗରାଜ, ଭରତ ପ୍ରଧାନ, ତ୍ରିନାଥ ବେହେରା, ରବୀନ୍ଦ୍ରନାଥ ସୁବୁଦ୍ଧି, ସଞ୍ଜୟ ମଙ୍ଗରାଜ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## 'ଏକାଗ୍ରତା, କଠିନ ପରିଶ୍ରମ ବଳରେ ସବୁ ସମ୍ଭବ'

**ଜଟଣୀ,୧୩।୬(ଡି.ଏନ.ଏ)**



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ ।

ସ୍ୱାମୀ ବିବେକାନନ୍ଦ ଷ୍ଟଡି ସର୍କଲ ଆନୁକୂଲ୍ୟରେ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଷ୍ଟଡି ସର୍କଲର ସଭାପତି ଅଧାପକ ପ୍ରତାପ ବରାଳଙ୍କ ପୌରୋହିତ୍ୟ ଓ ଅଧାପକ ପ୍ରେମାନନ୍ଦ ମହାରଣାଙ୍କ ସଞ୍ଚାଳନରେ ସ୍ଥାନୀୟ ଉତ୍ତରାୟଣୀ କ୍ଲବ ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। ଜଟଣୀ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୦ ବିଦ୍ୟାର୍ଥୀଙ୍କ ସମେତ ଉତ୍ତୀର୍ଣ୍ଣ ହୋଇଥିବା ୩୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ

**ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ**

ଜଣଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି କହିଥିଲେ। ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ତାଙ୍କ ସ୍କୁଲ ଓ କଲେଜ ଜୀବନର କିଛି ସ୍ମୃତିକୁ ଏଠାରେ ଉପସ୍ଥାପନ କରିଥିଲେ। ସେ କହିଥିଲେ, ବିହାରର ଏକ ଛୋଟ ସହରର ଛୋଟିଆ ସ୍କୁଲରେ ପଢୁଥିଲି। ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଥାଏ। ଉତ୍ସବରେ କିଏ ମୁଖ୍ୟଅତିଥି ହୋଇଛନ୍ତି ତାଙ୍କୁ ଦେଖିବାକୁ ଇଚ୍ଛା ହୋଇଥିଲା। ସେ ଛୋଟିଆ ହୋଇଥିବାରୁ ମୁଖ୍ୟଅତିଥିଙ୍କୁ ଦେଖି ପାରି ନ ଥିଲେ। ଚୌକି ଉପରେ ଛିଡ଼ା ହେବା ପରେ ମଧ ଦେଖାଯାଇ ନ ଥିଲା। ମୁଖ୍ୟଅତିଥି ଭାବେ କିଏ ଆସିଛନ୍ତି ବୋଲି ନିକଟରେ ଛିଡ଼ା ହୋଇଥିବା ସ୍କୁଲର ଜଣେ ଶିକ୍ଷକଙ୍କୁ ସେ ପଚାରିଥିଲେ। ଉତ୍ତରରେ ସେ କହିଥିଲେ, ସମ୍ପୃକ୍ତ ଜିଲାର ପୋଲିସ ଏସ୍‌ପି ହୋଇଛନ୍ତି ଅତିଥି। ଅତିଥିଙ୍କୁ ଦେଖିବା ପରିବର୍ତ୍ତେ ତାଙ୍କଠାରୁ ଆହୁରି ବଡ଼ ହେବାକୁ ଉଦ୍ୟମ କର ବୋଲି ଶିକ୍ଷକ ଜଣକ କହିଥିବା କଥା ଏବେ ବି ତାଙ୍କର ମନେ ଅଛି ବୋଲି ଅପରାଜିତା କହିଥିଲେ। ସେହିପରି ସ୍ନାତକ ପରେ ପଢ଼ିବାକୁ ଘରେ ତାଙ୍କୁ ମନା କରାଯାଇଥିଲା। କିନ୍ତୁ ସେ ଅଧିକ ପଢ଼ିବା ସହ ଆଇଏଏସ୍ ହେବାକୁ ଚାହୁଁଥିଲେ। ଏ ନେଇ ସେ ଘରେ ଇଚ୍ଛା ପ୍ରକାଶ କରିବା ସହ ମାତ୍ର ଏକ ବର୍ଷ ସମୟ ଦେବାକୁ ଅନୁରୋଧ କରିଥିଲେ। ଘର ଲୋକ ବହୁ କଷ୍ଟରେ ସମ୍ମତି ଦେବା ପରେ ଗୋଟିଏ ବର୍ଷ ସୂର୍ଯ୍ୟ ଉଦୟ ଓ ଅସ୍ତ ସେ ଠିକ୍ ଭାବେ ଦେଖି ନ ଥିବା ଅପରାଜିତା ତାଙ୍କ ବକ୍ତବ୍ୟରେ କହିଥିଲେ। ଅକ୍ଲାନ୍ତ ପରିଶ୍ରମ ପରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲେ। ଏକାଗ୍ରତା ଓ କଠିନ ପରିଶ୍ରମ ବଳରେ ସବୁ ସମ୍ଭବ ବୋଲି ଉଦାହରଣ ଛଳରେ ଛାତ୍ରୀଛାତ୍ରଙ୍କୁ ସେ କହିଥିଲେ। ଅନ୍ୟମାନଙ୍କ ମଧରେ ଏକ ବୈଦ୍ୟୁତିକ ଚ୍ୟାନେଲର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ, ନାଇଜର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ, ଶିକ୍ଷାବିତ୍ ଡ. ପ୍ରମୋଦ ଚନ୍ଦ୍ର ଦାସ, ଗୀତିକାର ପଞ୍ଚାନନ ନାୟକ, ସାମାଜିକ କର୍ମୀ ବିଶ୍ୱରଞ୍ଜନ ବଡ଼ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମୋନାଲିସା ନାୟକ, ସନ୍ତୋଷ ମହାପାତ୍ର, ଜୟନ୍ତୀ ସ୍ୱାଇଁ, ଅରୁଣ ସାମନ୍ତରାୟ ଓ ଅନ୍ୟମାନେ ସହାୟତା କରିଥିଲେ।

ପୁରସ୍କୃତ ହୋଇଥିବା ୧୦ଜଣଙ୍କ ମଧରୁ ୫୫୦ ନମ୍ବର ରଖିଥିବା ଜଟଣୀ ବିଶିଆପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଶ୍ରାବଣୀ ସାହୁ କୁହନ୍ତି, ଭବିଷ୍ୟତରେ ଦଳିତ ନିଷ୍ପେସିତ ଲୋକଙ୍କ ସେବା କରିବାକୁ ତାଙ୍କର ବହୁତ ଇଚ୍ଛା ଅଛି। ଏଥିପାଇଁ ସେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବାକୁ ଲକ୍ଷ୍ୟ ରଖିଛନ୍ତି।



"ପ୍ରିୟ ଓ ମିଠା କଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
-ଚାଣକ୍ୟ



## ଆଜି କ'ଣ କେଉଁଠି

**ପୁରୀ**
- ଶୀତଳ ବାଙ୍ଗ ସେବା, ପୌର ସଦନ ଛକ, ପୂର୍ବାହ୍ନ ୧୦ଟା।
- ନୀଳାଦ୍ରି କଲଚରାଲ ଏକାଡେମୀ ପକ୍ଷରୁ ରଜ ମହୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**ନିମାପଡ଼ା**
- ଭିଲିଗ୍ରାମ ପଞ୍ଚାୟତସ୍ତରୀୟ ଦ୍ୱିତୀୟ ରଜ ମହୋତ୍ସବ, ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର, ଅପରାହ୍ନ ୩ଟା।

## ଶ୍ରୀମନ୍ଦିର କର୍ମଚାରୀଙ୍କ ଛୁଟି ବାତିଲ

**ପୁରୀ ଅଫିସ, ୧୩।୬:** ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ମାସେ ପର୍ଯ୍ୟନ୍ତ ଶ୍ରୀମନ୍ଦିର କାର୍ଯ୍ୟାଳୟ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଜୁନ୍ ୧୪ତାରିଖଠାରୁ ନିଳାଦ୍ରୀବିଜେ ଶେଷ ଅର୍ଥାତ୍ ଜୁଲାଇ ୧୫ ପର୍ଯ୍ୟନ୍ତ କାର୍ଯ୍ୟାଳୟର କୌଣସି କର୍ମଚାରୀ ଛୁଟି ନେଇପାରିବେ ନାହିଁ। ସେହିପରି ସମସ୍ତ ସରକାରୀ ଛୁଟି ଦିନମାନଙ୍କରେ ମଧ କାର୍ଯ୍ୟାଳୟ ଖୋଲା ରହିବ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ଜଣାଇଛନ୍ତି।

## ରେଲୱେ ସାମଗ୍ରୀ ଚୋରି କରି ୨ ଗିରଫ

**ପୁରୀ ଅଫିସ, ୧୩।୬:** ରେଲୱେ ସାମଗ୍ରୀ ଚୋରି ଅଭିଯୋଗରେ ଆରପିଏଫ ପୋଲିସ ସମୁଦ୍ରକୂଳ ଥାନା ଅଧୀନ ସିଟି ରୋଡ ନୂଆସାହିର କେ.ରାମା ରାଓ ଓ ଜି.ଗୋପାଳ ରେଡ୍ଡୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୪ଶହ କେଜିର ରେଲୱେ ସାମଗ୍ରୀ ଏବଂ ବାଇକ୍ (ନଂ. ଓଡ଼ି୦୫ଜି୯୨୪୪) ଜବତ ହୋଇଛି। ବୁଧବାର ବିଳମ୍ବିତ ରାତିରେ ଆରପିଏଫ୍ ଇନ୍ସପେକ୍ଟର ଅନିଲ କୁମାର ସିଂ ମାଳତିପାଟପୁର ଷ୍ଟେଶନରେ ଯାଞ୍ଚ କରୁଥିବା ବେଳେ ରେଡ୍ଡୀଙ୍କୁ ଧରିଥିଲେ।

## ଟିକେଟ କାଉଣ୍ଟରରେ ଚଢାଉ: ଦଲାଲ ଗିରଫ

**ପୁରୀ ଅଫିସ, ୧୩।୬:** ରେଲୱ ବୋର୍ଡ ନିର୍ଦ୍ଦେଶ କ୍ରମେ ଗୁରୁବାର ପୁରୀ ରେଲୱ ଷ୍ଟାଫ ଏବଂ ଆରପିଏଫ ମିଳିତ ଭାବେ ଷ୍ଟେଶନ ଟିକେଟ କାଉଣ୍ଟରରେ ଚଢଉ କରିଥିଲେ। ସନ୍ଦେହରେ ଜଣକୁ ଧରି ପଚରାଉଚୁରା କରିବାରୁ ସେ ଟିକେଟ ଦଲାଲ ଜାଣିବାକୁ ପାଇଥିଲେ। ଆରପିଏଫ ତାଙ୍କୁ ଗିରଫ କରିଛି। ସେ ହେଲେ ଶ୍ରୀକ୍ଷେତ୍ର କଲୋନୀର ଏମ. ହାତିମ୍। ଏଣିକି ଟିକଟ କାଉଣ୍ଟର ଟିକଟ ବ୍ଲାକ ନେଇ ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆରପିଏଫ ଇନ୍ସପେକ୍ଟର ଅନିଲ କୁମାର ସିଂ କହିଛନ୍ତି।

## ଲାପଟପ୍ ଫେରି ପାଇଲେ ଯାତ୍ରୀ



**ପୁରୀ ଅଫିସ, ୧୩।୬:** ପୁରୁଷୋତ୍ତମପୁର ଏକ୍ସପ୍ରେସ ଟ୍ରେନ ଗୁରୁବାର ପୁରୀ ଷ୍ଟେଶନରେ ଲାଗିଥିଲା। ଆରପିଏଫ ଇନ୍ସପେକ୍ଟର ଏକ.କେ. ସିଂ ଟ୍ରେନର ବଗି ଯାଞ୍ଚ ବେଳେ କୋଚ ନଂ.୪ର ସିଟ ନଂ୪୭ରୁ ଏକ ବ୍ୟାଗ ପାଇଥିଲେ। ବ୍ୟାଗ ଯାଞ୍ଚବେଳେ ସେଥିରେ ଏକ ଲାପଟପ ଏବଂ ଡାଏରୀ ପାଇଥିଲେ। ଡାଏରୀରୁ ଯାତ୍ରୀଙ୍କ ଠିକଣା ପାଇ ତାଙ୍କୁ ଯୋଗାଯୋଗ କରିଥିଲେ। ସେ ନୟାଗଡ଼ ଜିଲା ନିମପାଟଣାର ରବିନାରାୟଣ ଦାସ ବୋଲି ଜାଣିବାକୁ ପାଇଥିଲେ। ଆରପିଏଫଠାରୁ ଖବରପାଇ ଦାସ ନିଜ ପରିଚୟ ଦେଇ ଲାପଟପ ଗ୍ରହଣ କରିଥିଲେ।

## ୪୮ଘଣ୍ଟା ପରେ ଉଠିଲା ମୃତଦେହ

**ପୁରୀ ଅଫିସ, ୧୩।୬:** ହଜିଗଲା ମାନବିକତା। ପୁରୀ ରେଲଷ୍ଟେଶନ ନିକଟରେ ପଡ଼ିଥିବା ଏକ ମୃତଦେହକୁ ୪୮ଘଣ୍ଟା ପରେ ହଟାଯାଇଛି। ଆର୍‌ପିଏଫ, ଜିଆର୍‌ପି ଅଥବା କୁମ୍ଭାରପଡା ପୋଲିସ ପକ୍ଷରୁ ଏ ନେଇ କୌଣସି ଗୁରୁତ୍ୱ ଦିଆଯାଇନଥିଲା। ନିଜ ସୀମା ମଧ୍ୟରେ ଆସୁ ନ ଥିବା ଦର୍ଶାଇ ସମସ୍ତେ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇଥିଲେ। ମୃତଦେହ ପଡ଼ିରହି ପଚି ଦୁର୍ଗନ୍ଧ ବାହାରିଥିଲା। ତେବେ ଗୁରୁବାର କୁମ୍ଭାରପଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

■ ମୁଖ୍ୟ ପ୍ରଶାସକ-ଦଇତାପତିଙ୍କ ଆଲୋଚନା

# ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

**ପୁରୀ ଅଫିସ, ୧୩।୬**

### ଗୋଟିଏ ଚକକୁ ୨ ଘଣ୍ଟୁଆ ନିୟମ ଲାଗୁ ହେବ

ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନେଇ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦଇତାପତି ସେବକଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଏଥିରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦିଆଯାଇଛି। ସ୍ନାନମଣ୍ଡପ ହେଉ କିମ୍ବା ଗୁଣ୍ଡିଚା ମନ୍ଦିର ଅବା ସୁନାବେଶ ଭକ୍ତମାନେ ଯେପରି ମହାପ୍ରଭୁଙ୍କୁ ଠିକ୍ ଭାବେ ଦର୍ଶନ କରିପାରିବେ ତାହା ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ମହାପ୍ରଭୁଙ୍କ ଟାହିଆ ଏବଂ ହାତୀବେଶକୁ ଏବର୍ଷ ଅକ୍ଷୁଣ୍ଣ ଭାବେ ଖୋଲି ପ୍ରଦାନ କରିବାକୁ ମୁଖ୍ୟ ପ୍ରଶାସକ ଦଇତାପତି ସେବକଙ୍କୁ କହିଛନ୍ତି। ଏଥିରେ ସେବକମାନେ ସହମତି ପ୍ରକାଶ କରିଛନ୍ତି। ଅନେକ ସମୟରେ ରଥ ଉପରେ ଅଧିକ ସେବକ ଓ ଘଣ୍ଟୁଆ ରହୁଛନ୍ତି। ଫଳରେ ଠାକୁରଙ୍କୁ ଠିକ୍ ଭାବେ ଶ୍ରଦ୍ଧାଳୁ ଦର୍ଶନ କରିପାରୁନାହାନ୍ତି ବୋଲି ଦଇତାପତି ସେବକମାନେ କହିଥିଲେ। ଏଥର ଗୋଟିଏ ଚକକୁ ୨ଘଣ୍ଟୁଆ ନିୟମକୁ କଡ଼ାକଡ଼ି କରାଯିବ। ଅର୍ଥାତ୍ ଯେଉଁ ରଥରେ ଯେତୋଟି ଚକ ସେହି ରଥରେ ତାର ଡବଲ ସଂଖ୍ୟକ ଘଣ୍ଟୁଆ ସେବାୟତ ଚଢିବେ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ। ତିନିରଥର ମୋଟ ଚକ ସଂଖ୍ୟା ୪୨ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨)। ମୋଟ ୮୪ ଜଣ ଘଣ୍ଟୁଆ ସେବାୟତ ତିନିରଥରେ ରହିବେ। ଶ୍ରୀମନ୍ଦିର ସ୍ୱତ୍ତ୍ୱ ଲିପିରେ ଯେଉଁ ଘଣ୍ଟୁଆ ସେବାୟତଙ୍କ ନାମ ଥିଲା ବର୍ତ୍ତମାନ ସେମାନଙ୍କ ପରିବାର ସଂଖ୍ୟା ବଢିଗଲାଣି। ତେଣୁ ଘଣ୍ଟୁଆ ସେବାୟତମାନେ ସେମାନଙ୍କ ମଧ୍ୟରେ ଆଲୋଚନା କରି ନାମ ତାଲିକା ଦେବେ। ଶ୍ରୀମନ୍ଦିର ପ୍ରଶାସନ ଯେଉଁ ୮୪ଜଣଙ୍କୁ ଅନୁମତି ଦେବ କେବଳ ସେମାନେ ହିଁ ରଥରେ ଚଢିବେ ବୋଲି ନିଷ୍ପତ୍ତି ହୋଇଛି।

■ ଯୁଦ୍ଧରେ ହାରିଲେ ଶିଶୁପାଳ

# ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ

**ପୁରୀ ଅଫିସ, ୧୩।୬**



ରୁକ୍ମିଣୀ ବିବାହ ନୀତି ଅବସରରେ ମହାପ୍ରଭୁଙ୍କଠାରୁ ଯୁଦ୍ଧରେ ପରାସ୍ତ ହୋଇ ଫେରୁଛନ୍ତି ଶିଶୁପାଳ।

ବିଦର୍ଭ ରାଜା ଭିଷ୍ମକଙ୍କ କନ୍ୟା ରୁକ୍ମିଣୀ ମା' ବିମଳାଙ୍କ ଦର୍ଶନ ସାରି ଫେରୁଥିବାବେଳେ ମହାପ୍ରଭୁ ତାଙ୍କୁ ହରଣ କରି ନେଉଥିଲେ। ଏହି ସମୟରେ ବାଟ ଓଗାଳିଥିଲେ ଶିଶୁପାଳ। ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ହେଲା। ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ। ଗୁରୁବାର ପବିତ୍ର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରୁକ୍ମିଣୀ ହରଣ ଓ ବିବାହ ନୀତି ସମ୍ପନ୍ନ ହୋଇଛି। ଏହି ଦିବସକୁ ରୁକ୍ମିଣୀ ହରଣ ଏକାଦଶୀ ମଧ୍ୟ କୁହାଯାଏ।

ସକାଳ ଧୂପ ପୂଜା ବସିଥିବା ସମୟରେ ଦକ୍ଷିଣୀ ଘରେ ମଦନମୋହନ (ଶ୍ରୀକୃଷ୍ଣ)ଙ୍କ ବେଶ ହୋଇଥିଲା। ପରେ ମଦନମୋହନ ରତ୍ନସିଂହାସନକୁ ବିଜେ ହୋଇଥିଲେ। ଭୋଗ ମଣ୍ଡପ ସରିବା ପରେ ମଦନମୋହନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଜୟବିଜୟ ଦ୍ୱାରକୁ ବିଜେ କରିଥିଲେ। ସକାଳ ଧୂପ ପୂଜା ବଢିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀ(ରୁକ୍ମିଣୀ)ଙ୍କୁ ଦେଇଥିଲେ। ମହାଜନ ସେବକ ରୁକ୍ମିଣୀଙ୍କୁ ସାତପାହାଚଠାରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ମହାଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡିଥିବା ଖଟରେ ରୁକ୍ମିଣୀ ବିଜେ ହୋଇଥିଲେ। ସେଠାରେ ରୁକ୍ମିଣୀଙ୍କ ପଞ୍ଚାମୃତ ମହାସ୍ନାନ, ମାଜଣା, ବନକ ଲାଗି ଏବଂ ଅଳଙ୍କାର ଲାଗି ହୋଇ ବେଶ ହୋଇଥିଲା। ଏହି ସମୟରେ ତଢାଉକରଣ ରୁକ୍ମିଣୀଙ୍କ ବିଶ୍ୱସ୍ତ ରୂପେ ତାଳପତ୍ର ଓ ଲେଖନୀ ନେଇ ଉପସ୍ଥିତ ଥିଲେ। ଭିତରଚ୍ଛ ମହାପାତ୍ର ଉକ୍ତ ତାଳପତ୍ର ଓ ଲେଖନୀ ନେଇ ରୁକ୍ମିଣୀଙ୍କ ଶ୍ରୀହସ୍ତ ଛୁଆଁଇ ତଢାଉକରଣଙ୍କୁ ଦେଇଥିଲେ। ତଢାଉକରଣ ରୁକ୍ମିଣୀଙ୍କ ମନୋଭାବ ଦେଖି ମହାପ୍ରଭୁଙ୍କ ନିକଟକୁ ଚିଟାଉ ଲେଖିଥିଲେ। ଭିତରଚ୍ଛ ମହାପାତ୍ର ଚିଟାଉ ନେଇ ରୁକ୍ମିଣୀଙ୍କ ଶ୍ରୀହସ୍ତ ମୁଦ କରାଇଥିଲେ। ଏହାପରେ ବିପ୍ର ବ୍ରାହ୍ମଣ ରୂପରେ ଜଣେ ସେବକ ଚିଟାଉ ନେଇ ଜୟବିଜୟ ଦ୍ୱାରଠାରେ ଥିବା ମହାପ୍ରଭୁଙ୍କ ନିକଟକୁ ଯାଇଥିଲେ। ସେଠାରେ ପୁରାଣ ପଣ୍ଡା, ପୂଜାପଣ୍ଡା ଓ ପାଳିଆ ଖୁଣ୍ଟିଆ ଥାଇ ବଚନିକା ହୋଇଥିଲା। ଏହାପରେ ମଦନମୋହନ ସାତପାହାଚଠାରେ ଥିବା ରଥରେ ବିଜେ କରି ବିମଳା ମନ୍ଦିର ନିକଟକୁ ଯାଇ ରୁକ୍ମିଣୀକୁ ଅପେକ୍ଷା କରିଥିଲେ। ମହାଲକ୍ଷ୍ମୀ ମନ୍ଦିରରୁ ରୁକ୍ମିଣୀ ପାଲଙ୍କିରେ ବିଜେ ହୋଇ ଦର୍ଶନ ପାଇଁ ବିମଳାଙ୍କ ମନ୍ଦିରକୁ ଆସିଥିଲେ। ରୁକ୍ମିଣୀ ବାହାରକୁ ଆସିବା ସମୟରେ ମହାପ୍ରଭୁ ବିମଳା ମନ୍ଦିର ଦ୍ୱାର ନିକଟରୁ ହରଣ କରି ରଥରେ ବସାଇ ନେଇଥିଲେ। ସରସ୍ୱତୀଙ୍କ ଦେଉଳ ସମ୍ମୁଖରେ ଶିଶୁପାଳ ପ୍ରତିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ମହାପ୍ରଭୁ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ଦେଇଥିଲେ। ଦକ୍ଷିଣୀ ଘରୁ ବଳଦେବ ବିମାନରେ ବିଜେ ହୋଇ ଆସି ଶିଶୁପାଳଙ୍କୁ ବନ୍ଧନ ମୁକ୍ତ କରିଥିଲେ। ପରେ ବଳଦେବ ଦକ୍ଷିଣୀ ଘରକୁ ଏବଂ ମଦନମୋହନ ଓ ରୁକ୍ମିଣୀ ବିବାହ ମଣ୍ଡପକୁ ବିଜେ କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଚନ୍ଦନ ଲାଗି ହୋଇଥିଲା। ଯାତଭୋଗ ଉଠିବା ପରେ ଜଳକ୍ରୀଡ଼ା ନିମନ୍ତେ ଦୋଳଗୋବିନ୍ଦ ବିଜେ କରିଥିଲେ ଜଳକ୍ରୀଡା ନୀତି ସମ୍ପାଦିତ ହେବା ପରେ ମଧ୍ୟାହ୍ନ ଧୂପ ପୂଜା ବଢି ସନ୍ଧ୍ୟା ଆଳତି ହୋଇଥିଲା। ଶ୍ରୀବିଗ୍ରହ ମହାସ୍ନାନ ହୋଇ ନୂଆ ଲୁଗା ଲାଗି ହୋଇଥିଲେ। ସର୍ବାଙ୍ଗ ବଢିବା ପରେ ସନ୍ଧ୍ୟାପୂଜା ବସିଥିଲା। ଏହି ସମୟରେ ବିବାହ ମଣ୍ଡପରେ ସଙ୍କଳ୍ପ ବାକ୍ୟ ଅନୁସାରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହାପରେ ପଞ୍ଚୁଗ୍ରାସୀ ଭୋଗ ଓ ବନ୍ଦାପନା ହୋଇ ଶ୍ରୀମନ୍ଦିରରେ ଅନ୍ୟାନ ନୀତି ବଢିଥିଲା।

## ଘରଭଙ୍ଗା, ରିଲିଫ ବଣ୍ଟନରେ ଅନିୟମିତତା
## ତଦନ୍ତ ଦାବି କଲା ବିଜେଡି

**ନିମାପଡ଼ା/ଗୋପ, ୧୩।୬(ଡି.ଏନ୍.ଏ.)**

'ଫନୀ'ରେ ନିମାପଡ଼ା ବ୍ଲକର ପ୍ରାୟ ୫୨ହଜାର ପରିବାର ପ୍ରଭାବିତ ହୋଇଛନ୍ତି। ହଜାର ହଜାର ଘର ଭାଙ୍ଗିଯାଇଛି। ଘରଭଙ୍ଗା ତଦନ୍ତ ଓ ରିଲିଫ ବଣ୍ଟନରେ ଅନିୟମିତତା ହେଉଥିବା ନେଇ ଗୁରୁବାର ନିମାପଡ଼ା ବ୍ଲକ ବିଜେଡି ପକ୍ଷରୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର କମଳଜିତ ଦାସଙ୍କୁ ପ୍ରଦାନ କରାଯାଇଛି। ତଦନ୍ତ ସଠିକ ଭାବେ କରାଯିବା, ରାଶନ କାର୍ଡ ନ ଥିବା ବାତ୍ୟା ପ୍ରଭାବିତ ସମସ୍ତ ହିତାଧିକାରୀଙ୍କୁ ରିଲିଫ ସାମଗ୍ରୀ ଦେବା ପାଇଁ ନିମାପଡ଼ା ବ୍ଲକ ବିଜେଡି ସଭାପତି ପ୍ରସନ୍ନ ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଶୋକ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ସୁଧିର ରଞ୍ଜନ ଦାଶ, ସନ୍ତୋଷ ଓଝା, ପ୍ରଦୀପ୍ତ ଖଟୋଇ, ରାମଚନ୍ଦ୍ର ମିଶ୍ର, ରଚିଦାନନ୍ଦ ଖଟୋଇ, ଭାଗ୍ୟଧର ଖଟୋଇ ପ୍ରମୁଖ ଦାବି କରିଛନ୍ତି। ସେହିପର ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ ଓ ଯୁବନେତା ସୁକାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଗୋପ ତହସିଲ ଅଫିସ ଘେରାଉ କରିଥିଲେ। ଘରଭଙ୍ଗା ତଦନ୍ତ ଓ ଅଣ ରାଶନ କାର୍ଡ ଯୋଜନାରେ ସ୍ୱଚ୍ଛତା ଆଣିବାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କୁ ଏକ ଦାବିପତ୍ର ଦେଇଥିଲେ। ତହସିଲଦାର ମଣ୍ଡଳ କହିଛନ୍ତି ଅଭିଯୋଗ ଉପରେ ବିଚାର କରାଯିବ।

## ଗୋଷ୍ଠୀ ସଂଘର୍ଷ: ୪ ଆହତ

**ପୁରୀ ଅଫିସ, ୧୩।୬**

କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ର କୋଣ ମଙ୍ଗଳା ବସ୍ତିରେ ଗୁରୁବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମଙ୍ଗଳା ବସ୍ତିର ସସ୍ମିତା ସାମଲ(୨୫), ବାସନ୍ତି ସାମଲ(୪୨), ପପୁ ସାମଲ (୧୫) ଓ ରତ୍ନାକର ନାହାକ (୩୧)। ଏମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଆହତଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଗୋଷ୍ଠୀ ସଂଘର୍ଷର କାରଣ ଜଣାପଡ଼ିନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଚକ ଥାକ, ବନ୍ଧ ଦିଆଗଲା: ଅଖରେ ମେଣ୍ଟି ଲାଗିଲା

ରଥ ଖଳାରୁ...



ରଥଖଳାରେ ଚାରି ନାହାକ ପାଇଁ ପ୍ରସ୍ତୁତି ଚାଲିଛି।

**ପୁରୀ ଅଫିସ, ୧୩।୬**

ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥ ନିର୍ମାଣ। ତିନିରଥର ମୁଖ୍ୟ ବିଶ୍ୱକର୍ମାଙ୍କ ନେତୃତ୍ୱରେ ଆଗେଇ ଚାଲିଛି ରଥ ତିଆରି। ଶ୍ରୀକ୍ଷେତ୍ର ଭଉଁରୀରେ ଦୁଇଟି ଲେଖାଏଁ ଚକ ଅଖ ଡେରା ଯାଇଥିଲା। ମଙ୍ଗଳବାର ୪୨ଟି ଚକରେ ଅଖ ସଂଯୋଗ କରାଯାଇଥିଲା। ଏଥିରେ ନନ୍ଦିଘୋଷର ୧୬ଚକରେ ୮ଟି ଅଖ, ତାଳଧ୍ୱଜ ରଥର ୧୪ ଚକରେ ୭ଟି ଏବଂ ଦର୍ପଦଳନ ରଥର ୧୨ ଚକରେ ୬ଟି ଅଖ ରହିଛି। ଗୁରୁବାର ଦଣ୍ଡା ଚଉପଟ କାମ ଚାଲିଥିବା ବେଳେ ମହାପ୍ରଭୁଙ୍କ ବାହୁଟ ଲାଗି ସାକ୍ଷୀଗୋପାଳରୁ ବଉଳ କାଠ ଆସି ପହଞ୍ଚିଛି।

ମୋଟ ୨୫ଦଣ୍ଡା ମଧ୍ୟରୁ ନନ୍ଦିଘୋଷ ଓ ତାଳଧ୍ୱଜ ରଥର ୯ଟି ଲେଖାଏ ଓ ଦର୍ପଦଳନ ରଥର ୭ଟି ଦଣ୍ଡା ନିର୍ମାଣ ଚାଲିଛି। ଏହାପରେ ଏଗୁଡ଼ିକୁ ଖଞ୍ଜାଯିବ। ପ୍ରତି ଦଣ୍ଡାରେ ନମ୍ବର ଦିଆଯିବ। ଏହାଦ୍ୱାରା ରଥରେ ସଂଯୋଗ କରିବା ବେଳେ ଅସୁବିଧା ହେବ ନାହିଁ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ରଥ ଚକ ଥାକ କରାଯାଇଛି। ଚକ ନିର୍ଦ୍ଦିଷ୍ଟ ସ୍ଥାନରେ ସେଟ୍ କରି ରଖିବାକୁ ଚକ ଥାକ କୁହାଯାଏ। ପରେ ଚକରେ ବନ୍ଧ ଦିଆଯାଇଛି। ଏହାଦ୍ୱାରା ଚକ ସେହି ସ୍ଥାନରୁ ଅଲଗା ହୋଇପାରିବ ନାହିଁ। ଏହାପରେ ଅଖ ମଝିରେ ମେଣ୍ଟି (ଅଖକୁ ଟେକି ଧରିବା ପାଇଁ)କାଠ ଦିଆଯାଇଛି। ଶୁକ୍ରବାରଠାରୁ ଦଣ୍ଡା ଅନୁକୂଳ ହେବ। ଅନ୍ୟପଟେ ନାହାକ ଓ ଜୋକା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ କଣଗୁଜ କାମ ସାରିବା ପରେ ସିଂହାସନ କାମରେ ଲାଗିଛନ୍ତି।

■ ରଥ ପାଇଁ ଫାସିଗଛ ଦାନ

# ନୟାଗଡ଼ର ୨୨ ଦାତା ସମ୍ବର୍ଦ୍ଧିତ



ଜଣେ ଫାସି ଗଛ ଦାତାଙ୍କୁ ଆଇନ୍ ମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି।

**ପୁରୀ ଅଫିସ, ୧୩।୬**

କୋଟି ପ୍ରାଣର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ବିଶ୍ୱନିୟନ୍ତା। ହେଲେ ଏହି ଦାରୁ ବିଗ୍ରହଙ୍କ ସେବା କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏମିତି ବି କେହି ଇଚ୍ଛା କରି ସୁଦ୍ଧା ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ପାଇ ନ ଥାନ୍ତି। କିନ୍ତୁ କିଛି ଲୋକ ରହିଛନ୍ତି ଯେଉଁମାନେ ରଥଯାତ୍ରା ଆସିଲେ ଖୁସି ହୋଇଯାନ୍ତି। କାରଣ ଏହି ସମୟରେ ମହାପ୍ରଭୁଙ୍କୁ ଛୋଟିଆ ସମର୍ପଣ କରିବାର ଅପୂର୍ବ ସୁଯୋଗ ସେମାନଙ୍କୁ ମିଳିଥାଏ। ଜଗତର ନାଥ ଜଗନ୍ନାଥଙ୍କୁ ବା ସେମାନେ କ'ଣ ଦେଇପାରିବେ? କିନ୍ତୁ ତାଙ୍କ ରଥ ପାଇଁ ଖଣ୍ଡିଏ କାଠ ତ ସମର୍ପଣ କରିପାରିବେ। ଏମିତି ଭକ୍ତି ମନୋଭାବ ରଖି ଫାସିଗଛ ଦାନ ଦେଇଥିବା ନୟାଗଡ଼ ଜିଲାର ୨୨ଜଣ ବ୍ୟକ୍ତିଙ୍କୁ ଗୁରୁବାର ତୃତୀୟ ରଥ ସମନ୍ୱୟ ବୈଠକରେ ସମ୍ବର୍ଦ୍ଧିତ କରାଯାଇଛି। ଆଇନ ମନ୍ତ୍ରୀ ପ୍ରତାପ ଜେନା ସେମାନଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ହେଲେ ନୟାଗଡ଼ ଜିଲାର ରାମଚନ୍ଦ୍ର ମହାରଣା, ଦଣ୍ଡଧର ଗଣ୍ଟିଆ, ତ୍ରିନାଥ ପାଣିଗ୍ରାହୀ, ଅଖିଳ ପାଣିଗ୍ରାହୀ, ଜୟକୃଷ୍ଣ ବେହେରା, ସହଦେବ ପ୍ରଧାନ, ସନାତନ ସ୍ୱାଇଁ, ଯୋଗୀନାଥ ମାହୁନ୍ତ, ଅଞ୍ଜଳି ପାଣିଗ୍ରାହୀ, କୁମାର ରାଉତ, ମଧୁସୂଦନ ସାହୁ, ଶଶି ବେହେରା, ମାଗି ବେହେରା, ଦିଲୀପ କୁମାର ନାୟକ, ବୃନ୍ଦାବନ ପଲେଇ, ଲକ୍ଷ୍ମୀଧର ସାହୁ, ମଦନ ସାହୁ, ନିରଞ୍ଜନ ନାୟକ, ଦିଲୀପ କୁମାର ସ୍ୱାଇଁ, ପ୍ରଦୀପ ବେହେରା, ଗୌତମ ମଲ୍ଲିକ ଏବଂ ଅନ୍ୟ ଜଣେ ଗାଁ ସଭାପତି।

# ୧୦୦୮ ଗରା ଜଳରେ ସ୍ନାନ କଲେ ଶ୍ରୀଲୋକନାଥ

**ପୁରୀ ଅଫିସ, ୧୩।୬**

ଶ୍ରୀଲୋକନାଥ ମନ୍ଦିରରେ ଗୁରୁବାର ପ୍ରଭୁ ଶ୍ରୀଲୋକନାଥଙ୍କ ଜଳଶାୟୀ ନୀତି ସମ୍ପନ୍ନ ହୋଇଛି। ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀଲୋକନାଥ ୧୦୦୮ ଗରା ସୁବାସିତ ଜଳରେ ସ୍ନାନ କରିଥିଲେ। ପରେ ଠାକୁରଙ୍କ ସପ୍ତ ମଙ୍ଗଳା ନୀତି ସମ୍ପନ୍ନ ହୋଇଥିଲା। ଏଥିପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରୀଲୋକନାଥ ଦେବ ସେବାୟତ ନିଯୋଗ କମିଟି ସମ୍ପାଦକ ସନ୍ତୋଷ କୁମାର ପଣ୍ଡାଙ୍କ ସୂଚନା ମୁତାବକ, ପ୍ରାତଃରୁ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି ଏବଂ ଅନ୍ୟ ନୀତି ବଢିଥିଲା। ଦ୍ୱିପହର ଧୂପ ବଢିବା ପରେ ଜଳାଶାୟୀ ନୀତି ଆରମ୍ଭ ହୋଇଥିଲା। ବ୍ରାହ୍ମଣ ସେବାୟତମାନେ ଲୋକନାଥ ମନ୍ଦିର ପରିସରରେ ଥିବା ଗଙ୍ଗା ଓ ଯମୁନା କୁଅରୁ ୧୦୦୮ ଗରା ଜଳ ଆଣିଥିଲେ। ଏହି ଜଳକୁ ସଂସ୍କାର କରାଯାଇ ଏଥିରେ ଅଗରୁ, ଚନ୍ଦନ ଆଦି ପକାଯାଇଥିଲା। ଏହି ସୁବାସିତ ଜଳରେ ଶ୍ରୀଲୋକନାଥ ଏବଂ ପାର୍ଶ୍ୱ ଦେବଦେବୀ ସ୍ନାନ କରିଥିଲେ। ପରେ ଅନ୍ୟାନ୍ୟ ନୀତି କରାଯାଇଥିଲା। ସନ୍ଧ୍ୟା ଧୂପ ନୀତି ପରେ ସପ୍ତମଙ୍ଗଳା ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଶ୍ରୀଲୋକନାଥ ଶ୍ରୀମନ୍ଦିର ଭଣ୍ଡାର ଘରକୁ ବିଜେ କରିଥିଲେ।

■ ଶ୍ରୀଜୀଉଙ୍କ ବାହୁଟ ସେବା

## ସାକ୍ଷୀଗୋପାଳରୁ ଶ୍ରୀକ୍ଷେତ୍ର ଗଲା ବଉଳକାଠ

**ସାକ୍ଷୀଗୋପାଳ, ୧୩।୬(ଡି.ଏନ୍.ଏ.)**

ଚଳିତବର୍ଷ ସ୍ନାନ ଓ ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥ ଓ ବଡଠାକୁରଙ୍କ ପହଣ୍ଡିବିଜେ ନିମନ୍ତେ ବାହୁଟ ସେବାଲାଗି ଆବଶ୍ୟକ ବଉଳକାଠ ଶଗଡି ଗୁରୁବାର ନିର୍ଜଳା ଏକାଦଶୀ ତିଥିରେ ସାକ୍ଷୀଗୋପାଳରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାଇଛି। ପରମ୍ପରା କ୍ରମେ ଶ୍ରୀମନ୍ଦିର ଭୋଇ ସେବକମାନେ ବିଶ୍ୱନାଥପୁର ଶାସନର ଅମୂଲ୍ୟ ମୋହନ ମିଶ୍ର ଓ ତାଙ୍କ ଭାଇ ମହଦେବ ମିଶ୍ରଙ୍କ ବଗିଚାରେ ଚିହ୍ନଟ କରାଯାଇଥିବା ବଉଳ ଗଛକୁ ପୂଜାର୍ଚ୍ଚନା କରିବା ପରେ ଛେଦନ କରିଥିଲେ। ନିର୍ଦ୍ଧାରିତ ୮ ହାତ ଲମ୍ବରେ ତିନିଖଣ୍ଡ କାଠ ଶ୍ରୀକ୍ଷେତ୍ରରୁ ଆସିଥିବା ବଳଦ ଶଗଡରେ ବକୁଳବନ ସିଦ୍ଧବକୁଳ ମନ୍ଦିରକୁ ଅଣାଯାଇଥିଲା। ଏଥିପାଇଁ ସିଦ୍ଧବକୁଳ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ହରିନାମ କୀର୍ତ୍ତନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ବନ୍ଦାପନା କରିଥିଲେ। ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ ମୁଖ୍ୟଅତିଥି ଭାବରେ ସବୁଜ ପତାକା ଦେଖାଇ ଶଗଡିକୁ ଶ୍ରୀକ୍ଷେତ୍ର ଅଭିମୁଖେ ମେଲାଣି ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ ଓ ଧ୍ରୁବ ଚରଣ ଦାଶ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର, ପ୍ରବକ୍ତା ଡ.ଅଭିମନ୍ୟୁ ବରାଳ, ସତ୍ୟବାଦୀ ବାର୍ ଆସୋସିଏଶନ ସଭାପତି ପ୍ରଶାନ୍ତ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଆୟୋଜକ ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚପକ୍ଷରୁ ଶ୍ରୀରାଧା ମଣ୍ଡଳ, ଚାଷଖଣ୍ଡ, ବାସୁଦେଇପୁର ସଂକୀର୍ତ୍ତନ ମଣ୍ଡଳୀ, ଉତ୍କୃଷ୍ଟ ସେବା ପାଇଁ ସାକ୍ଷୀଗୋପାଳ ଡାକ୍ତରଖାନା କର୍ମଚାରୀ ଅଶୋକ କୁମାର ସେଠୀ, ଶଗଡିଆ ବାନାମ୍ବର ପ୍ରଧାନ ଓ କପିଳ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଦ୍ୟୁତ ସଂଯୋଗ ଦାବିରେ ରାସ୍ତାରୋକୋ

**ପୁରୀ ଅଫିସ/ବ୍ରହ୍ମଗିରି/ ନିମାପଡ଼ା, ୧୩।୬ (ଡି.ଏନ୍.ଏ.)**

ପୁରୀ-ସାତପଡ଼ା ଜାତୀୟ ରାଜପଥର ଗିରଳ ଛକରେ ବିଦ୍ୟୁତ ସଂଯୋଗ ଦାବି ନେଇ ଗୁରୁବାର ସନ୍ଧ୍ୟାରେ ଗୋରୁଆଳ ପଞ୍ଚାୟତବାସୀ ଦୁଇଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ସଦର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ବାତ୍ୟାର ୪୦ଦିନ ପରେ ମଧ ଗିରଳ ତଥା ଆଖପାଖ ଅଞ୍ଚଳରେ ବିଦ୍ୟୁତ ପହଞ୍ଚି ପାରିନାହିଁ। ଦିନରେ ଅସହ୍ୟ ଗରମ ଓ ରାତିରେ ଗୁଳଗୁଳି ଯୋଗୁ ଗ୍ରାମବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି। ସନ୍ଧ୍ୟାରେ ପିଲାମାନେ ପଢିବା ପାଇଁ ହଇରାଣ ହେଉଛନ୍ତି। ବିଦ୍ୟୁତ



ନିମାପଡ଼ାଠାରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି।

ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି, ତୁରନ୍ତ ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି ସେସୁ ପକ୍ଷରୁ କୁହାଯାଇଛି।

ସେହିପରି ଆଜିପର୍ଯ୍ୟନ୍ତ ନିମାପଡ଼ା ବ୍ଲକର ଗୋପାଳପୁର ଛକ, ମାଗୁଣିଛନ୍ଦା, ଗୋପାଳପୁର ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ବିଦ୍ୟୁତ୍ ମରାମତି ଓ ସଂଯୋଗ ଦାବିରେ ଶତାଧିକ ଲୋକେ ଗୁରୁବାର ନିମାପଡ଼ା-ବଳଙ୍ଗା ରାସ୍ତାର ଗୋପାଳପୁର ଛକ ମୁଖ୍ୟ ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ନିମାପଡ଼ା ଥାନା ଏସ୍‌ଆଇ ରଶ୍ମିରଞ୍ଜନ ପୃଷ୍ଟି, ଏଏସ୍‌ଆଇ ସୁଦାମ ନାୟକ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଦୁଇ ଦିନ ମଧ୍ୟରେ ଉକ୍ତ ଛକ ଓ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଏହି ରାସ୍ତାରୋକୋ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।